# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୭/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, October 7/2024 | Page 16 | ₹ 7.00

୫୦ଶ ଭାଗ ୩୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 314 | ମୂଲ୍ୟ ₹୭/-




## ଅର୍ଶଦୀପଙ୍କ ପ୍ରଭାବୀ ବୋଲିଂ

ବାଂଲାଦେଶ ବିପକ୍ଷ ଟି୨୦ ମ୍ୟାଚ୍‌ରେ ଭାରତୀୟ ବୋଲର ଅର୍ଶଦୀପ ସିଂ ପ୍ରଭାବୀ ବୋଲିଂ କରି ୩ ଉଇକେଟ ନେଇଛନ୍ତି।

୧୪

୦୮

## ପ୍ରଶଂସକଙ୍କୁ କ୍ଷମାମାଗିଲେ ନିୟା

ଅଭିନେତ୍ରୀ ନିୟା ଶର୍ମା ରବିବାର 'ବିଗ୍‌ବସ୍ ୧୮'ରେ ଅଂଶଗ୍ରହଣ କରୁନାହାନ୍ତି ବୋଲି ସୂଚନା ଦେବା ସହ ପ୍ରଶଂସକମାନଙ୍କୁ କ୍ଷମା ମାଗିଛନ୍ତି।





ଗାଜା ଉପରେ ଇସ୍ରାଏଲ୍ ଆକ୍ରମଣ ପ୍ରତିବାଦରେ ନ୍ୟୁୟର୍କ ପୋଷ୍ଟର ଫଟୋ ସାମ୍ବାଦିକ ସାମୁଏଲ୍ ମେନା ଜୁନିୟର ହ୍ୱାଇଟ୍ ହାଉସ୍ ନିକଟରେ ନିଜ ବାମହାତରେ ନିଆଁ ଲଗାଇଦେଇଛନ୍ତି।

# ଏୟାରଶୋ' ବେଳେ ଦଳାଚକଟା: ୪ ମୃତ, ୨୩୦ ଆହତ

**ଚେନ୍ନାଇ, ୬।୧୦**

ବାୟୁସେନାର ୯୨ତମ ବର୍ଷପୂର୍ତ୍ତି ଅବସରରେ ରବିବାର ଚେନ୍ନାଇର ମାରିନା ବେଳାଭୂମିରେ ଏୟାର ଶୋ' ବେଳେ ଚଳାଚକଟା ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଂଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଅନେକ ଲକ୍ଷ ଲୋକ ସୂର୍ଯ୍ୟ କିରଣ ଏୟାର ଶୋ' ଦେଖିବାକୁ ମାଡ଼ି ଆସିବାରୁ ଅସମ୍ଭାଳ ସ୍ଥିତି ଉପୁଜିଥିଲା। କର୍ତ୍ତୃପକ୍ଷ ଗହଳିନିୟନ୍ତ୍ରଣ ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରି ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେଲା ବୋଲି ସମାଲୋଚନା କରାଯାଇଛି।

ଏୟାର ଶୋ'କୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ଦେବା ପାଇଁ ଉଦ୍ୟମ ହୋଇଥିଲା। ଏଥି ଲାଗି ୧୬ ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା। ରିପୋର୍ଟ ଅନୁଯାୟୀ ଟ୍ରେନ୍, ମେଟ୍ରୋ, ବସ୍ ଓ ଅନ୍ୟାନ୍ୟ ଯାନରେ ୧୩ ଲକ୍ଷ ଲୋକ ଶୋ' ଦେଖିବାକୁ ଆସିଥିଲେ। ପୂର୍ବାହ୍ନ ୧୧ଟାରେ ଶୋ' ଆରମ୍ଭ ହୋଇଥିବାବେଳେ ବେଳାଭୂମିରେ ୭ଟା ବେଳୁ ଭିଡ଼ ଆରମ୍ଭ ହୋଇଯାଇଥିଲା। ପ୍ରବଳ ଖରାରେ ଲୋକେ ଠିଆହୋଇ ରହିଥିବାବେଳେ ସେଠାରୁ ପାଣି ବିକାଳିଙ୍କୁ କର୍ତ୍ତୃପକ୍ଷ ହଟାଇ ଦେଇଥିବାରୁ ପାଣି ବିନା ଲୋକେ ହଇରାଣ ହୋଇଥିଲେ। ପାଣି ନ ପାଇ ଶରୀରରୁ ଜଳୀୟ ଅଂଶ କମିଯିବା ସହ ଅନେକେ ବୟସ୍କ ବ୍ୟକ୍ତି ଚେତାଶୂନ୍ୟ ହୋଇପଡ଼ିଥିଲେ। ଅପରାହ୍ନ ୧ଟାରେ ଶୋ' ଶେଷ ହେବା ବେଳକୁ ସ୍ଥିତି ଆହୁରି ଭୟଙ୍କର ହୋଇଥିଲା। ଏକାବେଳେ ସମସ୍ତେ ସେଠାରୁ ପଳାଇଯିବାକୁ ବାହାରିବାରୁ ବେଳାଭୂମି ରାସ୍ତାରେ ପ୍ରବଳ ଭିଡ଼ ହେବା ସହ ଟ୍ରାଫିକ ଅଚଳ ହୋଇପଡ଼ିଥିଲା। ଟ୍ରାଫିକ ପୋଲିସ ସମ୍ପୂର୍ଣ୍ଣ ନିଃସହାୟ ହୋଇଯାଇଥିଲେ। ପ୍ରବଳ ଗହଳି ଯୋଗୁ ଶ୍ୱାସରୁଦ୍ଧ ହୋଇ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୩୦ ଜଣ ଅହତ ହୋଇଥିବାବେଳେ ୯୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

**ଆଜିର ସମ୍ପାଦକୀୟ** ବର୍ଷକର ଯୁଦ୍ଧ




# ପୂଜା ଭିଡ଼ରେ ବସ୍ ବନ୍ଦ ଡାକରା

**ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ସାରା ରାଜ୍ୟ। ଏହି ସମୟରେ ଛୁଟି ରହୁଥିବାରୁ ଲୋକେ ଅଧିକ ବସ୍ ଯାତ୍ରା କରିଥାନ୍ତି। ହେଲେ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସୋମବାର ସନ୍ଧ୍ୟାରୁ ୨୪ ଘଣ୍ଟିଆ ବସ୍ ବନ୍ଦ ଡାକରା ଦିଆଯାଇଛି। ଲକ୍ଷ୍ମୀ ବସ୍‌ର ଟାୟାର-୨ ସେବା ଅର୍ଥାତ୍ ବ୍ଲକ୍‌ରୁ ଜିଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଚଳାଚଳକୁ ପ୍ରତିବାଦ କରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ୧୪ ଜିଲାର ଘରୋଇ ବସ୍ ମାଲିକ ସଂଘ ଏଭଳି ନିଷ୍ପତ୍ତି ନେଇଛି। ଏନେଇ ସରକାର ସୋମବାର ଆଲୋଚନା ପାଇଁ ଘରୋଇ ମାଲିକ ସଂଘ କର୍ମକର୍ତ୍ତାଙ୍କୁ ଡାକିଛନ୍ତି। ଆଲୋଚନା ବିଫଳ ହେଲେ ଯାତ୍ରୀଙ୍କୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।**

## ଆଜି ମନ୍ତ୍ରୀଙ୍କ ସହ ଆଲୋଚନା

**ଭୁବନେଶ୍ୱର, ୬।୧୦ (ସୁନିତ୍ ମିଶ୍ର)**

ଲକ୍ଷ୍ମୀ ବସ୍ ଚଳାଚଳକୁ ନେଇ ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳ ବସ୍ ମାଲିକ ସଂଘ ପକ୍ଷରୁ ସୋମବାର ସନ୍ଧ୍ୟା ୬ଟାରୁ ୨୪ ଘଣ୍ଟିଆ ବସ୍ ଚଳାଚଳ ବନ୍ଦ ରଖିବା ଲାଗି ଡାକରା ଦିଆଯାଇ ଥିବାବେଳେ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ଏ ସମ୍ପର୍କରେ ଆଲୋଚନା କରିବା ଲାଗି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ସୋମବାର ସକାଳୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବାକୁ ବସ୍ ମାଲିକ ସଂଘକୁ ଡକାଯାଇଛି। ୧୪ ଜିଲାର ୨୫ ଘରୋଇ ବସ୍ ମାଲିକ ସଂଘ ୨୪ ଘଣ୍ଟିଆ ଧର୍ମଘଟ କରିବେ ବୋଲି ଘୋଷଣା କରିସାରିଛନ୍ତି। ହେଲେ ମନ୍ତ୍ରୀଙ୍କ ତରଫରୁ ବୈଠକ ପରେ କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘ ସଭାପତି ପ୍ରବୋଧ କୁମାର ରଥ କହିଛନ୍ତି, ସୋମବାର ସକାଳ ୯ଟା ସମୟରେ ବ୍ରହ୍ମପୁରଠାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ସହିତ ବୈଠକ ରହିଛି। ବୈଠକ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେଣୁ ମନ୍ତ୍ରୀଙ୍କ ସହିତ ବୈଠକ ପରେ ଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏକପ୍ରକାର ଜଣାପଡ଼ିଛି।

ବସ୍ ମାଲିକ ସଂଘ ପୂର୍ବରୁ ଅଭିଯୋଗ କରିଥିଲେ ଯେ, ବିଜେଡି ସରକାର ଅମଳରେ ପ୍ରଥମେ ଟାୟାର-୧ ଅର୍ଥାତ୍ ଗ୍ରାମପଞ୍ଚାୟତରୁ ବ୍ଲକ୍ ମୁଖ୍ୟାଳୟକୁ ଲକ୍ଷ୍ମୀ ବସ୍ ଚାଲିଥିଲା। ପ୍ରତିବାଦ ପରେ ଏହା କିଛି ଦିନ ବନ୍ଦ ରହିଥିଲା। ତେବେ ପୁଣି ଟାୟାର-୨ ଲକ୍ଷ୍ମୀ ବସ ଚଳାଚଳ ନେଇ ବସ୍ ମାଲିକ ସଂଘ ପ୍ରତିବାଦ କରିଥିଲେ। ହେଲେ ନିର୍ବାଚନ ଯୋଗୁ ତାହା ସ୍ଥଗିତ ରହିଥିଲା। ବର୍ତ୍ତମାନ ସରକାର ବଦଳିଛି, ହେଲେ ପୂର୍ବ ସରକାରଙ୍କ ଯୋଜନା ବଦଳିନି ବୋଲି ବସ୍ ମାଲିକ ସଂଘ କହିଛନ୍ତି। ଏନେଇ ପରିବହନ ବିଭାଗ କିମ୍ବା ରାଜ୍ୟ ସରକାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। କଳାହାଣ୍ଡି ବସ୍ ମାଲିକ ସଂଘ ସଭାପତି ପ୍ରବୋଧ ରଥ କହିଥିଲେ, ୧୪ ଜିଲା ଓ ୨୫ଟି ୟୁନିୟନ ଏହି ବନ୍ଦ ଡାକରାରେ ସାମିଲ ହୋଇଛନ୍ତି। ବର୍ଷେ ହେଲା ଆମେ ସଂଗ୍ରାମ ଜାରି ରଖିଛୁ। ଆମ ବସ୍ ମାଲିକ ଓ ☞ପୃଷ୍ଠା-୪

# ସ୍କୁଲରୁ ଫେରୁଥିବାବେଳେ ଛାତ୍ରୀଙ୍କୁ ବଳାତ୍କାର

**କେନ୍ଦୁଝର, ୬।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଏକ ସ୍କୁଲରୁ ଛୁଟି ପରେ ଫେରୁଥିବା ଜଣେ ଛାତ୍ରୀ(୧୩)ଙ୍କୁ ବଳାତ୍କାର କରାଯାଇଛି। ଏ ନେଇ ପୀଡ଼ିତା ବାଂଶପାଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଶନିବାର ମଧ୍ୟାହ୍ନ ୧୨ଟାରେ ଶ୍ରେଣୀ ପରୀକ୍ଷା ସାରି ଛାତ୍ରୀ ☞ପୃଷ୍ଠା-୪

# ଅଗ୍ନିକାଣ୍ଡରେ ୭ ଜୀବନ୍ତ ଦଗ୍ଧ

**ମୁମ୍ବାଇ, ୬।୧୦**

ମୁମ୍ବାଇରେ ଥିବା ଏକ ଦୁଇମହଲା ବିଶିଷ୍ଟ ଦୋକାନ ତଥା ଆବାସିକ ବିଲ୍ଡିଂରେ ରବିବାର ସକାଳେ ନିଆଁ ଲାଗିଯିବାରୁ ୭ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ପିଲା ରହିଛନ୍ତି। ଚେମ୍ବୁର ଅଞ୍ଚଳର ସିଦ୍ଧାର୍ଥ କଲୋନିରେ ଥିବା ଉକ୍ତ ବିଲ୍ଡିଂରେ ଭୋର ୫ଟା ୨୦ ମିନିଟ୍ ସମୟରେ ନିଆଁ ଲାଗିଥିଲା। ବିଲ୍ଡିଂର ତଳମହଲାରେ ଏକ ଦୋକାନ ଚାଲିଥିବାବେଳେ ଉପର ମହଲାରେ ଲୋକେ ରହୁଥିଲେ। ତଳମହଲାରେ ନିଆଁଲାଗି ଏହା ଉପର ମହଲାକୁ ବ୍ୟାପିଯାଇଥିଲା ବୋଲି ଜଣେ ଅଗ୍ନିଶମ ଅଧିକାରୀ କହିଛନ୍ତି। ତେବେ କେଉଁ କାରଣରୁ ନିଆଁ ଲାଗିଲା ତାହା ଜଣାପଡ଼ିନାହିଁ। ୭ ଜଣଙ୍କୁ ନିକଟବର୍ତ୍ତୀ ରାଜୱାଡ଼ି ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ୫ଟି ଦମକଳ ସହାୟତାରେ ସକାଳ ୯ଟା ୧୫ ସୁଦ୍ଧା ନିଆଁକୁ ଆୟତ୍ତ କରାଯାଇଥିଲା।

## ଆଜିର ମନ୍ତବ୍ୟ

"ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ନେତୃତ୍ୱକୁ ନେଇ ଅସମାନତା ରହିଆସିଛି। ପ୍ରକୃତ ସମାନତା ଆଣିବାକୁ ହେଲେ ଅଧିକରୁ ଅଧିକ ମହିଳା ନିର୍ବାଚିତ ହେବା ଜରୁରୀ।

**-ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା**

# ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗ

**ବାଲେଶ୍ୱର, ୬।୧୦ (ବାଞ୍ଛାନିଧି ଦେ)**

ସମଗ୍ର ରାଜ୍ୟରେ ଓଏସ୍‌ଏସ୍‌ସି ପରିଚାଳିତ ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଛି। ତେବେ ବାଲେଶ୍ୱରର ଗୋପାଳଗାଁସ୍ଥିତ ପ୍ରଜ୍ଞାଭାରତୀ ସ୍କୁଲ ପରୀକ୍ଷା କେନ୍ଦ୍ରରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରଶ୍ନପତ୍ର ସିଲ୍ ଖୋଲାଯାଇଥିବା ଅଭିଯୋଗ ହୋଇଛି। ପ୍ରଶ୍ନପତ୍ର ପ୍ୟାକେଟ୍ ଖୋଲାଥିବା ଅଭିଯୋଗ ଆଣିଥିବା ପରୀକ୍ଷାର୍ଥୀଙ୍କୁ କେନ୍ଦ୍ର ପରିଚାଳକ ଏକ ରୁମ୍‌ରେ ଅଟକ ରଖିବାରୁ ସେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା କହିଛନ୍ତି। ପରୀକ୍ଷା ହଲ୍ ମଧ୍ୟରେ ପ୍ରଶ୍ନପତ୍ର ସିଲ୍ ଖୋଲାଯିବା ନିୟମ ଥିବା ବେଳେ ବାଲେଶ୍ୱରର ଗୋପାଳ ଗାଁ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭର ବହୁ ପୂର୍ବରୁ ସିଲ୍ ଖୋଲାଯାଇ ପ୍ରଶ୍ନପତ୍ର ଲିକ୍ ହୋଇଥିବା ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି। ଜଣେ ପରୀକ୍ଷାର୍ଥୀଙ୍କ ଅଭିଯୋଗ ମୁତାବକ, ପରୀକ୍ଷା ହଲ୍‌ରେ ବସିଥିବା ସମୟରେ ପ୍ରଶ୍ନପତ୍ର ସିଲ୍ ଖୋଲାଥିବା ଦେଖିବାକୁ ପାଇଲୁ। ଏ ସମ୍ପର୍କରେ ଅଭିଯୋଗ କରିବାରୁ ପ୍ରଶ୍ନପତ୍ର ପ୍ୟାକେଟ ସେପରି ଆସିଥିବା ଜଣେ ଶିକ୍ଷୟିତ୍ରୀ ☞ପୃଷ୍ଠା-୪

# ପାକିସ୍ତାନକୁ ହରାଇଲା ଭାରତ

## ମହିଳା ଟି୨୦ ବିଶ୍ୱକପ୍



ଶ୍ରେୟଙ୍କା ପାଟିଲ

**ଦୁବାଇ, ୬।୧୦ (ପି.ଟି.)**

ମହିଳା ଟି୨୦ ବିଶ୍ୱକପରେ ପାକିସ୍ତାନକୁ ୬ ଉଇକେଟରେ ହରାଇ ପ୍ରଥମ ବିଜୟ ହାସଲ କରିଛି ଭାରତ। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୨୦ ଓଭରରେ ୮ଉଇକେଟ ହରାଇ ୧୦୫ ରନ୍ କରିଥିଲା। ଜବାବରେ ଭାରତ ୧୮.୫ ଓଭରରେ ୪ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ଚଳିତ ଟୁର୍ନାମେଣ୍ଟରେ ଦ୍ୱିତୀୟ ମ୍ୟାଚ ଖେଳିଥିବା ଭାରତ ଏହା ସହ ପ୍ରଥମ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫୮ ରନରେ ଭାରତକୁ ପରାସ୍ତ କରିଥିଲା। ଏହି ବିଜୟ ସହ ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ଭାରତ ୨ ମ୍ୟାଚ୍‌ରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ☞ପୃଷ୍ଠା-୪


DHARITRI YOUTH CONCLAVE 2024 — CLIMATE CHANGE: BUILDING RESILIENCE

ଧରିତ୍ରୀ 50 Years

DHARITRI
YOUTH
CONCLAVE 2024
CLIMATE CHANGE : BUILDING RESILIENCE

## ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ

ସ୍ଥାନୀୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ଓତପ୍ରୋତ ଭାବେ ଜଡ଼ିତ ରହି କାର୍ଯ୍ୟ କରୁଥିବା ଓଡ଼ିଶାର ଯୁବପିଢ଼ି ଏବଂ ସଂଗଠନଗୁଡ଼ିକଠାରୁ ଆବେଦନପତ୍ର ଆହ୍ୱାନ କରାଯାଉଛି ।

ଆପଣ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଥିବା ସମ୍ପର୍କରେ (୨୫୦ରୁ ୩୫୦ ଶବ୍ଦ ମଧ୍ୟରେ) ଏକ ସରଳ ବିବରଣୀ ଆମ ପାଖକୁ ପଠାନ୍ତୁ । ଏଥିସହ ୪ଟି ହାଇ ରିଜୋଲ୍ୟୁଶନ ଫଟୋ ଏବଂ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ନିଜ ପଦକ୍ଷେପର ଗୋଟିଏ ଭିଡିଓ ମଧ୍ୟ ପଠାନ୍ତୁ, ଯାହାଦ୍ୱାରା ଆପଣମାନେ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟରେ' ବିଜୟୀ ହେବାର ସୁଯୋଗ ପାଇବେ।

ଅନୁରୂପ ପ୍ରକ୍ରିୟା ଅନୁସରଣ କରି ଆପଣ ଅନ୍ୟଜଣଙ୍କୁ ମଧ୍ୟ ମନୋନୀତ କରିପାରିବେ । ମନୋନୀତ ବ୍ୟକ୍ତି କିମ୍ବା ସଂଗଠନକୁ ପ୍ରୋତ୍ସାହନ ସ୍ୱରୂପ ଆସନ୍ତା ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା **'ଧରିତ୍ରୀ ୟୁଥ୍ କନ୍‌କ୍ଲେଭ—୨୦୨୪'**ରେ ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ ପୁରସ୍କାର ପ୍ରଦାନ କରାଯିବ। ଏହି ସ୍ୱୀକୃତି ଯୁବ ପରିବେଶବିତ୍‌ଙ୍କୁ ପରିବେଶ ଏବଂ ଜଳବାୟୁ ସୁରକ୍ଷା ଦିଗରେ ଅଧିକ ଅଗ୍ରସର କରାଇବ।

ମନୋନୀତ ଯୁବ ପରିବେଶବିତ୍ ଏବଂ ସଂଗଠନକୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭରେ ଯୁବ ପରିବେଶ ଯୋଦ୍ଧା ଏବଂ ବିଶେଷଜ୍ଞମାନଙ୍କ ସହ ଆଲୋଚନାରେ ଭାଗ ନେବାକୁ ନିମନ୍ତ୍ରଣ କରାଯିବ।

ଆବେଦନର ଶେଷ ତାରିଖ : ୩୧ ଅକ୍ଟୋବର ୨୦୨୪
ଦୟାକରି ନିଜ ବିବରଣୀ dharitriyouthconclave@gmail.com କୁ ପଠାନ୍ତୁ
ଅଧିକ ଜାଣିବା ପାଇଁ www.dharitriyouthconclave.com କୁ ଦେଖନ୍ତୁ

 କ୍ଲାଇମେଟ ଗ୍ରାଣ୍ଟ ଆୱାର୍ଡ ତାରିଖ : ୨୪ ନଭେମ୍ବର ୨୦୨୪

APPLY NOW
https://tinyurl.com/38xd8xnz








# ଗାଜା ଯୁଦ୍ଧ @ ୩୬୫ ଦିନ

ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ସୋମବାର ବର୍ଷେ ପୂରୁଥିବାବେଳେ ମଧ୍ୟପ୍ରାଚ୍ୟରେ ସାମରିକ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲୀ ସେନା ଅନେକ ହଜାର ପାଲେଷ୍ଟିନୀୟଙ୍କ ଜୀବନ ନେବା ସହ ନିୟୁତ ନିୟୁତ ଲୋକଙ୍କୁ ବିସ୍ଥାପିତ କରିଦେଇଛି। ଶାନ୍ତି ଫେରାଇଆଣିବା ଦିଗରେ ତମାମ ଅନ୍ତର୍ଜାତୀୟ ଉଦ୍ୟମ ବିଫଳ ହୋଇଛି। ଇତିମଧ୍ୟରେ ଇସ୍ରାଏଲ୍‌ର ଘନ ଘନ ଏୟାରଷ୍ଟ୍ରାଇକ୍ ଏବଂ ଇରାନ ସମର୍ଥିତ ହେଜ୍‌ବୋଲ୍ଲା ଓ ହୁତିର ସମ୍ପୃକ୍ତି ସୀମାରେ ଭୟାବହ ଯୁଦ୍ଧକୁ ଡାକି ଆଣିଛି। ଏହି ପରିପ୍ରେକ୍ଷୀରେ ଯୁଦ୍ଧ ଘନଘଟାର ପ୍ରମୁଖ ଘଟଣାବଳୀ ଉପରେ ଏକ ନଜର...

**୨୦୨୩ ଅକ୍ଟୋବର ୭:** ଗାଜାର ସଶସ୍ତ୍ର ଶାସକ ହମାସ୍ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରି ୧,୨୦୫ ଜଣଙ୍କ ଜୀବନ ନେଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ସାଧାରଣ ନାଗରିକ ଥିଲେ। ହମାସ୍ ୨୫୧ ଜଣଙ୍କୁ ପଣବନ୍ଦୀ କରିଥିଲା, ଯାହାଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ଘଟିଥିଲା। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ହମାସ୍‌କୁ ସମୂଳେ ଧ୍ୱଂସ କରିବା ପାଇଁ ପ୍ରତିଜ୍ଞା ସହ ଯୁଦ୍ଧ ଘୋଷଣା କରିଥିଲେ।

**ଅକ୍ଟୋବର ୧୩:** ଗାଜାରେ ଇସ୍ରାଏଲ୍ ପକ୍ଷରୁ ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଉତ୍ତର ଗାଜାରେ ସାମରିକ ଆକ୍ରମଣ ପୂର୍ବରୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ଦକ୍ଷିଣକୁ ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

**ଅକ୍ଟୋବର ୨୭:** ଇସ୍ରାଏଲ୍ ଗାଜା ସ୍ଥଳଭାଗରେ ଆକ୍ରମଣ ଆରମ୍ଭ କରିଥିଲା। ଏହି ଆକ୍ରମଣ ଯୋଗୁ ପାଲେଷ୍ଟିନୀୟଙ୍କ ଗଣବିସ୍ଥାପନ ଓ ପଳାୟନ ହୋଇଥିଲା, ଯାହାକି ଅଦ୍ୟାବଧି ଜାରି ରହିଛି।

**ନଭେମ୍ବର ୧୫:** ଇସ୍ରାଏଲୀ ସୈନ୍ୟ ଗାଜାର ଅଲ୍-ଶିଫା ହସ୍ପିଟାଲକୁ ହମାସ୍ କମାଣ୍ଡରଙ୍କ ଆଡ୍ଡା ଦର୍ଶାଇ ଆକ୍ରମଣ କରିଥିଲେ।

**ନଭେମ୍ବର ୨୦୨୩:** ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଏକ ସାମୟିକ ସନ୍ଧି ହୋଇଥିଲା। ଏଥିଯୋଗୁ ହମାସ୍ ୮୦ ଇସ୍ରାଏଲୀ ପଣବନ୍ଦୀଙ୍କୁ ମୁକ୍ତ କରିଥିଲା। ଏହା ବଦଳରେ ଇସ୍ରାଏଲ୍‌ରେ ବନ୍ଦୀ ଥିବା ୨୪୦ ପାଲେଷ୍ଟିନୀୟଙ୍କୁ ତେଲ୍ ଆଭିଭ ଛାଡ଼ିଦେଇଥିଲା।

**୨୦୨୪ ଫେବୃଆରୀ ୨୯:** ଇସ୍ରାଏଲୀ ସୈନ୍ୟଙ୍କ ଆକ୍ରମଣରେ ଖାଦ୍ୟ ପାଇଁ ଧାଁ ଦଉଡ଼ କରୁଥିବା ୧୨୦ ନାଗରିକ ନିହତ ହୋଇଥିଲେ। ଏହି ନାଗରିକମାନଙ୍କୁ ଇସ୍ରାଏଲ୍ ବିପଦ ସୃଷ୍ଟିକାରୀ ବୋଲି ଦର୍ଶାଇଥିଲା।

**ମାର୍ଚ୍ଚ ପ୍ରାରମ୍ଭ:** ଗାଜା ଷ୍ଟ୍ରିପ୍‌କୁ ମାନବୀୟ ସହାୟତା ପ୍ରଦାନ ପାଇଁ ଅନେକ ଦେଶ ଆକାଶମାର୍ଗରୁ ଜରୁରୀ ସାମଗ୍ରୀ ଏୟାରଡ୍ରପିଂ ଆରମ୍ଭ କରିଥିଲେ।

**ମାର୍ଚ୍ଚ ୧୫:** ଗାଜାରେ ଅନ୍ତର୍ଜାତୀୟ ସହାୟତା ଉଦ୍ୟମ କ୍ରମେ ପ୍ରଥମେ ସାଇପ୍ରସ୍ ଖାଦ୍ୟ ଓ ଔଷଧ ପଠାଇଥିଲା।

**ଏପ୍ରିଲ ୧:** ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ଆମେରିକୀୟ ଦାତବ୍ୟ ଅନୁଷ୍ଠାନ ୱାର୍ଲ୍ଡ ସେଣ୍ଟ୍ରାଲ କିଚେନ୍‌ର ୭ ସଦସ୍ୟ ପ୍ରାଣ ହରାଇଥିଲେ। ପରେ ଇସ୍ରାଏଲ୍ ନିଜ ଭୁଲ୍ ବୁଝିପାରି ଏହାକୁ ଏକ 'ଷ୍ଟ୍ରାଟେଜିକ୍ ମିଷ୍ଟେକ୍' ବୋଲି ମାନିଥିଲା।

**ଏପ୍ରିଲ ୧୩:** ଇସ୍ରାଏଲ୍ ଉପରେ ଇରାନ ଡ୍ରୋନ୍ ଓ ମିଶାଇଲ୍ ଆକ୍ରମଣ କରିଥିଲା। ଇସ୍ରାଏଲ୍ ଏହାର ଜବାବରେ ହମାସ୍‌କସ୍ଥିତ ଇରାନୀୟ ବାଣିଜ୍ୟିକ ଦୂତାବାସ ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା।

**ମେ' ୭:** ଇସ୍ରାଏଲୀ ସେନା ଦକ୍ଷିଣ ଗାଜା ଓ ରାଫା ସହରକୁ ଟାର୍ଗେଟ କରିବା ସହ ଇଜିପ୍ଟ ସୀମାକୁ ଦଖଲ କରିନେଇଥିଲା।

**ଜୁଲାଇ ୧୩:** ଦକ୍ଷିଣ ଗାଜାରେ ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ହମାସ୍ ସାମରିକ ନେତା ମୋହମେଦ୍ ଦେଇଫ୍ ନିହତ ହୋଇଥିଲେ।

**ଜୁଲାଇ ୨୦:** ତେଲ୍‌ଆଭିଭରେ ଡ୍ରୋନ୍ ଆକ୍ରମଣ ପରେ ଇସ୍ରାଏଲ୍ ହୁତି ବିଦ୍ରୋହୀଙ୍କୁ ଟାର୍ଗେଟ କରି ୟେମେନ୍‌ରେ ଏୟାରଷ୍ଟ୍ରାଇକ୍ କରିଥିଲା। ଏଥିରୁ ଲେବାନନ ସୀମାରେ ଇସ୍ରାଏଲ୍-ହେଜ୍‌ବୋଲ୍ଲା ମଧ୍ୟରେ ସଂଘର୍ଷ ବଢ଼ିଥିଲା।

**ଜୁଲାଇ ୨୭:** ଗୋଲାନ୍ ହାଇଟ୍ସରେ ରକେଟ୍ ଆକ୍ରମଣରେ ୧୨ ଶିଶୁ ନିହତ ହୋଇଥିଲେ। ଏଥିରେ ହେଜ୍‌ବୋଲ୍ଲା ନିଜ ସମ୍ପୃକ୍ତିକୁ ଖଣ୍ଡନ କରିଥିଲା।

**ଜୁଲାଇ ୩୦:** ବେରୁଟ୍‌ରେ ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା କମାଣ୍ଡର ଫଉଦ୍ ଶୁକ୍ର ନିହତ ହୋଇଥିଲେ। ଏହାର ଦିନକ ପରେ ଇରାନରେ ହୋଇଥିବା ଏୟାରଷ୍ଟ୍ରାଇକ୍‌ରେ ହମାସ୍ ନେତା ଇସ୍‌ମାଇଲ୍ ହାନିୟେ ନିହତ ହୋଇଥିଲେ। ଏଥିପାଇଁ ହମାସ୍ ଓ ଇରାନ ଇସ୍ରାଏଲ୍‌କୁ ଦାୟୀ କରିଥିଲେ।

**ଅଗଷ୍ଟ ୧୬:** ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ସନ୍ଧି ପାଇଁ ଆମେରିକା ଏକ ଡିଲ୍ ପ୍ରସ୍ତାବ ଦେଇଥିଲା। ହମାସ୍ ତତ୍କାଳ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା।

**ଅଗଷ୍ଟ ୨୨:** ସଂଘର୍ଷ ବିରାମ ପାଇଁ ଇଜିପ୍ଟ ଓ କାତାର ମଧ୍ୟସ୍ଥତାରେ ଶାନ୍ତି ଆଲୋଚନା ଆରମ୍ଭ ହୋଇଥିଲା।

**ଅଗଷ୍ଟ ୨୫:** ହେଜ୍‌ବୋଲ୍ଲା ପକ୍ଷରୁ କରାଯାଇଥିବା ଏକ ବଡ଼ ଆକ୍ରମଣକୁ ପ୍ରତିହତ କରିଥିବା ବିଷୟ ଇସ୍ରାଏଲ୍ କହିଥିଲା। ଇସ୍ରାଏଲ୍‌କୁ ହେଜ୍‌ବୋଲ୍ଲା ଶତାଧିକ ରକେଟ ଓ ଡ୍ରୋନ୍ ଛାଡ଼ିଥିବା ସ୍ୱୀକାର କରିଥିଲା।

**ଅଗଷ୍ଟ ୨୮:** ପାଲେଷ୍ଟିନୀୟ ଆତଙ୍କବାଦୀଙ୍କ ବିରୋଧରେ ଇସ୍ରାଏଲ୍ ୱେଷ୍ଟ ବ୍ୟାଙ୍କରେ ଅପରେଶନ୍ ଆରମ୍ଭ କରିଥିଲା। ଜାତିସଂଘ ଏହାକୁ ତତ୍କାଳ ବନ୍ଦ କରିବାକୁ ପରାମର୍ଶ ଦେଇଥିଲା।

**ସେପ୍ଟେମ୍ବର ୧୭-୧୮:** ଲେବାନନ୍‌ରେ ପେଜର ଓ ୱାକିଟକି ଭଳି ଯୋଗାଯୋଗ ଉପକରଣଗୁଡ଼ିକରେ ଲଗାତର ବିସ୍ଫୋରଣ ଘଟିବାରେ ଲାଗିଥିଲା।



ଏଥିରେ ୩୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ହେଜ୍‌ବୋଲ୍ଲା ସଦସ୍ୟମାନେ ରେଡିଓ ତରଙ୍ଗରେ ଚାଲୁଥିବା ପେଜରକୁ ସୁରକ୍ଷିତ ମନେକରି ବ୍ୟବହାର କରୁଥିବାବେଳେ ଇସ୍ରାଏଲ୍‌ର ସ୍ପାଏ ଏଜେନ୍ସି ମୋସାଦ ପୂର୍ବରୁ ଏକ ଶେଲ୍ କମ୍ପାନୀ ଜରିଆରେ ସେଥିରେ ବିସ୍ଫୋରକ ଭର୍ତ୍ତି କରି ଏଭଳି ଅଭିନବ ଆକ୍ରମଣ ଘଟାଇବାରେ ସଫଳ ହୋଇଥିବା କୁହାଯାଇଥିଲା।

**ସେପ୍ଟେମ୍ବର ୨୭:** ବେରୁଟ୍‌ରେ ଇସ୍ରାଏଲ୍‌ର ଏକ ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରଲ୍ଲା ଏବଂ ଜଣେ ଇରାନୀୟ ଜେନେରାଲ ନିହତ ହୋଇଥିଲେ। ଇରାନ୍ ଏହାର ମୁହଁତୋଡ଼ ଜବାବ ଦେବା ପାଇଁ ଧମକ ଦେଇଥିଲା।

**ଅକ୍ଟୋବର ୧:** ଇରାନ ଇସ୍ରାଏଲ୍ ଉପରକୁ ୧୮୧ ମିଶାଇଲ୍ ଛାଡ଼ିଥିଲା। ସେଥିରୁ ଅଧିକାଂଶ କ୍ଷେପଣାସ୍ତ୍ରକୁ ଆଇରନ୍ ଡୋମ ଜରିଆରେ ଆୟତ୍ତ କରାଯାଇଥିବା ଇସ୍ରାଏଲ୍ ଦର୍ଶାଇଥିଲା।

# ମଧ୍ୟପ୍ରାଚ୍ୟ ରକ୍ତରଞ୍ଜିତ

## ବିଶ୍ୱ ଅର୍ଥନୀତି ପ୍ରଭାବିତ

ଗାଜା/ତେଲ୍‌ଆଭିଭ, ୬।୧୦

୨୦୨୨ ଫେବୃଆରୀ ୨୪ରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇ ସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ପାଇଥିବାବେଳେ ୨୦୨୩ ଅକ୍ଟୋବର ୭ରେ ମଧ୍ୟପ୍ରାଚ୍ୟରେ ଆଉ ଏକ ବଡ଼ ଯୁଦ୍ଧ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଇସ୍ରାଏଲ୍‌ର ଗାଜା ଆକ୍ରମଣକୁ ବର୍ଷେ ପୂରିଛି। ହୁତି ଆତଙ୍କବାଦୀ ଲୋହିତ ସାଗରରେ ବର୍ଷକ ମଧ୍ୟରେ ଶତାଧିକ ମାଲବାହୀ ଜାହାଜକୁ ଆକ୍ରମଣ କରିସାରିଲେଣି। ଏହି ପୃଷ୍ଠଭୂମିରେ ଆସନ୍ତା ବର୍ଷ କ୍ରୁଡ୍ ଅଏଲ୍ ବ୍ୟାରେଲ ପିଛା ୧୩୦ ଆମେରିକୀୟ ଡଲାରକୁ ଛୁଇଁବ ବୋଲି ଅକ୍ସଫୋର୍ଡ ଅର୍ଥନୀତିଜ୍ଞମାନେ ମତ ଦେଇଛନ୍ତି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ମଧ୍ୟ ତୈଳ ଦରରେ ୩.୩% ବୃଦ୍ଧି ଘଟିବା ଅନୁମାନ କରିଛି। ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଗାଜାର ସଶସ୍ତ୍ର ଶାସକ ହମାସ୍, ଲେବାନନ୍‌ର ହେଜ୍‌ବୋଲ୍ଲା ଓ ୟେମେନ୍‌ର ହୁତି ଆତଙ୍କବାଦୀଙ୍କ ସମର୍ଥନରେ ଆରବୀୟ ରାଷ୍ଟ୍ରଗୁଡ଼ିକୁ ବାହାରିବା ପାଇଁ ଆହ୍ୱାନ ଦେଇଥିବାରୁ ତୈଳ ଉତ୍ପାଦନ ଓ ରପ୍ତାନି ପ୍ରଭାବିତ ହୋଇପାରେ। ଏପରି ହେଲେ ଯୁଦ୍ଧର ପ୍ରଭାବ ମଧ୍ୟପ୍ରାଚ୍ୟ ପରିସୀମା ଡେଇଁ ସାରା ବିଶ୍ୱକୁ କବଳିତ କରିବ। ଆମେରିକା, କାନାଡା, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ ଭଳି ଶକ୍ତିଶାଳୀ ଜି୭ ରାଷ୍ଟ୍ର ଇସ୍ରାଏଲ୍‌କୁ ସମର୍ଥନ ଦେଉଥିବାରୁ ନିକଟ ଭବିଷ୍ୟତରେ ଯୁଦ୍ଧ ସଙ୍କଟର ଅବସାନ ଆଶା ଦିଶୁନାହିଁ। ଇରାନର ତୈଳ ଭଣ୍ଡାରଗୁଡ଼ିକ ଉପରେ ଆକ୍ରମଣ ପାଇଁ ଆଲୋଚନା ଚାଲିଛି। ଇରାନର ତୈଳ ଉତ୍ସକୁ ଟାର୍ଗେଟ କରାଗଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବଢ଼ିବ। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍‌କୁ ଆକାଶଛୁଆଁ କରାଇବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।




## ଗାଜାରେ ୪୨ ହଜାର ମୃତ

୨୦୨୩ ଅକ୍ଟୋବରରେ ହମାସ୍‌ର ଶତାଧିକ ରକେଟମାଡ଼ରେ ୧,୨୦୫ ଇସ୍ରାଏଲୀ ନିହତ ହୋଇଥିବାବେଳେ ଆତଙ୍କବାଦୀମାନେ ୨୫୦ରୁ ଅଧିକ ଲୋକଙ୍କୁ ଅପହରଣ କରିନେଇଥିଲେ। ପଣବନ୍ଦୀଙ୍କ ମଧ୍ୟରୁ ୧୦୦ ଜଣ ଏବେ ମଧ୍ୟ ହମାସ୍ କବଳରେ ରହିଛନ୍ତି। ଅନ୍ୟପକ୍ଷେ ଇସ୍ରାଏଲ୍‌ର ଗାଜା ଆକ୍ରମଣରେ ୪୧,୭୮୮ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଅନେକ ଲକ୍ଷ ଲୋକ ବିସ୍ଥାପିତ ହୋଇ ଇଜିପ୍ଟ ସମେତ ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକରେ ଆଶ୍ରୟ ନେଇଛନ୍ତି।

## ସପକ୍ଷ, ବିପକ୍ଷରେ ରାଲି

ଯୁଦ୍ଧ ବର୍ଷପୂର୍ତ୍ତିର ଅବ୍ୟବହିତ ପୂର୍ବରୁ ରବିବାର ପାଲେଷ୍ଟାଇନ୍ ସମର୍ଥନରେ ଓ ଇସ୍ରାଏଲ୍ ସପକ୍ଷରେ ବିଶ୍ୱର ବିଭିନ୍ନ ଭାଗରେ ବିକ୍ଷୋଭ ଶୋଭାଯାତ୍ରା ଆୟୋଜିତ ହୋଇଛି। ଲଣ୍ଡନ୍, ବର୍ଲିନ୍, ପ୍ୟାରିସ୍ ଓ ରୋମ୍ ସମେତ ଅନେକ ୟୁରୋପୀୟ ସହରରେ ଲୋକେ ରାସ୍ତାକୁ ଓହ୍ଲାଇ ସ୍ଲୋଗାନ ଦେଇଛନ୍ତି। ଅଷ୍ଟ୍ରେଲିଆରେ ଅନେକ ହଜାର ଲୋକ ପାଲେଷ୍ଟାଇନ୍ ଓ ଲେବାନନ୍‌କୁ ସମର୍ଥନ କରି ଶୋଭାଯାତ୍ରା କରିଛନ୍ତି। ମେଲବର୍ନରେ ଇସ୍ରାଏଲ ସପକ୍ଷରେ ବିଶାଳ ରାଲିର ଆୟୋଜନ କରାଯାଇଛି। ଅନ୍ୟ ରାଷ୍ଟ୍ରଗୁଡ଼ିକରେ ବସବାସ କରୁଥିବା ଲେବାନନ୍ ନାଗରିକମାନେ ହେଜ୍‌ବୋଲ୍ଲା ନେତା ହସନ୍ ନସ୍‌ରଲ୍ଲାଙ୍କ ସ୍ମୃତିରେ ପ୍ରାର୍ଥନା ସଭା କରିଛନ୍ତି।

## ପରସ୍ପର ଟାର୍ଗେଟରେ ନେତାନ୍ୟାହୁ-ଖାମେନେଇ

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଏବେ ପରସ୍ପର ଟାର୍ଗେଟକୁ ଆସିଯାଇଛନ୍ତି। ହମାସ୍, ହେଜ୍‌ବୋଲ୍ଲା ଓ ହୁତିକୁ ଖୋଲା ସମର୍ଥନ କରୁଥିବା ଖାମେନେଇଙ୍କୁ ତେହରାନ୍‌ରେ ଏୟାରଷ୍ଟ୍ରାଇକ୍ କରି ହତ୍ୟା କରିବା ପାଇଁ ଇସ୍ରାଏଲ୍ ପକ୍ଷରୁ ସିକ୍ରେଟ୍ ମିଶନର ଯୋଜନା ଚାଲିଥିବା ଜେରୁଜେଲମ୍ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ଅନ୍ୟପକ୍ଷେ ନେତାନ୍ୟାହୁ ଓ ତାଙ୍କ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟଙ୍କ ସମେତ ସେନା ଅଧିକାରୀମାନେ ଇରାନର ହିଟ୍ ଲିଷ୍ଟରେ ଥିବା ଏକ ସୂତ୍ରରୁ ଜଣାପଡ଼ିଛି।



ୟହୟା ସିନ୍‌ୱାର



ଆୟାତୋଲ୍ଲା ଅଲୀ ଖାମେନେଇ



ଇସ୍‌ମାଇଲ୍ ହାନିୟେ



ହସନ୍ ନସ୍‌ରଲ୍ଲା

## ୭ ନିରୀହଙ୍କୁ ହତ୍ୟାକଲେ ପାଲେଷ୍ଟିନୀୟ ଆତଙ୍କବାଦୀ

ଇସ୍ରାଏଲ୍‌ର ତେଲ୍‌ଆଭିଭସ୍ଥିତ ପୋର୍ଟ ସିଟି ଜାଫାରେ ମଙ୍ଗଳବାର ରାତିରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୬ ଆହତ ହୋଇଛନ୍ତି। ଏହି ଆକ୍ରମଣ ପାଇଁ ହମାସ୍ ନିଜକୁ ଦାୟୀ କରିଛି। ନିକଟସ୍ଥ ଏକ ମସ୍‌ଜିଦରେ ଲୁଚିଥିବା ପାଲେଷ୍ଟିନୀୟ ଆତଙ୍କବାଦୀ ମହମ୍ମଦ ମେସେକ୍(୧୯) ଓ ଅହମଦ ହିମୋଉନି(୨୫) ଏହି ଆକ୍ରମଣ ଘଟାଇଥିଲେ। ପ୍ରାଣ ହରାଇଥିବା ୬ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ ବାଟ୍ ୟାମ୍ ନିବାସୀ ରିଭାଇଟାଲ ବ୍ରୋନ୍ସଟେଇନ୍(୨୪), ଜର୍ଜିଆର ଇଲିଆ ନୋଜାଡ୍‌ଜେ(୪୨), ଲୋଡ୍ ବାସିନ୍ଦା ଶାହର ଗୋଲ୍ଡମ୍ୟାନ୍ (୩୦), ଇନ୍‌ବାର ସେଗେଭ୍ ଭିଗ୍‌ଡେର(୩୩), ନାଡିଆ ସେକୋଲେନ୍‌କୋ(୪୦) ଏବଂ ଗ୍ରୀସ୍ ନାଗରିକ ଜୋନାସ୍ ଖ୍ରୋସିସ୍(୨୬)। ସପ୍ତମ ମୃତକଙ୍କ ପରିଚୟ ମିଳିନାହିଁ। ଆତଙ୍କବାଦୀମାନେ ଗୁଳି କରୁଥିବାବେଳେ ରିଭାଇଟାଲ ନିଜ ୯ ମାସର ପିଲାକୁ ବଞ୍ଚାଇବା ପାଇଁ ଉଦ୍ୟମ କରି ଶେଷରେ ପ୍ରାଣ ହରାଇଥିଲେ।



ଇନ୍‌ବାର ସେଗେଭ୍ ଭିଗ୍‌ଡେର



ଶାହର ଗୋଲ୍ଡମ୍ୟାନ୍



ରିଭାଇଟାଲ ବ୍ରୋନ୍ସଟେଇନ୍



ଲେବାନନ୍‌ର ସିଡୋନ୍‌ରେ ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍ ବେଳେ କାର୍ ଭିତରୁ ଅନେଇଛନ୍ତି ଜଣେ ଶିଶୁ।

## ହେଜ୍‌ବୋଲ୍ଲାର ୫୦୦ ଫାଇଟର ନିହତ

ବେରୁଟ୍ ସମେତ ଲେବାନନ୍‌ର ବିଭିନ୍ନ ଭାଗରେ ଇସ୍ରାଏଲ୍‌ର ମିଶାଇଲ ମାଡ଼ ଜାରି ରହିଛି। ବିଶେଷକରି ଦକ୍ଷିଣ ବେରୁଟ୍‌ରେ ଆତଙ୍କବାଦୀଙ୍କ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରି ଇସ୍ରାଏଲୀ ସେନା ଏୟାରଷ୍ଟ୍ରାଇକ୍ କରୁଛି। ରବିବାର ସୁଦ୍ଧା ୪୪୦ ଆତଙ୍କବାଦୀ ଓ ବିଭିନ୍ନ ର୍‌ୟାଙ୍କର ୩୦ କମାଣ୍ଡର ନିହତ ହୋଇଥିବା ଆଇଡିଏଫ୍ ପକ୍ଷରୁ କୁହାଯାଇଛି। ସମ୍ପୃକ୍ତ ଅଞ୍ଚଳ ଛାଡ଼ି ଚାଲିଯିବା ପାଇଁ ସ୍ଥାନୀୟ ଲୋକଙ୍କୁ ପରାମର୍ଶ ଦିଆଯାଇଛି।




**Bhubaneswar: Hindustan Wheels,** Ph: 9776048108, 9090233305; **K2K Auto-Motives,** Ph: 7008987920, 7008987917; **Venus Automotives,** Ph: 9776012326, 8917395776; **Cuttack: PMG Motors,** Ph: 7854912003, 7854912006; **Cuttack: AMP Motors,** Ph: 9692200591, 9692200592; **Jajpur: Birendra Motors,** Ph: 8114371861, 8114371865; **Nayagarh: Shree Motors,** Ph: 9348071919, 6371018782; **Puri: Satyabadi Automobiles,** Ph: 8917467272, 8917475550; **Bapuji Nagar Branch: Hindustan Wheels,** Ph: 9437142215, 9348355705; **YBC: Balugaon,** Ph: 8018731318; **Balipatna,** Ph: 8260300572; **Dhalapathar,** Ph: 7008951601; **Jatni,** Ph: 8249369308; **Adaspur,** Ph: 9438344646; **Banki,** Ph: 7008710625; **Narsinghpur,** Ph: 9348917733; **Niali,** Ph: 7077331343; **Bidharpur,** Ph: 9777100623; **Paradeep,** Ph: 8895513620; **Rahama,** Ph: 9439064788; **Salepur,** Ph: 9337115957; **Pattamundai,** Ph: 9861502095; **Chhatia,** Ph: 9437397655; **Balichandrapur,** Ph: 7978609768; **Bhuban,** Ph: 8249158563; **Jajpur Town,** Ph: 9778266966; **Mangalapur,** Ph: 9937726644; **Singhpur,** Ph: 7008382026; **Brahmagiri,** Ph: 7077658086; **Pipili,** Ph: 9937346887; **Nimapara,** Ph: 9438295134; **Kakatapur,** Ph: 9861413314; **Chandpur,** Ph: 8018731318; **Sunakhala,** Ph: 7008552541.




**JYOTE MOTORS**
**BHUBANESWAR: LEWIS ROAD:** 8093027518. **NAYAPALLI:** 7064470102. **TAMANDO:** 9776615007. **KEONJHAR:** 8599019854. **NAYAGARH:** 7381028519. **BALUGAON:** 8093154878. **ANANDPUR:** 8599019854. **KENDRAPARA:** 9776615048. **PATTAMUNDAI:** 7440016539. **GOTHAPATNA:** 7064470142. **BALASORE:** 9776003548. **BHADRAK:** 7381072074. **BARIPADA:** 9437102597. **UDALA:** 9437102597. **RAIRANGPUR:** 9437102597. **JALESWAR:** 9776003548. **BASUDEVPUR:** 7381072074. **SORO:** 9776003548.

**SKY AUTOMOBILES**
**BHUBANESWAR: PATIA** : 7381045356. **CUTTACK:** 9776677771, 7381873818. **DHENKANAL:** 7381045357. **NARSHINGPUR:** 7381045357. **KAMAKHYANAGAR:** 7381045357. **JAJPUR:** 9776900777, **SALEPUR:** 9776900777, **CHANDIKHOL:** 9776900777, **TANGI:** 7381045356.

**NARAYANI MOTORS**
**BHUBANESHWAR: RASULGARH:** 9583022009, 7440019592, 9583022013. **JAGATSINGHPUR:** 9583022090. **PURI:** 9583022035. **NIMAPARA:** 7381094851. **PARADEEP:** 9583022034/ 48. **PURI HIGHWAY PIPLI:** 9583022013. **TIRTOL:** 7381000159.

**ODYSSEY MOTORS**
**ANGUL:** 7752076136, 9776901481, **PALLAHARA:** 7873565435, 9437831123.

**TUSHI MOTORS**
**CUTTACK:** 9078076450. **PANIKOILI:** 9078076450. **ATHAGARH:** 9078076450. **BALIKUDA:** 9078076450.

*Offer includes consumer offer, exchange bonus and institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *Terms and conditions apply. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. *3 years or 100 000 km whichever is earlier. ^Total offer is inclusive of Gold Coin offer applicable on Alto K10, S-Presso, Celerio, Swift and Brezza. Above offers are valid till 13th Oct, 2024.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଶିଳ୍ପୀ ମହାସଂଘର ଦ୍ୱାଦଶ ବାର୍ଷିକ ମହୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ(ଏମ୍) ଏବଂ ବିଭିନ୍ନ ବାମପନ୍ଥୀ ଦଳଗୁଡ଼ିକ ପକ୍ଷରୁ ପାଲେଷ୍ଟାଇନ ଉପରେ ଇସ୍ରାଏଲ୍‌ର ଆକ୍ରମଣ ପ୍ରତିବାଦରେ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ଅପରାହ୍ନ ୫ଟା।
- ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ବିଚାରପତି ଦେବବ୍ରତ ଦାଶଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ପାନ୍ଥ ନିବାସ ଅଡିଟୋରିୟମ୍, ସମୟ: ସନ୍ଧ୍ୟା ୬ଟା ୧୫।
- ସଙ୍ଗୀତାୟନ 'ନୃତ୍ୟାୟନ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- କଳାକାର ଥିଏଟର, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ

- ଶ୍ରୀକ୍ଷେତ୍ର ଅଟୋଚାଳକ ସଂଘ ପକ୍ଷରୁ ଧାରଣା, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ସିପିଆଇଏମ୍ ପକ୍ଷରୁ ପାଲେଷ୍ଟାଇନ ଉପରେ ଇସ୍ରାଏଲ୍‌ର ଆକ୍ରମଣ ପ୍ରତିବାଦରେ ଧାରଣା, ସ୍ଥାନ: କଚେରି ଛକ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ୭୦ତମ ଜିଲାସ୍ତରୀୟ ବନ ସଂରକ୍ଷଣ ସପ୍ତାହ ପାଳନ, ସ୍ଥାନ: ଡିଏଫ୍‌ଓ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୁରୁଡ଼ା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଜନଶୁଣାଣି ଶିବିର,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ,ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ନିପୁଣ ଓଡ଼ିଶା,ସ୍ଥାନ:ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପିଲାଗଣେଶ ଭସାଣି, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ଅପରାହ୍ନ ୨ଟା।

## କେନ୍ଦୁଝର

- ନାରାୟଣ ମଠରେ ପୂଜାର୍ଚ୍ଚନା, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ସକାଳ ୭ ଟା।
- ମା' ବ୍ରାହ୍ମଣୀ ଦେବୀ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ଅତା, ବାତୋ, ଘସିପୁରା, ସମୟ: ସକାଳ ୭ ଟା।
- ଆନନ୍ଦପୁର ପ୍ରେସ୍ ଫୋରମ ପକ୍ଷରୁ ବୈଠକ, ସ୍ଥାନ: ଫୋରମ କାର୍ଯ୍ୟାଳୟ, ଆନନ୍ଦପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଅଲେଖ ମହିମା କମିଟି ପକ୍ଷରୁ ବୈଠକ, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଦୁର୍ଗା ସେବା ସଂଗଠନ ପକ୍ଷରୁ ବୈଠକ, ସ୍ଥାନ: ମହାଦେବ ମନ୍ଦିର, ସାଇଁକୁଳ, ଘସିପୁରା, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ମୟୂରଭଞ୍ଜ ଜିଲା ପ୍ରବେଶ ପଥରେ ସ୍ୱାଗତମ ଫାଟକର ଶିଳାନ୍ୟାସ ଉତ୍ସବ, ସ୍ଥାନ: କଳମା ଛକ ବୈଶିଙ୍ଗା, ବେତନଟୀ ବ୍ଲକ, ସମୟ: ସକାଳ ୯ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନ ଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ଅପରାହ୍ନ ୨ଟା।
- ଶାରଦୀୟ ଦୁର୍ଗା ଓ କାଳୀପୂଜା ପାଇଁ ପ୍ରଶାସନିକସ୍ତରରେ ଶାନ୍ତି କମିଟି ବୈଠକ, ସ୍ଥାନ:ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ସାଢ଼େ ୩ଟା।
- ଲାବଣ୍ୟ ଥିଏଟର ଭୁବନେଶ୍ୱର ଆନୁକୂଲ୍ୟରେ ନାଟକ 'ଅଭିନେତ୍ରୀ' ପରିବେଷଣ, ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ପାଲେଷ୍ଟାଇନ ସଂହତି ଦିବସ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଦିଗପହଣ୍ଡି ବ୍ଲକସ୍ତରୀୟ ସୁରଭି,
- ସ୍ଥାନ: ସିଦ୍ଧେଶ୍ୱର ନୋଡାଲ ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା।
- ଅର୍ଥନୀତି ବିଭାଗର ପାଠଚକ୍ର, ସ୍ଥାନ: ବୁଗୁଡା ଚିପୁଲ୍ସ କଲେଜ, ସମୟ:ପୂର୍ବାହ୍ନ ୧୦ଟା।
- ବୁଦ୍ଧଖୋଲ ଉନ୍ନୟନ ସମିତି ବୈଠକ,ସ୍ଥାନ: ବୁଗୁଡା ବୁଦ୍ଧଖୋଲ ପାଦଦେଶ,ସମୟ: ଅପରାହ୍ନ ୪ଟା।

## କନ୍ଧମାଳ

- ଟୟ ଟ୍ରେନ ଉଦଘାଟନ, ସ୍ଥାନ: ଦାରିଙ୍ଗବାଡି ହିଲଭିୟୁ ପାର୍କ,
- ସମୟ: ସକାଳ ୮ଟା ୩୦।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ–କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ, ସମୟ–ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ମିଳିତ ଜନ ଶୁଣାଣି ଶିବିର, ସ୍ଥାନ– ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ପରିସର ସଭାଗୃହ, ସମୟ : ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ସ୍ୱେଚ୍ଛାସେବୀ ସଂଗଠନ ବୃଷଭ ଫାଉଣ୍ଡେଶନ ପକ୍ଷରୁ ରାସ୍ତା କଡ଼ରେ ପଡ଼ିଥିବା ବାଲି ଆସ୍ତରଣ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ ବ୍ୟାଙ୍କ ଛକ, ପାରାଦୀପ, ସମୟ: ସକାଳ ୭ଟା।
- ସ୍ୱାରସ୍ୱତ ପରିକ୍ରମା ବାର୍ଷିକ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ସ୍ଥାନ: ବୃନ,ପାରାଦୀପଗଡ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ତହସିଲ ଛକ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ– ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗନଗର ପୁସ୍ତକ ମେଳା କମିଟିର କାର୍ଯ୍ୟକାରିଣୀ ବୈଠକ, ସ୍ଥାନ : ଯାଜପୁର ରୋଡ ଭୀମସେନ ପ୍ୟାଲେସ, ସମୟ :ଅପରାହ୍ନ ୫ଟା।

## ନୟାଗଡ଼

- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଶୋଡଶ ଦିବସୀୟ ପୂଜାର ୧୪ତମ ଦିବସ, ସ୍ଥାନ: ନାରାୟଣୀ ପୀଠ ଭାପୁର ବ୍ଲକର ପଥର ଚକଡା, ସମୟ: ସନ୍ଧ୍ୟା ୭ଟା।
- ମହିଶାକ୍ଷୁଣୀ ପୀଠରେ ନବଦିନାତ୍ମକ ପୂଜାର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଜଗନ୍ନାଥ ପ୍ରସାଦର ଦରଦା, ସମୟ: ସକାଳ ୭ଟା।
- ନୀଳମାଧବ ମନ୍ଦିର ପାର୍ଶ୍ୱଦେବୀ ମା'ବିମଳାଙ୍କ ନବଦିନାତ୍ମକ ପୂଜାର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଶୋଡଶ ଦିବସୀୟ ପୂଜାର ୧୪ତମ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟୀ ପାଖ, ସମୟ: ସକାଳ ୭ଟା।
- ଶୋଡଶ ଦିବସୀୟ ପୂଜାର ୧୪ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ଶୋଡଶ ଦିବସୀୟ ପୂଜାର ୧୪ତମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ।

## ନବରଙ୍ଗପୁର

- ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ନୋଡାଲ ଆରସିଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- କୋରାପୁଟ ବ୍ଲକ୍ ଉମୁରି ପଞ୍ଚାୟତରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ,ସ୍ଥାନ : ଉମୁରି ଗ୍ରାମ ପଞ୍ଚାୟତ, କୋରାପୁଟ ବ୍ଲକ୍, ସମୟ : ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।

## ସମ୍ବଲପୁର

- ଶାରଦୀୟ ଦଶହରା ପୂଜା ଉପଲକ୍ଷେ ପଞ୍ଚମ୍ୟାଦି କଳ୍ପାରମ୍ଭ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ସକାଳ ୫ଟା।
- ଶାରଦୀୟ ଦଶହରା ପୂଜା ଉପଲକ୍ଷେ ପଞ୍ଚମୀ ପୂଜା, ସ୍ଥାନ: ଦାନୀପାଲି ରଣେଶ୍ୱର ରାମଚଣ୍ଡୀ ପୀଠ, ସମୟ : ସକାଳ ୫ଟା ।
- ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପଶ୍ଚିମ ପକ୍ଷରୁ ତିରୁପତି ବାଲାଜୀ ମନ୍ଦିର ପ୍ରସାଦରେ ଅପମିଶ୍ରଣ ପ୍ରତିବାଦରେ ବିଶାଳ ଶୋଭାଯାତ୍ରା, ସ୍ଥାନ: ମହିଳା ଥାନା ସମ୍ମୁଖରୁ ଜିଲାପାଳ ଅଫିସ ପର୍ଯ୍ୟନ୍ତ, ସମୟ : ପୂର୍ବାହ୍ନ ୧୦ଟା।
- ସିଏସ୍‌ଆଇଆର ପକ୍ଷରୁ ହନି ମିଶନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ଯୁଯୋମୁରା ବ୍ଲକ ମୂଷାକାନୀ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ପୌରାଞ୍ଚଳ ଯାଦବ ମହାସଭା ପକ୍ଷରୁ ନୂଆଖାଇ ଭେଟଘାଟ, ସ୍ଥାନ: ଯାଦବ ଭବନ, ବଲାଙ୍ଗୀର ସମୟ: ପୂର୍ବାହ୍ନ ୧୦ଟା ।
- ସମ୍ବିଧାନ ପ୍ରଣୟନ ସଭା ସଦସ୍ୟ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ସ୍କୁଲସ୍ତରୀୟ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ବଲାଙ୍ଗୀର ପବ୍ଲିକ ସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନଟ ।

## ସୁବର୍ଣ୍ଣପୁର

- କଳ୍ପାରମ୍ଭ, ପଞ୍ଚଦିବସୀୟ ପୂଜା, ସ୍ଥାନ: ଦୁର୍ଗା ମନ୍ଦିର, ତ୍ରିବେଣୀ ଛକ, ବୀରମହାରାଜପୁର, ସମୟ: ସକାଳ ୯ଟା ।
- ନବରାତ୍ର, ଘୃତଯଜ୍ଞ, ଚଣ୍ଡୀପାଠର ପଞ୍ଚମ ଦିବସ, ସ୍ଥାନ: କୋଟସମଲେଇ, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୯ଟା ।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲା ପରିଷଦ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗା ମନ୍ଦିରରେ ସ୍ୱତନ୍ତ୍ର ପୂଜା ଓ ନବରାତ୍ରି ପାଳନ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା ।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

## ବରଗଡ଼

- ସମଲେଶ୍ୱରୀଙ୍କ ଶାରଦୀୟ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ସକାଳ ୬ଟା ।
- ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଗୌରୀ ମଣ୍ଡପ, ନାଏକପଡ଼ା, ବରଗଡ଼, ସମୟ: ସକାଳ ୬ଟା ।
- ମାଁ ବାଟମଙ୍ଗଳାଙ୍କ ଶାରଦୀୟ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ଭଟଲି, ସମୟ: ସକାଳ ୬ଟା ।
- ଶାରଦୀୟ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ସୋହେଲା, ସମୟ: ସକାଳ ୭ଟା ।

## ସୁନ୍ଦରଗଡ଼

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଟାଙ୍ଗରପାଲି ବ୍ଲକ ସମ୍ମିଳନୀ କକ୍ଷ,ସମୟ:ସକାଳ ୧୦ଟା୩୦ ।

## ରାଉରକେଲା

- ନବରାତ୍ରି ପୀଠରେ ଷଷ୍ଠୀ ପାଳନ, ସ୍ଥାନ: ଜଗଦା ବାଟ ମା' ମଙ୍ଗଳା ଶକ୍ତିପୀଠ, ସମୟ: ସକାଳ ୯ଟା ।
- ସାଇସେବକ ମଣ୍ଡଳୀ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୨ ଲାଲ୍ ପଡ଼ିଆ, ସମୟ : ସକାଳ ୭ଟା ।
- ଇ–ସାହିତ୍ୟ ଆଲୋଚନା ଚକ୍ର, ସ୍ଥାନ: ବ୍ୟାସଭବନ, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ହିଲ୍‌ଟପ୍ ଟାୱାର, ସେକ୍ଟର–୧, ସମୟ: ସକାଳ ୬ଟା ।
- ଆମ୍ ଆଦ୍‌ମୀ ପାର୍ଟି ବୈଠକ, ସ୍ଥାନ: ପାର୍ଟି କାର୍ଯ୍ୟାଳୟ, ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୭ଟା ।
- ଗୋପବନ୍ଧୁ ଓ ଚିତ୍ତରଞ୍ଜନ ଜୟନ୍ତୀ, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ସେକ୍ଟର–୭, ସମୟ: ସନ୍ଧ୍ୟା ୬ଟା ।

## ଦେବଗଡ଼

- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି–୨୦୨୪, ସ୍ଥାନ: , ତିଲେଇବଣି ବ୍ଲକର ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି–୨୦୨୪, ସ୍ଥାନ: ବାରକୋଟ ବ୍ଲକର କାଉଁସି ବାହାଳ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉନ୍ନତମାନର ଫଳ ଉତ୍ପାଦନ ବୃଦ୍ଧି ନିମନ୍ତେ ୬ଦିନିଆ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗା ମନ୍ଦିରରେ ନବରାତ୍ରର ପଞ୍ଚମ ଦିବସ ପୂଜା ଆରମ୍ଭ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ଉତ୍ସବ, ସ୍ଥାନ: ଦେବଗଡ଼ କଲେଜ, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ କିଷାନ ସମ୍ମାନ ନିଧି ଯୋଜନାର ଚାଷୀଙ୍କୁ ୧୮ତମ କିସ୍ତି ହସ୍ତାନ୍ତର କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନକେନ୍ଦ୍ର, କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୧ଟା।
- ମା' ଦକ୍ଷିଣକାଳୀ ପୀଠରେ ନବରାତ୍ରର ପଞ୍ଚମ ଦିବସ ପୂଜା ଆରମ୍ଭ, ସ୍ଥାନ: ଶନି ମନ୍ଦିର, ଦେବଗଡ ସହର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସାର୍ବଜନୀନ ଦୁର୍ଗାପୂଜା କମିଟି ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଦେବଗଡ ମାର୍କେଟ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ମାତା କୁଷମାଣ୍ଡା ପୂଜା, ସ୍ଥାନ: ଦୁର୍ଗା ମଣ୍ଡପ, ତରବୋଡ, ସମୟ: ସକାଳ ୬ଟା ୩୦ ।
- ନବରାତ୍ର ଦୁର୍ଗା ପୂଜାରେ ମହାଆଳତି, ସ୍ଥାନ: ଶ୍ରୀରାମ ଛକ ଦୁର୍ଗା ମଣ୍ଡପ, ନୂଆପଡ଼ା, ସମୟ: ସକାଳ ୭ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହ, ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ର ଦୁର୍ଗାପୂଜା ଉପଲକ୍ଷେ ଦାଣ୍ଡିଆ ନୃତ୍ୟ, ସ୍ଥାନ: ତେଲିପଡ଼ା ଦୁର୍ଗା ମଣ୍ଡପ ନୂଆପଡା, ସମୟ: ରାତି ୮ଟା।
- ସ୍ୱର ଝଙ୍କାର ଲୋକକଳା ମଞ୍ଚ ଓଡ଼ିଶା ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡା ବ୍ଲକ ସାରାବଙ୍ଗ ପଞ୍ଚାୟତ ଭଇସମୁଣ୍ଡି ଗାଁ ଭାଇସିପାଟ ମନ୍ଦିର ପ୍ରାଙ୍ଗଣ, ସମୟ: ରାତି ୮ଟା।

## ବୌଦ୍ଧ

- ବୌଦ୍ଧ ନିର୍ବାଚନମଣ୍ଡଳୀରେ ବିଜେଡିର ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ତିଲେଶ୍ୱର, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଜନ ଶିବିର ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ, ଚାରିଛକ , ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦୁଃସ୍ଥାନସ୍ଥ ନୀଚସ୍ଥ ଚନ୍ଦ୍ର ହେତୁ ମାନସିକ ଅସ୍ଥିରତା ଭିତରେ ଦିନଟି କଟାଇବାକୁ ପଡ଼ିପାରେ। ଦୂରଯାତ୍ରା, ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳପ୍ରାପ୍ତି ଘଟିବ। ଭୁଲ ବୁଝାମଣାଜନିତ ପାରିବାରିକ ଅଶାନ୍ତି ସାଙ୍ଗକୁ ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** ଦିନଟିରେ ନିଜ ଲୋକଙ୍କ ବିରୋଧ ସାଙ୍ଗକୁ ବିଭିନ୍ନ ପ୍ରକାରର ଅଭାବ,ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ। କୃତ୍ତିକା ନକ୍ଷତ୍ର କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। କିଛି ମୂଲ୍ୟବାନ୍ ଜିନିଷ କିଣିବା କାରଣରୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ** ଆର୍ଦ୍ରା ନକ୍ଷତ୍ର ପାଇଁ ଅର୍ଥ ସଙ୍କଟ ଲାଗି ରହିଥିଲେ ମଧ୍ୟ ଆବଶ୍ୟକ ସମୟରେ ତାହା ପୂରଣ କରିବାରେ ସମର୍ଥ ହେବେ। ଘରୋଇ କାମରେ ବୟସ୍କ ବ୍ୟକ୍ତିମାନେ ସାହାଯ୍ୟ ପୂର୍ବକ ସହାନୁଭୂତି ପ୍ରକାଶ କରିବେ। ଯାତ୍ରା ସମୟରେ ଚୋରି, ପକେଟମାର କିମ୍ବା ନିଜର ଅସାବଧାନତା କିମ୍ବା ଅନ୍ୟମନସ୍କ ହେତୁ ଧନ ହାନିର ସୂଚନା ରହିଛି।

**କର୍କଟ** ପରିସ୍ଥିତି ପ୍ରତି ସଚେତନ ହୋଇ କାମ କରିବା ଦ୍ୱାରା କାର୍ଯ୍ୟ ହାସଲ ସାଙ୍ଗକୁ ବିଭିନ୍ନ ପ୍ରକାର ସୁବିଧା ଉପଭୋଗ କରିପାରିବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ସାହାଯ୍ୟ ସକାଶେ ବନ୍ଧୁଙ୍କୁ ସାହାଯ୍ୟ ଭିକ୍ଷା କରିବାକୁ ପଡିପାରେ। ଅଶ୍ଳେଷା ନକ୍ଷତ୍ର ଶିଳ୍ପ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ।

**ସିଂହ** ପାରିବାରିକ କ୍ଷେତ୍ରରେ ରହିଥିବା ବିଷମତା କାହା ସମ୍ମୁଖରେ ପ୍ରକାଶ କରିପାରିବେ ନାହିଁ। ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେବାରୁ ବ୍ୟସ୍ତତା ବଢ଼ିଯିବ। ସଭାସମିତିରେ ସମର୍ଥନ କିମ୍ବା ଆନୁଷ୍ଠାନିକ କାମରେ ସହଯୋଗ କାରଣରୁ ପ୍ରଶଂସିତ ହେବେ। ମଘା ନକ୍ଷତ୍ର ଅଭାବ ଅସୁବିଧା ମଧ୍ୟରେ କୌଣସି କାମ ଅଟକିବ ନାହିଁ।

**କନ୍ୟା** ଦୀର୍ଘଦିନରୁ ଅଟକି ରହିଥିବା କାମକୁ ପୂରାଦମରେ କରିଚାଲିବେ ତଥାପି ନିର୍ଦ୍ଦିଷ୍ଟ ସମୟରେ ତାହା ସମ୍ପନ୍ନ ନ ହୋଇପାରେ। ପୂର୍ବାଫାଲଗୁନୀ ନକ୍ଷତ୍ରର ସାଧାରଣ କଥାରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ସାଂଗଠନିକ କ୍ଷେତ୍ରରେ କିଛି ନୂତନ ଦିଗ୍‌ଦର୍ଶନ ଦେଇ ଲୋକମାନଙ୍କ ପ୍ରିୟଭାଜନ ହେବେ।

**ତୁଳା** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହିବ ନାହିଁ। କର୍ମକ୍ଷେତ୍ରରେ ଯେତେ ରାଗିଥିଲେ ମଧ୍ୟ ବନ୍ଧୁଙ୍କ ସାମ୍ନାରେ କିଛି କହିପାରିବେ ନାହିଁ। ସ୍ୱାତୀ ନକ୍ଷତ୍ର ସକାଶେ ପାନମସଲା, ତେଜରାତି ଦୋକାନ, ହୋଟେଲ ଓ ଷ୍ଟେସନେରି ବ୍ୟବସାୟରୁ ଭଲ ଲାଭ ହେବ। ରାଜନୀତି ଓ ପ୍ରଶାସନିକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିବ।

**ବିଛା** ଚନ୍ଦ୍ରଙ୍କ ଦୁର୍ବଳତା କାରଣରୁ ଯେତେ ପାଇଲେ ମଧ୍ୟ ମନରେ ସନ୍ତୋଷ ଆସିପାରିବ ନାହିଁ। କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ କ'ଣ ହେଲା ଏଣୁତେଣୁ ଗୁଡାଏ ବେକାର କଥାରେ ମନ ଅଶାନ୍ତ ରହିବ। ଭକ୍ତି ପ୍ରଦର୍ଶନ କରୁଥିବା କେତେକ ବ୍ୟକ୍ତି ପଛରେ ଗାଳିମନ୍ଦ ପୂର୍ବକ ବିଭିନ୍ନ ପ୍ରକାର ଅଶାଳୀନ ମନ୍ତବ୍ୟ ପ୍ରଦାନ କରିପାରନ୍ତି।

**ଧନୁ** ଆଜି ଉତ୍ତରାଷାଢା ନକ୍ଷତ୍ର ଅଯଥା ଖର୍ଚ୍ଚାନ୍ତ ହେବା କାରଣରୁ ମାନସିକ ସ୍ତର ଉତ୍ତେଜିତ ରହିପାରେ। ଘରେ ଅଶାନ୍ତିର ବାତାବରଣ ସାଙ୍ଗକୁ କର୍ମକ୍ଷେତ୍ରରେ ଉତ୍ତେଜନା, ଜମିଜମା କଳହକୁ ମଧ୍ୟ ଏଡି ହେବନି। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ସମ୍ମାନିତ ହେବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ।

**ମକର** ସାମାନ୍ୟ ବିଳମ୍ବରେ ଅଭିଳାଷ ପୂରଣ ହେବ, ତଥାପି ମନରେ ବିଭିନ୍ନ ଦୁର୍ଭାବନା ସ୍ଥାନ ପାଇବ। ଯେଉଁ କାମ କରିବାକୁ ମନସ୍ଥ କରିଛନ୍ତି, ତାହା ଯଥାଶୀଘ୍ର ହୋଇଯିବ। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ରୋଗ ଶଯ୍ୟାରେ ପଡିଥିବା ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ।

**କୁମ୍ଭ** କାମର ଚାପ ବୃଦ୍ଧି କାରଣରୁ ଘର କାମ ଛାଡି ଉପରିସ୍ଥଙ୍କ ନିର୍ଦ୍ଦେଶରେ କାମ କରିବାକୁ ବାଧ୍ୟହେବେ। ଶତଭିଷା ନକ୍ଷତ୍ର ଅସାବଧାନତାରୁ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। ସାମାଜିକ ସ୍ତରରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। କଳା, ସାହିତ୍ୟ ସମସ୍ୟାକୁ ସମାଧାନ କରିବେ ଏବଂ ଅଭିଳାଷ ପୂର୍ଣ୍ଣ ହେବ।

**ମୀନ** ପ୍ରତ୍ୟେକ କାର୍ଯ୍ୟରେ କିଛିନା କିଛି ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡ଼ିପାରେ। ଉତ୍ତରାଭାଦ୍ର ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଚିନ୍ତାରେ ପଡ଼ିବେ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ସାହିତ୍ୟ ଚର୍ଚ୍ଚା, ଶାସ୍ତ୍ରାଲୋଚନା, ସତ୍‌ସଙ୍ଗ, ଆଧ୍ୟାତ୍ମିକ ଚିନ୍ତନ କ୍ଷେତ୍ରରେ ସହଯୋଗ ଲାଭ କରି ଖୁସି ହେବେ।

ଆଜି ଅକ୍ଟୋବର ୭ ତାରିଖ, ବିଶ୍ୱ ପର୍ଯ୍ୟାବାସ ଦିବସ(ଅକ୍ଟୋବର ପ୍ରଥମ ସୋମବାର) ଆଶ୍ୱିନ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ସୋମବାର, ରାଶିନକ୍ଷତ୍ର–ଅନୁରାଧା/ବିଛା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୨ ଗତେ, ଘ.୦୭।୧୦ ମଧ୍ୟେ, ଘ. ୦୮।୫୦ ଗତେ, ଘ.୧୧।୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭।୧୦ ଗତେ, ଘ.୦୮।୩୮ ମଧ୍ୟେ ରାହୁକାଳ।

## ସୂଚନାଭବନ ପାର୍କିଂ ସ୍ଥଳରେ ହାଇଡ୍ରାମା

# ଭରତପୁର ଥାନା ଘଟଣାକୁ ନେଇ ହାତାହାତି ହେଲେ ଦୁଇ ମହିଳା

**ଭୁବନେଶ୍ୱର,୬।୧୦(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ସୂଚନାଭବନ ପାର୍କିଂସ୍ଥଳରେ ରବିବାର ହାଇଡ୍ରାମା ଦେଖିବାକୁ ମିଳିଛି। ସମାଜସେବୀ ବୋଲି ନିଜକୁ ଦାବି କରୁଥିବା ଦୁଇ ମହିଳା ହାତାହାତି ହୋଇଛନ୍ତି। ଜଣେ ମହିଳା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଉଥିବା ବେଳେ ଏହି ଘଟଣା ଘଟିଥିଲା। ଦୁଇ ମହିଳା ହାତାହାତି ହେବା ସହ ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ତେବେ ଭରତପୁର ଥାନାରେ ଆର୍ମି ଅଫିସର ଓ ବାନ୍ଧବୀଙ୍କୁ ନିର୍ଯାତନା ଘଟଣା ଏହାର ମୂଳ କାରଣ ବୋଲି ଜଣାପଡ଼ିଛି। ସମାଜୀସେବୀ ବୋଲି ଦାବି କରୁଥିବା ଜଣେ ମହିଳା ପୋଲିସକୁ ସମର୍ଥନ କରୁଥିବାବେଳେ ଅନ୍ୟ ଜଣେ ମହିଳା ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ସମର୍ଥନ କରୁଛନ୍ତି। ଉଭୟଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ କମେଣ୍ଟ ଦିଆନିଆ ଓ ଆକ୍ଷେପ ପ୍ରତିଆକ୍ଷେପରୁ ବଚସା ହୋଇଥିଲା। ଏପରିକି ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ ମଧ୍ୟ ହୋଇଥିଲା। ତେବେ ରବିବାର ଜଣେ ମହିଳା ଏହି ଘଟଣାକୁ କେନ୍ଦ୍ରକରି କିଛି ୱେବ୍ ମିଡିଆକୁ ପ୍ରତିକ୍ରିୟା ଦେଉଥିଲେ। ଏହି ସମୟରେ ଅନ୍ୟ ଜଣେ ମହିଳା ସେଠାକୁ ଆସି ତାଙ୍କୁ ବିରୋଧ କରିଥିଲେ। ଫଳରେ ପରିସ୍ଥିତି ଭୟଙ୍କର ହୋଇଥିଲ। ଦୁଇଜଣ ଚୁଟି ଟଣାଟଣି ଓ ମୁଥ ମରାମରି ହୋଇଥିଲେ। କିଛି ସମୟ ପାଇଁ ସେଠାରେ ଉତ୍ତେଜନା ଲାଗି ରହିଥିଲା। କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଏହି ଘଟଣାକୁ କେନ୍ଦ୍ର କରି ଉଭୟ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏନେଇ ତଦନ୍ତ ଜାରି ରଖିଛି।

## ପ୍ରଥମ ପୃଷ୍ଠାରୁ...

### ପୂଜା ଭିଡ଼ରେ ...

କର୍ମଚାରୀଙ୍କ ଦୁଃଖ ବୁଝିବାକୁ ସରକାର ଚେଷ୍ଟା କରନ୍ତୁ। ଏହା ଆମ ପେଟପାଟଣାର କଥା। ସରକାର ଆମ ଦାବି ଗ୍ରହଣ କରି ଏହି ସମସ୍ୟାର ସମାଧାନ କରନ୍ତୁ ବୋଲି ଅନୁରୋଧ କରୁଛୁ। ନଚେତ ସୋମବାରଠାରୁ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସେ କହିଥିଲେ। ତେବେ ବସ୍ ମାଲିକ ସଂଘର ଏହି ବନ୍ଦ ପାଳନ ଆରମ୍ଭ ହେଲେ ଲକ୍ଷାଧିକ ଯାତ୍ରୀଙ୍କ ଯାତାୟାତରେ ସମସ୍ୟା ହେବ।

### ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ୍ ...

କହିଥିଲେ। ବିଶ୍ୱାସ ନ ହେବାରୁ ସିସି କ୍ୟାମେରା ଦେଖିବାକୁ କହିଥିଲୁ। ଏହି ପରୀକ୍ଷା ପାଇଁ ପୂର୍ବାହ୍ନ ସାଢ଼େ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ କରାଯାଇଥିଲା। ମାତ୍ର ସିସିଟିଭିରେ ସାଢ଼େ ୯ଟାରେ ପ୍ରଶ୍ନପତ୍ର ସିଲ୍ ଖୋଲାଥିବା ଦେଖିବାକୁ ମିଳିଥିଲା। ଏନେଇ ପୋଲିସ୍‌କୁ ଜଣାଇବାକୁ ଚାହିଁବାରେ ତାଙ୍କୁ ବାହାରକୁ ଛଡ଼ା ଯାଇ ନ ଥିଲା। ଏପରିକି ଏକ ରୁମ୍‌ରେ ଅଟକ ରଖାଯିବାରୁ ସେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା କହିଛନ୍ତି। ଅପରପକ୍ଷରେ ପରୀକ୍ଷାର୍ଥୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ପରୀକ୍ଷାରେ କୌଣସି ବ୍ୟତିକ୍ରମ ହୋଇନାହିଁବୋଲି କେନ୍ଦ୍ରର ପରିଚାଳକ କହିଛନ୍ତି।

### ସ୍କୁଲରୁ ଫେରୁଥିବାବେଳେ ...

ଜଣକ ସ୍କୁଲ ଛୁଟି ପରେ ସାଙ୍ଗଙ୍କ ସହ କଳଣ୍ଡାସ୍ଥିତ ନିଜ ଭିଣୋଇଙ୍କ ଘରକୁ ଫେରୁଥିଲେ। ଏହି ସମୟରେ ସ୍ଥାନୀୟ ଯୁବକ ଶକ୍ତି କାର୍ଜୀ ତାଙ୍କୁ ଅନୁସରଣ କରୁଥିଲେ। ସାଙ୍ଗମାନେ ଟିକେ ଆଗକୁ ପଳାଇଯିବାର ସୁଯୋଗ ନେଇ ଅଭିଯୁକ୍ତ ଛାତ୍ରୀଙ୍କୁ ଜଙ୍ଗଲ ଭିତରକୁ ଟାଣି ନେଇ ବଳାତ୍କାର କରିଥିଲେ। ଚିତ୍କାର ଶୁଣି ପାଖରେ ଥିବା ଲୋକେ ଆସିଯିବାରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପୀଡ଼ିତାଙ୍କ ଏତଲାକ୍ରମେ ଏକ ମାମଲା(ନଂ. ୨୦୦/୨୦୨୪) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ରବି ଶଙ୍କର ବୈଶ କହିଛନ୍ତି। ଜଣେ ଆଦିବାସୀ ଝିଅଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ଦଣ୍ଡ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ପାକିସ୍ତାନକୁ ହରାଇଲା ...

ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନରେ ରହିଛି। ଭାରତ ଏହି ମ୍ୟାଚରେ ପୂଜା ବସ୍ତ୍ରକାରଙ୍କ ସ୍ଥାନରେ ସଜୀବନ୍ ସଜନାଙ୍କୁ ଖେଳାଇଥିଲା। ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିଥିଲା। ଏସିଆନ୍ ଚାମ୍ପିୟନ ଶ୍ରୀଲଙ୍କାକୁ ପ୍ରଥମ ମ୍ୟାଚ୍‌ରେ ପରାସ୍ତ କରିଥିବା ପାକିସ୍ତାନକୁ ପ୍ରଥମ ଓଭରରେ ଝଟକା ଦେଇଥିଲେ ରେଣୁକା ସିଂ ଠାକୁର। ଗୁଲ ଫିରୋଜାଙ୍କୁ ଖାତା ଖୋଲିବା ଆଗରୁ ସେ ପ୍ୟାଭିଲିୟନ ଫେରାଇଥିଲେ। ମୁନିବା ଅଲୀ ୧୭ ରନ୍ କରିଥିଲେ ମଧ୍ୟ ପାକିସ୍ତାନର ରନ୍‌ଗତିକୁ ନିୟନ୍ତ୍ରଣରେ ରଖିଥିଲେ ଭାରତୀୟ ବୋଲର। ଅରୁନ୍ଧତୀ ରେଡ୍ଡୀ ଓ ଶ୍ରେୟଙ୍କା ପାଟିଲ ଚମତ୍କାର ବୋଲିଂ କରିବା ସହ ରନ୍ ଗତି ଉପରେ ଅଙ୍କୁଶ ଲଗାଇଥିଲେ। ପାକିସ୍ତାନ ମଧ୍ୟକ୍ରମରେ ସିଦ୍ରା ଅମିନ(୮), ଓମାଇମା ସୋହେଲ(୩) ଓ ଆଲିୟା ରିଆଜ୍(୩) ବିଫଳ ହୋଇଥିଲେ। ତେବେ ଅଭିଜ୍ଞ ନିଦା ଦର ସର୍ବାଧିକ ୨୮ ରନ୍ କରିଥିଲେ। ୩୪ ବଲ୍ ଖେଳି ସେ ଗୋଟିଏ ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ଫାତିମା ସାନା ୧୩ ଓ ସୟଦା ଅରୁବା ଶାହ ଅପରାଜିତ ୧୪ ରନ୍ କରିବାରୁ ପାକିସ୍ତାନ ୧୦୫ରେ ପହଞ୍ଚିଥିଲା। ଭାରତ ପକ୍ଷରୁ ଅରୁନ୍ଧତୀ ରେଡ୍ଡୀ ୩ ଓ ଶ୍ରେୟଙ୍କା ପାଟିଲ ୨ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଣୁକା, ଦୀପ୍ତି ଶର୍ମା ଓ ଆଶା ଶୋବନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୦୬ ରନ୍ ଲକ୍ଷ୍ୟ ନେଇ ଆରମ୍ଭ କରିଥିବା ଭାରତ ଆକ୍ରମଣାତ୍ମକ ଖେଳିବା ଆଶା କରାଯାଉଥିଲା। ତେବେ ଦୁଇ ଓପନର ସ୍ମୃତି ମାନ୍ଧନା(୭) ଓ ଶେଫାଳି ବର୍ମା(୩୨) ଧିମା ବ୍ୟାଟିଂ କରି ପ୍ରଥମ ଉଇକେଟରେ ୧୮ ରନ୍ ଯୋଡିଥିଲେ। ପରେ ଜେମିମା ରୋଡ୍ରିଗୁଏଜ(୨୩) ଓ ଶେଫାଳି ବର୍ମା ତୃତୀୟ ଉଇକେଟରେ ୪୩ ରନ୍ ଯୋଡିଥିଲେ। ଜେମିମା ଖାତା ଖୋଲିବା ଆଗରୁ ଲଗାତର ବଲରେ ଆଉଟ ହୋଇଥିଲେ। ଅଧିନାୟିକା ହରମନ୍‌ପ୍ରୀତ୍ କୌର ୨୪ ବଲ୍‌ରୁ ୨୯ ରନ୍ କରିଥିବା ବେଳେ ରିଟାୟର୍ଡ ହର୍ଟ ହୋଇଥିଲେ। ବିଜୟ ପାଇଁ ୪ ରନ ଆବଶ୍ୟକ ଥିବା ହରମନଙ୍କ ଗୋଡ ଖସିବା କାରଣରୁ ବେକରେ ଆଘାତ ଲାଗିଥିଲା। ସଜୀବନ୍ ସଜନା ପ୍ରଥମ ବଲରେ ଚୌକା ମାରି ମ୍ୟାଚକୁ ଷ୍ଟାଇଲରେ ଶେଷ କରିଥିଲେ। ପାକିସ୍ତାନ ପକ୍ଷରୁ ଫାତିମା ସାନା ୨, ଓମାଇମା ସୋହେଲ ଓ ସାଦିଆ ଇକବାଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଭାରତର ଅରୁନ୍ଧତୀ ରେଡ୍ଡୀଙ୍କୁ ପ୍ଲେୟର ଅଫ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

ସଂକ୍ଷିପ୍ତ ସ୍କୋର: ପାକିସ୍ତାନ ୨୦ ଓଭରରେ ୧୦୫/୮(ନିଦା ଦର–୨୮, ମୁନିବା ଅଲୀ–୧୭, ସୟଦା ଅରୁବା–୧୪*, ଅରୁନ୍ଧତୀ ରେଡ୍ଡୀ–୩/୧୯, ଶ୍ରେୟଙ୍କା ପାଟିଲ–୨/୧୨, ରେଣୁକା ସିଂ–୧/୨୩)। ଭାରତ ୧୮.୫ ଓଭରରେ ୧୦୮/୪ (ଶେଫାଳି ବର୍ମା–୩୨, ହରମନ୍‌ପ୍ରୀତ୍ କୌର–୨୯, ଜେମିମା ରୋଡ୍ରିଗୁଏଜ–୨୩, ଫାତିମା ସାନା–୨/୨୩, ଓମାଇମା ସୋହେଲ–୧/୧୭, ସାଦିଆ ଇକବାଲ–୧/୨୩)।

# ଗାଜା ମସ୍‌ଜିଦରେ ଆକ୍ରମଣ: ୨୬ ମୃତ

**ଦେଇର ଅଲ୍–ବଲାହ, ୬।୧୦**

ଇସ୍ରାଏଲୀ ସେନା କେନ୍ଦ୍ରୀୟ ଗାଜାର ଏକ ମସ୍‌ଜିଦ ଉପରେ ରବିବାର ଭୋର ସମୟରେ ଏୟାର ଷ୍ଟ୍ରାଇକ୍ କରିବାରୁ ଅନ୍ୟୂନ ୨୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଛନ୍ତି। ଦେଇର ଅଲ୍–ବଲାହ ସହରର ଅଲ୍–ଅକ୍‌ସା ଶହୀଦ ହସ୍ପିଟାଲ ନିକଟରେ ଥିବା ଉକ୍ତ ମସ୍‌ଜିଦ ପରିସରରେ ଅନେକ ବିସ୍ଥାପିତ ଲୋକ ଆଶ୍ରୟ ନେଇଥିଲେ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି। ବିସ୍ଥାପିତମାନଙ୍କ ଆଶ୍ରୟସ୍ଥଳକୁ ଇସ୍ରାଏଲ୍ ସେନା ଟାର୍ଗେଟ କରୁଥିବା ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଅନ୍ୟପକ୍ଷରେ ହମାସ୍ ଆତଙ୍କବାଦୀମାନେ ଉକ୍ତ ମସ୍‌ଜିଦରେ ରହି ସେଠାରୁ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଉଥିଲେ। ସେଥିପାଇଁ ମସ୍‌ଜିଦ ଉପରେ ଆକ୍ରମଣ କରାଗଲା ବୋଲି ଇସ୍ରାଏଲ୍ ସେନା କହିଛି।

ଇସ୍ରାଏଲ୍ ସେନା ଶନିବାର ଲେବାନନ୍ ଉପରେ ଜୋର୍‌ଦାର ବୋମାମାଡ଼ କରିଥିଲା। ଆକ୍ରମଣ ବଢୁଥିବାରୁ ପାଲେଷ୍ଟାଇନ୍ ଶରଣାର୍ଥୀଙ୍କ ସମେତ ଅନେକ ହଜାର ଲେବାନନ୍ ନାଗରିକ ଦେଶ ଛାଡ଼ି ପଳାୟନ କଲେଣି। ଗାଜାରେ ଇସ୍ରାଏଲ୍ ଯୁଦ୍ଧକୁ ବର୍ଷେ ପୂରୁଥିବାରୁ ତୁରନ୍ତ ଅସ୍ତ୍ରବିରତି ସହ ଶାନ୍ତି ସ୍ଥାପନ ପାଇଁ ବିଭିନ୍ନ ଦେଶରେ ରାଲି ଆୟୋଜନ କରାଯାଇଛି।

**ସମୁଦ୍ରରେ ବୁଡ଼ି କଲେଜ ଛାତ୍ରଙ୍କ ମୃତ୍ୟୁ**

ଗଞ୍ଜାମ,୬।୧୦(ବିଦ୍ୟାଧର ସାହୁ): ଗଞ୍ଜାମ ଜିଲା ରମ୍ଭା ଥାନା ଅଧୀନ ବଟେଶ୍ୱର ବେଳାଭୂମିକୁ ରବିବାର ସାଙ୍ଗମାନଙ୍କ ସହ ଯାଇଥିବା ଜଣେ କଲେଜ ଛାତ୍ରଙ୍କ ସମୁଦ୍ରରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର କାରିଣୀସାହିର ସୀତାରାମ ସାହୁଙ୍କ ଏକମାତ୍ର ପୁଅ ଅଭିଜିତ ସାହୁ (୧୭)। ଛତ୍ରପୁର ବିଜ୍ଞାନ କଲେଜରେ ଯୁକ୍ତ ୨ କଳାରେ ପଢୁଥିବା ଅଭିଜିତ ଓ ତାଙ୍କର ୩/୪ ଜଣ ସାଙ୍ଗ ଅପରାହ୍ନରେ ବଟେଶ୍ୱର ବେଳାଭୂମିକୁ ଯାଇଥିଲେ। କୌଣସି କାରଣରୁ ଅଭିଜିତ ପାଣିକୁ ଯାଇଥିବା ବେଳେ ବୁଡି ଯାଇଥିଲେ। ସାଙ୍ଗମାନେ ତାଙ୍କୁ ତୁରନ୍ତ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ଅଭିଜିତଙ୍କୁ ଛତ୍ରପୁର ମେଡିକାଲ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମେଡକାଲରେ ପହଞ୍ଚି ମୃତଦେହ ଜବତ କରିଛି।




ସାଇ ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରବିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ 'ନୃତ୍ୟ ମୋହିନୀ'ରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର)**

# ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)

## ଆଜି ମାଓବାଦୀ ମୁକାବିଲା ବୈଠକରେ ଯୋଗଦେବେ



ଦିଲ୍ଲୀରେ ସୋମବାର ବସିବାକୁ ଥିବା ମାଓବାଦୀ ମୁକାବିଲା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଏଥିପାଇଁ ରବିବାରଠାରୁ ମୁଖ୍ୟମନ୍ତ୍ରୀ ତିନିଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ମାଓବାଦୀ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ବୈଠକ ଅନୁଷ୍ଠିତ ହେବ। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଏହି ବୈଠକ ବସିବ। ଏଥିରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ। ମାଓବାଦୀ ପ୍ରଭାବିତ ରାଜ୍ୟଗୁଡ଼ିକୁ ବିକାଶମୂଳକ ସହଯୋଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୫ ଜଣ କେନ୍ଦ୍ରମନ୍ତ୍ରୀ ମଧ୍ୟ ଏହି ବୈଠକରେ ସାମିଲ ହେବେ। ସେହିଭଳି ଅତିରିକ୍ତ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସମେତ କେନ୍ଦ୍ର, ରାଜ୍ୟର ବରିଷ୍ଠ ଅଧିକାରୀ, କେନ୍ଦ୍ରୀୟ ସଶସ୍ତ୍ର ବଳର ଅଧିକାରୀମାନେ ମଧ୍ୟ ସାମିଲ ହେବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ବର୍ଷ ମଧ୍ୟ ଅକ୍ଟୋବର ୬ ତାରିଖରେ ମାଓବାଦୀ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଅମିତ ଶାହା ସମୀକ୍ଷା ବୈଠକ କରିଥିଲେ। ଏଥିରେ ମାଓବାଦୀଙ୍କୁ ମୂଳୋତ୍ପାଟନ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ବିସ୍ତୃତ ନିର୍ଦ୍ଦେଶନାମା ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କିଛି କେନ୍ଦ୍ରମନ୍ତ୍ରୀଙ୍କୁ ମଧ ଭେଟିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ଓଡ଼ିଶା ପାଇଁ କିଛି ନୂଆ ପ୍ରକଳ୍ପ ଅନୁମୋଦନ କରିବା ବାବଦରେ କେନ୍ଦ୍ରମନ୍ତ୍ରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ ବୋଲି ସୂଚନା ମିଳିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଭବନର ନୂଆ ବିଲ୍ଡିଂ କାର୍ଯ୍ୟର ସମୀକ୍ଷା କରିପାରନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ପିଜିଟି ଲିଖିତ ପରୀକ୍ଷା ବାତିଲ

**ପଦାର୍ଥ ବିଜ୍ଞାନ, ଗଣିତ ଏବଂ ଓଡ଼ିଆ ପରୀକ୍ଷା ସ୍ଥଗିତ**

ଭୁବନେଶ୍ୱର,୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ପୋଷ୍ଟ ଗ୍ରାଜୁଏଟ୍ ଟିଚର୍ସ (ପିଜିଟି) ନିଯୁକ୍ତି ନେଇ ୩ଟି ଅପ୍ସନାଲ ବିଷୟ ପଦାର୍ଥ ବିଜ୍ଞାନ, ଗଣିତ ଏବଂ ଓଡ଼ିଆ (ପେପର- ୧ ଓ ପେପର -୨) ପାଇଁ ରବିବାର ହେବାକୁ ଥିବା ଲିଖିତ ପରୀକ୍ଷା ବାତିଲ ହୋଇଛି। ଏନେଇ ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଅନିବାର୍ଯ୍ୟ କାରଣ ଦର୍ଶାଇ ଓପିଏସ୍‌ସି ଏସବୁ ପରୀକ୍ଷା ବାତିଲ କରିଥିବାବେଳେ ପରବର୍ତ୍ତୀ ସମୟରେ ନୂଆ ତାରିଖ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ସେଥିପାଇଁ ଓପିଏସ୍‌ସି ୱେବ୍‌ସାଇଟକୁ ନିୟମିତ ଭାବେ ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ଅନ୍ୟ ଅପ୍ସନାଲ ବିଷୟଗୁଡ଼ିକର ଲିଖିତ ପରୀକ୍ଷା ଧାର୍ଯ୍ୟ ସୂଚୀ ଅନୁସାରେ କରାଯିବ ବୋଲି ଓପିଏସ୍‌ସି ସୂଚନା ଦେଇଛି।

# ବେଆଇନ ଖଣି ଖନନ: ୨୪.୨୧ କୋଟି ଜରିମାନା

ନୟାଗଡ଼,୬।୧୦(ଲୋକନାଥ ମିଶ୍ର)



**ଅର୍ଥ ଭରିବେ ଭାପୁର ବ୍ଲକ ଉପାଧ୍ୟକ୍ଷ**

- ଜଙ୍ଗଲ ଜମିରେ ବି ଚାଲିଥିଲା ଖନନ
- ଖଣି ଖନନ ବନ୍ଦ ସହ ୧୬୩ ଧାରା ଜାରି କରିଛି ଖଣି ବିଭାଗ

ମାତ୍ରାଧିକ ଖଣି ଖନନ ଓ ଜଙ୍ଗଲ ଜମିରେ ବେଆଇନ ଖଣିରୁ ପଥର ଚାଲାଣ ପ୍ରମାଣିତ ହେବା ପରେ ନୟାଗଡ଼ ଜିଲା ଭାପୁର ବ୍ଲକ୍‌ର ବିଜେଡି ନେତା ତଥା ଭାପୁର ବ୍ଲକ୍ ଉପାଧ୍ୟକ୍ଷ ଲିଜ୍‌ଧାରୀ ବେଣୁଧର ପ୍ରଧାନଙ୍କୁ ୨୪ କୋଟି ୨୧ ଲକ୍ଷ ୨୦ ହଜାର ୭୦୭ ଟଙ୍କା ଜରିମାନା ହୋଇଛି। ଏଥିସହିତ ଖଣି ଖନନକୁ ବନ୍ଦ କରାଯିବା ସହ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଜାରି କରିଛି ଖଣି ବିଭାଗ। ଗତ ସେପ୍ଟେମ୍ବର ୨୦ ତାରିଖ ସୁଦ୍ଧା ଜରିମାନା ଦେବାକୁ ନିର୍ଦ୍ଦେଶ ଥିଲା। ହେଲେ ଲିଜ୍‌ଧାରୀ ଏ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଭାପୁର ତହସିଲ ନିମାଣି ଗାଁ ନିକଟସ୍ଥ କାଶିଆ ପାହାଡ଼ ଖଣିକୁ ପ୍ରଧାନ ଲିଜ୍‌ରେ ନେଇଥିଲେ। କାଶିଆ ପାହାଡ଼ରୁ ଲିଜ୍‌ଠାରୁ ଅଧିକ ପରିମାଣର ଖଣି ଖନନ କରାଯାଇଥିଲେ ମଧ ଚଢ଼ାଉ କି ଧରପଗଡ଼ କରାଯାଉ ନ ଥିଲା। ଏପରି କି ଖଣି ବିଭାଗ ତାଙ୍କୁ ଅନୁକମ୍ପା ପ୍ରଦର୍ଶନ କରି ଆସୁଥିଲେ ବୋଲି ଅଭିଯୋଗ ହୋଇଥିଲା। କାଶିଆ ପାହାଡ଼ରେ ଦିନତମାମ ବ୍ଲାଷ୍ଟିଂ ଯୋଗୁ ଆଖପାଖର ଘରଦ୍ୱାର ଫାଟି ନଷ୍ଟ ହୋଇଥିଲା। ପୁଣି ଚାଷ ଜମିରେ ଫସଲ ନଷ୍ଟ ହେବା ସହ ଅଧିକ ଜମି ପଡ଼ିଆ ପଡିଥିଲା। ଏପରି କି ଖଣିରୁ ହାଇୱା ଯୋଗେ ପଥର ବୁହା ଚାଲିଥିଲା। ଏଥିପାଇଁ ପାହାଡ଼ ମାଟିରେ ମିଶିବାକୁ ବସିଥିବାବେଳେ ଜଙ୍ଗଲ ଜନ୍ତୁଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏପରି କି ପରିବେଶ ସନ୍ତୁଳନ ବିଗିଡ଼ି ଚାଲିଥିଲା। ସେହିଭଳି ଖଣିରେ ବେଆଇନ କାର୍ଯ୍ୟ ଯୋଗୁ ସରକାର ରାଜସ୍ୱ ହରାଉଥିବାବେଳେ ସ୍ଥାନୀୟ ଲୋକ ଅଭିଶପ୍ତ ଜୀବନଯାପନ କରୁଥିଲେ। ଏପରି ସ୍ଥଳେ ୨୦୨୪ରେ ବେଆଇନ ଖନନ ବଢ଼ି ଚାଲିଥିଲା। ବାରମ୍ବାର ଅଭିଯୋଗ ପରେ ବନ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ତଦନ୍ତ କରାଯାଇଥିଲା। ନୟାଗଡ଼ ଡିଏଫ୍‌ଓଙ୍କ ପତ୍ରାଙ୍କ ୧୧୬୪/୩।୨।୨୦୨୪ ଦର୍ଶାଇଥିଲା ବେଆଇନ ଖଣି ଖନନ ଚାଲୁ ରହିଛି। ପରେ ବନ ବିଭାଗ ପକ୍ଷରୁ ଜିଲାପାଳ, ଖଣି ଅଧିକାରୀ ଓ ପିସିସିଏଫ୍‌ଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଥିଲା। ଏହା ପରେ ବି କାର୍ଯ୍ୟାନୁଷ୍ଠାନ ନ ଥିଲା। ବିଜେଡି ସରକାର ହଟିବା ପରେ ନୂଆ ସରକାର ଚଢ଼ାଉକୁ ଗୁରୁତ୍ୱ ଦେଇଥିଲେ। ଜୁଲାଇ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ କାଶିଆ ପାହାଡ଼ରେ ଯାଞ୍ଚ ଓ ଚଢ଼ାଉ ହୋଇଥିଲା। ବିଳମ୍ବରେ ହେଲେ ବି କାର୍ଯ୍ୟାନୁଷ୍ଠାନ ହୋଇଛି। ମାଇନିଂ ଅଫିସ ନୟାଗଡ଼ ପକ୍ଷରୁ ଚିଠି ନଂ.୬୬୮/୧୭।୮।୨୦୨୪ରେ ଲିଜ୍‌ଧାରୀଙ୍କୁ ଜରିମାନା କରାଯାଇଛି।

ଏନେଇ ଲିଜ୍‌ଧାରୀ ବେଣୁଧର ପ୍ରଧାନ କୁହନ୍ତି, କାଶିଆ ପାହାଡ଼ ଲିଜ୍ ନେଇ ୨୪ କୋଟି ଟଙ୍କା ଜରିମାନା ଭରଣା କରିବାକୁ ଦିଆଯାଇଥିବା ବିଭାଗୀୟ ଆଦେଶକୁ ବିରୋଧ କରି ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି। କୋର୍ଟରେ ମାମଲା ବିଚାରାଧୀନ ଥିବାରୁ କିଛି ମନ୍ତବ୍ୟ ଦେବା ଠିକ୍ ହେବନି। କୋର୍ଟ ଉପରେ ଆମର ସମ୍ପୂର୍ଣ୍ଣ ଭରସା ଅଛି। ଆମେ ନ୍ୟାୟ ପାଇବୁ ବୋଲି ସେ କହିଛନ୍ତି।

# ୧୨ ଜିଲାକୁ ବିଜୁଳି, ଘଡ଼ଘଡ଼ି ଭୟ

ଭୁବନେଶ୍ୱର,୬।୧୦(ଅନୁରାଧା ମହାରଣା)

ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଆଖପାଖ ଅଞ୍ଚଳରେ ସମୁଦ୍ର ପତନଠାରୁ ୩.୧ କିମି ଉର୍ଦ୍ଧ୍ୱରେ ଘୂର୍ଣ୍ଣବଳୟ ପ୍ରବାହିତ ହେଉଛି। ସେହିପରି ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଆନ୍ଧ୍ରପ୍ରଦେଶ ଉପକୂଳରେ ଏକ ଉର୍ଦ୍ଧ୍ୱବାୟୁ ଘୂର୍ଣ୍ଣବଳୟ ସମୁଦ୍ର ପତନଠାରୁ ୧.୫ କିମିରୁ ୪.୫ କିମି ମଧ୍ୟରେ ବ୍ୟାପିଛି। ଏଥିସହ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରବିବାର ଉତ୍ତରପ୍ରଦେଶ, ଗୁଜରାଟ, ମଧ୍ୟ ପ୍ରଦେଶ ସହ ମହାରାଷ୍ଟ୍ରର କିଛି ଅଂଶ ଏବଂ ଉତ୍ତରଆରବ ସାଗରରୁ ପ୍ରତ୍ୟାବର୍ତ୍ତନ କରିଛି। ଏପରିସ୍ଥିତିରେ ଓଡ଼ିଶାରେ ଗୁଳୁଗୁଳି ସହ ମଝିରେ ମଝିରେ ବର୍ଷା ହେଉଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ସୂଚନାନୁସାରେ, ସୋମବାର ଉପକୂଳ ଓଡ଼ିଶାର କିଛି ସ୍ଥାନସହ କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼ ଆଦି ଜିଲାରେ ଘଡ଼ଘଡ଼ି ଓ ବିଜୁଳି ସହ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ। ତେଣୁ ଘଡ଼ଘଡ଼ି ଓ ବିଜୁଳି ନେଇ ଏହି ୧୨ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବଡ଼ ବର୍ଷା ନ ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ଜଣେ ମୃତ

ଚିକିଟି/ପାତ୍ରପୁର,୬।୧୦
(ପ୍ରକାଶ ଚନ୍ଦ୍ର ସାହୁ/ଉମାଚରଣ ନେପାକ)

**୨ ଓଡ଼ିଆ ଶ୍ରମିକ ଗୁରୁତର**

ବିଶାଖାପାଟଣାରେ ଏକ ଘରେ ରୋଷେଇ କରୁଥିବା ସମୟରେ ଶନିବାର ରାତି ୮ଟାରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ଜଣଙ୍କର ମୃତ୍ୟୁ ଘଟିଛି। ଦୁଇ ଜଣ ଗୁରୁତର ହୋଇଥିବା ଜଣାପଡିଛି। ମୃତକ ଜଣକ ଆନ୍ଧ୍ର ସୀମାନ୍ତ ଅଞ୍ଚଳର ହୋଇଥିବା ବେଳେ ଗୁରୁତର ୨ଜଣ ଓଡ଼ିଶାର ଗଞ୍ଜାମ ଜିଲାର। ସେମାନେ ହେଲେ ଚିକିଟି ବ୍ଲକ ଅନ୍ତର୍ଗତ ସୁମାଣ୍ଡି ଗ୍ରାମର ଲୋକନାଥ ମୂଳି ଓ ପାତ୍ରପୁର ବ୍ଲକ ଅନ୍ତର୍ଗତ ଅନ୍ତରସିଙ୍ଗି ଗ୍ରାମର କ୍ରିଷ୍ଣା ରେଡ୍ଡୀ। ଲୋକନାଥ, କ୍ରିଷ୍ଣା ଓ ଆନ୍ଧ୍ର ଅଞ୍ଚଳର ବ୍ୟକ୍ତି ଜଣକ ମିଶି ଦୀର୍ଘ ବର୍ଷ ଧରି ବିଶାଖାପାଟଣା ସ୍ଥିତ ଫ୍ଲାଇ ଆଶ୍ ନାମକ ଇଟା କମ୍ପାନୀରେ କାମ କରି ଆସୁଥିଲେ। ଶନିବାର ସନ୍ଧ୍ୟାରେ ସେମାନେ ଘରକୁ ଫେରି ରୋଷେଇ କରୁଥିବା ବେଳେ ହଠାତ୍ ଗ୍ୟାସ୍ ଲିକ୍ ହୋଇ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ଏଥିରେ ସମ୍ପୃକ୍ତ ତିନି ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ଅବସ୍ଥାରେ ସେମାନଙ୍କୁ ବିଶାଖାପାଟଣାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ଆନ୍ଧ୍ର ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଲୋକନାଥ ଓ କ୍ରିଷ୍ଣା ଚିକିତ୍ସାଧୀନ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ସୁମାଣ୍ଡି ସରପଞ୍ଚ ଜିବା ରଞ୍ଜନ ରେଡ୍ଡୀ କହିଛନ୍ତି।

# ରାସ୍ତା କାମ ଅଧାପନ୍ତରିଆ | ୬ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ

ଛତ୍ରପୁର,୬।୧୦(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଠିକାଦାରଙ୍କ ଜରିଆରେ କରାଯାଉଥିବା ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। ଏପରି କି ୪ଟି ରାସ୍ତା ନିର୍ମାଣ କାର୍ଯ୍ୟର ଠିକାଦାରଙ୍କ ସହ ଚୁକ୍ତି ଅବଧି ସରିଯାଇଥିଲେ ସୁଦ୍ଧା କାମ ସରୁନି। କେତେକ ରାସ୍ତାର ନିର୍ମାଣ ଅଧାପନ୍ତରିଆ ରଖି ଠିକାଦାରଙ୍କ ଆଉ ଦେଖା ମିଳୁନି। ବିଭାଗ ପକ୍ଷରୁ ଠିକାଦାରମାନଙ୍କୁ ବାରମ୍ବାର କାରଣ ଦର୍ଶାଅ ନୋଟିସ କରାଯାଉଥିଲେ ହେଁ କୌଣସି ସୁଫଳ ମିଳୁନି। ଉଭୟ ପ୍ରଧାନମନ୍ତ୍ରୀ ସଡକ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡକ ଯୋଜନା କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି। ରାସ୍ତା କାମ ଅଧାପନ୍ତରିଆ ପାଇଁ ବ୍ରହ୍ମପୁରସ୍ଥିତ ଗ୍ରାମ୍ୟ କାର୍ଯ୍ୟ ଡିଭିଜନ ଗଞ୍ଜାମ-୧ର ଅତିରିକ୍ତ ମଖ୍ୟଯନ୍ତ୍ରୀଙ୍କ ପକ୍ଷରୁ ପୁଣି ଥରେ ୬ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଚୁକ୍ତିର କ୍ଲଜ ୨ (ବି)(ଆଇ) ଚୁକ୍ତି ଆଧାରରେ କାହିଁକି କାର୍ଯ୍ୟାନୁଷ୍ଠାନ ସହ ଜରିମାନା ଆଦାୟ ନ ହେବ ସେନେଇ ଉତ୍ତର ରଖିବାକୁ କୁହାଯାଇଛି।

ମିଳିଥିବା ସୂଚନା ଅନୁସାରେ ଆରଡି ରୋଡ୍‌ଠାରୁ କାଉରିଝର ଭାୟା ତେନ୍ତୁଳିପଲ୍ଲୀ ରାସ୍ତା କାମ ଚଳିତ ମାସ ୯ରେ ସରିବା ପାଇଁ ଚୁକ୍ତି ରହିଛି। ବର୍ତ୍ତମାନ ସୁଦ୍ଧା ମାତ୍ର ୨୪.୫୨ ପ୍ରତିଶତ କାମ ସରିଛି। ସେହିପରି ଏନ୍‌ଏଚ୍-୧୬ ମଙ୍ଗଳା ଠାକୁରାଣୀ ମନ୍ଦିର ଠାରୁ ଗୋପକୁଦା ରାସ୍ତା ଅଗଷ୍ଟ ୬ରେ ସରିବା କଥା। ଏହି ରାସ୍ତା ୨୧.୫୭ ପ୍ରତିଶତ କାମ ସରିଛି। ବାଦପଲ୍ଲୀଠାରୁ ମାରେଇ ନୂଆଗାଁ ରାସ୍ତା ଅଗଷ୍ଟ ୧୯ରେ ସରିବାକୁ ଥିଲେ ହେଁ ମାତ୍ର ୩୯.୨୦ ପ୍ରତିଶତ ରାସ୍ତା କାମ ସରିଛି। ସେହିପରି ବାଲୁକେଶ୍ୱରପୁରଠାରୁ ବାଟଗାଁ ରାସ୍ତା କାମ ଅଗଷ୍ଟ ୯ରେ ସରିବା କଥା, ଏହି ରାସ୍ତା ୩୦.୮ ପ୍ରତିଶତ, ବିରିପୁରଠାରୁ କେନ୍ଦୁବାଡି ଭାୟା ପୁଣିଜାମା ବ୍ରହ୍ମାଦେବୀ ରାସ୍ତା କାମ ୨୦୨୫ ଜାନୁଆରୀ ୨୬ ତାରିଖରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏବେ ସୁଦ୍ଧା ୩୦.୮ ପ୍ରତିଶତ କାମ ସରିଛି। କମ୍ପିଉରା ଖାନି ରାସ୍ତା କାମ ଡିସେମ୍ବର ୫ରେ ସାରିବାକୁ ଠିକାଦାରଙ୍କ ସହ ଚୁକ୍ତି ହୋଇଛି। ଏବେସୁଦ୍ଧା ୨୯.୧୮ ପ୍ରତିଶତ ରାସ୍ତା କାମ ସରିଥିବା କୁହାଯାଇଛି।

# କଣ୍ଟେନର-ଲୁହା ବୋଝେଇ ଟ୍ରକ୍ ଧକ୍କା | ୨ ଚାଳକ ଜୀବନ୍ତ ଦଗ୍ଧ



ଦୁର୍ଘଟଣା ପରେ ରାସ୍ତାରେ ଜଳୁଥିବା ଗାଡ଼ି।

ଜମନକିରା, ୬।୧୦
(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ରାଜ୍ୟ ରାଜପଥ ୫୩ର ବଡ଼ କୁଣ୍ଡେଇସରା ନିକଟରେ ରବିବାର ରାତିରେ ଏକ କଣ୍ଟେନର ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟି ୨ଗାଡ଼ି ଚାଳକ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଅଗ୍ନିସେବା ଅଧିକାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ମୃତ ୨ ଗାଡି ଚାଳକଙ୍କ ପରିଚୟ ମିଳି ପାରିନାହିଁ।

ପୋଲିସ ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୮ଟା ବେଳେ ବଡ କୁଣ୍ଡେଇସରା ପେଟ୍ରୋଲ ଟାଙ୍କି ନିକଟରେ ଦେବଗଡ଼ ଅଭିମୁଖେ ଏକ କପଡା ବୋଝେଇ କଣ୍ଟେନର ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଲୁହା ବୋଝେଇ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ, କଣ୍ଟେନର ଓ ଟ୍ରକ ଜଳିଯାଇଥିଲା। ଦୁର୍ଭାଗ୍ୟବଶତଃ ଉଭୟ ଟ୍ରକର ଚାଳକ ଗାଡିରୁ ବାହାର ପାରି ନ ଥିଲେ। ତେବେ ଲୁହା ବୋଝେଇ ଟ୍ରକର ଖଲାସୀଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ମେଡିକାଲ ପଠାଯାଇଛି ବୋଲି ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

# ଅଲିଭ୍ ରିଡ୍‌ଲେ କଇଁଛ ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଓପ୍‌ସା

ଭୁବନେଶ୍ୱର, (ବନ୍ଦନା ସେଠୀ)/ ଅସ୍ତରଙ୍ଗ, ୬।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଓଡ଼ିଶା ଉପକୂଳରେ ବିଶେଷକରି ପୁରୀ ଜିଲା ଉପକୂଳର ଦେବୀ ନଦୀ ମୁହାଣରେ ଅଲିଭ୍ ରିଡ୍‌ଲେ କଇଁଛମାନେ ଅସୁରକ୍ଷିତ ହୋଇପଡିଛନ୍ତି। ବେଆଇନ ମାଛଧରା ପାଇଁ ପ୍ରତିବର୍ଷ ହଜାର ହଜାର ଅଲିଭ୍ ରିଡ୍‌ଲେଙ୍କ ମୃତ୍ୟୁ ହେଉଛି, ଯାହାକି ଓଡ଼ିଶାର ଇକୋସିଷ୍ଟମ୍ ପାଇଁ ବିପର୍ଯ୍ୟୟ ସାବ୍ୟସ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଅଲିଭ ରିଡ୍‌ଲେ କଇଁଛଙ୍କ ସଂରକ୍ଷଣ ପାଇଁ ଦେବୀନଦୀ ମୁହାଣ ଆଖପାଖରେ ନିରନ୍ତର ସମନ୍ୱିତ କାର୍ଯ୍ୟଧାରା ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଛି ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ (ଓପ୍‌ସା)।

ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଉପରେ ୨୦୦୩ରୁ ସୁପ୍ରିମକୋର୍ଟଙ୍କ ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶଗୁଡିକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଉଛି। ଗତ କିଛିବର୍ଷ ମଧ୍ୟରେ ପ୍ରାୟ ୨୦ହଜାର ଅଲିଭ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ହୋଇଥିବାବେଳେ ଏହାକୁ ଦାୟିତ୍ୱରେ ଥିବା ବନ ବିଭାଗର ଅଧିକାରୀମାନେ ଚପାଇ ଦେଉଛନ୍ତି। ଫଳରେ ଅଲିଭ୍ ରିଡ୍‌ଲେଙ୍କ ସଂଖ୍ୟା ହ୍ରାସ ପାଇବା ସହ ପରୋକ୍ଷରେ ଏହା ଓଡ଼ିଶାର ସମୁଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବେଶକୁ ଗୁରୁତର ଭାବେ ପ୍ରଭାବିତ କରିବାରେ ଲାଗିଛି ବୋଲି ଯୁବ ପରିବେଶବିତ୍ ତଥା ଓପ୍‌ସାର ମ୍ୟାନେଜିଂ ଟ୍ରଷ୍ଟି ସୌମ୍ୟରଞ୍ଜନ ବିଶ୍ୱାଳ ଚିଠିରେ ଉଲ୍ଲେଖ କରିଛନ୍ତି। ଏନେଇ ପୂର୍ବରୁ କ୍ରମାଗତ ଭାବେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିପାରି ନାହିଁ। ବାଘ ଭଳି ଅଲିଭ୍ ରିଡ୍‌ଲେ କଇଁଛ ମଧ ଆମ ଇକୋସିଷ୍ଟମ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାବେଳେ ଏମାନଙ୍କ ସୁରକ୍ଷା ନେଇ ଯଥେଷ୍ଟ ପ୍ରୟାସ ହେଉ ନ ଥିବା ଉଲ୍ଲେଖ କରାଯାଇଛି। ସେହିପରି ଦେବୀନଦୀ ମୁହାଣରେ ଟ୍ରଲର ଚଳାଚଳ ଓ ବେଆଇନ ମାଛଧରା ବନ୍ଦ କରିବା, ବନ ବିଭାଗ ଦ୍ୱାରା ଅଟକ ହେଉଥିବା ଟ୍ରଲରକୁ ନ ଛାଡିବା, ଓଡ଼ିଶା ମେରାଇନ ଫିସିଂ ରେଗୁଲେଶନ୍ ଆକ୍ଟ (ଓଏମ୍ଏଫ୍ଆର୍ଏ)-୧୯୮୧କୁ ଠିକ୍ ଭାବେ ଅନୁପାଳନ କରିବା, ସମସ୍ତ ମାଛଧରା ଟ୍ରଲର ପାଇଁ ଟର୍ଟଲ ଏକ୍ସକ୍ଲୁଡର ଡିଭାଇସ୍ ଲଗାଇବା ବାଧ୍ୟତାମୂଳକ କରିବା ଆଦି ବିଭିନ୍ନ ପ୍ରସ୍ତାବ ଦିଆଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ତତ୍କାଳ ହସ୍ତକ୍ଷେପ ଗ୍ରହଣ କରିବା ପାଇଁ ମଧ ଅନୁରୋଧ କରାଯାଇଛି।

ସୂଚନାଯୋଗ୍ୟ, ଓପ୍‌ସା ଦୀର୍ଘଦିନ ଧରି ଓଡ଼ିଶା ଉପକୂଳରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ତଥା ସଂରକ୍ଷଣ ପାଇଁ କାମ କରୁଛି। ସେହିପରି ପରିବେଶ ସୁରକ୍ଷା ପାଇଁ ସଚେତନତା ସହ ହେନ୍ତାଳ ବନ ସୃଷ୍ଟିରେ ପ୍ରମୁଖ ଭୂମିକା ନେଉଛି। ଏଥିପାଇଁ ପ୍ରଧାନମନ୍ତ୍ରୀ, ପୂର୍ବତନ କେନ୍ଦ୍ର ଜଙ୍ଗଲ ମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏହି ସଂଗଠନ ଅନେକ ପ୍ରଶଂସା ସାଉଣ୍ଟିଛି।

# ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ

କଟକ,୬।୧୦(କାର୍ତ୍ତିକ ସାହୁ)

## ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ମୂଳ ପଦକୁ ଫେରାଇନେବା ମାମଲା

**ବିଭାଗୀୟ ସଚିବଙ୍କୁ ଜବାବ ଦାଖଲ ଆଦେଶ**

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ଭାବେ ଗତ ମାର୍ଚ୍ଚରେ ନିଯୁକ୍ତି ପାଇଥିବା ଗ୍ରାମରୋଜଗାର ସେବକ(ଜିଆର୍‌ଏସ୍)ଙ୍କୁ ପୁନଃ ପୂର୍ବ ପଦକୁ ଫେରାଇ ନେବା ପାଇଁ ୨୦୨୪ ସେପ୍ଟେମ୍ବର ୨୫ରେ ଜାରି ନିର୍ଦ୍ଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଏଥିସହ ହାଇକୋର୍ଟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ, ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ଜିଲାପାଳ ତଥା ମାଜିଷ୍ଟ୍ରେଟ, ଜିଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ନୋଟିସ୍ ଜାରିକରି ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରସ୍ୱତୀ ମଣ୍ଡଳ ଓ ଅନ୍ୟ ୧୦ ଜଣଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଏହି ଆଦେଶ ଦେଇଛନ୍ତି। ଆସନ୍ତା ନଭେମ୍ବର ୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ପ୍ରକାଶ ଯେ, ଆବେଦନକାରୀ ୨୦୧୮ରେ ଜିଆର୍‌ଏସ୍ ଭାବେ ନିଯୁକ୍ତି ପାଇଥିଲେ। ୨୦୨୧ ଜୁଲାଇ ୧ରେ ପ୍ରକାଶିତ ଜିଆର୍‌ଏସ୍‌ଙ୍କ ଗ୍ରେଡେଶନ ତାଲିକାରେ ଆବେଦନକାରୀଙ୍କ ନାଁ ସ୍ଥାନ ପାଇଥିଲା। ୨୦୨୪ ଫେବୃୟାରୀ ୨୭ରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ତରଫରୁ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ନିୟମାବଳୀ ୨୦୨୪ ଜାରି କରାଯାଇଥିଲା। ଜିଆର୍‌ଏସ୍‌ଙ୍କୁ ଡାଟା ଏଣ୍ଟ୍ରି ଅପରେଟର ପଦରେ ନିଯୁକ୍ତି ପାଇଁ ଗତ ମାର୍ଚ୍ଚ ୧୨ରେ ପଞ୍ଚାୟତିରାଜ ବିଭାଗ ଏକ ଗାଇଡ୍‌ଲାଇନ ଜାରି କରିଥିଲା। ତଦନୁସାରେ ମାର୍ଚ୍ଚ ୧୫ରେ ୧୮୨ ଜଣ ଜିଆର୍‌ଏସ୍‌ଙ୍କୁ ଉକ୍ତ ପଦରେ ନିଯୁକ୍ତି ଦିଆଯାଇଥିଲା। ନୂଆ ପଦବୀରେ ନିଯୁକ୍ତି ପରେ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡ଼ା, ଗରଦପୁର, ରାଜକନିକା ଓ ଅନ୍ୟ ବ୍ଲକରେ ଆବେଦନକାରୀମାନେ କାର୍ଯ୍ୟ କରୁଥିବାବେଳେ ସେମାନଙ୍କୁ ପୁନଃ ପୂର୍ବର ଜିଆର୍‌ଏସ୍ ପଦକୁ ଫେରାଇ ନେବାକୁ କେନ୍ଦ୍ରାପଡ଼ା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଗତ ସେପ୍ଟେମ୍ବର ୨୫ରେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ କାର୍ଯ୍ୟ କରିବାବେଳେ ଆବେଦନକାରୀ ପାଇଥିବା ଦରମା ବାବଦ ଅର୍ଥ ଫେରସ୍ତ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ପ୍ରଦାନ କରାଯିବା ପୂର୍ବରୁ ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇ ନ ଥିଲା ବୋଲି ଦର୍ଶାଯାଇଛି। ଆହୁରି ମଧ ଖାଲିପଡ଼ିଥିବା ୨୫୯ଟି ମଞ୍ଜୁରୀପ୍ରାପ୍ତ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ ଜିଆର୍‌ଏସ୍ ଭାବେ କାର୍ଯ୍ୟ କରୁଥିବା ଆବେଦନକାରୀ ଓ ଅନ୍ୟମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ବିଭାଗ ତରଫରୁ ଜାରି ନିୟମାବଳୀ ଅନୁସାରେ ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ବିନା କାରଣରେ ସେମାନଙ୍କୁ ପୁଣି ପୂର୍ବ ପଦକୁ ଫେରାଇ ନେବାକୁ ନିର୍ଦ୍ଦେଶ ଦିଆଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ଏହା ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର ଉଲ୍ଲଂଘନ କରୁଛି ବୋଲି ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଶିଭୂଷଣ ଜେନା ମାମଲା ପରିଚାଳନା କରୁଥିବାବେଳେ ଆଇନଜୀବୀ ସ୍ୱୟଂପ୍ରଭା ଜେନା ସହାୟତା କରୁଛନ୍ତି।

ସ୍ୱାର୍ଥପରତା ହିଁ ଏକମାତ୍ର ପାପ। ନୀଚତା ହିଁ ଏକମାତ୍ର କୁବୃତ୍ତି। ଘୃଣା ହିଁ ଏକମାତ୍ର ଅପକର୍ମ। ଆଉ ସବୁକୁ ସତ୍‌ରୂପରେ ପରିବର୍ତ୍ତନ କରାଯାଇପାରେ। କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ। -ଶ୍ରୀଅରବିନ୍ଦ

-ନବଃ ପଞ୍ଚମୀ ଓ ବିରଜାଦେବୀଙ୍କ ପଞ୍ଚମୀ ହୋମ



# ବର୍ଷକର ଯୁଦ୍ଧ

ଆଜକୁ ବର୍ଷେ ତଳେ ଅକ୍ଟୋବର ୭ରେ ପାଲେଷ୍ଟିନୀୟ ସଙ୍ଗଠନ ହମାସ ଇହୁଦୀ ରାଷ୍ଟ୍ର ଇସ୍ରାଏଲ ଉପରେ ପ୍ରଥମେ ଆକ୍ରମଣ କରି ୧,୨୦୦ ଲୋକଙ୍କ ଜୀବନ ନେଇଥିବା ବେଳେ ୨୫୦ ଜଣଙ୍କୁ ପଣବନ୍ଦୀ କରି ରଖିଥିଲା। ବିରୁଡ଼ି ବସାରେ କାଠି କେଞ୍ଚିବା ଭଳି ହମାସର ଆକ୍ରମଣ ଇସ୍ରାଏଲକୁ ଭୀଷଣ ମାତ୍ରାରେ ଉତ୍‌କ୍ଷିପ୍ତ କରିଦେଇଥିଲା। ପ୍ରତିଜବାବ ସ୍ୱରୂପ ୮ ଅକ୍ଟୋବରରେ ଇସ୍ରାଏଲ ଗାଜାରେ ଥିବା ହମାସ ଉପରକୁ ଘନ ଘନ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ସମୟ କ୍ରମେ ଲେବାନନର ହେଜବୋଲ୍ଲା ଏବଂ ଇରାନ୍ ସୈନ୍ୟଙ୍କ ଇସ୍ରାଏଲ ପ୍ରତି ଶତ୍ରୁତା ଆଚରଣ ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ଅଶାନ୍ତ କରିଚାଲିଛି। ଏହି ଯୁଦ୍ଧରେ ପାଲେଷ୍ଟାଇନ ସର୍ବାଧିକ କ୍ଷତିର ସମ୍ମୁଖୀନ ହୋଇଛି। ଗତବର୍ଷରୁ ଆରମ୍ଭ ହୋଇଥିବା ଏହି ଲଢ଼େଇରେ ପ୍ରାୟ ୪୨ ହଜାର ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବା ବେଳେ ୯୬ ହଜାରରୁ ଅଧିକ ଖଣ୍ଡିଆଖାବରା ହୋଇସାରିଲେଣି। ଏଥିସହିତ ଲେବାନନରେ ୨ ହଜାର ଲୋକଙ୍କ ପ୍ରାଣହାନି ଘଟିଥିବା ବେଳେ ୧୨ ଲକ୍ଷ ଲୋକ ବାସଚ୍ୟୁତ ହେଲେଣି। ଚଳିବବର୍ଷ ଅକ୍ଟୋବର ଆରମ୍ଭରେ ଇସ୍ରାଏଲ ଉପରେ ଇରାନ୍‌ର ଆକ୍ରମଣ ମଧ୍ୟପ୍ରାଚ୍ୟକୁ ଆହୁରି ଅଶାନ୍ତ କରିଦେଇଛି। ଆଗକୁ ଭୟଙ୍କର ଯୁଦ୍ଧ ବିଭୀଷିକା ହେବାର ସବୁ ଆଶଙ୍କା ଦେଖାଦେଇଛି। ଏଭଳି ସ୍ଥଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦାୟିତ୍ୱହୀନ ମନ୍ତବ୍ୟ ସ୍ଥିତିକୁ ବିଗାଡ଼ି ଦେଲାଣି। ନିକଟରେ ସେ କହିଛନ୍ତି, ଇରାନ୍‌ର ତୈଳକୂପଗୁଡ଼ିକ ଉପରେ ଇସ୍ରାଏଲ ଆକ୍ରମଣ କରିବା ନେଇ ଆଲୋଚନା ହୋଇଛି। ସମାଧାନର ବାଟ ନ ଖୋଜି ଆମେରିକା ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କରିବା ଯୁଦ୍ଧକୁ ଆହୁରି ତୀବ୍ର କରିଦେବାର ସୁଯୋଗ ସୃଷ୍ଟି କଲାଣି। ଏଭଳି ସ୍ଥଳେ ଜାତିସଂଘ ନିର୍ବାକ୍ ଦର୍ଶକ ଭଳି କେବଳ ଅଭିନୀତ ହେଉଥିବା ଦୃଶ୍ୟକୁ ଦେଖିଚାଲିଛି।

> ସମାଧାନର ବାଟ ନ ଖୋଜି ଆମେରିକା ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କରିବା ଯୁଦ୍ଧକୁ ଆହୁରି ତୀବ୍ର କରିଦେବାର ସୁଯୋଗ ସୃଷ୍ଟି କଲାଣି। ଏଭଳି ସ୍ଥଳେ ଜାତିସଂଘ ନିର୍ବାକ୍ ଦର୍ଶକ ଭଳି କେବଳ ଅଭିନୀତ ହେଉଥିବା ଦୃଶ୍ୟକୁ ଦେଖିଚାଲିଛି।

ବର୍ତ୍ତମାନ ସମୟରେ ବିଶ୍ୱ ଦୁଇଟି ବଡ଼ ଯୁଦ୍ଧର ସମ୍ମୁଖୀନ ହୋଇଛି। ୨୪ ଫେବୃଆରୀ ୨୦୨୨ରୁ ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ଘଟିଥିବା ବେଳେ ୭ ଅକ୍ଟୋବର ୨୦୨୩ରୁ ଇସ୍ରାଏଲ-ହମାସ ସଂଘର୍ଷ ସୂତ୍ରପାତ ଘଟି ତା'ର ପଡ଼ୋଶୀ ଅଞ୍ଚଳକୁ ବ୍ୟାପି ସାରିଲାଣି। ଏହି ଦୁଇ ଯୁଦ୍ଧରେ ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକର ଭୂମିକା ସର୍ବାଧିକ ଆଲୋଚନାର ବିଷୟବସ୍ତୁ ପାଲଟିଛି। ରୁଷିଆ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ହୋଇଥିବାରୁ ତାହାର ଗତିରୋଧ ପାଇଁ ବିଶେଷକରି ଆମେରିକା ଶୀତଳ ଯୁଦ୍ଧଠାରୁ ପ୍ରୟାସ ଜାରି ରଖିଛି। ଫଳରେ ୟୁକ୍ରେନ୍‌କୁ ଅସ୍ତ୍ର କରି ମସ୍କୋକୁ ଦୁର୍ବଳ କରିବା ଲାଗି ପ୍ରୟାସରତ। ଅନୁରୂପ ଭାବେ ମଧ୍ୟପ୍ରାଚ୍ୟର ମୁସଲମାନ ରାଷ୍ଟ୍ର ପ୍ରତି ଆମେରିକାର ବିମୁଖଭାବ ରହିଆସିଛି। ସେହି ଦୃଷ୍ଟିରୁ ଦେଖିଲେ ଇହୁଦୀ ରାଷ୍ଟ୍ରଗଠନଠାରୁ ଆରମ୍ଭ କରି ଇସ୍ରାଏଲ ବ୍ୟକ୍ତିଙ୍କୁ ସବୁପ୍ରକାର ସହଯୋଗ ଦେବାରେ ଆମେରିକା କାର୍ଯ୍ୟ କରିଆସୁଛି। ଏହା ଜଣାଶୁଣା ଯେ, ଆମେରିକାରେ ଧନୀ ଓ ପ୍ରଭାବଶାଳୀ ସମ୍ପ୍ରଦାୟ ଭାବରେ ଇହୁଦୀମାନେ ପରିଚିତ। ଏଥିସହିତ ପ୍ରଯୁକ୍ତି କ୍ଷେତ୍ରରେ ଇହୁଦୀଙ୍କ ପ୍ରଦର୍ଶନ ସର୍ବାଗ୍ରେ ଥିବାରୁ ଇସ୍ରାଏଲକୁ ଆମେରିକା ସମର୍ଥନ କରିଚାଲିଛି। ବିଶ୍ୱର କେଉଁ ରାଷ୍ଟ୍ର କାହା ପ୍ରତି ଢଳି ରହିବ ତାହା ତା'ର ବୈଦେଶିକ ନୀତି ଉପରେ ନିର୍ଭର କରେ। କିନ୍ତୁ ଯୁଦ୍ଧ ବିଭୀଷିକାକୁ ହ୍ରାସ କରିବା ପ୍ରତ୍ୟେକ ଦେଶର ଧ୍ୟେୟ ହେବା କଥା। ତେବେ ଆଜିର ପୃଥିବୀରେ କେଉଁ କଥା ହେବା ଉଚିତ ଏବଂ କେଉଁ ବିଷୟ ଅନୁଚିତ, ତାହା ମତ ଦେବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ଉଦାହରଣସ୍ୱରୂପ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଏବଂ ଉତ୍ତର କୋରିଆ ସର୍ବୋଚ୍ଚ ନେତା କିମ୍ ଜଙ୍ଗ ଉନ୍‌ଙ୍କୁ ଏକଚ୍ଛତ୍ରବାଦୀ ବୋଲି କହିଆସୁଥିବା ପାଶ୍ଚାତ୍ୟ ଦେଶଗୁଡ଼ିକ ଏବେ ନିଜ ଅଡୁଆରେ ନିଜେ ଛନ୍ଦି ହୋଇପଡ଼ିଲେଣି। ମଧ୍ୟପ୍ରାଚ୍ୟରେ ଇସ୍ରାଏଲର ସ୍ଥିତିକୁ କିଛି କ୍ଷେତ୍ରରେ ସମର୍ଥନ ମିଳୁଥିବା ବେଳେ ଅନ୍ୟ ଭାବେ ବିରୋଧ ମଧ୍ୟ ହେଉଛି। ଏହି ପ୍ରଚ୍ଛଦପଟରେ ଭାରତର ବୈଦେଶିକ ନୀତି ଅସ୍ପଷ୍ଟ ରହୁଥିବାରୁ ତାହାର ପରବର୍ତ୍ତୀ ପରିସ୍ଥିତି ସମ୍ପର୍କରେ ଏବେଠାରୁ ସମଗ୍ର ଦେଶ ପ୍ରସ୍ତୁତ ହେବା ଉଚିତ। ଏହାର ଉଦାହରଣ ଭାବେ ଦେଖିବାକୁ ଗଲେ ଭାରତ ସରକାରଙ୍କ କୌଣସି ବଡ଼ ନେତା ଇସ୍ରାଏଲକୁ ସମର୍ଥନ କରି ବିବୃତି ଦେଇନାହାନ୍ତି। ଅନ୍ୟପଟେ ଗତ ସପ୍ତାହରେ ଯେଉଁ ଦିନ ଇରାନର ବାଲିଷ୍ଟିକ ମିଜାଇଲ ଇସ୍ରାଏଲ ଉପରେ ବର୍ଷା ହେଲା, ସେହିଦିନ ଭାରତୀୟ ନୌସେନାର ତିନୋଟି ଜାହାଜ ଆଇଏନ୍‌ଏସ୍-ତୀର, ଶାର୍ଦ୍ଦୁଳ ଓ ଆଇସିଜିଏସ୍ ବୀରା ଇରାନର ବନ୍ଦର ଆବାସରେ ପହଞ୍ଚିଥିଲେ। ଏହି ତିନି ଜାହାଜର ପହଞ୍ଚିବାର ସମୟ ଅନେକ ବିଷୟକୁ ଇଙ୍ଗିତ କରୁଥାଇପାରେ। ଆଧୁନିକ ପୃଥିବୀରେ ମନେରଖିବାକୁ ହେବ ଯେ ଭୁଲ୍ ହେଉ କିମ୍ବା ଠିକ୍, ଭାରତର ନିଜସ୍ୱ ଆଭିମୁଖ୍ୟ ବଜାୟ ରଖିବା ଅତ୍ୟନ୍ତ ଆବଶ୍ୟକ। ସବୁବେଳେ 'ଏ ଘର ମାଉସୀ ସେ ଘର ପିଉସୀ' ନୀତି ଆଧୁନିକ କୂଟନୀତିରେ ଚଳିବ ନାହିଁ।



# ପରିବର୍ତ୍ତିତ ପରିସ୍ଥିତିରେ 'ଧର୍ମନିରପେକ୍ଷତା'

ନିରାକାର ଦାସ

ଭାରତ ଏକ ପବିତ୍ର ଓ ଦିବ୍ୟଭୂମି। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ହିମାଳୟଠାରୁ କନ୍ୟାକୁମାରୀ ପରିବ୍ୟାପ୍ତ ଏହାର ବିଶାଳ ଭୂମିରେ ବହୁ ଧର୍ମ, ସମ୍ପ୍ରଦାୟ, ଭାଷା ଓ ବିଭିନ୍ନ ବର୍ଣ୍ଣର ମଣିଷ ବାସ କରନ୍ତି, ଯାହା ଆମ ସଂସ୍କୃତିକୁ ଗରିମାମୟ କରିବା ସଙ୍ଗେ ସଙ୍ଗେ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇପାରିଛି। ଏହି ବିଭିନ୍ନତା ଭିତରେ ଏକତା ହେଉଛି ଭାରତର ଆତ୍ମା। ଆମ ପ୍ରାଚୀନ ପରମ୍ପରା ଓ ମାନବିକ ମୂଲ୍ୟବୋଧ ଏ ମାଟିର ମହାନତା। ନିଷ୍ପେଷିତ ଓ ପତିତଙ୍କ ପରିତ୍ରାଣ ପାଇଁ ପ୍ରଚେଷ୍ଟା ଏ ପୁଣ୍ୟଭୂମିର ପବିତ୍ରତା। ତ୍ୟାଗ, ପ୍ରେମ, କରୁଣା, ଶାନ୍ତି, ମୈତ୍ରୀ ଏ ମାଟିର ମହାପୁରୁଷଙ୍କ ବିଶିଷ୍ଟତା। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପ୍ରାକୃତିକ ସମ୍ପଦ ଏ ଦେଶର ପରମ ବୈଭବ। ଏମିତି ଏକ ବୈଚିତ୍ର୍ୟମୟ ଓ ଶାନ୍ତାକାର ସ୍ୱରୂପରେ ବିରାଜିତ ଦେଶ ଖୁବ୍ ବିରଳ ଏ ପୃଥିବୀ ପୃଷ୍ଠରେ। ଏ ମାଟିର ପ୍ରତିଟି କଣିକାରେ ଶାନ୍ତିର ସୂର୍ଯ୍ୟ ଉଦୟ ହୁଏ। ପ୍ରତିଟି ପାଖୁଡ଼ାରେ ଚନ୍ଦ୍ରମାର ଚମକ ଓ ଶୀତଳତାର ସ୍ପର୍ଶ ମିଳେ। ଏ ମାଟିକୁ ମଜଭୁତ କରି ରଖିଥିବା ଆମ ଗରିମାମୟ ଗଣତନ୍ତ୍ରକୁ ସାରା ବିଶ୍ୱରେ ଆହୁରି ଗୌରବଶାଳୀ କରିବାକୁ ହେଲେ ଆମ ଧର୍ମର ମହାସ୍ୱର 'ବସୁଧୈବ କୁଟୁମ୍ବକମ୍'କୁ ହୃଦୟରେ ବହନ କରିବାକୁ ହେବ। ଲେଖକ ସଆଦତ୍ ହସନ୍ ମଣ୍ଟୋ କହିଥିଲେ - 'ଧର୍ମ ଯେତେବେଳେ ହୃଦୟରୁ ବାହାରି ମୁଣ୍ଡକୁ ଚଢ଼ିଯାଏ ସେତେବେଳେ ତାହା ବିଷ ପାଲଟିଯାଏ'। ବିଶ୍ୱ ଭ୍ରାତୃତ୍ୱ ଓ ବିଶ୍ୱ ମୈତ୍ରୀର ବାଣୀ ପ୍ରଚାର କରୁଥିବା ଭାରତବର୍ଷ କ'ଣ କେବେ ଅସହିଷ୍ଣୁତା ଓ ସାମ୍ପ୍ରଦାୟିକତାକୁ ପ୍ରଶ୍ରୟ ଦେଇପାରିବ? ସେଇଥିପାଇଁ ଆମ ସମ୍ବିଧାନର 'ପ୍ରସ୍ତାବନା'ରେ ଉଲ୍ଲେଖ ଅଛି, 'ଭାରତକୁ ଏକ ସମ୍ପୂର୍ଣ୍ଣ ପ୍ରଭୁତା ସମ୍ପନ୍ନ ସମାଜବାଦୀ, ଧର୍ମନିରପେକ୍ଷ, ଲୋକତାନ୍ତ୍ରିକ ଗଣରାଜ୍ୟ ଗଠନ କରିବା ନିମିତ୍ତ ଏବଂ ଏହାର ସମସ୍ତ ନାଗରିକଙ୍କୁ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ, ତଥା ବିଚାର, ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା ଏବଂ ପ୍ରତିଷ୍ଠା ଓ ସୁଯୋଗର ସମତା ପ୍ରାପ୍ତ କରାଇବ'। ଏହି ପ୍ରସ୍ତାବନାର ଗୁରୁତ୍ୱ ସମସ୍ତେ ପ୍ରାୟତଃ ବୁଝୁଛୁ। 'ଧର୍ମନିରପେକ୍ଷ' ଶବ୍ଦକୁ ନେଇ ଯେଉଁ ବୈଚାରିକ ମତଭେଦ ବର୍ତ୍ତମାନ ସୃଷ୍ଟି ହୋଇଛି ତାହା ଉପରେ ଆଲୋକପାତ କରିବା ଏ ଲେଖାର ଉଦ୍ଦେଶ୍ୟ।

୧୯୭୬ ମସିହାରେ ସମ୍ବିଧାନର ୪୨ତମ ସଂଶୋଧନରେ ଧର୍ମନିରପେକ୍ଷ ଶବ୍ଦକୁ ସମ୍ବିଧାନର ପ୍ରସ୍ତାବନାରେ ଯୋଡ଼ାଗଲା। ଧର୍ମନିରପେକ୍ଷତାର ଅର୍ଥ ଗଣତନ୍ତ୍ରର ସୁବିନିଯୋଗ ପାଇଁ ରାଷ୍ଟ୍ରଠାରୁ ଧର୍ମକୁ ଅଲଗା ରଖାଯିବା ସହ ସମସ୍ତ ଧର୍ମକୁ ସମାନ ସମ୍ମାନ, ସୁରକ୍ଷା ଏବଂ ସହଯୋଗ ଦେବା ରାଷ୍ଟ୍ରର କର୍ତ୍ତବ୍ୟ। ଧର୍ମ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବ୍ୟାପାର ହେବା ଧର୍ମନିରପେକ୍ଷତାର ସବୁଠୁ



ବଡ଼ ସୋପାନ। ରାଜନୀତି, ଶିକ୍ଷାନୁଷ୍ଠାନ ଓ ସମସ୍ତ ସରକାରୀ ଅନୁଷ୍ଠାନଠାରୁ ଧର୍ମକୁ ଅଲଗା ରଖାଯିବା ସହ ପ୍ରଶାସକ ଓ ରାଜନୀତିଜ୍ଞମାନେ ଧର୍ମଗୁରୁ ଓ ଧର୍ମ ପ୍ରଚାରକଙ୍କ ନିକଟରୁ ଦୂରେଇ ରହିଲେ ଧର୍ମନିରପେକ୍ଷତାର ଉଦ୍ଦେଶ୍ୟ ବଳବତ୍ତର ରହିବ। ଏହାକୁ ନେଇ ନେତାଜୀ ସୁଭାଷ ବୋଷ ୧୯୩୯ ମସିହାରେ ମୁମ୍ବାଇଠାରେ ଫରୱାର୍ଡ ବ୍ଲକ୍ ସମ୍ମିଳନୀରେ ପ୍ରଦତ୍ତ ଭାଷଣରେ କହିଥିଲେ, "ଧର୍ମକୁ ରାଜନୀତିରୁ ସମ୍ପୂର୍ଣ୍ଣ ଭାବେ ଦୂରରେ ରଖାଯିବା ଉଚିତ। ଧର୍ମ ଜଣେ ବ୍ୟକ୍ତିର ବ୍ୟକ୍ତିଗତ ବିଷୟ ହେବା ଉଚିତ। ଜଣେ ମଣିଷ ହିସାବରେ ସେ ଚାହୁଁଥିବା ଯେକୌଣସି ଧର୍ମକୁ ମାନିବା ସମ୍ପୂର୍ଣ୍ଣ ସ୍ୱାଧୀନତା ଜଣେ ବ୍ୟକ୍ତିର ରହିବା ଉଚିତ। ମାତ୍ର ରାଜନୀତି-ଧର୍ମ ବା ଅନ୍ୟ କୌଣସି ଅତିପ୍ରାକୃତିକ ଧାରଣା ଦ୍ୱାରା ପରିଚାଳିତ ହେବା ଉଚିତ ନୁହେଁ। ରାଜନୀତି-ଅର୍ଥନୀତିକ, ରାଜନୈତିକ ଏବଂ ବିଜ୍ଞାନ ସମ୍ମତ ଯୁକ୍ତି ଦ୍ୱାରା ପରିଚାଳିତ ହେବା ଉଚିତ।"

ସେହିପରି ୧୯୬୭ ଅଗଷ୍ଟ ୨୨ରେ ଆନନ୍ଦବଜାର ପତ୍ରିକାରେ ପ୍ରକାଶିତ ନେତାଜୀଙ୍କର ସଚିବ ଆବିଦ୍ ହୁସେନ ଓ ମଦନ ଗୋପାଳଙ୍କୁ ଦେଇଥିବା ସାକ୍ଷାତ୍‌କାରରେ କହିଥିଲେ, "ଆମର କାର୍ଯ୍ୟକଳାପ ଉପରେ ଧର୍ମର ପ୍ରଭାବକୁ ମୁଁ କୌଣସି ପ୍ରକାରରେ ମଧ୍ୟ ଅନୁମତି ଦେବି ନାହିଁ। ଆମର ସମସ୍ତ କାର୍ଯ୍ୟକଳାପର ଭିତ୍ତି ହେଉଛି ଜାତୀୟତାବାଦ। ଆପଣ କ'ଣ ସେମାନଙ୍କୁ (ସୈନ୍ୟମାନଙ୍କୁ) ଧର୍ମ ଭିତ୍ତିରେ ଐକ୍ୟବଦ୍ଧ କରିବାକୁ ଚାହାନ୍ତି? ଏହା ଯଦି ଘଟେ ତା'ହେଲେ ଗୋଟିଏ ଦିନ ଆସିବ ଯେଉଁଦିନ ସେମାନେ ଧର୍ମ ପାଇଁ ବିଭକ୍ତ ହୋଇଯିବେ।" ସବୁ ଧର୍ମର ଊର୍ଦ୍ଧ୍ୱରେ ରହି ଯେଉଁ ବ୍ୟକ୍ତି ସବୁ ଧର୍ମକୁ ସମାନ ସମ୍ମାନ ଦେବ ସେ ହିଁ ପ୍ରକୃତ ରାଷ୍ଟ୍ରନୀତିଜ୍ଞ ବୋଲି ନେତାଜୀ କହୁଥିଲେ।

ଧର୍ମ ଏକ ବ୍ୟକ୍ତିଗତ ବିଶ୍ୱାସ, ଏହା ବ୍ୟକ୍ତିଗତ ହୋଇ ରହିବା ଉଚିତ। ପୁରାତନ ଯୁଗରେ ସାମାଜିକ ଶୃଙ୍ଖଳା ଓ ଅନୁଶାସନ ସହ ଧର୍ମ ଯୁକ୍ତହୋଇ ରହୁଥିଲା, ଯାହା ଆଜି ପ୍ରଥା ଓ ପରମ୍ପରାରେ ପରିଣତ ହୋଇଯାଇଛି। ସେତେବେଳେ ବିଜ୍ଞାନର ଉନ୍ନତି ହୋଇ ନ ଥିଲା। ଏବେ ଜ୍ଞାନବିଜ୍ଞାନର ଚରମ ବିକାଶ ଘଟିଛି। ପ୍ରଯୁକ୍ତିବିଦ୍ୟାର ମଧ୍ୟ ଆଶାତୀତ ଉନ୍ନତି ହୋଇଛି। ସାମାଜିକ ଶୃଙ୍ଖଳା ଓ ଅନୁଶାସନ ପାଇଁ ସମ୍ବିଧାନ, ଆଇନ ପ୍ରଣୟନ ହୋଇସାରିଛି। ଦେଶ, ଜାତି, ସମାଜକୁ ସମୃଦ୍ଧ କରିବାକୁ ବିଜ୍ଞାନ ଓ ବିଧିବ୍ୟବସ୍ଥା ରହିଛି। ତେଣୁ ଧର୍ମ ସହ ଆମ ନୀତିନିୟମ, ଆଇନକାନୁନର ସଂଯୋଗର କୌଣସି ଆବଶ୍ୟକତା ଅଛି ବୋଲି ମନେକରାଯାଏନା। ତେଣୁ ତାହାର ପ୍ରସାର ପ୍ରଚାରର ଆବଶ୍ୟକତା ଲୋଡ଼ା ହୁଏ ନାହିଁ। ସେଥିପାଇଁ ଆମ ସମ୍ବିଧାନରେ, ଆମ ଦେଶରେ କୌଣସି ଅଫିସିଆଲ ଧର୍ମ ନାହିଁ। ଧର୍ମରେ କେବଳ ନୈତିକ ଶିକ୍ଷା ମିଳେ। ତାହା ଜଣେ ବ୍ୟକ୍ତି ବ୍ୟକ୍ତିଗତ ଭାବେ ଆହରଣ କରିପାରେ।

'ଧର୍ମନିରପେକ୍ଷତା'ର ପ୍ରକୃତ ଅର୍ଥ ହେଉଛି କୌଣସି ଧର୍ମ ଅନ୍ୟ ଧର୍ମକୁ ପ୍ରଭାବିତ ନ କରିବା ଏବଂ ଧର୍ମ ଧର୍ମ ମଧ୍ୟରେ ଅସହିଷ୍ଣୁତା ପ୍ରକାଶ ନ ପାଇବା କିମ୍ବା କୌଣସି ଧର୍ମାବଲମ୍ବୀ ଅନ୍ୟ ଧର୍ମାବଲମ୍ବୀଙ୍କୁ ଧର୍ମାନ୍ତରୀକରଣ ନ କରିବା। ଧାର୍ମିକ ଶୋଭାଯାତ୍ରା, ଧାର୍ମିକ ପ୍ରଚାରପ୍ରସାରକୁ ସମ୍ପୂର୍ଣ୍ଣ ରୋକାଯିବା ଉଚିତ। ଡାକବାଜି ଯନ୍ତ୍ର କିମ୍ବା କୌଣସି ଧ୍ୱନି ବାହକ ଓ ବର୍ଦ୍ଧକ ବୈଦ୍ୟୁତିକ ଯନ୍ତ୍ରକୁ କୌଣସି ବି ଧାର୍ମିକ, ପୂଜାପାର୍ବଣ କାର୍ଯ୍ୟରେ ବ୍ୟବହାର ନ କରିବାକୁ ଆଇନ ପ୍ରଣୟନ ହେବା ଉଚିତ। କିନ୍ତୁ ଆମ ଦେଶରେ ଧର୍ମନିରପେକ୍ଷ ଶବ୍ଦର ଅର୍ଥକୁ କଦର୍ଥ କରାଯାଉଛି। ୧୯୪୯ରେ ସମ୍ବିଧାନରେ 'ଧର୍ମନିରପେକ୍ଷ' ଶବ୍ଦ ଯୋଡ଼ାଯାଇ ନ ଥିଲା। ଏହାର ଅର୍ଥ ନୁହେଁ ଯେ, ଗୋଟିଏ ରାଷ୍ଟ୍ର ତା' ଦେଶ ମଧ୍ୟରେ ଥିବା ଗୋଟିଏ ଧର୍ମକୁ ସୁରକ୍ଷା ପ୍ରଦାନ କରିବନାହିଁ। ଯଦି କରୁଥାନ୍ତା ତେବେ ଏ ଧର୍ମାନ୍ତରୀକରଣ ହେଉଥାନ୍ତା କାହିଁକି? ସେ ଧର୍ମାନ୍ତରୀକରଣ ହେଉ କି ପ୍ରଭାବୀକରଣ, ଧର୍ମ ଧର୍ମ ମଧ୍ୟରେ ଷଡ଼ଯନ୍ତ୍ର ହେଉ କି ଆକ୍ରମଣ କି ବିଦ୍ୱେଷ, ଏହି ସବୁକୁ ରାଷ୍ଟ୍ର ଦୃଢ଼ହସ୍ତରେ ଦମନ କରିବା ସହ କଠୋର ଆଇନ ପ୍ରଣୟନ କରିବା ବିଧେୟ। ରାଷ୍ଟ୍ର ବା ରାଷ୍ଟ୍ରନୀତିଜ୍ଞ କୌଣସି ଧର୍ମର ଅଂଶବିଶେଷ ପାଲଟିବା ଉଚିତ ନୁହେଁ। ଆମ ତଥାକଥିତ ଧର୍ମନିରପେକ୍ଷ ରାଜନେତା ଓ ବୁଦ୍ଧିଜୀବୀମାନେ ବିଚାର କରିବା ଉଚିତ।

ଆମ ଦେଶରେ ଅନେକ ସମ୍ପ୍ରଦାୟଭିତ୍ତିକ ଆଇନଗତ ତାରତମ୍ୟ ରହିଛି। ଗୋଟିଏ ଦେଶ, ଗୋଟିଏ ସମ୍ବିଧାନ, ଗୋଟିଏ ଆଇନ ସବୁ ନାଗରିକଙ୍କ ପାଇଁ ଲାଗୁ ହେବା ଉଚିତ। ସେଇଥିପାଇଁ ଆମ ସାମାଜିକ, ସାଂସ୍କୃତିକ ଉତ୍ତରଣ ଧର୍ମାନ୍ଧତାରେ ନୁହେଁ ବିଜ୍ଞାନଭିତ୍ତିକ ଚେତନା ସମ୍ମତ ଜ୍ଞାନରେ ସମ୍ଭବ। ବିଶ୍ୱରେ ବହୁ ରାଷ୍ଟ୍ର 'ଧର୍ମନିରପେକ୍ଷତା'କୁ କଡ଼ାକଡ଼ି ଭାବେ ପାଳନ କରୁଥିବାରୁ ଧର୍ମକୁ ନେଇ ସେଠି ସଙ୍କଟ ସୃଷ୍ଟି ପ୍ରାୟତଃ ହୁଏ ନାହିଁ।

ଏଣୁ ମୋ ମତରେ ସବୁ ପ୍ରେମଠାରୁ ବଡ଼ ପ୍ରେମ ହେଉଛି ଦେଶ ପ୍ରେମ। ସବୁ ଧର୍ମଠାରୁ ଶ୍ରେଷ୍ଠ ଧର୍ମ ମାନବଧର୍ମ। ଏହି ଉକ୍ତିଟିକୁ ଯଦି ଆମେ ସର୍ବାଗ୍ରେ ରଖିବା ଓ କାର୍ଯ୍ୟରେ ଲଗାଇବା ତେବେ ଦେଶରେ କେବଳ ଧର୍ମନିରପେକ୍ଷତା ବଜାୟ ରହିବନି ଶାନ୍ତି ବିରାଜମାନ କରିବ।

**ରଘୁନାଥପୁର, ଭୁବନେଶ୍ୱର**
**ମୋ: ୯୪୩୭୦୧୩୧୩୯**



# କର୍ମକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟ

ଡା. ସମ୍ରାଟ କର

ପ୍ରତିବର୍ଷ ଅକ୍ଟୋବର ୧ରୁ ୮ ପର୍ଯ୍ୟନ୍ତ ବିଶ୍ୱ ମାନସିକ ସପ୍ତାହ ଭାବେ ପାଳନ ହୋଇଆସୁଛି। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'କର୍ମ କ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାର ସମୟ ଆସିଛି'। ୧୯୯୨ରେ ପ୍ରଥମ ଥର ପାଇଁ ୱାର୍ଲ୍ଡ ଫେଡେରେଶନ ଫର ମେଣ୍ଟାଲ ହେଲ୍‌ଥ ଏହାକୁ ପାଳନ କରିଥିଲା। ବିଶ୍ୱବ୍ୟାପୀ ମାନସିକ ରୋଗ, ଏହାର ସଫଳ ଚିକିତ୍ସା ଏବଂ ଏଥିରେ ଆକ୍ରାନ୍ତ ରୋଗୀଙ୍କୁ ସହାୟତା କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ସରକାରୀ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ବିଶ୍ୱର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରରେ ବହୁ ସୂଚନାଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ। ଏକ ଆକଳନ ଅନୁସାରେ ବିଶ୍ୱ ଜନ ସମୁଦାୟର ୧୨ ପ୍ରତିଶତ ବା ୪୫୦ ମିଲିୟନ ଲୋକ ମାନସ ୨୦୨୩ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଉପରୋକ୍ତ ତଥ୍ୟ ଦର୍ଶାଇଥିଲା। 'ହୁ'ର ସହାୟତାରେ ମିଳିତ ଜାତିସଂଘ ଏହାର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଭୂମିକା ନିଭାଇଆସୁଛି।

ମାନସିକ ରୋଗ ଏକ ଜଟିଳ ରୋଗ। ଏହି ରୋଗକୁ ଆରମ୍ଭରୁ କେହି ଜାଣିପାରନ୍ତି ନାହିଁ। ଏହା ଭୂତ ପ୍ରେତଙ୍କ ପ୍ରଭାବ ବା ତନ୍ତ୍ରର ପ୍ରଭାବ ବୋଲି ମନୁଷ୍ୟର ଧାରଣା ହୋଇଥାଏ। କେତେକ କ୍ଷେତ୍ରରେ ଏହା ପୂର୍ବଜନ୍ମର ଅଭିଶାପ ବା ଦୈବଦଣ୍ଡ ଭାବରେ କେହି କେହି ଭାବିଥାନ୍ତି। କେତେକ ବ୍ୟକ୍ତିଙ୍କର ବ୍ୟବହାରରେ ପରିବର୍ତ୍ତନ ଦେଖି ଲୋକମାନେ ଏହାକୁ ବିଶ୍ୱାସ କରିଥାନ୍ତି। ତେଣୁ ଅନେକ ଲୋକ ଦେବଦେବୀଙ୍କୁ ପୂଜା କରିବା ସହ ବଳି ଦେବା ଓ ଝଡ଼ାଫୁଙ୍କା ବି କରିଥାନ୍ତି। ମାତ୍ର ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁ ମାନସିକ ଭାରସାମ ହରାଇଥାଏ। ପ୍ରତି ରୋଗ ପାଗଳାମି ନୁହେଁ, ତେଣୁ ଠିକ୍ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ। ସବୁଠାରୁ ବଡ଼ କଥା ହେଉଛି ଏହି ମାନସିକ ଅବସାଦ ବା ବିଷାଦର ପ୍ରାଥମିକ ସମୟରେ ସେମାନଙ୍କ ନିଜ ଲୋକମାନେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ତୁରନ୍ତ ପରାମର୍ଶ ଓ ଚିକିତ୍ସା ଆରମ୍ଭ କଲେ ଏହା ଅଧିକାଂଶ କ୍ଷେତ୍ରରେ ରୋଗୀଟି ପାଇଁ ଜୀବନ ଆରୋଗ୍ୟକାରୀ ହୋଇ ତାହାକୁ ରୋଗମୁକ୍ତ କରିପାରିଥାଏ। ସୁସ୍ଥ ଶରୀର ପାଇଁ ଯେପରି ଉପଯୁକ୍ତ ଖାଦ୍ୟ ଓ ଶାରୀରିକ ପରିଶ୍ରମ ଦରକାର ଠିକ୍ ସେହିପରି ସୁସ୍ଥ ମାନସିକ ଅବସ୍ଥା ଲାଗି ଉପଯୁକ୍ତ ପରିବେଶ, ପରିସ୍ଥିତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଆବଶ୍ୟକ ହୋଇଥାଏ। ଯଦିଓ ମନୁଷ୍ୟର ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଘଟିବା, କ୍ରମାଗତ ଭାବେ ଅନିଦ୍ରା ରହିବା, ବିନା କାରଣରେ ଭୟଭୀତ ହେବା, କଥାବାର୍ତ୍ତା ଅସଂଲଗ୍ନ ହେବା,



ନିଜର ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ତୁଲାଇ ନ ପାରିବା, ଶୂନ୍ୟରୁ କେହି କହିଲା ପରି ନିଜକୁ ଶୁଭାଯିବା, କୌଣସି କାରଣ ନ ଥାଇ ରାଗିବାକୁ ପ୍ରାଥମିକ ସ୍ତରରେ ମାନସିକ ରୋଗର ସାଧାରଣ ଲକ୍ଷଣ ଭାବେ ବିଚାର କରାଯାଇଥାଏ। ମାନସିକ ରୋଗ ପାଇଁ ସେପରି କୌଣସି ନିର୍ଦ୍ଦିଷ୍ଟ କାରଣ ନ ଥାଏ ଅନେକ ସମୟରେ ବ୍ୟକ୍ତି ନିଜର ସମାଜ, ପରିସ୍ଥିତି, ପରିବେଶ ସହିତ ଖାପଖୁଆଇ ଚଳି ନ ପାରିଲେ ମାନସିକ ଭାରସାମ୍ୟ ହରାଇଥାଏ, ଯାହାଦ୍ୱାରା ମାନସିକ ସ୍ଥିରତାରେ ଆଘାତ ଘଟିଥାଏ। ଫଳରେ ତା' ଠାରେ ଏହି ରୋଗର କେତେକ ଲକ୍ଷଣ ପ୍ରକାଶ ପାଇଥାଏ। କେତେକ ସ୍ଥଳରେ ଦେଖାଯାଇଥାଏ ଯେ ମସ୍ତିଷ୍କରେ ଥିବା ଜୈବ ପଦାର୍ଥ ଯାହା କି ଡୋପାମିନ୍, ସିରୋଟୋନିନ୍‌ର ଅସନ୍ତୁଳତା ହେତୁ ମାନସିକ ରୋଗ ଦେଖାଦେଇଥାଏ। ମାନସିକ ରୋଗ ଅନେକ ସମୟରେ ବଂଶାନୁକ୍ରମିକ ହୋଇଥାଏ। ନିଜର ରକ୍ତସମ୍ପର୍କୀୟ ପରିବାର ମଧ୍ୟରେ କୌଣସି ଲୋକଙ୍କୁ ଏ ରୋଗ ହୋଇଥିଲେ ଏହା ହେବାର ସମ୍ଭାବନା ଅଧିକ ଥାଏ।

ମାନସିକ ରୋଗୀଟିକୁ ଔଷଧ ଦ୍ୱାରା, ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା, ବିଦ୍ୟୁତ୍ ଦ୍ୱାରା ଚିକିତ୍ସା କରାଯାଏ। ତେବେ ନିୟମିତ ଔଷଧ ନ ଖାଇଲେ ରୋଗଟି ସମ୍ପୂର୍ଣ୍ଣ ଭଲ ହୋଇ ନ ଥାଏ। ସେହିପରି ଏହି ଔଷଧ ଖାଇବା ସମୟରେ ଅନ୍ୟାନ୍ୟ ଶାରୀରିକ ରୋଗ ପାଇଁ ମଧ୍ୟ ରୋଗୀଟି ଔଷଧ ଖାଇ ପାରିବ। ଆଉ ଗୋଟିଏ କଥା ହେଉଛି ମାନସିକ ରୋଗରେ କେତେକ କ୍ଷେତ୍ରରେ ବିବାହ କରିବା ଉଚିତ ନୁହେଁ, ତେବେ ସ୍ଥଳବିଶେଷରେ ଉଭୟ କନ୍ୟା ଓ ବରପକ୍ଷଙ୍କ ଦ୍ୱାରା ଜାଣନ୍ତରେ ଚିକିତ୍ସଙ୍କ ସହିତ ପରାମର୍ଶ କରି ବିବାହ କରାଯିବା ଉଚିତ। ମାନସିକ ରୋଗୀଟିକୁ ନିୟମିତ ଔଷଧ ଦେବା ସହ ଶାରୀରିକ ପରିଶ୍ରମ କରାଇବା ଜରୁରୀ। ବଡ଼ କଥା ହେଉଛି ମାନସିକ ରୋଗୀମାନଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟ ବ୍ୟବହାରଠାରୁ ଦୂରେଇବା ଉଚିତ। ମାନସିକ ରୋଗୀ ନିଜେ ବା ତା' ପରିବାରର ଅତି ସମ୍ପର୍କୀୟ ବ୍ୟକ୍ତି ଚିକିତ୍ସା ସମୟରେ ରୋଗୀର ସମସ୍ତ ଗୋପନୀୟ ଘଟଣା ଚିକିତ୍ସକଙ୍କୁ ଜଣାଇବା ଉଚିତ। କାରଣ ଚିକିତ୍ସକ ଏହାକୁ ଗୋପନୀୟ ରଖି ରୋଗୀର ଚିକିତ୍ସା କରାଇଥାନ୍ତି। ମାନସିକ ରୋଗୀ ପ୍ରତି ସମସ୍ତଙ୍କର ସହାନୁଭୂତି, ସ୍ନେହ ଓ ଶ୍ରଦ୍ଧା ତଥା ଭଲ ପାଇବାର ଆବଶ୍ୟକତା ହେଉଛି ସବୁଠାରୁ ବଡ଼ ଚିକିତ୍ସା। ସମାଜରେ ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ସହଯୋଗର ହାତ ବଢ଼ିଲେ ଆମ ସମାଜରେ ଏହିପରି ମାନସିକ ବିଷାଦରେ ଭାରାକ୍ରାନ୍ତ ହୋଇଥିବା ଲୋକଟିର ମୁହଁରୁ ଚେନାଏ ହସ ଫୁଟିପାରିବ ଏହା ହିଁ ହେବ ଶ୍ରେଷ୍ଠ ମାନବିକତାର ଧର୍ମ।

**ମାନସିକ ରୋଗ ବିଶେଷଜ୍ଞ, ଦି' ବ୍ରେନ୍, ପୁରୀଘାଟ ରୋଡ୍, କଟକ**
**ମୋ : ୯୧୩୨୪୩୩୩୩୩**

## ଏଇ ଭାରତରେ

କେତେକେ ନିଜ ଘରେ ଆଣ୍ଠୁଆ ଗୋପାଳଙ୍କୁ ରଖି ପୂଜା କରନ୍ତି। କିନ୍ତୁ ଆଣ୍ଠୁଆ ଗୋପାଳ ସ୍କୁଲରେ ପାଠ ପଢ଼ିବା କଥା କେହି ହୁଏତ ଶୁଣି ନ ଥିବେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ଆଗ୍ରାର ନୁରୀ ଦରବାଜ ଅଞ୍ଚଳରେ। ଏହି ଅଞ୍ଚଳର ଶିକ୍ଷୟିତ୍ରୀ ଅଲକା ସିଂହ ଘରେ ରଖିଥିବା ଆଣ୍ଠୁଆ ଗୋପାଳଙ୍କୁ ନିଜ ପୁଅ ଭାବି ସ୍କୁଲରେ ନାମ ଲେଖାଇଛନ୍ତି। ବାନ୍ଧବୀ ତାଙ୍କୁ ଯେଉଁ ଆଣ୍ଠୁଆ ଗୋପାଳ ଉପହାର ଦେଇଥିଲେ ତାଙ୍କୁ ସେ ପୁଅ ବୋଲି ଭାବି ନାମ କେଶବ ଦେଇଛନ୍ତି ଓ ପ୍ରତିବର୍ଷ ଜନ୍ମଦିନ ପାଳୁଛନ୍ତି। ଏପରିକି ପିଲାପ ଦାୟିତ୍ୱ ନେଲାପରି କେଶବଙ୍କ ସମସ୍ତ ନିତ୍ୟକର୍ମ ନିର୍ବାହ କରୁଛନ୍ତି। ଆଣ୍ଠୁଆ ଗୋପାଳ ଘରକୁ ଆସିବାର ୫ ବର୍ଷ ପରେ ଖଡ଼ିଛୁଆଁ ଓ ଏକ ନର୍ସରୀ ସ୍କୁଲରେ ଆଡ୍‌ମିଶନ ମଧ୍ୟ କରାଇଛନ୍ତି। ଖାଲି ଯେ ନାମ ଲେଖାଇଛନ୍ତି ତା ନୁହେଁ ସେ କେଶବଙ୍କ ପାଇଁ ବହି ଖାତା ଆଦି ସବୁ କିଣିଛନ୍ତି ଓ ତାଙ୍କ ହୋମ୍‌ୱାର୍କ କରାନ୍ତି, ପାଠ ବି ପଢାନ୍ତି। ଶୁଣିବାକୁ ଅଜବ ମନେ ହେଉଥିଲେ ବି ପ୍ରତିଦିନ ରୁଟିନ୍ ଭଳି ଅଲକା ଏସବୁ କରନ୍ତି। ତାଙ୍କ କହିବା ଅନୁସାରେ ପ୍ରତିଦିନ ରାତିରେ ଆଣ୍ଠୁଆ ଗୋପାଳ ସ୍ୱପ୍ନରେ ଆସି ସବୁ ପାଠ ତାଙ୍କୁ ଶୁଣାଇଥାନ୍ତି। ଅଳକାଙ୍କର ଏଭଳି କୃଷ୍ଣ ଭକ୍ତି ନେଇ ଏବେ ବିଭିନ୍ନ ସ୍ଥାନରେ ଚର୍ଚ୍ଚା ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୭ ଅକ୍ଟୋବର ୧୯୭୫**

- ଗୋଦାବରୀ ନଦୀ ଓ ଏହାର ଉପନଦୀଗୁଡ଼ିକର ଜଳ ବଣ୍ଟନ ବା ବ୍ୟବହାର ସଂକ୍ରାନ୍ତ ପ୍ରକଳ୍ପ ସମୂହର ଅନୁମୋଦନ ଘେନି ମହାରାଷ୍ଟ୍ର ଏବଂ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଆର୍ଜେଣ୍ଟିନାରେ ଗରିଲା ଓ ସାମରିକ ବାହିନୀଙ୍କ ମଧ୍ୟରେ ସଂଘର୍ଷ ଫଳରେ ଅନ୍ୟୂନ ୨୭ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ପ୍ରାନ୍ତର ପଥେ ଖେଳିଉଠୁ ଶ୍ୟାମ ଘାସ
ଅନ୍ତରେ ଫୁଟୁ କୋମଳ କମଳ-ହାସ
ନିର୍ମଳ କରି ଆଲୋକ ପବନ
ନିର୍ମଳ କରି ଧରଣୀ ଗଗନ
ଜୀବନର ଧାରା ଦିଅ ହେ ଖେଳାଇ
ବିଶ୍ୱେ ସକଳ ପଥେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ।
-(ବର୍ଷା-ଅଶ୍ରୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | 1 | | 8 | 9 | |
| | | | | | | | 6 | |
| | | | | | 8 | | | 1 |
| 1 | | 5 | | | 3 | 4 | | |
| | 6 | 8 | | | | | | 9 |
| | | | | 7 | | 6 | 5 | |
| | 3 | | 4 | | 2 | 9 | | 8 |
| 8 | | | 6 | | 7 | | 4 | |
| 4 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 1 | 8 | 5 | 4 | 7 | 6 | 2 |
| 2 | 8 | 4 | 7 | 1 | 6 | 9 | 5 | 3 |
| 6 | 7 | 5 | 9 | 3 | 2 | 8 | 4 | 1 |
| 5 | 2 | 9 | 3 | 4 | 1 | 6 | 7 | 8 |
| 7 | 1 | 3 | 6 | 8 | 5 | 4 | 2 | 9 |
| 8 | 4 | 6 | 2 | 9 | 7 | 3 | 1 | 5 |
| 4 | 9 | 2 | 5 | 7 | 3 | 1 | 8 | 6 |
| 1 | 5 | 8 | 4 | 6 | 9 | 2 | 3 | 7 |
| 3 | 6 | 7 | 1 | 2 | 8 | 5 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧାନ କ୍ୱିଣ୍ଟାଲ ୩୧୦୦ ଟଙ୍କା ଚାଉଳ କିଲୋ କେତେ

ମହାଶୟ,

ରାଜ୍ୟରେ ଭାଜପା ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ସରକାର ଚାଷୀଙ୍କଠାରୁ ଉତ୍ପାଦିତ ଧାନକୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣିବ ବୋଲି କହିଥିଲେ। କିଛିଦିନ ତଳେ ସିଏମ୍ କିଷାନ ଯୋଜନାରେ ବହୁ କୋଟିର ଅର୍ଥିକ ସହାର୍ଯ୍ୟ ଦିଆଯାଇଛି। କେନ୍ଦ୍ର ସରକାର କିଛି ଧାନ କ୍ୱିଣ୍ଟାଲର କିଣାମୂଲ୍ୟ ୨୨୦୦ ଟଙ୍କା ସ୍ଥିର ରଖିଛନ୍ତି। ତେଣୁ ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ୯୦୦ ଟଙ୍କା ଭରଣ କରିବାକୁ ବାଧ ହେବେ। ତେଣୁ ସରକାର ଯଦି ଧାନ କ୍ୱିଣ୍ଟାଲ ୩୧୦୦ ଟଙ୍କାରେ କିଣନ୍ତି ଏକ କିଲୋ ଚାଉଳର ଦର କେତେ ହେବ ତାହା ଆଲୋଚନା ସାପେକ୍ଷ। ତେବେ ଉଚ୍ଚାଦରରେ ଖାଉଟି ଏହା କିଣିବାକୁ ବାଧ ହେବେ। ରାଜ୍ୟର ଲୋକସଂଖ୍ୟା ୪ କୋଟି ୨୦ ଲକ୍ଷରୁ ୩ କୋଟି ୩୯ ଲକ୍ଷ ଲୋକ ଦାରିଦ୍ର ସୀମାରେଖା ତଳେ ରହି ମାଗଣା ଚାଉଳ ଖାଉଛନ୍ତି। ତେଣୁ ସ୍ୱଚ୍ଛଳ ବର୍ଗ ଓ ମଧ୍ୟମ ଶ୍ରେଣୀ ଯେଉଁମାନେ ଓ ଦେଶର ବିକାଶରେ ନିଜର ସକ୍ରିୟ ଅଂଶଗ୍ରହଣ କରନ୍ତି ଓ ଯେଉଁ ମାନେ ସରକାରଙ୍କ ସେପରି କୌଣସି ଆର୍ଥିକ ସହାୟତା ପାଉ ନାହାନ୍ତି ସେମାନଙ୍କ ଏହି ମହଙ୍ଗା ଚାଉଳ କିଣି ନିଜ ପରିବାର ପ୍ରତିପୋଷଣ କରିବେ। ଦାରିଦ୍ର୍ୟ ଦୂରୀକରଣ ଯୋଜନା ଜନକଲ୍ୟାଣୀକାରୀ ଆଖ୍ୟା ଦିଆଯାଉଥିଲେ ହେଁ ପରୋକ୍ଷରେ ଭୋଟବ୍ୟାଙ୍କ କହିଲେ ଅତ୍ୟୁକ୍ତି ହେବ ନାହିଁ।

**-ହରମୋହନ ମହାନ୍ତି, ଦଉତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଡିସେମ୍ବର ୨୩ରୁ ଖରସ୍ରୋତା ପୁସ୍ତକ ମେଳା

ସିଂହପୁର,୬।୧୦(ଅନଙ୍ଗ ଉଦୟ ବେଉରିଆ):

ଖରସ୍ରୋତା ପୁସ୍ତକ ମେଳା ଉପଲକ୍ଷେ ଶିକ୍ଷାବିତ ଗଦାଧର ପଢ଼ିଆରୀଙ୍କ ଅଧ୍ୟକ୍ଷତାରେ ଦେସାହି ପଞ୍ଚାୟତର ଦଧିବାମନଜୀଉ ଉଚ୍ଚ ବିଦ୍ୟାପୀଠ ପରିସରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖରସ୍ରୋତା ପୁସ୍ତକ ମେଳା ଡିସେମ୍ବର ୨୩ରୁ ୨୭ ପର୍ଯ୍ୟନ୍ତ ପାଞ୍ଚଦିନ ଦିନ ଧରି ଅନୁଷ୍ଠିତ ହେବ ବୋଲି ମେଳା କମିଟି ଅଧ୍ୟକ୍ଷ ପଦ୍ମାକର ଗୁରୁ ସୂଚନା ଦେଇଛନ୍ତି। ଏଥିରେ ବିଞ୍ଝାରପୁର, ଆଳି, ରାଜକନିକା, ବରୀ ଓ ଦଶରଥପୁର ବ୍ଲକ୍‌ର ଅନ୍ୟୁନ ୧ ହଜାର ଶିକ୍ଷାବିତ୍, କବି, ଲେଖିକା, ସାହିତ୍ୟିକ, ପୁସ୍ତକ ପ୍ରେମୀ, ପ୍ରାବନ୍ଧିକ ଓ ସଚେତନ ନାଗରିକମାନଙ୍କୁ ଏକାଠି କରି ସଭ୍ୟ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି ବୋଲି ଗୁରୁ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ନିରନ୍ତର ଓ ନିୟମିତ ରୂପେ ଖରସ୍ରୋତା ଅବବାହିକାର କଣ୍ଡିଆ ହାଟ, ସିଂହପୁର, ଓ ଫତେପୁର ଆଦି ଅଞ୍ଚଳରେ ପ୍ରସ୍ତୁତି ବୈଠକ ଜାରି ରହିଛି। ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ମଇଁଦା, ବିଞ୍ଝାରପୁର, ପ୍ରୀତିପୁର ଓ ଗୁହାଳି ଆଦି ଠାରେ ପ୍ରସ୍ତୁତି ବୈଠକ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ବିଶିଷ୍ଟ ଶିକ୍ଷାବିତ ମହେଶ୍ୱର ନନ୍ଦ, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ, ଦେସାହି ସମିତିସଭ୍ୟ ସନ୍ତୋଷ ବେହୁରିଆ, ପ୍ରଧାନଶିକ୍ଷକ ଅଜୟ ପଣ୍ଡା, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ଥାଟୋଇ, ଚନ୍ଦ୍ର ଭାନୁ ବିଶ୍ୱାଳ, ରମାକାନ୍ତ ନାୟକ, ଅକ୍ଷୟ କୁମାର ସେଠୀ, ନାରାୟଣ ଚନ୍ଦ୍ର ଦାସ, ଶିଶିର କୁମାର ଜେନା, ଭବବିରଞ୍ଚି ନାରାୟଣ ମହାନ୍ତି, ନିଖିଳ ସାମଲ, ଭାରତ ଭୂଷଣ ମଲ୍ଲିକ, ଜ୍ଞାନେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, ଶ୍ୟାମ ସୁନ୍ଦର ପରିଡା, ବୃନ୍ଦାବନ ସୂତାର, ରବୀନ୍ଦ୍ର ମହାନ୍ତି, ନିରଞ୍ଜନ ରଥ, ବିକାଶ ଚନ୍ଦ୍ର ମାଝୀ, ରବିନାରାୟଣ ପତି, ଜିତେନ୍ଦ୍ର ସେଠ ଓ ଶିଶିର କୁମାର ସାହୁ ପ୍ରମୁଖ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ।

# ଜାଲ୍ ଭିନ୍ନକ୍ଷମ ପ୍ରମାଣପତ୍ରରେ ଫାର୍ମାସିଷ୍ଟ ଚାକିରି

## ତଦନ୍ତ ନିର୍ଦ୍ଦେଶ ଦେଲେ ରାଜ୍ୟ ଭିନ୍ନକ୍ଷମ କମିଶନ

ଯାଜପୁର,୬।୧୦(ହର୍ଷବର୍ଦ୍ଧନ ବେହେରା):

ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ସଂରକ୍ଷଣ ପଦବୀ ହାତେଇ ନେଇ ଦୁଇ ସରକାରୀ କର୍ମଚାରୀ ଯାଜପୁର ଜିଲାର ବରୀ ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଚାକିରି କରୁଥିବା ଅଭିଯୋଗ ହୋଇଛି। ଏନେଇ ରାଜ୍ୟ ଭିନ୍ନକ୍ଷମ କମିଶନ ୫।୯।୨୦୨୪ରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କୁ ତଦନ୍ତ କରି ଆଇନ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗକାରୀ ତ୍ରିଲୋଚନ ପଲେଇ ଦର୍ଶାଇଛନ୍ତି।

ଅଭିଯୋଗ ଅନୁଯାୟୀ, ପରେଶ କୁମାର ମଲିକ ଦୃଷ୍ଟି ବାଧିତ ଭିନ୍ନକ୍ଷମ ୫୦% ପ୍ରମାଣପତ୍ର ଦେଇ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚସି) ଅଧୀନ ବାଲିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ପଦବୀରେ ଅବସ୍ଥାପିତ ଅଛନ୍ତି । ସେ ପୂର୍ବରୁ ଜଣେ ଲାବୋରଟରୀ ଟେକ୍ନିସିଆନ (ପରୀକ୍ଷକ) ଭାବେ ଯାଜପୁର ଜିଲାର ଯକ୍ଷ୍ମା ବିଭାଗରେ ବ୍ରହ୍ମବରଦା ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିଲେ। ଯଦି ତାଙ୍କର ଆଖିରେ ୫୦% ଦୃଷ୍ଟି ବାଧିତ ଭିନ୍ନକ୍ଷମତା ଦୋଷ ରହିଛି ତେବେ ସେ କିପରି ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ପରୀକ୍ଷା ନିରୀକ୍ଷା କରୁଥିଲେ ବୋଲି ପ୍ରଶ୍ନ ଉଠିଛି। ଅନ୍ୟ ଏକ ଆଶ୍ଚର୍ଯ୍ୟର ବିଷୟ, ସେ ୫୦% ଦୃଷ୍ଟି ବାଧିତ ଭିନ୍ନକ୍ଷମ ତେବେ ସେ ପରିବହନ ବିଭାଗରୁ ଚାରି ଚକିଆ ଓ ଦୁଇ ଚକିଆ ଯାନ ଚଳାଇବାକୁ ଲାଇସେନ୍ସ ହାତେଇ ୪ ଚକିଆ ଓ ୨ ଚକିଆ ଯାନ ଚଳାଇ ପାରୁଛନ୍ତି। ଯଦି ସେ ୫୦% ଦୃଷ୍ଟି ବାଧିତ ଭିନ୍ନକ୍ଷମ ବିଗତ ୧୪ ବର୍ଷ ଧରି କିପରି ରୋଗୀ ଦେଖୁଛନ୍ତି, ପ୍ରେସକିପସନ ଲେଖୁଛନ୍ତି ଓ ରୋଗୀମାନଙ୍କ ଶିର(ଭ୍ୟାନ) ଚିହ୍ନଟ କରି ଇଞ୍ଜେକଶନ ଦେଉଛନ୍ତି ବୋଲି ଅଭିଯୋଗ ହେଉଛି। ଅନ୍ୟଜଣେ ଅମ୍ଳାନ କୁମାର ପାଣି ଧର୍ମଶାଳା ସିଏଚସି ଅଧୀନ ଗଡମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ପଦବୀରେ ଅବସ୍ଥାପିତ ଅଛନ୍ତି । ସେ ୫୦% ଲୋକୋମୋଟର (ହାତ/ପାଦର ଭିନ୍ନକ୍ଷମ) ଜାଲ ପ୍ରମାଣ ପତ୍ର ଦେଇ ଚାକିରୀ ପାଇଥିବା ଅଭିଯୋଗ ହୋଇଛି। ଏ ବିଷୟରେ ସ୍ଥାନୀୟ ଅଞ୍ଚଳର ତ୍ରିଲୋଚନ ପଲେଇ ଗତ ଜୁନରେ ହାଇକୋର୍ଟରେ ଏକ ଅଭିଯୋଗପତ୍ର ଦାଖଲ କରିବା ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମଓ) ଉପରୋକ୍ତ ନକଲି ପ୍ରମାଣପତ୍ର ଧାରୀ ଅଭିଯୁକ୍ତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ୧୧।୧୧।୨୦୨୪ କୁ ସ୍ଥିର ହୋଇଛି।

ଅଭିଯୋଗ ଅନୁସାରେ ୨୦୧୦ ମସିହାରେ ବାହାରିଥିବା ୧୨ଟି ଫାର୍ମାସିଷ୍ଟ ପଦବୀ ମଧ୍ୟରୁ ଗୋଟିଏ ପଦବୀ ଭିନ୍ନକ୍ଷମଙ୍କ ପାଇଁ ସଂରକ୍ଷିତ ଥିବାବେଳେ ଏହି ତାଲିକାରେ ତ୍ରିଲୋଚନ ପଲେଇ ଫାର୍ମାସୀରେ ୭୦.୯୫ % ନମ୍ବର ଥାଇ ପ୍ରଥମ ସ୍ଥାନରେ ରହିଥିଲେ। ଅମ୍ଳାନ କୁମାର ପାଣି ୬୭.୪୮% ନମ୍ବର ରଖି ତାଲିକାର ଷଷ୍ଠ ସ୍ଥାନରେ ଏବଂ ପରେଶ କୁମାର ମଲିକ ୫୭.୬୨% ନମ୍ବର ରଖି ତାଲିକାର ୧୩ ତମ ସ୍ଥାନରେ ଥିଲେ। କିନ୍ତୁ ପ୍ରଥମ ସ୍ଥାନରେ ଥିବା ପଲେଇଙ୍କୁ ନିଯୁକ୍ତି ଦିଆ ନ ଯାଇ ୬ଷ୍ଠ ଓ ୧୩ ତମ ସ୍ଥାନରେ ଥିବା ପ୍ରାର୍ଥୀଙ୍କୁ କିପରି ନିଯୁକ୍ତି ଦିଆଗଲା ଏବଂ ୧୪।୧୨।୨୦୦୯ ମସିହାର ବିଜ୍ଞାପନ ସଂଖ୍ୟା ୨୦୭–ଇ/୨୦୦୯ ଅନୁଯାୟୀ ଭିନ୍ନକ୍ଷମମାନଙ୍କ ପାଇଁ ଗୋଟିଏ ପଦବୀ ଥିବାବେଳେ ଦୁଇ ଜଣଙ୍କୁ କିପରି ନିଯୁକ୍ତି ଦିଆଗଲା ତାହା ହିଁ ତଦନ୍ତ ସାପେକ୍ଷ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ସେତେବେଳେ ତ୍ରିଲୋଚନ ପଲେଇଙ୍କ ଅଭିଯୋଗକୁ ଭିତ୍ତିକରି ତତ୍କାଳୀନ ଜିଲାପାଳଙ୍କ ନିର୍ଦ୍ଦେଶରେ ତତ୍କାଳୀନ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତ୍ରିଲୋଚନ ପଲେଇଙ୍କର ସମସ୍ତ ନଥିପତ୍ର ଯାଞ୍ଚ କରିଥିଲେ। ଏହାପରେ ତାଙ୍କର ନିର୍ଦ୍ଦେଶ ସଂଖ୍ୟା ୫୯୨/୨୦୧୧ରେ ପଲେଇ ପ୍ରଥମେ ନିଯୁକ୍ତି ପାଇବାକୁ ଯୋଗ୍ୟ ବୋଲି ତତ୍କାଳୀନ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ତେଣୁ ଏ ସଂକ୍ରାନ୍ତରେ ଉପଯୁକ୍ତ ଭାବେ ନିରପେକ୍ଷ ତଦନ୍ତ କରାଗଲେ ଆହୁରି ବଡ଼ ଧରଣର ଜାଲିଆତିର ପର୍ଦ୍ଦାଫାଶ ହୋଇ ପାରନ୍ତା ବୋଲି ସେ ଦାବି କରିଛନ୍ତି।



ଖରସ୍ରୋତା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଭାଜପାର ସଦସ୍ୟତା ଗ୍ରହଣ କରୁଛନ୍ତି ।

## ଭାଜପାର କଲେଜ ସମ୍ମୁଖରେ ସଦସ୍ୟତା ଅଭିଯାନ

ସିଂହପୁର,୬।୧୦(ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟ ସହିତ ବିଭିନ୍ନ କଲେଜ ସମ୍ମୁଖରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବମୋର୍ଚ୍ଚା ସଭାପତି ବାବୁନ ରାଜ, ପ୍ରଭାରୀ ଶଶିକାନ୍ତ ମିଶ୍ର, ମନୋରଞ୍ଜନ ଜେନା, ସୋମଜିତ ପଣ୍ଡା, ସଂଗ୍ରାମ ମହାପାତ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଉତ୍ସାହର ସହ ସଦସ୍ୟତା ଅଭିଯାନରେ ସାମିଲ ହୋଇଥିଲେ। ରବୀନ୍ଦ୍ର ପଣ୍ଡା, ରଖାଲ ମହାନ୍ତି, ଅରୁଣ ମହାନ୍ତି, ନକୁଳ ରାଉତ, ଜୟଶ୍ରୀ ମଲ୍ଲିକ ଓ ସଞ୍ଜୀବ ବେଉରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚତୁର୍ଥ ଦିନରେ ମା'ବିରଜାଙ୍କ ରଥଯାତ୍ରା



ମା' ବିରଜାଙ୍କ ରଥକୁ ଶ୍ରଦ୍ଧାଳୁ ଟାଣି ନେଉଛନ୍ତି ।

ଯାଜପୁର ଟାଉନ,୬।୧୦ (ପ୍ରଯନ୍ତା ପ୍ରିୟଦର୍ଶିନୀ ମହାନ୍ତି):

ମା'ବିରଜାଙ୍କ ରଥଯାତ୍ରା ରବିବାର ଚତୁର୍ଥଦିନରେ ପହଞ୍ଚିଛି। ସକାଳୁ ବୈତରଣୀ ପଣ୍ଡାଙ୍କ ଦ୍ୱାରା ଅଣାଯାଇଥିବା ବୈତରଣୀ ଜଳରେ ମା'ଙ୍କ ମହାସ୍ନାନ ପରେ ପୁଷ୍ପ ଓ ସ୍ୱର୍ଣ୍ଣ ବେଶ କରାଯାଇ ରୀତିନୀତି ଅନୁଯାୟୀ ଷୋଡ଼ଶଉପଚାର ପୂଜା, କଳସ ପୂଜା, ରଥରେ ବିଜେ ପ୍ରତିମାଙ୍କ ପୂଜା ପରେ ମା'ଙ୍କ ପହୁଡ଼ ହୋଇଥିଲା। ଅପରାହ୍ନରେ ପହୁଡ଼ ଖୋଲିବା ପରେ ଗର୍ଭଗୃହରୁ ମା'ଙ୍କ ଶ୍ରୀଅଙ୍ଗଲାଗି ସେବାୟତ ଆର୍ଶୀବାଡ଼ି ଧରି ରଥକୁ ଆସିବା ପରେ ରଥଟଣା ହୋଇଥିଲା। ପୂର୍ବଦିନର ରହିଥିବା ସ୍ଥାନରୁ ଭକ୍ତମାନେ ରଥକୁ ଟାଣି ନେଇ ସନ୍ଧ୍ୟାରେ ଦକ୍ଷିଣ ପଶ୍ଚିମ କୋଣରେ ରଖିଥିଲେ। ରଥରୁ ଆର୍ଶୀବାଡ଼ି ଓହ୍ଲାଇ ମନ୍ଦିର ଗର୍ଭଗୃହକୁ ଗଲାପରେ ମା'ଙ୍କ ଆଳତି ହୋଇଥିଲା। ସେହିପରି ଦ୍ୱିତୀୟାଷ୍ଟମୀଠାରୁ ଆରମ୍ଭ ହୋଇଥିବା ମା'ଙ୍କ ବିଶେଷ ଷୋଡ଼ଶଉପଚାର ପୂଜା ରୀତିନୀତି ଅନୁଯାୟୀ ରାତ୍ରରେ ପୁନଶ୍ଚ ଷୋଡ଼ଶଉପଚାର ପୂଜା, କଳସ ପୂଜା ଓ ରଥରେ ବିଜେ ପ୍ରତିମାଙ୍କ ପୂଜା ପରେ ଅର୍ଦ୍ଧ ରାତ୍ରରେ ମା'ଙ୍କ ପହୁଡ଼ ହୋଇଥିଲା। ସେହିପରି ରଥଯାତ୍ରାଠାରୁ ଆରମ୍ଭ ହୋଇଥିବା ପାଦ ଦର୍ଶନ ୪ର୍ଥ ଦିନରେ ପହଞ୍ଚିଛି। ଦ୍ୱିତୀୟଷ୍ଟମୀଠାରୁ ଆରମ୍ଭ ହୋଇଥିବା ବିଶେଷ ଷୋଡ଼ଶଉପଚାର ପୂଜା ଦ୍ୱାଦଶ ଦିନରେ ପହଞ୍ଚିଛି। ମା'ଙ୍କ ପାଦଦର୍ଶନ ଓ ରଥଟଣା କାର୍ଯ୍ୟକ୍ରମକୁ ପରିଚାଳନା ପାଇଁ ମନ୍ଦିର ପ୍ରଶାସନ ଏବଂ ଯାଜପୁର ଥାନା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ଅମୃତିଆ ହିଙ୍ଗୁଳା କମିଟି ବରିଷ୍ଠ ସଦସ୍ୟଙ୍କ ପରଲୋକ



ପାଣିକୋଇଲି,୬।୧୦(ବିକାଶ ମଲ୍ଲିକ):

କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ହିଂଗୁଳା କମିଟିର ବରିଷ୍ଠ ସଦସ୍ୟ ନୀଳମଣି ଲେଙ୍କା (ବାବନ)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ନୀଳମଣି ଶନିବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ପକ୍ଷରୁ କଟକ ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମରଶରୀରକୁ ଅଣାଯିବା ପରେ ଗ୍ରାମାବସୀ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଖବରଦାତାଙ୍କ ସମସ୍ୟା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିବି: ମନ୍ତ୍ରୀ ବଳସାମନ୍ତ

## ବ୍ୟାସ ପ୍ରିଣ୍ଟ ମିଡିଆର ଷଷ୍ଠ ବାର୍ଷିକ ଉତ୍ସବ

ଯାଜପୁରରୋଡ୍,୬।୧୦(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସ ପ୍ରିଣ୍ଟ୍ ମିଡିଆ ସଂଘର ଷଷ୍ଠ ବାର୍ଷିକ ଉତ୍ସବ ବ୍ୟାସନଗରସ୍ଥିତ ସଂସ୍କୃତି ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମବାୟ, ହସ୍ତଶିଳ୍ପ ଓ ବୟନଶିଳ୍ପ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଖରବାଦାତା ଭୁଲ ଖବର ପରିବେଷଣ କରି ଲୋକଙ୍କୁ ଭ୍ରମିତ କରିବା ଉଚିତ ନୁହେଁ ବୋଲି କହିଥିଲେ। ଖବରଦାତାଙ୍କ ସମସ୍ୟାଗୁଡିକ ସମ୍ପର୍କରେ ଏକ ପ୍ରତିନିଧି ଦଳ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବେ ବୋଲି ପ୍ରକାଶ କରିଥିଲେ। ଏଥିସହିତ ଯାଜପୁରକୁ ଏକ ବିକଶିତ ଜିଲା ଭାବରେ ଗଢି ତୋଳିବା ପାଇଁ ସେ ସମ୍ପୂର୍ଣ୍ଣ ଚେଷ୍ଟିତ ବୋଲି ମତ ରଖିଥିଲେ।

ମୁଖ୍ୟଅତିଥି ଭାବେ ଯାଜପୁର ଏମ୍‌ପି ଡ.ରବୀନ୍ଦ୍ର ନାରାୟଣ ବେହେରା, ବିଶିଷ୍ଟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ମୁଖ୍ୟବକ୍ତା ଭାବେ ରାଜ୍ୟ ସାମ୍ବାଦିକ ସଂଘ ଏସୟୁଜେର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ ଯୋଗଦେଇ ସାମ୍ବାଦିକମାନେ



କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି ।

ସରକାର ଓ ଲୋକଙ୍କ ମଧ୍ୟରେ ସେତୁବନ୍ଧ ହୋଇ କାମ କରୁଥିବାବେଳେ ସେମାନଙ୍କ ସମସ୍ୟା ପ୍ରତି ସରକାର ଯତ୍ନବାନ ହେବାକୁ କହିଥିଲେ। ସଂଘ ସଭାପତି ଶରତ ପଥାଳଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ଚିନ୍ତାମଣି ପାଢ଼ୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବରିଷ୍ଠ ଉପଦେଷ୍ଟା ହାରଧନ ବାନାର୍ଜୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଗଠନ ସମ୍ପାଦକ ଉମାକାନ୍ତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଖବରକାଗଜ ବିକ୍ରେତା ପୂର୍ଣ୍ଣଚନ୍ଦ୍ର ସାହୁ, ସାମ୍ବାଦିକ କୈଳାସ ଚନ୍ଦ୍ର ନାୟକ, ପ୍ରକାଶ ରାଉତ, ଶିକ୍ଷାବିତ ଆଲେକ ଜାଣ୍ଡାର ଦାସ, ଶ୍ରେଷ୍ଠ ଚିକିତ୍ସକ ଡା. କୁଳମଣି ବାରିକ, ଟାଟା ଷ୍ଟିଲର କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ଶୁଭ୍ରାଂଶୁ ଶେଖର ପଣ୍ଡା, ଯୁବ ଶିଳ୍ପଦ୍ୟୋଗୀ ବଚନ ସାମଲ, ସାମାଜିକ କର୍ମୀ ମହାମାୟା ପ୍ରତାପ ସ୍ୱାଇଁ, ନାରୀ ନେତ୍ରୀ ଇତିଶ୍ରୀ ଜେନା ଓ ଆଦର୍ଶ ଶିକ୍ଷୟିତ୍ରୀ ଭାବେ କନକଲତା ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ବରିଷ୍ଠ ଉପଦେଷ୍ଟା ବାବୁରାମ ଜେନା, ଉଦୟନାଥ ଖଣ୍ଡାଇ, ଉପସଭାପତି ପ୍ରଦ୍ୟୁମ୍ନ ବୋଇତାଇ, ଯଜ୍ଞଦତ୍ତ ତ୍ରିପାଠୀ, ସହସମ୍ପାଦକ ଭରତ ରାଉତ, କୈଳାସ ରାଉତ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ, କାର୍ଯ୍ୟକାରୀ ସଦସ୍ୟ ବିଜୟ ସାହୁ, ଦୁଷ୍ମନ୍ତ କୁମାର ରାଉତ, ପ୍ରଶାନ୍ତ ପାତ୍ର, ସୁଦୀପ ମିଶ୍ର, ଜ୍ଞାନରଞ୍ଜନ ରାଉତ, ବିଶ୍ୱରଞ୍ଜନ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପବିତ୍ର ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଅମିୟ ସଭାପତି, ଦିଲୀପ ସାଧାରଣ ସମ୍ପାଦକ



ଯାଜପୁରରୋଡ୍ ଟ୍ରକ ମାଲିକ ସଂଘର ନବନିର୍ବାଚିତ କର୍ମକର୍ତ୍ତା ।

## ଯାଜପୁରରୋଡ୍ ଟ୍ରକ ମାଲିକ ସଂଘ ନିର୍ବାଚନ

ଯାଜପୁରରୋଡ୍,୬।୧୦ (ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ୍ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଅମିୟ ରଞ୍ଜନ ବାରିକ ଓ ସାଧାରଣ ସମ୍ପାଦକ ଭାବେ ଦିଲୀପ କୁମାର ମଲ୍ଲିକ ପୁନର୍ବାର ନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି କିଶୋର କୁମାର ରାଉତ, ଯୁଗ୍ମସମ୍ପାଦକ ଅଶୋକ କୁମାର ସାହୁ, ସହସମ୍ପାଦକ ସମିର କୁମାର ପରିଡ଼ା ଓ କୋଷାଧ୍ୟକ୍ଷ ଭାବେ ସ୍ମୃତିରଞ୍ଜନ ଘଡ଼ାଇ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବିଜୟ କୁମାର ମହାନ୍ତି, ଅଶୋକ କୁମାର ନାୟକ, ରାଜକିଶୋର ପ୍ରଧାନ, ହୃଦାନନ୍ଦ ସାମଲ ଏବଂ ବ୍ରଜକିଶୋର ରାଉତ ନିର୍ବାଚନ ପରିଚାଳନା କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଯାଜପୁରରୋଡ୍ ଥାନା ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ନିର୍ବାଚନରେ ୬ ପଦବୀ ପାଇଁ ୧୨ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ।


**GOVERNMENT OF ODISHA** No.B-374

**SUPERINTENDING ENGINEER, BOUDH (R&B) DIVISION, BOUDH**

E-Mail : eeboudhrb@gmail.com

**INVITATIONS FOR BIDS (IFB)**

"e" Procurement Notice

Letter No. : 3568 Dtd. : 27.09.2024

Bid Identification No. SE (R&B)-BDH 05/2024-25

| | | | |
|---|---|---|---|
| 1 | Name of the work | : | 01 (One) No. of Civil work (Double cover) |
| 2 | Estimated Cost | : | 71.40 lakh |
| 3 | Period of Completion | : | 03 (Three) Calendar months |
| 4 | Date & Time of availability of Bid documents in the portal | : | From 09.10.2024, 10.00 A.M. to 24.10.2024, 5.00 P.M. |
| 5 | Last date/time for seeking of Tender Clarification | : | 24.10.2024 up to 1.00 P.M. |
| 6 | Last date/time for receipt of bids in the portal | : | Up to 5.00 P.M. of dated 24.10.2024 |
| 7 | Date & time of opening of tender / Bid | : | 25.10.2024 at 11.30 A.M. |
| 8 | Name and address of the O.I.T. | : | Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in.

OIPR-34134/11/0005/2425

Sd./- Additional Chief Engineer, Boudh (R&B) Division, Boudh



**ODISHA NURSES & MIDWIVES REGISTRATION COUNCIL**

Directorate of Medical Education & Training, Odisha

Bhubaneswar, Odisha-751001, E.mail : onmrcnrts@gmail.com

No.E-383

Notice No. : 5958 Dt. : 05.10.2024

**Notice for Mandatory NUID Registration for Nursing Professionals in the State**

This is to inform that all the nursing personnel who are working in different organizations must have a valid Nursing Unique Identification (NUID) registration as per the Indian Nursing Council (INC, New Delhi) Gazette notification (Available in NRTS Web portal). The validity of the NUID registration is for a period of five years. There after renewal registration of NUID is mandatory for all nursing personnel through NRTS web portal of Indian Nursing Council (https:nrts.indiannursingcouncil.gov.in).

In case, the application for renewal is not done within 6 months of expiry of the validity period, a penalty of Rs. 5000/- shall be charged in addition to the renewal registration fees.

Hence, all the nursing professionals are hereby instructed to renew their NUID registration immediately through NRTS Portal.

OIPR-10252/11/0002/2425 Sd./- DMET(O) & Chairman, ONMRC



**National Dairy Development Board**

PB No. 40, Anand, Gujarat-388001, Tel: 02692-260 148/149/160 Fax: 02692-260 159

Website: http://www.nddb.coop, Email: purchase@nddb.coop

**INVITATION FOR BIDS (IFB) / LOCAL COMPETITIVE BIDDING (LCB)**

Bids are invited on behalf of Service Recipients/ NDDB from eligible bidders for the works listed below:

| Sl. No. | Description of works / Bid Reference | Estd. Cost (₹) incl GST /Duration | Event Start / Close Date | Bid submission / opening date & time |
|---|---|---|---|---|
| A | Civil, Structural, Water Supply, Sanitary & Other Misc. works including Internal Electrification works for: | | | |
| I | 6 LLPD expandable to 10LLPD Automated Dairy Plant with value added products and powder plant at Nagpur, Maharashtra. NDDB/HO/Purchase/64/24-25/ET/64 (CIVIL-NAGPUR) | 16000 Lakh/ 16 Months | 09.10.24/ 30.10.24 | 30.10.24 15:00 hrs. 30.10.24 15:30 hrs. |
| II | 2.35 LLPD Fermented Milk Product Plant at Amritsar Punjab NDDB/HO/Purchase/65/24-25/ET/65 (CIVIL-AMRITSAR) | 4600 Lakh/ 15 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |
| III | Strengthening of existing Verka Frozen Semen Station, Bhattian,Khanna, Punjab. NDDB/HO/Purchase/66/24-25/ET/66 (CIVIL-KHANNA) | 720 Lakh/ 10 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| IV | Upgradation & associated repair works at CCSNIAH, Baghpat. NDDB/HO/Purchase/67/24-25/ET/67 (CIVIL-BAGHPAT) | 2000 Lakh / 12 Months | 07.10.24/ 28.10.24 | 28.10.24 15:00 hrs. 28.10.24 15:30 hrs. |
| B | Design, Supply, Installation, Testing and Commissioning the following: | | | |
| I | 2.35 LLPD Fermented Milk Product Plant at Amritsar, Punjab NDDB/HO/Purchase/68/24-25/ET/68 (LMP-AMRITSAR) | 3900 Lakh / 15 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| II | Effluent Treatment Plant of 8 LLPD at Amritsar, Punjab NDDB/HO/Purchase/69/23-24/ET/69 (ETP-AMRITSAR) | 720 Lakh / 12 Months | 12.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| III | Freon based Refrigeration system incl. PUF Insulation works for Cold stores at Amritsar, Punjab NDDB/HO/Purchase/70/24-25/ET/70 (REFRI-AMRITSAR) | 500 Lakh / 12 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| IV | Fire hydrant system at Amritsar, Punjab NDDB/HO/Purchase/71/24-25/ET/71 (FIRE-AMRITSAR) | 72.44 Lakh / 10 Months | 12.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| V | 25 TLPD UHT plant at Kangra, Himachal Pradesh. NDDB/HO/Purchase/72/24-25/ET/72 (UHT-KANGRA) | 3510 Lakh/ 10 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |
| VI | Interior & Furnishing Works with complete system and all accessories as directed at Arilo, Govindpur, Odisha. NDDB/HO/Purchase/73/24-25/ET/73 (FURNITURE-OMFED) | 63.05 Lakh/ 04 Months | 07.10.24/ 28.10.24 | 28.10.24 15:00 hrs. 28.10.24 15:30 hrs. |
| VII | 150KLPD capacity Containerized Prefab Package Type Skid Mounted Sewage Treatment Plant (STP) at NDDB Campus, Anand NDDB/HO/Purchase/74/24-25/ET/74 (STP-NDDB ANAND) | 208 Lakh/ 06 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop, and www.mstcecommerce.com/eprocn. For any clarification please contact **Group Head (Purchase), NDDB, Anand-388001**

**NB: Any corrigendum/modification etc. will be posted only on these websites**



**BERHAMPUR MUNICIPAL CORPORATION, GANJAM**

**INVITATIONS FOR BIDS (IFB)** No.C-709

Letter No. 8604 Date : 01.10.2024

Invitation for Bids

COMPETATIVGE BIDDING THROUGH E-PROCUREMENT

Bid Identification No. BMC (BAM) 298/2024-2025

| | | |
|---|---|---|
| 1 | The Municipal Commissioner, Berhampur invites percentage rate bids in ONLINE MODE only, as per annexure "A" | |
| 2 | Nature of work | Works CIVIL |
| 3 | No. of work | 361 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha, as per Annexure "A" |
| 6 | Class of Contractor | As per the Annexure "A" |
| 7 | Availability of Bid Documents in the website | From 15.05 hrs. of Dt. 09.10.2024 to 17.00 hrs. of 24.10.2024 |
| 8 | Date & Time of Opening of the Bids | 11.30 hrs. onwards on Dt. 25.10.2024 |
| 9 | Mode of submission of tender | Tender Should submitted On line in www.tendersorissa.gov.in |
| 10 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

OIPR-13035/11/0010/2425

Sd./- Commissioner, Berhampur Municipal Corporation Berhampur, Odisha

## ମା' ସିଦ୍ଧିଦାତ୍ରୀଙ୍କ କୁଷ୍ମାଣ୍ଡା ବେଶ



ନାଉଗାଁ,୬ା୧୦ (ସୁଧା ବେହୁରା)

ଜଗତ୍‌ସିଂହପୁର ବ୍ଲକ ସରାପ୍ପୋସ୍ଥିତ ମା'ସିଦ୍ଧିଦାତ୍ରୀଙ୍କ ଷୋଡ଼ଶ ଦିନାତ୍ମକ ଶାରଦୀୟ ଦୁର୍ଗାପୂଜାର ଦ୍ୱାଦଶ ତଥା ନବରାତ୍ରର ଚତୁର୍ଥ ଦିବସରେ ମା'ଙ୍କୁ କୁଷ୍ମାଣ୍ଡା ବେଶରେ ସୁସଜ୍ଜିତ କରାଯାଇଥିଲା। ଉକ୍ତ ବେଶକୁ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା।

# ବେଳାଭୂମିରୁ କଟାଚାଲିଛି ଝାଉଁଗଛ

### ଶିଳ୍ପ ସମ୍ପ୍ରସାରଣ ପାଇଁ ପରମିଶନ ମିଳିଛି ବନବିଭାଗ

ପାରାଦୀପ,୬ା୧୦(ଶରତ ରାଉତ)



ଉପକୂଳ ସୁରକ୍ଷା ପାଇଁ ବ୍ୟାପକ ଚାରା ରୋପଣ ଓ ସାମୁଦ୍ରିକ ଜଳଜୀବଙ୍କ ବଂଶବୃଦ୍ଧି ପାଇଁ ବେଳାଭୂମିରେ ଜଙ୍ଗଲ କରିବା ଭଳି ଅନେକ ସଚେତନତା କାର୍ଯ୍ୟକ୍ରମ ସରକାରୀ ବେସରକାରୀ ଭାବେ କରାଯାଉଛି। କିନ୍ତୁ ସେହି ବେଳାଭୂମିରେ ଥିବା ଝାଉଁ ଜଙ୍ଗଲ ଏବେ ଶିଳ୍ପ ସମ୍ପ୍ରସାରଣ ପାଇଁ କଟା ଯାଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଜଗତ୍‌ସିଂହପୁର ଜିଲା ପାରାଦୀପ ଷଣ୍ଢକୁଦ ବନବିଭାଗ ବିଟ ହାଉସଠାରୁ ଜଟାଧାର ମୁହାଁଣ ପର୍ଯ୍ୟନ୍ତ। ଏପର୍ଯ୍ୟନ୍ତ ହଜାରରୁ ଅଧିକ ଝାଉଁ ଗଛ କଟା ସରିଛି। ରବିବାର ମଧ ଗଛ କଟାଯାଇ ଗୋଟେ ଗୋଟେ ଜାଗାରେ ଗଚ୍ଛିତ କରାଯାଉଥିବା ଦେଖିବାକୁ ମିଳିଛି। ଉକ୍ତ ଗଛ କାଟିବା ସମ୍ପର୍କରେ କୁଜଙ୍ଗ ବନାଞ୍ଚଳ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡେଇଙ୍କୁ ପଚାରିଲେ କୁହନ୍ତି, ଏଥିପାଇଁ ଅନୁମତି ମିଳିଛି। ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପାଇପଲାଇନ ପାଇଁ ଏପରି କରାଯାଉଛି। ଏନେଇ ୬ କିମି ପର୍ଯ୍ୟନ୍ତ ବେଳାଭୂମିରେ ଗଛ କଟାଯିବ ବୋଲି ସେ କହିଛନ୍ତି। ଏହାର ସୁଯୋଗରେ ଆଉ କେତେଜଣ ଲୋକ ଜଙ୍ଗଲ କାଟି ସେଠାରେ ପାଚେରି ବୁଲେଇ ଅକ୍ତିଆର କରି ଗଲେଣି। ସେହି ବେଳାଭୂମି ରାସ୍ତା ଏବେ ସମ୍ପ୍ରସାରିତ ହେଉଛି। କାରଣ ଢିଙ୍କିଆ ଅଞ୍ଚଳରେ ଏକ ବୃହତ୍ କାରଖାନା ହେବାକୁ ଯାଉଛି। ରାସ୍ତାକଡ ଜଙ୍ଗଲ କାଟି ଜାଗା ରଖିଲେ ଭବିଷ୍ୟତରେ ଫାଇଦା ହେବ ବୋଲି ଏପରି କରାଯାଉଛି ବୋଲି ଜଣାପଡିଛି। ଏସବୁ କାମ ପ୍ରଭାବଶାଳୀ ଲୋକମାନେ କରୁଥିବା ଜଣାଯାଏ। ଜଣେ ବେଳାଭୂମି ଜାଗା ଅକ୍ତିଆର କରୁଥିବା ବ୍ୟକ୍ତି କହିଥିଲେ ଆମର ଜାଗା ଥିଲା। ସେଠାରେ ଭୁଲ୍‌ରେ ବନବିଭାଗ ଝାଉଁଗଛ ଲଗେଇ ଦେଇଥିଲେ। ସେଥିପାଇଁ ଆମେ କାଟୁଛୁ। ସଂପୃକ୍ତ ଅଞ୍ଚଳରେ ଝାଉଁ ଜଙ୍ଗଲ କଟା ଯିବାରୁ ବେଳାଭୂମି ବିକ୍ଷିପ୍ତ ଦେଖାଯାଉଛି।

## ସରକାରୀ ରାସ୍ତା ପାର୍ଶ୍ୱରୁ ଚାଲିଛି ଗଛକଟା



ଇନ୍ଦିରା ସ୍ମାରକୀ ଯୁବକ ସଂଘ ପରିସରରେ ରଖାଯାଇଥିବା ଗଛ ଡାଳ।

ନାଉଗାଁ,୬ା୧୦(ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ନାଉଗାଁ–ଡାବରକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ସଂଯୋଗୀକରଣ ରାସ୍ତା କରାଯାଇଛି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ସବୁଜ ବାହିନୀ ପକ୍ଷରୁ ବିଭିନ୍ନ ମୂଲ୍ୟବାନ ଗଛ ଲଗାଯାଇଛି। କୌଣସି ଦୁର୍ବୃତ୍ତ ଶନିବାର ବିଳମ୍ବିତ ରାତିରେ ତିରୁଣା ଚାରିଛକ ନିକଟରେ ଥିବା ଆକାଶିଆ ଗଛଗୁଡ଼ିକ କାଟି ନେଇଥିବା ବେଳେ ଗଛ ଡାଳ ରାସ୍ତା ପାର୍ଶ୍ୱରେ ପଡ଼ିରହିଛି। କିଛି ଗଛ ଡାଳକୁ ନେଇ ଇନ୍ଦିରା ସ୍ମାରକୀ ଯୁବକ ସଂଘ ପରିସରରେ ପକାଇଛନ୍ତି। ପରିବେଶ ସୁରକ୍ଷା ପାଇଁ କେତେଜଣ ସାମାଜିକ କର୍ମୀ ଏକତ୍ରିତ ହୋଇ ଉକ୍ତ ଗଛ ଲଗାଇଥିଲେ। ତେଣୁ ଇନ୍ଦିରା ସ୍ମାରକୀ

### ଥାନାରେ ଲିଖିତ ଅଭିଯୋଗ

ଯୁବକ ସଂଘ ପରିସରରେ ଥିବା ସିସିଟିଭି କ୍ୟାମେରାକୁ ଯାଞ୍ଚ କରାଗଲେ କଟାଯାଇଥିବା ଗଛ ଡାଳକୁ କିଏ ଆଣି ସେଠାରେ ପକାଇଛି ତାହା ଜଣାପଡ଼ିବ। ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଉକ୍ତ ଅଭିଯୋଗକୁ ଚତୁର୍ଭୁଜ ପରିଡା, କମଳକାନ୍ତ ସ୍ୱାଇଁ, ଜ୍ୟୋତିଷ ଚନ୍ଦ୍ର ସ୍ୱାଇଁ, ଚନ୍ଦନ କୁମାର ଲେଙ୍କାଙ୍କ ସ୍ୱାକ୍ଷରରେ ଥାନାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏ ବିଷୟରେ ଥାନାଧିକାରୀ ସଂଘମିତ୍ରା ନାୟକଙ୍କୁ ପଚାରିବାରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## 'ପ୍ରତିଶ୍ରୁତି ପାଳନ ଆମର ଧର୍ମ'



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଏମ୍‌ପି ବିଭୁପ୍ରସାଦ ତରାଇ ଓ ଭାଜପା ନେତୃମଣ୍ଡଳୀ।

ରଘୁନାଥପୁର,୬ା୧୦ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଅଢ଼େଇକୁଳସ୍ଥିତ ଗଣେଶ ମଣ୍ଡପରେ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ସତ୍ୟବ୍ରତ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଭାଜପା ଜନତାଙ୍କ ହିତ ପାଇଁ ସର୍ବଦା ସଂଗ୍ରାମ ଜାରି ରଖିବ ଏବଂ ପ୍ରତିଶ୍ରୁତି ପାଳନ କରିବା ଆମର ଧର୍ମ ବୋଲି ଏମ୍‌ପି ତରେଇ ମତବ୍ୟକ୍ତ କରିଥିଲେ। ଦଳ ପକ୍ଷରୁ ପ୍ରଦତ୍ତ ନମ୍ବର ଟିପି ସଦସ୍ୟତା ଅଭିଯାନରେ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ଯୋଗଦେଇ ତୃଣମୂଳସ୍ତରରେ ସଦସ୍ୟ ସଂଖ୍ୟା ବୃଦ୍ଧି କରିବାକୁ ଉପସ୍ଥିତ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଜିଲା ସମ୍ପାଦକ ସୁବାସ ଜେନା, ସରୋଜକାନ୍ତ ସ୍ୱାଇଁ, ପ୍ରକାଶ ଦଳାଇ,ଗଣେଶ ପ୍ରସାଦ ମହାନ୍ତି, ଅଶୋକ କୁମାର ମହାରଣା ପ୍ରମୁଖ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଯୁବନେତା ପ୍ରଭଞ୍ଜନ ମଲ୍ଲିକ ଅତିଥି ପରିଚୟ ଓ ଶଶିକାନ୍ତ ବାରିକ ଧନ୍ୟବାଦ ଦେଇଥିଲେ। ପଞ୍ଚାୟତ ସଭାପତି ଗୌରାଙ୍ଗ ସେନାପତି, ସହ ପ୍ରମୁଖ ଦେବାଶିଷ ମହାପାତ୍ର, ଗଣେଶ ପ୍ରସାଦ ବେହେରା, ଦେବାଶିଷ ଦାସ, ବସନ୍ତ ମହାନ୍ତି ଓ ଦେବେନ୍ଦ୍ର ସାହୁଙ୍କ ସହ ବହୁ ଦଳୀୟ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

## ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଆଗରେ ଚାଲିଥିବା ଧାରଣା ଟଳିଲା

ପାରାଦୀପ,୬ା୧୦(ଶରତ ରାଉତ)

ପାରାଦୀପର ନେହେରୁ ବଙ୍ଗଳା ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଆଗରେ ଗତ ଶୁକ୍ରବାରଠାରୁ ଚାଲିଥିବା ଶ୍ରମିକ ଧାରଣା ରବିବାର ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଯାଇଛି। ଠିକାସଂସ୍ଥା ବାହାର କରିଥିବା ୫୩ ଜଣ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏନେଇ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ, ଠିକାସଂସ୍ଥା ଫୋନିଏକ୍ସ ସଲ୍ୟୁସନ ଓ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ ଆଗାମୀ ଦୁଇଦିନ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା କରିବେ। ଏ ସମ୍ପର୍କରେ କୁଜଙ୍ଗ ଅତିରିକ୍ତ ତହସିଲଦାର ବାଇଧର ପ୍ରଧାନ, ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ପହଞ୍ଚି ଶ୍ରମିକ ସଂଘ ସଭାପତି ଅରିନ୍ଦମ ସର୍ଖେଲ ଓ ସମ୍ପାଦକ ସମୀର ବିଶ୍ୱାଳଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଉକ୍ତ କାମରେ ୧୭୧ ଜଣ ଠିକା ଶ୍ରମିକ



ଧାରଣା ଦେଇଥିବା ଶ୍ରମିକମାନଙ୍କ ପରିବାର ସଦସ୍ୟ ଓ ଅନ୍ୟମାନେ।

### ଜିଲାପ୍ରଶାସନ ଆଲୋଚନା ପାଇଁ ସମୟ ନେଲେ

ନିୟୋଜିତ ଥିଲେ। ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବାସୁଦେବ କନ୍‌ଷ୍ଟ୍ରକସନ ନାମକ ଠିକାସଂସ୍ଥା ଥିଲା। ଏବେ ଫୋନିଏକ୍ସ ଅଗ୍ରାଧିକାର ପାଇବା ପରେ ୫୩ ଜଣଙ୍କୁ ବାହାର କରି ଦେଇଥିଲେ ବୋଲି ସମୀର କହିଛନ୍ତି। ଏଥିପାଇଁ ସମସ୍ତ ଶ୍ରମିକ ବାଧ୍ୟ ହୋଇ ୩ ଦିନ ହେଲା ଧାରଣା ଦେଇଥିଲେ। ରବିବାର ସେମାନଙ୍କ ପରିବାର ଲୋକେ ଏଥିରେ ସାମିଲ ହୋଇଥିଲେ।

## ପୃଥକ୍ ମାମଲାରେ ୨ କୋର୍ଟଚାଲାଣ

ରସୁଲପୁର,୬ା୧୦(ରଂଜିତ ରାଉତ)

କୁଆଖିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାରେ ପୋଲିସ ଏହି ଥାନା ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ ମାନପୁର ଗ୍ରାମର ନରେଶ ସାମଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ୨୩ ସେପ୍ଟେମ୍ବର, ୨୦୨୪ରେ ଘଟିଥିବା ଏକ ପାରିବାରିକ ଗଣ୍ଡଗୋଳ ମାମଲାରେ ଏହି ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମର ରାମଚନ୍ଦ୍ର ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।


**GOVERNMENT OF ODISHA** No.B-374

**SUPERINTENDING ENGINEER, BOUDH (R&B) DIVISION, BOUDH**

E-Mail : eeboudhrb@gmail.com

**INVITATIONS FOR BIDS (IFB)**

"e" Procurement Notice

Letter No. : 3568 Dtd. : 27.09.2024

Bid Identification No. SE (R&B)-BDH 05/2024-25

| | | | |
|---|---|---|---|
| 1 | Name of the work | : | 01 (One) No. of Civil work (Double cover) |
| 2 | Estimated Cost | : | 71.40 lakh |
| 3 | Period of Completion | : | 03 (Three) Calendar months |
| 4 | Date & Time of availability of Bid documents in the portal | : | From 09.10.2024, 10.00 A.M. to 24.10.2024, 5.00 P.M. |
| 5 | Last date/time for seeking of Tender Clarification | : | 24.10.2024 up to 1.00 P.M. |
| 6 | Last date/time for receipt of bids in the portal | : | Up to 5.00 P.M. of dated 24.10.2024 |
| 7 | Date & time of opening of tender / Bid | : | 25.10.2024 at 11.30 A.M. |
| 8 | Name and address of the O.I.T. | : | Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in.

Sd./- Additional Chief Engineer, Boudh (R&B) Division, Boudh

OIPR-34134/11/0005/2425


## ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ କର୍ମୀ

### ବିଜେଡି ଜନସମ୍ପର୍କ ପଦଯାତ୍ରା

ବାଲିକୁଦା,୬ା୧୦(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ମୂଲୁଗାଁ ପଞ୍ଚାୟତରେ ବିଜେଡି ଜନ ସମ୍ପର୍କ ପଦଯାତ୍ରା ଓ ନବ ନିର୍ବାଚିତ ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପଦଯାତ୍ରାରେ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ବିଜେଡି ଶାସନ ସମୟର ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଭାଜପା ସରକାର ଲୋକଙ୍କୁ ଭୁଆଁ ବୁଲାଉଛି, ତାହାର ଜବାବ ସେମାନେ ପାଇଯିବେ ବୋଲି କହିଥିଲେ। ବ୍ଲକ ସଭାପତି ରତ୍ନାକର ନାୟକଙ୍କ ଅଧ୍ୟକ୍ଷତାରେ ଦଦରାହାଟ ପଡ଼ିଆଠାରେ ଆୟୋଜିତ ଜନ ସମ୍ପର୍କ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ଜେନାଙ୍କ ସମେତ ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ଥାଇଲୋ ସମିତିସଭ୍ୟା ତଥା ପୂର୍ବତନ ଜିଲା ପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ଜିଲାପରିଷଦ ସଦସ୍ୟ ଜଟାଧାରୀ ଦାସ, ସରପଞ୍ଚ ଦଧିବାବନ ମଲ୍ଲିକ, ସମିତିସଭ୍ୟା ତୃପ୍ତିମୟୀ ମଲ୍ଲିକ, ପୂର୍ବତନ ସରପଞ୍ଚ ସାରଦା ନାୟକ, ପୂର୍ବତନ ସମିତିସଭ୍ୟ ଦିଲ୍ଲୀପ ସ୍ୱାଇଁ, ମନୋଜ ମହାପାତ୍ର, ଯୁବନେତା ଅଲେଖ ସ୍ୱାଇଁ, ପ୍ରତାପ ଦେଓ୍ୱୀ, କମଳାକାନ୍ତ ମହାପାତ୍ର, ଯୁବ ସଙ୍ଗଠକ ଅଜୟ ଦାସ, ସୁଦର୍ଶନ ଦାସ, ପଞ୍ଚାୟତ ଯୁବ ବିଜେଡି ସଭାପତି ମାଧବାନନ୍ଦ ନାୟକ, ବିଭୂତିଭୂଷଣ ପଣ୍ଡା, ପ୍ରଭାତ ମହାରଣା, ଲଳିତ ରାଉତରାୟ, ବିଭୂତିଭୂଷଣ ମିଶ୍ର, ସିଦ୍ଧାନ୍ତ ସିଂ, ବେଣୁଧର ସ୍ୱାଇଁ, ଅନନ୍ତ ସ୍ୱାଇଁ, ଶଶିକାନ୍ତ ଜେନା, ବିପଳ୍ପ ସାହୁଙ୍କ ସମେତ ପଞ୍ଚାୟତର ଆଗଧାଡ଼ିର ଛାମୁଆ କର୍ମୀ ଓ ନେତା ଉତ୍ସବ ପରିଚାଳନା କରିଥିଲେ।

## ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ

କୁଜଙ୍ଗ/ପାରାଦୀପ, ୬ା୧୦ (ମନୋଜ ପ୍ରଧାନ/ଶରତ ରାଉତ)

କୁଜଙ୍ଗ ଓ ପାରାଦୀପ ଅଞ୍ଚଳର ଜଣାଶୁଣା ସାମାଜିକ କର୍ମୀ ତଥା ବିଶିଷ୍ଟ ବ୍ୟବସାୟୀ ଗଙ୍ଗାଧର ଜେନା(୭୨)ଙ୍କ ରବିବାର



ମଧ୍ୟାହ୍ନରେ ପରଲୋକ ଘଟିଛି। ଏହି ଖବର ପ୍ରଚାରିତ ହେବା ମାତ୍ରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। କିଛିଦିନ ପୂର୍ବେ ସେ ଅସୁସ୍ଥ ହୋଇ ପଡ଼ିବାରୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସୁସ୍ଥ ହେବା ପରେ ଶୁକ୍ରବାର ଡାକ୍ତରଖାନାରୁ ଆସି ପାରାଦୀପସ୍ଥିତ ଗୌରବ ବିହାର ବାସଭବନରେ ରହୁଥିଲେ। ରବିବାର ମଧ୍ୟାହ୍ନରେ ପୁନର୍ବାର ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ପ୍ରଥମେ ପୋର୍ଟ ହସ୍ପିଟାଲ ଓ ପରେ ଭୁବନେଶ୍ୱର ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗଙ୍ଗାଧରଙ୍କ ଜନ୍ମସ୍ଥାନ କୁଜଙ୍ଗ ଗଣ୍ଡକିପୁର ଗ୍ରାମରେ। ସେ ହେଉଛନ୍ତି ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଇଂ. ପ୍ରମୋଦ କିଶୋର ଜେନାଙ୍କ ବାପା। ନିଜର କଠିନ ପରିଶ୍ରମ ଓ ନିଷ୍ଠା ଯୋଗୁ ରାଜ୍ୟରେ ଗଙ୍ଗାଧର ଜଣେ ସୁନାମଧନ୍ୟ ଠିକାଦାର ହୋଇପାରିଥିଲେ । ତାଙ୍କ ବିୟୋଗ ଖବରପାଇ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁ ପ୍ରସାଦ ତରାଇ, ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ, ପୂର୍ବତନ ସରପଞ୍ଚ ବିଜୟ ଖଟାଇ, ଅଗପାଳ ସରପଞ୍ଚ ବିପିନ ବିଶ୍ୱାଳ,ପୀତାମ୍ବର ତରାଇ, ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ ଓ କୁଜଙ୍ଗ ସାର୍ବଜନୀନ ଦୁର୍ଗାପୂଜା କମିଟି ସଦସ୍ୟମାନେ ଶୋକବ୍ୟକ୍ତ କରିବା ସହ କୁଜଙ୍ଗ ମାଟି ତା'ର ଜଣେ କର୍ତ୍ତବ୍ୟ ପରାୟଣ ଓ ନିଷ୍ଠାବାନ ସାମାଜିକ କର୍ମୀଙ୍କୁ ହରାଇଲା ବୋଲି କହିଛନ୍ତି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବଡ଼ ପୁଅ ପ୍ରମୋଦ, ସାନ ପୁଅ ପ୍ରଦୀପ୍ତ କିଶୋର ଜେନାଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ।

## ଭାଜପାର ସଦସ୍ୟତା ଅଭିଯାନ



ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଜପା କର୍ମୀ ଓ ଅନ୍ୟମାନେ।

ଜଗତ୍‌ସିଂହପୁର, ୬ା୧୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁରସ୍ଥିତ କାଦୁଅପଡ଼ା ଭାଜପା ମଣ୍ଡଳ ଅଧୀନସ୍ଥ ୪ନଂ. ଜୋନ ଭାଜପାର ସଦସ୍ୟତା ଅଭିଯାନ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଧାୟକ ଅମରେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜନ କରାଯାଇଥିଲା। ବିଧାୟକ ଦାସ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ତୃଣମୂଳ ସ୍ତରରୁ ଭାଜପାକୁ ମଜଭୁତ କରିବା ପାଇଁ ସଦସ୍ୟତା ଅଭିଯାନ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ସମ୍ମାନିତ ଅତିଥିଭାବେ ଜଗତ୍‌ସିଂହପୁର ଜିଲା ଭାଜପା ସାଧାରଣ ସମ୍ପାଦକ ଜଗନ୍ନାଥ ଦାସ, ମିଡିଆ ସେଲ ଅଧ୍ୟକ୍ଷ ଗଣେଶ ପ୍ରସାଦ ମହାନ୍ତି, ଲିଙ୍ଗରାଜ ଲେଙ୍କା, ବଳରାମପୁର ପଞ୍ଚାୟତ ସରପଞ୍ଚ ଅଞ୍ଜନ ସାମଲ, ଅଳସୁଧା ସରପଞ୍ଚ ଭ୍ରମରବର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।


**ODISHA NURSES & MIDWIVES REGISTRATION COUNCIL** No.E-383

Directorate of Medical Education & Training, Odisha

Bhubaneswar, Odisha-751001, E.mail : onmrcnrts@gmail.com

Notice No. : 5958 Dt. : 05.10.2024

**Notice for Mandatory NUID Registration for Nursing Professionals in the State**

This is to inform that all the nursing personnel who are working in different organizations must have a valid Nursing Unique Identification (NUID) registration as per the Indian Nursing Council (INC, New Delhi) Gazette notification (Available in NRTS Web portal). The validity of the NUID registration is for a period of five years. There after renewal registration of NUID is mandatory for all nursing personnel through NRTS web portal of Indian Nursing Council (https:nrts.indiannursingcouncil.gov.in).

In case, the application for renewal is not done within 6 months of expiry of the validity period, a penalty of Rs. 5000/- shall be charged in addition to the renewal registration fees.

Hence, all the nursing professionals are hereby instructed to renew their NUID registration immediately through NRTS Portal.

OIPR-10252/11/0002/2425 Sd./- DMET(O) & Chairman, ONMRC


## ମୋବାଇଲ ପାଇଁ ପତ୍ରିକା ପଢ଼ିବା ବନ୍ଦ ହେଲାଣି

### ମୈନାକ ସାହିତ୍ୟ ସଂସଦର ଶାରଦୀୟ କବିତା ଆସର

ପାରାଦୀପ,୬ା୧୦(ଶରତ ରାଉତ)

ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଶାରଦୀୟ କବିତା ପାଠ କାର୍ଯ୍ୟକ୍ରମ ମଧୁବନସ୍ଥିତ ସାକ୍ଷରତା ଭବନରେ ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର କବୟିତ୍ରୀ କବିମାନେ ମା'ଦୁର୍ଗା ଓ ଶାରଦୀୟ ପର୍ବ ଉପରେ କବିତା ଆବୃତ୍ତି କରିଥିଲେ। ମଞ୍ଚରେ ବରିଷ୍ଠ ସାହିତ୍ୟିକ ବାବୁରାମ ଚୌଧୁରୀ, ଧ୍ରୁବଚରଣ ମହାପାତ୍ର, ତୁଳସୀ ବରାଳ, ପ୍ରେମଲତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏବେ ମୋବାଇଲ ଯୋଗୁ ଅଧିକାଂଶ ଯୁବପିଢ଼ି କବିତା, ଗଳ୍ପ ପଢୁ ନାହାନ୍ତି କି ଲେଖୁ ନାହାନ୍ତି। ଆଗଭଳି ଆଉ ଶାରଦୀୟ ପତ୍ରିକା ବିକ୍ରି ହେଉନାହିଁ। ଏହା ସାହିତ୍ୟ ଓ ଭାଷା ଉପରେ ନକାରାତ୍ମକ ପ୍ରଭାବ ପକାଉଛି ବୋଲି ଅଧ୍ୟକ୍ଷତା କରୁଥିବା କବି ନଗେନ୍ଦ୍ର ସ୍ୱାଇଁ କହିଥିଲେ।





କବିତା ଆସରରେ ଯୋଗଦେଇଥିବା ଅତିଥିମାନେ।


**National Dairy Development Board**

PB No. 40, Anand, Gujarat-388001, Tel: 02692-260 148/149/160 Fax: 02692-260 159

Website: http://www.nddb.coop, Email: purchase@nddb.coop

**INVITATION FOR BIDS (IFB) / LOCAL COMPETITIVE BIDDING (LCB)**

Bids are invited on behalf of Service Recipients/ NDDB from eligible bidders for the works listed below:

| Sl. No. | Description of works / Bid Reference | Estd. Cost (₹) incl GST /Duration | Event Start / Close Date | Bid submission / opening date & time |
|---|---|---|---|---|
| A | Civil, Structural, Water Supply, Sanitary & Other Misc. works including Internal Electrification works for: | | | |
| I | 6 LLPD expandable to 10LLPD Automated Dairy Plant with value added products and powder plant at Nagpur, Maharashtra. NDDB/HO/Purchase/64/24-25/ET/64 (CIVIL-NAGPUR) | 16000 Lakh/ 16 Months | 09.10.24/ 30.10.24 | 30.10.24 15:00 hrs. 30.10.24 15:30 hrs. |
| II | 2.35 LLPD Fermented Milk Product Plant at Amritsar Punjab NDDB/HO/Purchase/65/24-25/ET/65 (CIVIL-AMRITSAR) | 4600 Lakh/ 15 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |
| III | Strengthening of existing Verka Frozen Semen Station, Bhattian,Khanna, Punjab. NDDB/HO/Purchase/66/24-25/ET/66 (CIVIL-KHANNA) | 720 Lakh/ 10 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| IV | Upgradation & associated repair works at CCSNIAH, Baghpat. NDDB/HO/Purchase/67/24-25/ET/67 (CIVIL-BAGHPAT) | 2000 Lakh / 12 Months | 07.10.24/ 28.10.24 | 28.10.24 15:00 hrs. 28.10.24 15:30 hrs. |
| B | Design, Supply, Installation, Testing and Commissioning the following: | | | |
| I | 2.35 LLPD Fermented Milk Product Plant at Amritsar, Punjab NDDB/HO/Purchase/68/24-25/ET/68 (LMP-AMRITSAR) | 3900 Lakh / 15 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| II | Effluent Treatment Plant of 8 LLPD at Amritsar, Punjab NDDB/HO/Purchase/69/23-24/ET/69 (ETP-AMRITSAR) | 720 Lakh / 12 Months | 12.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| III | Freon based Refrigeration system incl. PUF Insulation works for Cold stores at Amritsar, Punjab NDDB/HO/Purchase/70/24-25/ET/70 (REFRI-AMRITSAR) | 500 Lakh / 12 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| IV | Fire hydrant system at Amritsar, Punjab NDDB/HO/Purchase/71/24-25/ET/71 (FIRE-AMRITSAR) | 72.44 Lakh / 10 Months | 12.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| V | 25 TLPD UHT plant at Kangra, Himachal Pradesh. NDDB/HO/Purchase/72/24-25/ET/72 (UHT-KANGRA) | 3510 Lakh/ 10 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |
| VI | Interior & Furnishing Works with complete system and all accessories as directed at Arilo, Govindpur, Odisha. NDDB/HO/Purchase/73/24-25/ET/73 (FURNITURE-OMFED) | 63.05 Lakh/ 04 Months | 07.10.24/ 28.10.24 | 28.10.24 15:00 hrs. 28.10.24 15:30 hrs. |
| VII | 150KLPD capacity Containerized Prefab Package Type Skid Mounted Sewage Treatment Plant (STP) at NDDB Campus, Anand NDDB/HO/Purchase/74/24-25/ET/74 (STP-NDDB ANAND) | 208 Lakh/ 06 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop, and www.mstcecommerce.com/eprocn. For any clarification please contact **Group Head (Purchase), NDDB, Anand-388001**

**NB: Any corrigendum/modification etc. will be posted only on these websites**



**BERHAMPUR MUNICIPAL CORPORATION, GANJAM**

**INVITATIONS FOR BIDS (IFB)** No.C-709

Letter No. 8604 Date : 01.10.2024

Invitation for Bids

COMPETATIVGE BIDDING THROUGH E-PROCUREMENT

Bid Identification No. BMC (BAM) 298/2024-2025

| | | |
|---|---|---|
| 1 | The Municipal Commissioner, Berhampur invites percentage rate bids in ONLINE MODE only, as per annexure "A" | |
| 2 | Nature of work | Works CIVIL |
| 3 | No. of work | 361 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha, as per Annexure "A" |
| 6 | Class of Contractor | As per the Annexure "A" |
| 7 | Availability of Bid Documents in the website | From 15.05 hrs. of Dt. 09.10.2024 to 17.00 hrs. of 24.10.2024 |
| 8 | Date & Time of Opening of the Bids | 11.30 hrs. onwards on Dt. 25.10.2024 |
| 9 | Mode of submission of tender | Tender Should submitted On line in www.tendersorissa.gov.in |
| 10 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

OIPR-13035/11/0010/2425

Sd./- Commissioner, Berhampur Municipal Corporation Berhampur, Odisha

# ବର୍ଷକୁ ୧୦ ଦିନ ଖୋଲେ ଦଣ୍ଡୁମାରାମା ମା' ମନ୍ଦିର

ପାରଳାଖେମୁଣ୍ଡି, ୬।୧୦ (ଗିରିଧାରୀ ପରିଡ଼ା)

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଏକ ବିରଳ ଓ ଭିନ୍ନ ପରମ୍ପରାର ଦୁର୍ଗା ମନ୍ଦିର ରହିଛି। ଯେଉଁ ମନ୍ଦିର ବର୍ଷକୁ କେବଳ ମାତ୍ର ୧୦ଦିନ ଖୋଲା ହୁଏ। ଏହି ୧୦ ଦିନ ହିଁ ମା'ଏଠାରେ ପୂଜା ପାଆନ୍ତି। ବର୍ଷସାରା ଏହି ମନ୍ଦିରରେ ତାଲା ଝୁଲିଥାଏ। ପାରଳାଖେମୁଣ୍ଡି ସହରର ମୁଖ୍ୟ ଡାକ୍ତରଖାନାକୁ ଯିବା ରାସ୍ତାର ବାମ ପାର୍ଶ୍ୱରେ ଏହି ମନ୍ଦିର ରହିଛି। ଅତି ପୁରାତନ ଦାଣ୍ଡୁମାରାମା ମା'ମନ୍ଦିର ଟି ପାରଳା ରାଜ ପରିବାର ପକ୍ଷରୁ ଦୀର୍ଘବର୍ଷ ତଳେ ନିର୍ମିତ ହୋଇଥିଲା। ମନ୍ଦିରରେ ମା'ଦୁର୍ଗା ଦାଣ୍ଡୁମାରାମା ନାମରେ ପୂଜିତ ହୋଇ ଆସୁଛନ୍ତି। ଏହି ମନ୍ଦିର ନିର୍ମାଣ ହେବା ଦିନଠାରୁ ଏପର୍ଯ୍ୟନ୍ତ କେବଳ ମା'ଦୁର୍ଗାଙ୍କ ନବରାତ୍ର ୯ ଦିନରେ ହିଁ ଏହି ମନ୍ଦିର ଖୋଲାଯାଏ ଏବଂ ମା' ପୂଜା ପାଉଥାନ୍ତି। ଏହି ୯ ଦିନକୁ ଛାଡି ଦଶହରା ଦିନ ବିଳମ୍ବିତ ରାତିରେ ଏହି ମନ୍ଦିରକୁ ବନ୍ଦ କରି ଦିଆଯାଏ।

ନବରାତ୍ରୀ ଆରମ୍ଭ ରେ ଶଙ୍ଖ, ହୁଳହୁଳି ଓ ବିଭିନ୍ନ ବାଦ୍ୟରେ ବଜାଇ ଏହି ମନ୍ଦିରର କବାଟ ଖୋଲାଯାଇ ନବରାତ୍ର ପୂଜାର୍ଚ୍ଚନା ଆରମ୍ଭ କରାଯାଏ। ରାଜାଙ୍କ ସମୟରେ ବର୍ଷକୁ ଥରେ ମନ୍ଦିର ଖୋଲାଯାଇ ମା'ପୂଜା କରାଯାଇ ଅଷ୍ଟମୀ ଦିନ ବଳୀ ଦେବା ପ୍ରଥା ମଧ୍ୟ ରହିଥିଲା। ପୂର୍ବରୁ ମନ୍ଦିରରେ ବଳିଦେଇ ପୂଜା ଆରମ୍ଭ ହେଉଥିଲା, ପୂଜି ଶେଷ ଦିନରେ ଅନ୍ୟ ଏକ ପଶୁ ବଳୀ ଦେଇ ମନ୍ଦିରକୁ ବନ୍ଦ କରାଯାଉଥିଲା। କାଳକ୍ରମେ ବଳିପ୍ରଥା ବନ୍ଦ ହୋଇଯାଇଛି। ମା'ଙ୍କ ନିକଟରେ ଥିବା ଦଣ୍ଡୁମାଲାସାହି ବାସିନ୍ଦା ଏହି ମନ୍ଦିର ପରିଚାଳନା କରୁଛନ୍ତି। ଦାଣ୍ଡୁମାଲାସାହି ବାସିନ୍ଦା ମା'ଙ୍କୁ ନବରାତ୍ର ୯ ଦିନ ପର୍ଯ୍ୟନ୍ତ ନିଜ ଘରୁ କ୍ଷୀରି, ଖେଚେଡି ଏବଂ ନିରାମିଷ ପ୍ରସାଦ ଆଦି ତିଆରି କରି ଆଣି ଭୋଗ ଲଗାଇଥାନ୍ତି। ମନ୍ଦିର ଅଧିଷ୍ଠାତ୍ରୀ ଶ୍ରୀଶ୍ରୀଶ୍ରୀ ଦାଣ୍ଡୁମାରାମା ମା'ଙ୍କୁ ଦର୍ଶନ କଲେ ସର୍ବମଙ୍ଗଳ ପ୍ରାପ୍ତି ହେବା ସହ ଦୂରାରୋଗ୍ୟ ଓ ସମସ୍ତ କ୍ଳେଶ ଦୂର ହୁଏ। ଶ୍ରଦ୍ଧାଳୁ ଯାହା ମାନସିକ କରିଥାନ୍ତି ତାହା ପୂର୍ଣ୍ଣ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ



ରହିଛି। ରାଜାରାଜୁଡା ସମୟରେ ନିଜ ରାଜ୍ୟ ରାଜଧାନୀର ଚାରି କୋଣକୁ ସୁରକ୍ଷା ଦେବାପାଇଁ ଚାରି କୋଣରେ ଦେବୀମାନଙ୍କ ମନ୍ଦିର ସ୍ଥାପନ କରାଯାଇଥିଲା। ସେହିଭଳି ପାରଳାଖେମୁଣ୍ଡି ଗଜପତି ପରିବାରର ରାଜତ୍ୱ କାଳରେ ନିଜ ରାଜଧାନୀର ସୁରକ୍ଷା ପାଇଁ ସହରର ଉତ୍ତର ପୂର୍ବ କୋଣରେ ଏହି ମନ୍ଦିର ସ୍ଥାପନ କରାଯାଇଛି। ଏହି ମନ୍ଦିରରେ ମା'ଙ୍କ ପ୍ରତିମୂର୍ତ୍ତି ପଛରେ ଏକ ସାପବିଲା ରହିଛି। ଏଥିରେ ବହୁ ପୁରାତନ କାଳରୁ ଏକମାତ୍ର ନାଗସାପ ରହିଥିବା ବିଶ୍ୱାସ କରାଯାଏ। ପ୍ରତିବର୍ଷ ଅଷ୍ଟମୀ ପୂଜା ଅବସରରେ ମନ୍ଦିର ଗହଳି ଥିବା ସମୟରେ ମା'ଙ୍କ ପ୍ରତିମୂର୍ତ୍ତି ନିକଟକୁ ଏକ ନାଗ ସାପ ଆସୁଥିବା ଦେଖିବାକୁ ମିଳିଥାଏ। ମନ୍ଦିର ବନ୍ଦ ହେବା ପରେ ଏହି ନାଗସାପଟି ମନ୍ଦିରରେ ମା'ଙ୍କୁ ପୂଜା କରିବା ସହ ସେଠାରେ ଜଗି ରହୁଥିବା ଗାଥା ରହିଛି ।

# ପର୍ବତ ପାଦଦେଶରେ ମା' ଟିକାଚନ୍ଦ୍ରିଙ୍କ ନବରାତ୍ର

ଦିଗପହଣ୍ଡି,୬।୧୦(ଅଶେଷ ନାଥ ମିଶ୍ର): ଗଞ୍ଜାମ ଜିଲାର ବିଭିନ୍ନ ପୁରପଲ୍ଲୀରେ ଥିବା ଶକ୍ତିପୀଠଗୁଡିକ ମଧ୍ୟରେ ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ପଞ୍ଚାୟତ ଗୋଲଣ୍ଡା ଗ୍ରାମ ନିକଟ ପର୍ବତ ପାଦଦେଶରେ ପୂଜା ପାଉଥିବା ମା' ଟିକାଚନ୍ଦ୍ରି ଶକ୍ତିପୀଠ ଅନ୍ୟତମ। ସେଠାରେ ବାବା ଟିକାଚନ୍ଦ୍ରେଶ୍ୱର ମହାଦେବ ଏବଂ ଦେବୀ ମା' ଟିକାଚନ୍ଦ୍ରି ଠାକୁରାଣୀ ପାଖାପାଖି ଅବସ୍ଥାନ କରିଥିବାରୁ ଏହି ଶକ୍ତିପୀଠର ବିଶେଷ ମହତ୍ତ୍ୱ ରହିଛି। ପରେ ଧୀରେ ଧୀରେ ସମଗ୍ର ଅଞ୍ଚଳରେ ମା'ଙ୍କ ବିଷୟରେ ପ୍ରଚାରିତ ହେବାସହ ମା'ଙ୍କ ପୀଠରେ ଶାରଦୀୟ ନବରାତ୍ରି ପୂଜା ଅନୁଷ୍ଠିତ ହୋଇଆସୁଛି। ମନ୍ଦିର ପରିଚାଳନା କମିଟିର ଉଦ୍ୟମକ୍ରମେ ଚଳିତ ବର୍ଷ ମଧ୍ୟ ଏହି ଶକ୍ତିପୀଠରେ ମା'ଙ୍କ ଷୋଡଶ ଉପଚାର ନବରାତ୍ରି ପୂଜା ସହ ଦୀପଦାନ, ପ୍ରସାଦ ସେବନ, ଗରବା (ଦାଣ୍ଡିଆ) ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଗୁଣ୍ଡୁରିଗୁଡା, ଟିକରପଡା, ବାଲିଘାଇ, ପଦ୍ମପୁର, ଗୋଲଣ୍ଡା ଗ୍ରାମବାସୀ ମା'ଙ୍କ ନବରାତ୍ର ପୂଜା ପରିଚାଳନାରେ ସହଯୋଗ କରୁଥିବା ମନ୍ଦିର ପରିଚାଳନା କମିଟି ସଭାପତି କହିଛନ୍ତି।

ବ୍ରହ୍ମପୁରଠାରୁ ସଡ଼କ ପଥରେ ୪୫ କି.ମି. ତଥା ଦିଗପହଣ୍ଡିରୁ ଘୋଡାହାଡ ଡ୍ୟାମ ରାସ୍ତାରେ ପ୍ରାୟ ୧୫ କି.ମି.ଗଲାପରେ ଗୋଲଣ୍ଡା ଗ୍ରାମ ଛକଠାରୁ ବାମ ଦିଗରେ ୧ କିମି ଦୂରରେ ପଡେ ଟିକାଚନ୍ଦ୍ରି ପର୍ବତ। ପର୍ବତ ପାଦଦେଶରେ ଏକ ଜଳାଶୟ ରହିଛି। ସ୍ୱପ୍ନାଦେଶ ପ୍ରକାରେ ଦର୍ଶନ ଦେଇଥିବା ମା' ଟିକାଚନ୍ଦ୍ରିଙ୍କ ନବନିର୍ମିତ ଭବ୍ୟ ମନ୍ଦିର ନିର୍ମାଣ କରାଯାଇଛି। ପୂର୍ବରୁ ବର୍ଷା ଅଭାବ ଭଳି ଆପଦ ବିପଦ ଦେଖାଦେଲେ ଅଞ୍ଚଳବାସୀ ସେଠାକୁ ଯାଇ ପୂଜାର୍ଚ୍ଚନା କଲେ ବର୍ଷା ହେଉଥିବା ଜନଶ୍ରୁତି



ପୀଠରେ ମା' ଟିକାଚନ୍ଦ୍ରି।

ରହିଛି। ଟିକାଚନ୍ଦ୍ରେଶ୍ୱର ଶୈବପୀଠ ଘଞ୍ଚ ଜଙ୍ଗଲର ପର୍ବତ ଗୁମ୍ଫାରେ ରହୁଥିବାରୁ ପ୍ରତ୍ୟେକ ମାସ ସଂକ୍ରାନ୍ତି ତିଥିରେ ଶ୍ରଦ୍ଧାଳୁମାନେ ସେଠାକୁ ଯାଇ ପୂଜାର୍ଚ୍ଚନା କରି ଆସୁଥିଲେ। ପ୍ରାୟ ୨ ବର୍ଷ ତଳେ ଦାମୋଦରପୁର ଗ୍ରାମର ଜଣେ ଦେବୀ ପୂଜକଙ୍କୁ ମା' ଟିକାଚନ୍ଦ୍ରି ପର୍ବତପାଦଦେଶରେ ରହୁଥିବା ସ୍ୱପ୍ନାଦେଶ ହେବାପରେ ଆଖପାଖ ଗ୍ରାମବାସୀ ଦେବୀଙ୍କୁ ଖୋଜିବାକୁ ଯାଇ ଏକ ଉଈହୁଙ୍କା ନିକଟରେ ସ୍ୱତଃ ପୂଜିତ ଅବସ୍ଥାରେ ରହିଥିବା ଦେବୀ ମୂର୍ତ୍ତି ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ।

# ମହାଷ୍ଟମୀରେ ହୁଏ ୭ ପ୍ରକାର ମାଛ ଭୋଗ

## ମା' ବୁଢ଼ାକେନ୍ଦୁ ପୀଠ



ବେଲଗୁଣ୍ଠା, ୬।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ଘୁମୁସର ମାଟିର ବିଭିନ୍ନ ଦେବୀ ପୀଠ ମଧ୍ୟରେ ମାଆ ବୁଢାକେନ୍ଦୁଙ୍କ ପୀଠ ପାର୍ବଣରେ ମା'ଙ୍କର ଷୋଳପୂଜା ନୀତି ଆରମ୍ଭ ହୋଇଛି। ମନ୍ଦିର ପରିଚାଳନା କମିଟି ସଭାପତି ତଥା ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ତ୍ରିପାଠୀଙ୍କ ସୂଚନା ପ୍ରକାରେ ମହା ସପ୍ତମୀ ଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ଏହି ପୀଠରେ ଦୁର୍ଗାପୂଜା ହୁଏ। ମହାସପ୍ତମୀ ସୂର୍ଯ୍ୟୋଦୟ ପୂର୍ବରୁ ମା'ଙ୍କ ଷୋଳ ପୂଜା ନୀତି ଆରମ୍ଭ ହୁଏ । ସପ୍ତମୀରୁ ବିଜୟା ଦଶମୀ ୩ ଦିନ ହୋମ ଯଜ୍ଞ ହୁଏ। ମା'ଙ୍କ ନିକଟରେ ଖେଚୁଡି, ବେସର, ମହୁର, ମିଠା କାନିକା, ଶାକର, କାକରା, ଗଜା ଆଦି ପୂଜା ହୁଏ। ଏଠାରେ ବଳି ନିଷେଧ କରାଯାଇଥିବା ବେଳେ ବର୍ଷକୁ ଥରେ କେବଳ ମହାଷ୍ଟମୀ ରାତିରେ ମା'ଙ୍କ ନିକଟରେ ମାଗୁର, ଖଇଙ୍ଗା, ଚିଙ୍ଗୁଡି ଭଳି ସାତ ପ୍ରକାର ମାଛ ଭୋଗ ରୂପେ ସମର୍ପଣ କରାଯାଏ। ମହାଷ୍ଟମୀ ରାତିରେ ମା' ଭ୍ରମଣରେ ବାହାରନ୍ତି ବୋଲି ଲୋକ ବିଶ୍ୱାସ ରହିଛି। ବିଜୟା ଦଶମୀରେ ପୀଠ ଲୋକାରଣ୍ୟ ହୋଇଉଠେ । ଏକ ବୃକ୍ଷରେ ମା'ଙ୍କ ଆବିର୍ଭାବ ହେତୁ ସ୍ଥାନୀୟ ଜଙ୍ଗଲ ଏବଂ ପରିବେଶ ସୁରକ୍ଷାରେ ମଧ୍ୟ ମା'ଙ୍କ ଭୂମିକା ଅତୁଳନୀୟ। ଜଙ୍ଗଲ ରାଣୀ ଭାବରେ ମା' ବୁଢାକେନ୍ଦୁ ବେଶ ପରିଚିତା।

ବ୍ରହ୍ମପୁର ଠାରୁ ଭଞ୍ଜନଗର ଯିବା ରାସ୍ତାରେ କ୍ଷତ୍ରିୟବରପୁର ଠାରୁ ପଶ୍ଚିମ ଦିଗରେ ଜଙ୍ଗଲ ମଧ୍ୟରେ ମା'ଙ୍କ ପୀଠ । ଲୋକକଥା ପ୍ରକାରେ ଷୋଡ଼ଶ ଖ୍ରୀଷ୍ଟାବ୍ଦର ମଧ୍ୟଭାଗରେ ଅଞ୍ଚଳଟି ଜଙ୍ଗଲ ଥିଲା। ନିକଟସ୍ଥ ପାଇଲିପ ପଞ୍ଚାୟତ ଧାନପୁଞ୍ଜା ଗ୍ରାମର ଜଣେ ବୃଦ୍ଧ ରଜକ ନିଜର ଦୈନନ୍ଦିନ କାଠ କାଟିବା ପାଇଁ ଏହି ଜଙ୍ଗଲରେ ପହଞ୍ଚିଥିଲେ। ଏକ କେନ୍ଦୁ ଗଛକୁ କାଟିବା ମାତ୍ରେ ରକ୍ତସ୍ରାବ ହୋଇଥିଲା । ସେ ଭୟଭୀତ ହୋଇ ନିକଟସ୍ଥ ପ୍ରତାପ ଲକ୍ଷ୍ମଣପୁର ଶାସନ ଏବଂ ପର୍ଶୁଲୁଣ୍ଡା ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ କହିଥିଲେ। କେନ୍ଦୁଗଛରେ ମା' ବନ ଦେବୀଙ୍କ ଆବିର୍ଭାବ ହୋଇଥିବା ଲୋକେ ବିଶ୍ୱାସ କରି ପୂଜାର୍ଚ୍ଚନା କରିଥିଲେ। ପୂର୍ବେ ଜଙ୍ଗଲରେ ଯାତାୟାତ ବେଳେ ତାଳପତ୍ର ନେଇ ମା'ଙ୍କ ନିକଟରେ ଭକ୍ତିରେ ଅର୍ପଣ କରିଦେଲେ ବାଟୋଇକୁ ଘଞ୍ଚ ଜଙ୍ଗଲ ମଧ୍ୟରେ ଯିବା ଆସିବାରେ ଭୟ ରହୁ ନ ଥିଲା। ତେଣୁ ତାଙ୍କୁ ତାଳଖାଇ ଭାବରେ ଲୋକେ ପୂଜାର୍ଚ୍ଚନା କରୁଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କ ଅବଦାନରେ ମା'ଙ୍କ ପାଇଁ ମୁଖ୍ୟ ମନ୍ଦିର, ପାର୍ଶ୍ୱ ଦେବାଦେବୀଙ୍କ ପାଇଁ ମୁଖ୍ୟ ମନ୍ଦିର ଚାରିପଟେ ଛୋଟ ଛୋଟ ମନ୍ଦିର ମଧ୍ୟ ନିର୍ମାଣ ହୋଇଛି। ସ୍ଥାନୀୟ ପର୍ଶୁଲୁଣ୍ଡା ନିବାସୀ ରଙ୍କନିଧି ସେଠୀଙ୍କ କହିବା ପ୍ରକାରେ ଦୀର୍ଘ ଷାଠିଏ ବର୍ଷ ତଳେ କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ମା' ତାଳଖାଇଙ୍କ ନିକଟରେ ଏକ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ଯଜ୍ଞରେ କେନ୍ଦୁଗଛ ମୂଳରେ ମା' ଦୁର୍ଗାଙ୍କ ଏକ ପ୍ରତିମା ସ୍ଥାପନ କରାଯାଇଥିଲା । ତେବେ ବୁଢା ରଜକ କାଟିଥିବା କେନ୍ଦୁ ଗଛ ମୂଳରେ ମା' ଦୁର୍ଗାଙ୍କ ପ୍ରତିମା ସ୍ଥାପନ ପରେ ତାଙ୍କୁ ବୁଢାକେନ୍ଦୁ ରୂପେ ନାମକରଣ କରାଗଲା ଏବଂ ସେହିଦିନ ଠାରୁ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ମା' ବୁଢାକେନ୍ଦୁଙ୍କ ବାର୍ଷିକ ଯାତ୍ରା ପାଳିତ ହୋଇ ଆସୁଛି। ପ୍ରତିବର୍ଷେ କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ପୀଠରେ ବାର୍ଷିକ ଯାତ୍ରା ଦେଖିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ମା'ଙ୍କ କାନିକା ଭୋଗ ବଣ୍ଟାଯାଏ । ଏତଦ ସହିତ ଚୈତ୍ର ମଙ୍ଗଳବାର ଏବଂ ଆଶ୍ୱିନରେ ନବରାତ୍ର ପୂଜା ଅନୁଷ୍ଠିତ ହୁଏ। ପୌଷମାସରେ ପହିଲି ଭୋଗ ହୁଏ। ଏହା ସହିତ ବର୍ଷସାରା ପୀଠକୁ ବିଭିନ୍ନ ମାନସିକ ଧାରୀ ଏବଂ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । ମନ୍ଦିରର ଦୁଇ ପୂଜକ ତାରିଣୀ ପଣ୍ଡା ଏବଂ ସନାତନ ରଣାଙ୍କ ସୂଚନା ପ୍ରକାରେ ପ୍ରତିଦିନ ଭୋର୍ ଚାରିଟା ସମୟରେ ମା'ଙ୍କର ଦ୍ୱାର ଫିଟା ନୀତି ପରେ ମାଜଣା କରାଯାଏ। ବନଦେବୀ ମନ୍ତ୍ରରେ ଦେବୀଙ୍କୁ ପୂଜା କରାଯାଇଥାଏ। ଏହାପରେ ବାଳ ଭୋଗରେ ଗଜା ଏବଂ ଖଇ ଅର୍ପଣ କରାଯାଏ । ପୂର୍ବାହ୍ନ ୧୧ଟାରେ ଅନ୍ନ ଭୋଗ ଅର୍ପଣ କରାଯାଇଥାଏ। ପୁନଶ୍ଚ ସନ୍ଧ୍ୟାରେ ମା'ଙ୍କୁ ମାଜଣା କରାଯାଇ ଅନ୍ନ ଭୋଗ ହୁଏ । ମା'ଙ୍କ ନାମରେ କୋଡିଏ ଏକର ଜମି ଥିଲେ ମଧ୍ୟ ଜଳ ସେଚନର ସ୍ଥାୟୀ ସୁବିଧା ନଥିବା ଯୋଗୁଁ ଅର୍ଦ୍ଧାଧିକ ଜମି ପଡିଆ ପଡିଛି। ସେହିପରି ମା'ଙ୍କ ନାମରେ ଶହେ ଗାଈ ଓ ଛେଳି ଅଛନ୍ତି । ଏଥିରୁ ହେଉଥିବା ସୀମିତ ଆୟ ଏବଂ ସ୍ଥାନୀୟ ଭକ୍ତଙ୍କ ଅବଦାନରେ ବର୍ଷସାରା ପୂଜା କାର୍ଯ୍ୟ ଏବଂ ମନ୍ଦିର ଉନ୍ନତିକରଣ କାର୍ଯ୍ୟ ହୋଇଥାଏ।

# ଦକ୍ଷିଣକାଳୀ ପୀଠ ଉତ୍ସବମୁଖର



ଧରାକୋଟ,୬।୧୦
(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ତାଳପୁଟ ନିକଟରେ ପୁଣ୍ୟତୋୟା ଋଷିକୁଲ୍ୟା ନଦୀତଟଦେଶରେ ତିଳୋତ୍ତମାଦେଇପୁର ଶାସନ ଗ୍ରାମର ପ୍ରସିଦ୍ଧ ଶୈବପୀଠ ବୈଦ୍ୟନାଥଙ୍କ ମନ୍ଦିର ପଶ୍ଚିମ ପଟରେ ମା' ଦକ୍ଷିଣ କାଳୀଙ୍କ ମନ୍ଦିର। ବର୍ତ୍ତମାନ ମା'ଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଚାଲିଥିବାରୁ ପୀଠ ଉତ୍ସବମୁଖର ହୋଇଛି। ରାଜା ରାଜୁଡ଼ା ଅମଳରୁ ମା' ସେଠାରେ ଷୋଡଶ ବର୍ଷୀୟା ଯୁବତୀ ଭାବେ ଉଭା ହୋଇ ପୂଜା ପାଇ ଆସୁଛନ୍ତି। ଆଶ୍ୱିନ ମାସରେ ଷୋଡଶ ଦିନାତ୍ମକ ପୂଜା,ଚୈତ୍ରରେ ନବରାତ୍ରୀ ପୂଜା ୯ଦିନ ଧରି ପାଳନ ହେଉଥିବା ବେଳେ ପ୍ରତି ସଙ୍କରାନ୍ତିରେ ମଧ୍ୟ ମା'ଙ୍କ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୁଏ। ପର୍ବପର୍ବାଣୀ ଦିନରେ ଖେଚୁଡ଼ି, ଡାଲି, ତରକାରୀ ସହ ଆମିଷ ଭୋଗ ମା'ଙ୍କୁ ସମର୍ପଣ କରାଯାଏ। ଭୋଗ ଅର୍ପଣ ସମୟରେ ସ୍ୱତନ୍ତ୍ର ପୂଜା ସହ ବାଦ୍ୟବାଜଣା, ଘଣ୍ଟ, ଘଣ୍ଟା,କାହାଳୀ ଆଦି ବାଜିଥାଏ । ଏହି ଶବ୍ଦ ଶୁଣିଲେ ଶୁଭ ସଙ୍କେତ ମିଳିଥାଏ ବୋଲି ନବ ଶାସନ ଅଞ୍ଚଳରେ ଏବେ ବି ଲୋକେ ବିଶ୍ୱାସ କରନ୍ତି। ମା ଦକ୍ଷିଣ କାଳୀଙ୍କ ପୀଠରେ ଶାକ୍ତ ପଣ୍ଡିତମାନେ ବରପ୍ରାପ୍ତି ପାଇଁ ଗୁପ୍ତ ପୂଜା ସହ ମହାପୂଜା ନିଶାର୍ଦ୍ଧ ରାତ୍ରୀରେ କରିଥାନ୍ତି । ବାସ୍ତବରେ ମା'ଙ୍କର ମହିମା ଅପାର । ତେଣୁ ସମଗ୍ର ଅଞ୍ଚଳରେ ବରଦାୟିନୀ ମା' ଦକ୍ଷିଣ କାଳୀ ଭାବରେ ପ୍ରସିଦ୍ଧ।


**GOVERNMENT OF ODISHA** No.B-374

**SUPERINTENDING ENGINEER, BOUDH (R&B) DIVISION, BOUDH**

E-Mail : eeboudhrb@gmail.com

**INVITATIONS FOR BIDS (IFB)**

**"e" Procurement Notice**

Letter No. : 3568 Dtd. : 27.09.2024

Bid Identification No. SE (R&B)-BDH 05/2024-25

| | | |
|---|---|---|
| 1 | Name of the work | 01 (One) No. of Civil work (Double cover) |
| 2 | Estimated Cost | 71.40 lakh |
| 3 | Period of Completion | 03 (Three) Calendar months |
| 4 | Date & Time of availability of Bid documents in the portal | From 09.10.2024, 10.00 A.M. to 24.10.2024, 5.00 P.M. |
| 5 | Last date/time for seeking of Tender Clarification | 24.10.2024 up to 1.00 P.M. |
| 6 | Last date/time for receipt of bids in the portal | Up to 5.00 P.M. of dated 24.10.2024 |
| 7 | Date & time of opening of tender / Bid | 25.10.2024 at 11.30 A.M. |
| 8 | Name and address of the O.I.T. | Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in.

Sd./- Additional Chief Engineer, Boudh (R&B) Division, Boudh

OIPR-34134/11/0005/2425


# ଲେଖକ ସତ ଲେଖନ୍ତି: ବିଧାୟକ ପ୍ରଦ୍ୟୁମ୍ନ

## ଲୋହରାଖଣ୍ଡି ସାହିତ୍ୟ ସଂସଦର ବାର୍ଷିକୋତ୍ସବ




ଜଣେ ଲେଖକଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରୁଛନ୍ତି।

ଭଞ୍ଜନଗର,୬।୧୦(ବାବୁଲା ପ୍ରଧାନ): ଲୋହରାଖଣ୍ଡି ସାହିତ୍ୟ ସଂସଦର ୨୨ତମ ବାର୍ଷିକୋତ୍ସବ ରବିବାର ସ୍ଥାନୀୟ ଆର୍‌ଏମସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲେଖକମାନେ ସର୍ବଦା ସତ କଥା ଲେଖିଥାନ୍ତି ବୋଲି କହିଥିଲେ। ବହୁବର୍ଷ ହେବ ଭଞ୍ଜନଗରରେ ପୁସ୍ତକ ମେଳା, ଘୁମୁସର ମହୋତ୍ସବ ପାଳନ ହୋଇନାହିଁ। ଆଗାମୀ ଶୀତ ଋତୁରେ ଏହାକୁ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ଏଥିସହ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପୀଠ କୁଲାଡରେ ଭଞ୍ଜ ଜୟନ୍ତୀ ଆଡମ୍ବରରେ ପାଳନ କରାଯିବ। ଭଞ୍ଜନଗରରେ ଏକ ବଡ ଲାଇବ୍ରେରୀ ହଲ ନିର୍ମାଣ କରାଯିବ। ଲୁକାୟିତ ଅବସ୍ଥାରେ ଥିବା କଳାକାର, ଲେଖକ ଆଦିଙ୍କୁ ଖୋଜି ସମ୍ବର୍ଦ୍ଧିତ କରାଯିବ ବୋଲି ବିଧାୟକ କହିଥିଲେ। ପ୍ରଥମ ଅଧିବେଶନରେ କାର୍ଯ୍ୟକାରୀ ସଭାପତି ପ୍ରଦୀପ ସାଇଁ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଏମ୍‌ପି ପ୍ରତିନିଧି ସନ୍ତୋଷ ତିଆଡି, ଥାନା ଅଧିକାରୀ କୁମାର ମୁଦୁଲି, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ବି ଗୋବିନ୍ଦ ରାଓ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଭାତୀ ବେହେରା ସଭାକୁ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଡ ଅଶୋକ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ଼ ଶ୍ୟାମା ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭ୍ୟ ଡ ସଞ୍ଜୟ କୁମାର ପଣ୍ଡା, ତ୍ରିଧାରା ସାହିତ୍ୟ ସଂସଦ ସଂପାଦକ ଡ ଲକ୍ଷ୍ମୀ ନାରାୟଣ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ସଂପାଦକ ଚିନ୍ମୟ କୁମାର ବେବର୍ତ୍ତା ସଭାକୁ ସଂଯୋଜନା କରିଥିଲେ। ତୃତୀୟ ଅଧିବେଶନ କବିତା ପାଠୋତ୍ସବରେ ଲେଖିକା ରିତାରାଣୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀ ଦଣ୍ଡପାଣି ପ୍ରଧାନ ସଭାରେ ଅଧ୍ୟକ୍ଷତା କରିଥିଲେ। କଳ୍ପନା କୁମାରୀ ପ୍ରଧାନ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଅନେକ ଲେଖକ, କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କଳାକାର ସଂଘ ବାର୍ଷିକ ଉତ୍ସବ

ବେଲଗୁଣ୍ଠା, ୬।୧୦ ( କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ବଣିକ ସଂଘ କାର୍ଯ୍ୟାଳୟରେ ରବିବାର ସୁରେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ କଳାକାର ସଂଘର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଦସ୍ୟମାନେ ସକାଳ ୮. ୩୦ରେ ନୃସିଂହ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରା ବାହାରି ବଣିକ ସଂଘ ଭବନଠାରେ ପହଞ୍ଚିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଦକ୍ଷିଣ ଓଡିଶା କଳାକାର ସଂଘ ସଭାପତି ତିରୁପତି ସାହୁ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନ, ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ସଭାପତି ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ସଚିବ ସୁବାଷ ଚନ୍ଦ୍ର ସାହୁ, ନାଟ୍ୟକାର ପ୍ରଫୁଲ୍ଲ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଏହି ଅବସରରେ କଳାକାରମାନେ ବିଭିନ୍ନ ଲୋକନୃତ୍ୟ ପରିବେଷଣ କରିଥିଲେ। ଲୁଦୁଲୁଦି ଗ୍ରାମର ପ୍ରହ୍ଲାଦ ନାଟକ, ସାରିଆପଲି ଗ୍ରାମର ଘଣ୍ଟଥାଳ, ନେଟେଙ୍ଗାର ବାଘ-ବୃଷଭ ଓ ପାଲକଷଣ୍ଡାର ଦାସକାଠିଆ ସଙ୍ଗୀତ ପରିବେଷଣ କରିଥିଲେ। କଳାକାର ପ୍ରଶାନ୍ତ ଜେନା, ନାରାୟଣ ଗୌଡ଼,ଶିବରାମ ରାଉତ, ରଞ୍ଜିତ ପାତ୍ର, ନିରଞ୍ଜନ ବେହେରା, ପ୍ରକାଶ ଭୂୟାଁ,ସନ୍ତୋଷ ଲେଙ୍କା, ରାଜେନ୍ଦ୍ର ଗୌଡ଼, ରମେଶ ଗୌଡ଼ ସହଯୋଗ କରିଥିଲେ।


**National Dairy Development Board**

PB No. 40, Anand, Gujarat-388001, Tel: 02692-260 148/149/160 Fax: 02692-260 159
Website: http://www.nddb.coop, Email: purchase@nddb.coop

**INVITATION FOR BIDS (IFB) / LOCAL COMPETITIVE BIDDING (LCB)**

Bids are invited on behalf of Service Recipients/ NDDB from eligible bidders for the works listed below:

| Sl. No. | Description of works / Bid Reference | Estd. Cost (₹) incl GST /Duration | Event Start / Close Date | Bid submission / opening date & time |
|---|---|---|---|---|
| A | Civil, Structural, Water Supply, Sanitary & Other Misc. works including Internal Electrification works for: | | | |
| I | 6 LLPD expandable to 10LLPD Automated Dairy Plant with value added products and powder plant at Nagpur, Maharashtra. NDDB/HO/Purchase/64/24-25/ET/64 (CIVIL-NAGPUR) | 16000 Lakh/ 16 Months | 09.10.24/ 30.10.24 | 30.10.24 15:00 hrs. 30.10.24 15:30 hrs. |
| II | 2.35 LLPD Fermented Milk Product Plant at Amritsar Punjab NDDB/HO/Purchase/65/24-25/ET/65 (CIVIL-AMRITSAR) | 4600 Lakh/ 15 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |
| III | Strengthening of existing Verka Frozen Semen Station, Bhattian,Khanna, Punjab. NDDB/HO/Purchase/66/24-25/ET/66 (CIVIL-KHANNA) | 720 Lakh/ 10 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| IV | Upgradation & associated repair works at CCSNIAH, Baghpat. NDDB/HO/Purchase/67/24-25/ET/67 (CIVIL-BAGHPAT) | 2000 Lakh / 12 Months | 07.10.24/ 28.10.24 | 28.10.24 15:00 hrs. 28.10.24 15:30 hrs. |
| B | Design, Supply, Installation, Testing and Commissioning the following: | | | |
| I | 2.35 LLPD Fermented Milk Product Plant at Amritsar, Punjab NDDB/HO/Purchase/68/24-25/ET/68 (LMP-AMRITSAR) | 3900 Lakh / 15 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| II | Effluent Treatment Plant of 8 LLPD at Amritsar, Punjab NDDB/HO/Purchase/69/23-24/ET/69 (ETP-AMRITSAR) | 720 Lakh / 12 Months | 12.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| III | Freon based Refrigeration system incl. PUF Insulation works for Cold stores at Amritsar, Punjab NDDB/HO/Purchase/70/24-25/ET/70 (REFRI-AMRITSAR) | 500 Lakh / 12 Months | 10.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| IV | Fire hydrant system at Amritsar, Punjab NDDB/HO/Purchase/71/24-25/ET/71 (FIRE-AMRITSAR) | 72.44 Lakh / 10 Months | 12.10.24/ 04.11.24 | 04.11.24 15:00 hrs. 04.11.24 15:30 hrs. |
| V | 25 TLPD UHT plant at Kangra, Himachal Pradesh. NDDB/HO/Purchase/72/24-25/ET/72 (UHT-KANGRA) | 3510 Lakh/ 10 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |
| VI | Interior & Furnishing Works with complete system and all accessories as directed at Arilo, Govindpur, Odisha. NDDB/HO/Purchase/73/24-25/ET/73 (FURNITURE-OMFED) | 63.05 Lakh/ 04 Months | 07.10.24/ 28.10.24 | 28.10.24 15:00 hrs. 28.10.24 15:30 hrs. |
| VII | 150KLPD capacity Containerized Prefab Package Type Skid Mounted Sewage Treatment Plant (STP) at NDDB Campus, Anand NDDB/HO/Purchase/74/24-25/ET/74 (STP-NDDB ANAND) | 208 Lakh/ 06 Months | 08.10.24/ 29.10.24 | 29.10.24 15:00 hrs. 29.10.24 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop, and www.mstcecommerce.com/eprocn. For any clarification please contact **Group Head (Purchase), NDDB, Anand-388001**

**NB: Any corrigendum/modification etc. will be posted only on these websites**



**ODISHA NURSES & MIDWIVES REGISTRATION COUNCIL**

Directorate of Medical Education & Training, Odisha

Bhubaneswar, Odisha-751001, E.mail : onmrcnrts@gmail.com

No.E-383

Notice No. : 5958 Dt. : 05.10.2024

**Notice for Mandatory NUID Registration for Nursing Professionals in the State**

This is to inform that all the nursing personnel who are working in different organizations must have a valid Nursing Unique Identification (NUID) registration as per the Indian Nursing Council (INC, New Delhi) Gazette notification (Available in NRTS Web portal). The validity of the NUID registration is for a period of five years. There after renewal registration of NUID is mandatory for all nursing personnel through NRTS web portal of Indian Nursing Council (https:nrts.indiannursingcouncil.gov.in).

In case, the application for renewal is not done within 6 months of expiry of the validity period, a penalty of Rs. 5000/- shall be charged in addition to the renewal registration fees.

Hence, all the nursing professionals are hereby instructed to renew their NUID registration immediately through NRTS Portal.

OIPR-10252/11/0002/2425 Sd./- DMET(O) & Chairman, ONMRC



**BERHAMPUR MUNICIPAL CORPORATION, GANJAM**

**INVITATIONS FOR BIDS (IFB)** No.C-709

Letter No. 8604 Date : 01.10.2024

**Invitation for Bids**

**COMPETATIVGE BIDDING THROUGH E-PROCUREMENT**

**Bid Identification No. BMC (BAM) 298/2024-2025**

| | | |
|---|---|---|
| 1 | The Municipal Commissioner, Berhampur invites percentage rate bids in ONLINE MODE only, as per annexure "A" | |
| 2 | Nature of work | Works CIVIL |
| 3 | No. of work | 361 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha, as per Annexure "A" |
| 6 | Class of Contractor | As per the Annexure "A" |
| 7 | Availability of Bid Documents in the website | From 15.05 hrs. of Dt. 09.10.2024 to 17.00 hrs. of 24.10.2024 |
| 8 | Date & Time of Opening of the Bids | 11.30 hrs. onwards on Dt. 25.10.2024 |
| 9 | Mode of submission of tender | Tender Should submitted On line in www.tendersorissa.gov.in |
| 10 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- Commissioner, Berhampur Municipal Corporation Berhampur, Odisha

OIPR-13035/11/0010/2425

## ସଂକ୍ଷେପରେ

### ଇସ୍ରାଏଲ୍‌ରେ ୟୁଏସ୍ କେନ୍ଦ୍ରୀୟ କମାଣ୍ଡ ମୁଖ୍ୟ



ଜେନେରାଲ ମାଇକେଲ ଇ. କୁରିଲା

ଜେରୁଜେଲମ୍,୬।୧୦

ଇରାନର ରକେଟ ଆକ୍ରମଣର ଠିକଣା ଜବାବ ଦେବା ଲାଗି ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଜୋର୍‌ଦାର ପ୍ରସ୍ତୁତି ଚଳାଇଥିବାବେଳେ ଆମେରିକାର କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍) ମୁଖ୍ୟ ଜେନେରାଲ ମାଇକେଲ ଇ. କୁରିଲା ଶନିବାର ଇସ୍ରାଏଲ୍‌ରେ ପହଞ୍ଚିଛନ୍ତି। ତାଙ୍କର ଏହି ଗସ୍ତ ଇସ୍ରାଏଲ୍ ଏବଂ ଏହାର ଅଞ୍ଚଳିକ ସହଯୋଗୀମାନଙ୍କ ମଧ୍ୟରେ ସହଯୋଗ ବଢ଼ାଇବ ବୋଲି କୁହାଯାଉଛି। ଇରାନ ବିରୋଧରେ ଜୋର୍‌ଦାର ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତିରେ ଆମେ ଅଧିକ ସମୟ ଓ ସମ୍ବଳ ବିନିଯୋଗ କରୁଥିବା ଆଇଡିଏଫ୍ ମୁଖପାତ୍ର କହିଛନ୍ତି। ଇରାନ ଆକ୍ରମଣର ଗମ୍ଭୀର ପରିଣତି ଭୋଗିବାକୁ ପଡ଼ିବ ବୋଲି ଇସ୍ରାଏଲ୍ ଚେତାବନୀ ଦେଇଛି।

### ଆର୍.ଜି. କର ମେଡିକାଲ କଲେଜରେ ରାଗିଂ

**୧୦ ଡାକ୍ତର ବହିଷ୍କୃତ**

କୋଲକାତା,୬।୧୦

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ରାଗିଂ, ଜୁନିୟରମାନଙ୍କୁ ହଇରାଣ କରିବା ଏବଂ ହସ୍ପିଟାଲ ପରିସରରେ ଭୟର ବାତାବରଣ ସୃଷ୍ଟି କରିବା ଅଭିଯୋଗରେ ୧୦ ଜଣ ଡାକ୍ତରଙ୍କୁ ଏହାର ଇଣ୍ଟରନାଲ କାଉନ୍‌ସିଲ ବହିଷ୍କାର କରିଛି। ଧମକ ଦେବା ଓ ରାଗିଂ ଅଭିଯୋଗ ଉପରେ ତଦନ୍ତ ପରେ ଇଣ୍ଟରନାଲ କାଉନସିଲ ଉପରୋକ୍ତ ପଦକ୍ଷେପ ନେଇଛି। ବହିଷ୍କୃତ ଡାକ୍ତରମାନଙ୍କ ବିରୋଧରେ ଏକାଧିକ ଅଭିଯୋଗ ରହିଛି। ସେହିପରି ଇଣ୍ଟର୍ନି, ଛାତ୍ର ଓ ହାଉସ୍ ଷ୍ଟାଫ୍ ସମେତ ୫୯ ଜଣଙ୍କୁ ସାମୟିକ ନିଲମ୍ବନ କରାଯାଇଛି।

# ବଢୁଛି 'ଡିଜିଟାଲ ଆରେଷ୍ଟ' ଅନ୍‌ଲାଇନ ଠକେଇ

■ଭିଡିଓ କଲ୍‌ରେ ଲୋକଙ୍କୁ ଗିରଫ କରେନି ସିବିଆଇ, ଇଡି
■ସ୍ପଷ୍ଟ କଲା ସାଇବର କ୍ରାଇମ୍ କୋଅର୍ଡିନେଶନ ସେଣ୍ଟର

ନୂଆଦିଲ୍ଲୀ,୬।୧୦



ଭାରତରେ 'ଡିଜିଟାଲ ଆରେଷ୍ଟ' ନାମରେ ଅନ୍‌ଲାଇନ ଠକେଇ ବଢ଼ିବାରେ ଲାଗିଛି। ଅପରାଧୀମାନେ ଏହି ସାଇବର ଅପରାଧ କୌଶଳକୁ ଡିଜିଟାଲ ଆରେଷ୍ଟ ନାଁ ଦେଇଛନ୍ତି। ତେବେ ସିବିଆଇ, ପୋଲିସ, ସୀମାଶୁଳ୍କ ବିଭାଗ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କିମ୍ବା ବିଚାରପତିମାନେ କାହାକୁ ଭିଡିଓ କଲ୍ ଜରିଆରେ ଗିରଫ କରି ନ ଥାନ୍ତି ବୋଲି ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେଶନ ସେଣ୍ଟର (ଆଇ୪ସି) ଏକ ଆଡଭାଇଜରି ଜାରି କରଛି। ଇଣ୍ଟରନେଟ୍ ବ୍ୟବହାର କରି ଅପରାଧୀମାନେ ଡିଜିଟାଲ ଆରେଷ୍ଟ ନାଁରେ ଲୋକଙ୍କୁ ଫସାଇ ଲୁଟୁଥିବା ସଂଘୀୟ ସାଇବର ସୁରକ୍ଷା ସଂସ୍ଥା ଜନସାଧାରଣଙ୍କୁ ସତର୍କ କରାଇ ଦେଇଛି। ଏଭଳି ଭିଡିଓ କଲ୍ କିମ୍ବା ଏସ୍‌ଏମ୍‌ଏସ୍ ଆସିଲେ ଭୟଭୀତ ନ ହୋଇ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ଅପରାଧୀମାନେ ଲୋକଙ୍କ ପାଖକୁ ଏସ୍‌ଏମ୍‌ଏସ୍ ପଠାଇ କିମ୍ବା ଭିଡିଓ କଲ୍ ଜରିଆରେ ନିଜକୁ ପୋଲିସ, ସିବିଆଇ କିମ୍ବା ଇଡି ଅଧିକାରୀ ଭାବେ ପରିଚୟ ଦେଇଥାନ୍ତି। ସମ୍ପୃକ୍ତ ବ୍ୟକ୍ତି କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟ ଡ୍ରଗ୍ ଚାଲାଣ, ମନିଲଣ୍ଡରିଂ କିମ୍ବା ପାଖରେ ବେଆଇନ ସାମଗ୍ରୀ ରଖିଥିବା ଅଭିଯୋଗ କରି ଭିଡିଓ କଲ୍ କରିଥିବା ବ୍ୟକ୍ତି ତାଙ୍କୁ ଡିଜିଟାଲି ଗିରଫ କରାଗଲା ବୋଲି କହିଥାନ୍ତି। ଏଭଳି କଲ୍ କରି ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଭୟଭୀତ କରାଇବା ସହ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଦାବି କରିଥାନ୍ତି। ନିଜକୁ ମୁମ୍ବାଇ କ୍ରାଇମବ୍ରାଞ୍ଚ ଅଧିକାରର ପରିଚୟ ଦେଇ ୪.୯୫ ଲକ୍ଷ ଟଙ୍କା ଠକି ନେଇଥିବା ୨ ଜଣ ଅପରାଧୀଙ୍କୁ ଗତମାସରେ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ଏଭଳି ଅନେକ ଘଟଣା ଗତ କିଛି ମାସ ମଧ୍ୟରେ ସାମ୍ନାକୁ ଆସିଲାଣି। ହ୍ୱାଟ୍ସଆପ୍ ଏବଂ ସ୍କାଇପେ ଭଳି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମକୁ ଅପରାଧରେ ବ୍ୟବହାର କରାଯାଉଥିବା ନେଇ ଆଇ୪ସି ଏହାର ଆଡଭାଇଜରିରେ ସେଗୁଡ଼ିକର ଲୋଗୋ ଚିତ୍ରଣ କରିଛି। ଏଭଳି ଅପରାଧ ବିରୋଧରେ ସୁରକ୍ଷା ବଢ଼ାଇବାକୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ସରକାରଙ୍କ ସାଇବର ସୁରକ୍ଷା ଏଜେନ୍ସି ସହ କାର୍ଯ୍ୟ କରୁଥିବା କହିଥିଲେ। ଏଭଳି କୌଣସି କଲ୍ ଆସିଲେ ତୁରନ୍ତ କେନ୍ଦ୍ରୀୟ ହେଲ୍ପଲାଇନ ନମ୍ବର ୧୯୩୦କୁ କଲ୍ କରିବାକୁ କିମ୍ବା www.cyber-crime.gov.in ୱେବ୍‌ସାଇଟ୍‌ରେ ଜଣାଇବାକୁ ପରାମର୍ଶ ଦିଆଯାଇଛି।



ଭାରତୀୟ ବାୟୁସେନାର ୯୨ତମ ବାର୍ଷିକୀ ଅବସରରେ ରବିବାର ଚେନ୍ନାଇର ମାରିନା ବେଳାଭୂମିରେ ଆଇଏଏଫ୍ ଏରୋବେଟିକ୍ସ ଟିମ୍‌ର 'ସୂର୍ଯ୍ୟ କିରଣ' ଏୟାର ଶୋ'।

### ନିର୍ବାଚିତ ମହିଳା ପ୍ରତିନିଧିଙ୍କ ବହିଷ୍କାରକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୬।୧୦

ନିର୍ବାଚିତ ମହିଳା ପ୍ରତିନିଧିଙ୍କ ବହିଷ୍କାରକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣି ବେଳେ କହିଛନ୍ତି। ମହାରାଷ୍ଟ୍ରର ଏକ ଗ୍ରାମପଞ୍ଚାୟତର ସରପଞ୍ଚଙ୍କୁ ବହିଷ୍କାର ପାଇଁ ଦିଆଯାଇଥିବା ନିର୍ଦ୍ଦେଶନାମାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଜଣେ ମହିଳା ସରପଞ୍ଚ ସେମାନଙ୍କ ତରଫରୁ ନିଷ୍ପତ୍ତି ନେବ ଏବଂ ଉକ୍ତ ନିଷ୍ପତ୍ତିକୁ ସେମାନଙ୍କୁ ଅନୁପାଳନ କରିବାକୁ ହେବ, ଏହାକୁ ଗ୍ରାମବାସୀ ସହଜେ ହଜମ କରିପାରୁ ନ ଥିଲେ ବୋଲି ଖଣ୍ଡପୀଠ ଅନୁଭବ କରିଛନ୍ତି। ଦେଶ ଲିଙ୍ଗଗତ ସମାନତା ଏବଂ ସବୁ ବର୍ଗର ମହିଳାଙ୍କ ସଶକ୍ତୀକରଣ ପାଇଁ ଉଦ୍ୟମ ଚଳାଇଥିବାବେଳେ ନିର୍ବାଚିତ ସଂସ୍ଥାଗୁଡ଼ିକୁ ପର୍ଯ୍ୟାପ୍ତ ସଂଖ୍ୟାରେ ମହିଳା ପ୍ରତିନିଧି ଆଣିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଭଳି ସମୟରେ ଜଣେ ନିର୍ବାଚିତ ମହିଳା ପ୍ରତିନିଧିଙ୍କୁ ବହିଷ୍କାର କରାଯିବା ଅତ୍ୟନ୍ତ ଗମ୍ଭୀର ମାମଲା ବୋଲି ଖଣ୍ଡପୀଠ ମାମଲାର ଶୁଣାଣି ବେଳେ କହିଥିଲେ।

## ଟ୍ରମ୍ପଙ୍କ ସହ ଏକାଠି ପ୍ରଚାର କଲେ ମସ୍କ



ୱାଶିଂଟନ,୬।୧୦

ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ବର୍ତ୍ତମାନର ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ଶନିବାର ପେନ୍‌ସିଲଭାନିଆର ବଟ୍‌ଲରରେ ନିର୍ବାଚନ ପ୍ରଚାର କରିଥିବାବେଳେ ତାଙ୍କ ସହ ଟେସ୍‌ଲା ତଥା ସ୍ପେସ୍‌ଏକ୍ସ ମୁଖ୍ୟ ଏଲନ୍ ମସ୍କ ଉପସ୍ଥିତ ଥିଲେ। ଜୁଲାଇ ୧୩ରେ ଟ୍ରମ୍ପ୍ ବୁଟ୍‌ଲରଠାରେ ଏକ ର୍ୟାଲିକୁ ଉଦ୍‌ବୋଧନ ଦେଉଥିବାବେଳେ ତାଙ୍କୁ ହତ୍ୟା ଉଦ୍ୟମ ହୋଇଥିଲା। ଗୁଳିମାଡ଼ରେ ତାଙ୍କ ଡାହାଣ କାନ କ୍ଷତାକ୍ତ ହୋଇଥିଲା। ଶନିବାର ଟ୍ରମ୍ପ୍ ମଞ୍ଚକୁ ବିଲିଅନେୟାର ମସ୍କଙ୍କୁ ଆମନ୍ତ୍ରଣ କରିବା ସହ ତାଙ୍କୁ ସେ ମଞ୍ଚ ଉପରେ 'ଅବିଶ୍ୱସନୀୟ ବ୍ୟକ୍ତି' ବୋଲି କହିଥିଲେ। ମସ୍କ ରାଲିରେ ଟ୍ରମ୍ପ୍‌ଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ସମାଲୋଚନା କରିଥିଲେ। ଆମେରିକା ଗଣତନ୍ତ୍ରର ସୁରକ୍ଷା ପାଇଁ ଟ୍ରମ୍ପ୍ ନିଶ୍ଚୟ ଜିତିବେ। ଏହା ଆମ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ବୋଲି ମସ୍କ କହିଥିଲେ। ଟ୍ରମ୍ପ୍‌ଙ୍କୁ ଅଧିକରୁ ଅଧିକ ଭୋଟ ଦେବା ପାଇଁ ରିପବ୍ଲିକାନ୍ ସମର୍ଥକମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଯଦି ତାହା ନ ହୁଏ, ତେବେ ଏହା ଶେଷ ନିର୍ବାଚନ ହେବ, ଏହା ତାଙ୍କର ପୂର୍ବାନୁମାନ ବୋଲି ଏକ୍ସ'ର ମାଲିକ ମସ୍କ କହିଛନ୍ତି।

## ଜୟଶଙ୍କରଙ୍କୁ ଭେଟିଲେ ମୁଇଜ୍ଜୁ

ନୂଆଦିଲ୍ଲୀ, ୬।୧୦

**ଆଜି ପ୍ରଧାନମନ୍ତ୍ରୀଙ୍କ ସହ ହେବ ଦ୍ୱିପାକ୍ଷିକ ଆଲୋଚନା**



ମହମ୍ମଦ ମୁଇଜ୍ଜୁ

ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ରବିବାର ତାଙ୍କ ୪ ଦିନିଆ ଭାରତ ଗସ୍ତ ଆରମ୍ଭ କରିଛନ୍ତି। ସେ ମାଳଦ୍ୱୀପର ପ୍ରଥମ ମହିଳା ସାଜିଦା ମହମ୍ମଦଙ୍କ ସହ ଦିଲ୍ଲୀରେ ଆସି ପହଞ୍ଚିଛନ୍ତି। ଏହାପରେ ସେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ଜୟଶଙ୍କର ଏକ୍ସ'ରେ ସୂଚନା ଦେଇଛନ୍ତି। ଭାରତ ଓ ମାଳଦ୍ୱୀପ ମଧ୍ୟରେ ଥିବା ସମ୍ପର୍କକୁ ବଢ଼ାଇବା ପାଇଁ ମୁଇଜ୍ଜୁଙ୍କ ଏହି ଗସ୍ତ ସହାୟକ ହେବ ବୋଲି ସେ କହିଛନ୍ତି। ଉଭୟ ଦେଶର ପାରସ୍ପରିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁଇଜ୍ଜୁଙ୍କର ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା ହେବ ବୋଲି ଜୟଶଙ୍କର ସୂଚନା ଦେଇଛନ୍ତି। ତେବେ ୪ ମାସ ମଧ୍ୟରେ ଏହା ହେଉଛି ମୁଇଜ୍ଜୁଙ୍କର ଦ୍ୱିତୀୟ ଭାରତ ଗସ୍ତ। ସେ ଗତ ଜୁନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଶପଥ ଗ୍ରହଣ ସମାରୋହରେ ଯୋଗ ଦେଇଥିଲେ। ତେବେ ଦ୍ୱିପାକ୍ଷିକ ଆଲୋଚନା ପାଇଁ ମୁଇଜ୍ଜୁ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିଛନ୍ତି।

## ଗୋଆରେ ଆରଏସ୍‌ଏସ୍ ନେତାଙ୍କ ମନ୍ତବ୍ୟକୁ ନେଇ ଉତ୍ତେଜନା

ପାନାଜୀ, ୬।୧୦

ଗୋଆରେ ଆର୍‌ଏସ୍‌ଏସ୍‌ର ପୂର୍ବତନ ରାଜ୍ୟ ୟୁନିଟ୍ ମୁଖ୍ୟ ସୁଭାଷ ୱେଲିଙ୍ଗକରଙ୍କ ଏକ ବୟାନକୁ ନେଇ ବିବାଦ ବଢ଼ିବାରେ ଲାଗିଛି। କାଥୋଲିକ୍ ମିଶ୍‌ନାରୀ ସେଣ୍ଟ ଫ୍ରାନ୍ସିସ ଜାଭିୟରଙ୍କ ଅବଶେଷର ଡିଏନ୍‌ଏ ପରୀକ୍ଷା କରାଯିବା ଉଚିତ ବୋଲି ସେ ମନ୍ତବ୍ୟ ଦେଇଥିଲେ। ରବିବାର ରାଜ୍ୟର ଖ୍ରୀଷ୍ଟିଆନ ସମ୍ପ୍ରଦାୟ ପକ୍ଷରୁ ସୁଭାଷଙ୍କର ଗିରଫ ଦାବିରେ ବିଭିନ୍ନ ସ୍ଥାନରେ ବିରୋଧ ପ୍ରଦର୍ଶନ କରାଯାଇଛି। ଦକ୍ଷିଣ ଗୋଆର ମାରଗାଓଁରେ ବିଭିନ୍ନ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିରୋଧ ପ୍ରଦର୍ଶନବେଳେ ଦେଖାଦେଇଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଗୋଆ ଚର୍ଚ୍ଚ କର୍ତ୍ତୃପକ୍ଷ ଶାନ୍ତି ଓ ସଂଜମତାର ଆହ୍ୱାନ ଦେଇଛନ୍ତି। ତେବେ ଗୋଆରେ ଏପରି ମନ୍ତବ୍ୟ ଦେଇ ଭାଜପା ଓ ସଂଘ ପକ୍ଷରୁ ସାମ୍ପ୍ରଦାୟିକ ତିକ୍ତତା ସୃଷ୍ଟି କରାଯାଉଥିବା ନେଇ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି।

## ଲଦାଖ ଭବନରେ ୱାଙ୍ଗ୍‌ଚୁକ୍‌ଙ୍କ ଅନଶନ

**ଯନ୍ତରମନ୍ତରରେ ଅନୁମତି ମିଳିଲାନି**

ନୂଆଦିଲ୍ଲୀ,୬।୧୦



ଲଦାଖକୁ ସମ୍ବିଧାନର ଷଷ୍ଠ ପରିଚ୍ଛେଦ ମାନ୍ୟତା ପ୍ରଦାନ ଦାବିରେ ଜଳବାୟୁ କର୍ମୀ ସୋନମ୍ ୱାଙ୍ଗଚୁକ୍ ଦିଲ୍ଲୀର ଯନ୍ତରମନ୍ତରରେ ଆମରଣ ଅନଶନରେ ବସିବା ପାଇଁ ଅନୁମତି ଲୋଡ଼ିଥିଲେ। ତେବେ ଏଥିପାଇଁ ଅନୁମତି ନ ମିଳିବାରୁ ସେ ରବିବାର ଲଦାଖ ଭବନରେ ଅନଶନରେ ବସିଛନ୍ତି। ଦିଲ୍ଲୀରେ ଅନ୍ୟ କୌଣସି ସ୍ଥାନ ସେମାନଙ୍କୁ ନ ମିଳିବାରୁ ଲଦାଖ ଭବନରେ ଆନ୍ଦୋଳନ କରିବାକ ବାଧ ହେଲୁ ବୋଲି ୱାଙ୍ଗ୍‌ଚୁକ୍ ଅନଶନରେ ବସିବା ପୂର୍ବରୁ ଗଣମାଧ୍ୟମକୁ କହିଛନ୍ତି। ୱାଙ୍ଗ୍‌ଚୁକ୍‌ଙ୍କ ସମେତ ୧୮ ଜଣ ଲଦାଖ ଭବନ ଫାଟକ ନିକଟରେ ଅନଶନରେ ବସିବା ସହ ଭାରତ ମାତା କୀ ଜୟ, ଜୟ ଲଦାଖ, ଲଦାଖ ବଞ୍ଚାଅ, ହିମାଳୟ ବଞ୍ଚାଅ ଆଦି ସ୍ଲୋଗାନ ଦେଇଛନ୍ତି।

ଅନ୍ୟପକ୍ଷରେ ଦିଲ୍ଲୀ ପୋଲିସ କହିଛି, ଅଳ୍ପ ସମୟ ପୂର୍ବରୁ ସେମାନେ ଅନଶନ ପାଇଁ ଅନୁମତି ମାଗିଥିଲେ ତେବେ ଅନଶନର ନିର୍ଦ୍ଦିଷ୍ଟ ସମୟ ଓ କେତେ ଲୋକଙ୍କ ସମାଗମ ହେବ ତାହା ଉଲ୍ଲେଖ କରି ନ ଥିଲେ। ଗାଇଡ୍‌ଲାଇନ ଅନୁଯାୟୀ, ଯନ୍ତରମନ୍ତରରେ କୌଣସି ଆନ୍ଦୋଳନ କରିବାକୁ ହେଲେ ଅନ୍ୟୂନ ୧୦ ଦିନ ପୂର୍ବରୁ ଆବେଦନ କରିବାକୁ ହେବ। ଏଥିସହିତ ଆନ୍ଦୋଳନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ହେବା ଆବଶ୍ୟକ।

## ଭୋପାଳରୁ ୧୮୦୦ କୋଟିର ଡ୍ରଗ୍ସ ଜବତ, ୨ ଗିରଫ

**ଅମୃତସରରୁ ୧୦ କୋଟିର କୋକେନ୍ ଜବତ**

ଭୋପାଳ, ୬।୧୦



ମଧ୍ୟପ୍ରଦେଶର ଭୋପାଳରୁ ରବିବାର ୧,୮୦୦ କୋଟି ଟଙ୍କାର ଡ୍ରଗ୍ସ ଜବତ ହୋଇଛି। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଓ ଗୁଜରାଟର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍(ଏଟିଏସ୍)ମିଳିତ ଭାବେ ଭୋପାଳର ଏକ ଫ୍ୟାକ୍ଟ୍ରିରେ ଚଢ଼ାଉ କରିଛନ୍ତି। ଭୋପାଳର କଟାରା ହିଲ୍ସ ଥାନାସ୍ଥିତ ବଗ୍‌ରୋଦା ଶିଳ୍ପାଞ୍ଚଳରେ ଥିବା ଏକ କାରଖାନାରୁ ୧,୮୦୦ କୋଟି ଟଙ୍କା ମୂଲ୍ୟର ଡ୍ରଗ୍ସ ଜବତ କରାଯିବା ସହ ଘଟଣାସ୍ଥଳରୁ ଗୁଜରାଟ ଏଟିଏସ୍ ୨ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ଗିରଫ ୨ ଅଭିଯୁକ୍ତ ହେଉଛନ୍ତି ସାନ୍ୟାଲ ପ୍ରକାଶ ବାନେ ଏବଂ ଅମିତ ଚତୁର୍ବେଦୀ। ପ୍ରାଥମିକ ତଦନ୍ତ ଅନୁଯାୟୀ, ୨୦୧୭ରେ ମୁମ୍ବାଇର ଅମ୍ବୋଲିରୁ ଏକ ଏମ୍‌ଡି ଡ୍ରଗ୍ସ ମାମଲାରେ ସାନ୍ୟାଲଙ୍କୁ ଗିରଫ କରାଯାଇଥିଲା। ସେ ୫ ବର୍ଷ ଜେଲ୍‌ରେ ରହି ମୁକୁଳିବା ପରେ ଅମିତଙ୍କ ସହ ମିଶି ବେଆଇନ ଡ୍ରଗ୍ସ ଉତ୍ପାଦନ କାର୍ଯ୍ୟ ଆରମ୍ଭ କରିଥିଲେ। ଉଭୟ ଗତ ୬ରୁ ୭ ମାସ ହେବ ବଗ୍‌ରୋଦା ଶିଳ୍ପାଞ୍ଚଳରେ ବେଆଇନ ଡ୍ରଗ୍ସ ନିର୍ମାଣ କାର୍ଯ୍ୟ ଜାରି କରିଥିଲେ। ଅନ୍ୟପକ୍ଷରେ ପଞ୍ଜାବର ଅମୃତସରରୁ ଦିଲ୍ଲୀ ପୋଲିସର ସ୍ପେଶିଆଲ ସେଲ୍ ରବିବାର ୧୦ କୋଟି ଟଙ୍କାର କୋକେନ ଜବତ କରିଛି। ସେହିପରି ଘଟଣାସ୍ଥଳରୁ ଏକ ଫର୍ଚ୍ୟୁନର କାର ମଧ୍ୟ ଜବତ କରାଯାଇଛି। ଗତ ଅକ୍ଟୋବର ୨ରେ ଦିଲ୍ଲୀରୁ ୫,୬୨୦ କୋଟି ମୂଲ୍ୟର ଡ୍ରଗ୍ସ ଜବତ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତ ଜିତେନ୍ଦ୍ର ଓରଫ ଜସ୍ସିଙ୍କୁ ଗତ ୪ରେ ଅମୃତସର ଏୟାରପୋର୍ଟରୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ଜସ୍ସିଙ୍କ ସୂଚନା ଆଧାରରେ ଦିଲ୍ଲୀ ପୋଲିସର ସ୍ପେଶିଆଲ ସେଲ୍ ନେପାଳ ସୀମା ନିକଟବର୍ତ୍ତୀ ଅମୃତସର ଜିଲାର ଏକ ଗ୍ରାମରେ ସର୍ଚ୍ଚ ଅପରେଶନ କରିଥିଲା।

## ଫୁର୍‌ସତ୍

### ଟ୍ରୋଲର୍ସଙ୍କୁ ଜବାବ ଦେଲେ କରନ୍

ମୁମ୍ବାଇ



ଆଲିଆ ଭଟ୍ଟଙ୍କ ଆଗାମୀ ଚଳଚ୍ଚିତ୍ର 'ଜିଗ୍‌ରା' ନିକଟରେ ଖୁବ୍ ଚର୍ଚ୍ଚାରେ ରହିଛି। ତେବେ ଫିଲ୍ମର ପ୍ରମୋଶନବେଳେ ଏକ ସାକ୍ଷାତ୍‌କାରରେ ଏହାର ନିର୍ଦ୍ଦେଶକ ଭାସନ୍ ବାଲାଙ୍କ ଏକ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି। 'ଜିଗ୍‌ରା' ଫିଲ୍ମ ନିର୍ମାତା କରନ୍ ଜୋହର ଏହି ଫିଲ୍ମର ଅସମ୍ପୂର୍ଣ୍ଣ ସ୍କ୍ରିପ୍ଟକୁ କେନ୍ଦ୍ର କରି ତାଙ୍କ ବିନା ଅନୁମତିରେ ଫିଲ୍ମର ଲିଡ୍ ରୋଲ୍ ପାଇଁ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ଚୟନ କରିଥିଲେ ବୋଲି ଭାସନ୍ ଏହି ସାକ୍ଷାତ୍‌କାରରେ କହିଥିଲେ। ସେତେବେଳେ ସେ କରନ୍‌ଙ୍କ ଏହି ନିଷ୍ପତ୍ତିରେ ଖୁସି ନ ଥିଲେ ବୋଲି ଭାସନ୍ କହିଥିଲେ। ଭାସନ୍‌ଙ୍କ ଏହି ମନ୍ତବ୍ୟ ଭାଇରାଲ ହେବା ସହ ଏହାକୁ ନେଇ ଅନେକ ସୋସିଆଲ ମିଡିଆ ୟୁଜର୍ସ ଫିଲ୍ମ ନିର୍ମାତା କରନ୍ ଜୋହରଙ୍କୁ ଟ୍ରୋଲ୍ କରିଥିଲେ। ଶେଷରେ କରନ୍ ରବିବାର ଏହି ପ୍ରସଙ୍ଗକୁ ନେଇ ନିଜର ନୀରବତା ଭାଙ୍ଗିଛନ୍ତି। କରନ୍ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଶେୟାର କରି ଲେଖିଛନ୍ତି, ଜୀବନକୁ ସବୁବେଳେ ସ୍ଥିର ରଖିବା ଉଚିତ, ଯେପରି ନକାରାତ୍ମକ ଲୋକଙ୍କ ମୁହଁ ବନ୍ଦ କରାଯାଇ ପାରିବ। ଏଥିପାଇଁ ଦୃଢ଼ ହେବାକୁ ପଡ଼ିବ। ଏହାସହ ସେ 'ଜିଗ୍‌ରା' ନିର୍ଦ୍ଦେଶକ ଭାସନ୍ ବାଲାଙ୍କ ଉକ୍ତ ସାକ୍ଷାତ୍‌କାରକୁ ସମ୍ପୂର୍ଣ୍ଣ ଭାବେ ଭଲ କରି ଦେଖିବାକୁ ତାଙ୍କୁ ଟ୍ରୋଲ୍ କରିଥିବା ୟୁଜର୍ସଙ୍କୁ ପରାମର୍ଶ ଦେଇଛନ୍ତି।

### ବାତ୍ୟାରେ ୫୦ କି.ମି. ଚାଲି ଝିଅ ବିବାହରେ ପହଞ୍ଚିଲେ

ୱାଶିଂଟନ୍



ସମ୍ପ୍ରତି ଆମେରିକାର ଦକ୍ଷିଣ କାରୋଲିନା ନିବାସୀ ଡେଭିଡ୍ ଜୋନ୍ସ ନିଜ ଝିଅ ଏଲିଜାବେଥ୍‌ଙ୍କ ବିବାହ ଉତ୍ସବରେ ପହଞ୍ଚିବା ପାଇଁ ପ୍ରବଳ ବାତ୍ୟା ମଧ୍ୟରେ ୫୦ କିଲୋମିଟର ପର୍ଯ୍ୟନ୍ତ ଚାଲିଥିଲେ। ଏଲିଜାବେଥଙ୍କ ବିବାହ ଉତ୍ସବ ଟେନେସିରେ ହେଉଥିବାବେଳେ ଦକ୍ଷିଣ କାରୋଲିନାରୁ ସେଠାରେ ପହଞ୍ଚିବା ପାଇଁ କାର୍‌ରେ ସାଧାରଣତଃ ୨ ଘଣ୍ଟାର ସମୟ ଲାଗିଥାଏ। ତେବେ ବାତ୍ୟା ହେଲେନ୍ ଯୋଗୁ କାର୍‌ରେ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଯିବା ଡେଭିଡ୍‌ଙ୍କ ପକ୍ଷେ ସମ୍ଭବପର ହୋଇ ନ ଥିଲା। ତେଣୁ ଡେଭିଡ୍ ଚାଲି ଚାଲି ୫୦ କିଲୋମିଟର ଅତିକ୍ରମ କରି ଝିଅର ବିବାହ ଉତ୍ସବରେ ପହଞ୍ଚିବାକୁ ସ୍ଥିର କରିଥିଲେ। ଏହି ଯାତ୍ରାବେଳେ ଅନେକ ସ୍ଥାନରେ ଡେଭିଡ୍‌ଙ୍କୁ ଆଣ୍ଠୁଏ ପର୍ଯ୍ୟନ୍ତ କାଦୁଅରେ ମଧ୍ୟ ଚାଲିବାକୁ ପଡ଼ିଥିଲା। ଶେଷରେ ବହୁ ସମସ୍ୟାର ସମ୍ମୁଖୀନ ହେବା ପରେ ସେ ବିବାହସ୍ଥଳରେ ପହଞ୍ଚିଥିଲେ। ବାତ୍ୟା ହେଲେନ୍‌ର କରାଳ ପ୍ରକୋପ ମଧ୍ୟରେ ବି ବାପାଙ୍କୁ ଆସିଥିବା ଦେଖି ଝିଅ ଏଲିଜାବେଥ୍ ଭାବବିହ୍ୱଳ ହୋଇପଡ଼ିଥିଲେ।

### ପ୍ରଶଂସକଙ୍କୁ କ୍ଷମା ମାଗିଲେ ନିୟା

ମୁମ୍ବାଇ



'ବିଗ୍‌ବସ୍ ୧୮' ରବିବାରଠାରୁ ଆରମ୍ଭ ହୋଇଛି। ଏହି ଶୋ'ରେ ଅଭିନେତ୍ରୀ ନିୟା ଶର୍ମା ଅଂଶଗ୍ରହଣ କରୁଥିବାନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ନିୟା ମଧ୍ୟ ପୂର୍ବରୁ ଉକ୍ତ ରିପୋର୍ଟକୁ ସ୍ୱୀକାର କରିଥିଲେ। ତେବେ ସେ ରବିବାର ଏହି ଶୋ'ରେ ଅଂଶଗ୍ରହଣ କରୁ ନାହାନ୍ତି ବୋଲି ସୂଚନା ଦେଇଛନ୍ତି। ସେ ସୋସିଆଲ ମିଡିଆରେ ପୋଷ୍ଟ କରି ଲେଖିଛନ୍ତି, ସମସ୍ତ ପ୍ରଶଂସକ ଏବଂ ଶୁଭେଚ୍ଛୁମାନଙ୍କୁ କ୍ଷମାମାଗିବାକୁ ଚାହୁଁଛି। 'ବିଗ୍‌ବସ୍ ୧୮'ରେ କିଛି ବ୍ୟକ୍ତିଗତ କାରଣ ଯୋଗୁ ସାମିଲ ହୋଇ ପାରୁ ନାହିଁ।

# କବରରୁ ମୃତଦେହ ବାହାର କଲା ପୋଲିସ

**ବିଞ୍ଝାରପୁର,୬।୧୦(ରାମକୃଷ୍ଣ ଦାସ)**

**ବିଞ୍ଝାରପୁରରେ ବଧୂହତ୍ୟା ଘଟଣା**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଧୀନ ତଳସାହି ଗ୍ରାମରେ ବଧୂହତ୍ୟା ନେଇ ଅଭିଯୋଗ ହେବାପରେ ତଦନ୍ତ ଆରମ୍ଭ ହୋଇଛି। ରବିବାର ପୋଲିସ କବର ଖୋଲି ରୋଜିନା ଖାତୁନଙ୍କୁ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି କବର ମାଜିଷ୍ଟ୍ରେଟ ପ୍ରଦୀପ୍ତ ସେଠୀ, ଥାନାଧିକାରୀ ବାମଦେବ ନନ୍ଦ ଓ ଫରେନସିକ୍ ବିଭାଗର ଅଧିକାରୀମାନଙ୍କ ଉପସ୍ଥିତିରେ ଖୋଲାଯାଇଛି।

ଅଭିଯୋଗ ମୁତାବକ, ପଶ୍ଚିମବଙ୍ଗ ମେଦିନୀପୁର ଜିଲାର ରଜାଉଲ ରହେମାନ ଖାନଙ୍କ ଝିଅ ରୋଜିନାଙ୍କୁ ତଳସାହି ଗ୍ରାମର ସେକ୍ ଇସାକଙ୍କ ପୁଅ ସେକ୍ ମୁସ୍ତକିମ ୨୦୧୭ରେ ବିବାହ କରିଥିଲେ। ଗତମାସ ୨୧ ତାରିଖ ରାତି ୧୧ଟାରେ ମୁସ୍ତକିମ ତାଙ୍କ ଶଶୁରଙ୍କୁ ଫୋନ ଯୋଗେ କହିଥିଲେ ଯେ, ରୋଜିନାଙ୍କ ଅଚାନକ ମୃତ୍ୟୁ ହୋଇଯାଇଛି। ପରିବାର ଲୋକେ ବିଞ୍ଝାରପୁରରେ ପହଞ୍ଚି ରୋଜିନାଙ୍କ ଶରୀରର କିଛି ସ୍ଥାନରେ ଚିହ୍ନ ଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଜ୍ୱାଇଁ ମୁସ୍ତାକିମକୁ ପଚାରିବାରୁ ସେ ଏ କଥାକୁ ଆଡେଇ ଦେବା ସହ ତରବରିଆ ଭାବେ ମୃତଦେହକୁ କବର ଦେଇଦେଇଥିଲେ। ଏଥିରେ ସନ୍ଦେହ କରି ରୋଜିନାଙ୍କ ବାପା ଗତ ଶୁକ୍ରବାର ରାତିରେ ବିଞ୍ଝାରପୁର ଥାନାରେ ତାଙ୍କ ଝିଅକୁ ଶାଶୁଘର ଲୋକେ ହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ପୋଲିସ ନଂ.୫୫୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ସମ୍ପର୍କରେ ଥାନାଧିକାରୀ ବାମଦେବ ନନ୍ଦଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି।

# ମନ୍ଦିର ମୂର୍ତ୍ତି ଚୋରି ର୍ୟାକେଟରେ ତିନି ଭାଇ, ମା'

**ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ଜଗତ୍‌ସିଂହପୁର, ୬।୧୦ (ପ୍ରମୋଦ କୁମାର ନାୟକ)**

**ଘର ମାଟିତଳୁ ବାହାରିଲା ବହୁ ପ୍ରାଚୀନ ଅଷ୍ଟଧାତୁ ମୂର୍ତ୍ତି ଓ ଅନ୍ୟ ସାମଗ୍ରୀ**



ଜବତ ମୂର୍ତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ।



ଗିରଫ ୩ ଭାଇ ଓ ଜବତ ମାରଣାସ୍ତ୍ର।

ରାଜ୍ୟରେ ସକ୍ରିୟ ଥିବା ଏକ ବଡ଼ ମୂର୍ତ୍ତି ଚୋରି ରାକେଟ ଧରାପଡ଼ିଛି। ରାକେଟରେ ସମ୍ପୃକ୍ତ ୩ ଭାଇ ଓ ସେମାନଙ୍କ ମା'ଙ୍କୁ କମିଶନରେଟ ପୋଲିସ ଓ ଜଗତ୍‌ସିଂହପୁର ପୋଲିସ ଗିରଫ କରିବା ପରେ ଘଟଣା ପଦାକୁ ଆସିଛି। ଅଭିଯୁକ୍ତମାନେ ହେଲେ ଜଗତ୍‌ସିଂହପୁର ଥାନା ଅଞ୍ଚଳର ବରଦା ପ୍ରସାଦ ଆଚାର୍ଯ୍ୟ, ଅନ୍ନଦା ଆଚାର୍ଯ୍ୟ ଓ ସାରଦା ଆଚାର୍ଯ୍ୟ। ତେବେ ମା'ଙ୍କ ପରିଚୟକୁ ଗୁପ୍ତ ରଖାଯାଇଛି। ବରଦା ଓ ଅନ୍ନଦାଙ୍କୁ ବାଲିପାଟଣାରୁ ଏବଂ ସାରଦା ଓ ତାଙ୍କ ମା'ଙ୍କୁ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ମାଳିତୋଟା ଗାଁରୁ ଗିରଫ କରାଯାଇଛି। ଏଥିସହ ଘର ମାଟିତଳେ ପୋତାଯାଇଥିବା ୫୦ରୁ ଅଧିକ ଅଷ୍ଟଧାତୁ ଏବଂ ବିଭିନ୍ନ ଧାତୁର ମୂର୍ତ୍ତି, ତ୍ରିଶୂଳ, ସୁନା ଅଳଙ୍କାର, ପିତ୍ତଳ ନାଗ, ଘଣ୍ଟ, ଘଣ୍ଟା ଓ ମନ୍ଦିରରେ ବ୍ୟବହୃତ ଖଣ୍ଡା ଆଦି ସାମଗ୍ରୀକୁ ଗ୍ରାମବାସୀଙ୍କ ସହାୟତାରେ ଜବତ କରାଯାଇଛି। ବାଲିପାଟଣା ଥାନା ପୋଲିସ ବରଦା ଓ ଅନ୍ନଦାଙ୍କୁ ଏବଂ ଜଗତ୍‌ସିଂହପୁର ପୋଲିସ ସାରଦା ଓ ତାଙ୍କ ମା'ଙ୍କୁ କୋର୍ଟଚାଲାଣ କରିବା ପରେ ସମସ୍ତଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ୩ ଭାଇ ପୂଜକ ବେଶରେ ମୂର୍ତ୍ତି ଚୋରି କରୁଥିବାବେଳେ ଏଥିରେ ତାଙ୍କ ମା' ସାହାଯ୍ୟ କରୁଥିଲେ ବୋଲି ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ଏଥିସହ ଅନ୍ତର୍ଜାତୀୟ ମୂର୍ତ୍ତି ଚୋରି ରାକେଟରେ ସମ୍ପୃକ୍ତି ଥିବା ସନ୍ଦେହରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ଜେରା କରିବାକୁ କୋର୍ଟରେ ଆବେଦନ କରାଯାଇଛି। ଅନ୍ୟପଟେ ଜବତ ପ୍ରାଚୀନ ମୂର୍ତ୍ତିସବୁର ଅନ୍ତର୍ଜାତୀୟ ବଜାର ଦର ଓ କେଉଁ ଧାତୁରେ ତିଆରି ହୋଇଛି ଜାଣିବା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗର ସହାୟତା ନିଆଯିବ ବୋଲି ପୋଲିସ କହିଛି।

ସୂଚନାନୁସାରେ, ଶୁକ୍ରବାର ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଞ୍ଚଳରେ ଥିବା ବେଲେଶ୍ୱର ମନ୍ଦିର ଓ ଅନ୍ୟ ଏକ ମନ୍ଦିରରୁ ଦୁଇ ଭାଇ ବରଦା ଓ ଅନ୍ନଦା ଚୋରି କରି ଫେରାର ହେଉଥିବାବେଳେ ପାଟ୍ରୋଲିଂ ପୋଲିସ ଟିମ୍ ହାତରେ ଧରାପଡିଥିଲେ। ସେମାନଙ୍କ ପାଖରେ ମୂର୍ତ୍ତିସବୁ ଦେଖି ପୋଲିସର ସନ୍ଦେହ ବଢ଼ିଥିଲା। ମୂର୍ତ୍ତି ଜବତ କରିବା ସହ ଥାନାରେ ଅଟକ ରଖି ପଚରାଉଚରା କରିବାରୁ ମନ୍ଦିରରୁ ଚୋରି କରିଥିବା କହିଥିଲେ। ଏଥିରେ ଗାଁରେ ଥିବା ତାଙ୍କ ବଡ଼ ଭାଇ ସମ୍ପୃକ୍ତ ଥିବା ଜାଣିବା ପରେ କମିଶନରେଟ ପୋଲିସ ଜଗତ୍‌ସିଂହପୁର ପୋଲିସକୁ ସୂଚନା ଦେଇଥିଲା। ଏହି ଆଧାରରେ ସ୍ଥାନୀୟ ପୋଲିସ ମାଳିତୋଟା ଗ୍ରାମରେ ପହଞ୍ଚି ବଡ଼ ଭାଇ ସାରଦାଙ୍କୁ ଗିରଫ କରି ଛାନଭିନ ଆରମ୍ଭ କରିଥିଲା। ପରେ ଅଭିଯୁକ୍ତମାନେ ଘର ଭିତରେ ମାଟିତଳେ ପୋତିଥିବା ବିଭିନ୍ନ ଧାତୁର ମୂର୍ତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରାଯାଇଥିଲା।

### ୧୨ରୁ ଊର୍ଦ୍ଧ୍ୱ ମନ୍ଦିରରୁ ଚୋରି

ଅଭିଯୁକ୍ତମାନେ ପୁରୀ, ଭୁବନେଶ୍ୱର, ଜଗତ୍‌ସିଂହପୁର, କଟକର ପ୍ରାୟ ୧୨ଟି ମନ୍ଦିରରୁ ଚୋରି କରିଥିବା ପୋଲିସ ଜାଣିବାକୁ ପାଇଛି। ଚୋରି ପରେ ମୂର୍ତ୍ତି ଓ ଅନ୍ୟ ସାମଗ୍ରୀଗୁଡ଼ିକୁ ଘରେ ଲୁଚାଇ ରଖି ସମୟ ସୁଯୋଗ ଦେଖି ବିକ୍ରି କରୁଥିଲେ। ବିଶେଷକରି ପୁରାତନ ବିରଳ ମୂର୍ତ୍ତିଗୁଡିକୁ ଅନ୍ତର୍ଜାତୀୟ ରାକେଟକୁ ବିକ୍ରି କରୁଥିବା ଜଣାପଡିଛି। ଅନ୍ୟପକ୍ଷରେ ଅଭିଯୁକ୍ତ ବଡ଼ ଭାଇ ସାରଦା ସ୍ତ୍ରୀଙ୍କୁ ହତ୍ୟା ମାମଲାରେ ଜେଲ ଯାଇଥିଲେ। ୮/୯ ମାସ ପୂର୍ବରୁ ସେ ଜାମିନରେ ଫେରିଥିଲେ। ସେହିପରି ବରଦା ବାଇକ୍ ଚୋରି ଓ ଚୋରା ମଦ କାରବାରରେ ସମ୍ପୃକ୍ତ ଥିବାରୁ ତାଙ୍କ ନାମରେ ଏକାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

# ପୋଲିସ ସୂଚନାଦାତା ସନ୍ଦେହରେ ୨ ଜଣଙ୍କୁ ହତ୍ୟା କଲେ ମାଓବାଦୀ

**ମାଲକାନଗିରି,୬।୧୦ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ବିଜାପୁର ଜିଲା ଗଙ୍ଗାଲୁର ପୋଲିସ ଷ୍ଟେଶନ ଅଧୀନରେ ଥିବା ସାଭନାର ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ଦୁଇଜଣ ଯୁବକଙ୍କୁ ହତ୍ୟା କରିଛନ୍ତି। ସେମାନେ ହେଲେ କାମେଶ୍ୱର କୁରସମ ଓ ସୋମଲୁ ପୁନେମ।

ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଏହି ଗ୍ରାମକୁ ଆସି ୨୦ଜଣ ଲୋକଙ୍କୁ ଅପହରଣ କରି ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ମାଓବାଦୀମାନେ ପ୍ରଜାକୋର୍ଟ କରି ଫୋନ୍ ଛଡ଼ାଇ ନେବା ସହ କେତେଜଣଙ୍କୁ ନିସ୍ତୁକ ମାଡ଼ମାରି ସମସ୍ତଙ୍କୁ ଛାଡ଼ି ଦେଇଥିଲେ। କିନ୍ତୁ ଶନିବାର ବିଳମ୍ବିତ ରାତିରେ ମାଓବାଦୀମାନେ ପୁନର୍ବାର ଉକ୍ତ ଗ୍ରାମକୁ ଆସି କାମେଶ୍ୱର ଓ ସୋମଲୁଙ୍କୁ ଘରୁ ଉଠାଇ ନେଇ ଗ୍ରାମ ନିକଟରେ ହତ୍ୟା କରିଥିଲେ। ସେମାନଙ୍କୁ ପୋଲିସ ସୂଚନାଦାତା ସନ୍ଦେହରେ ହତ୍ୟା କରାଯାଇଥିବା ନେଇ ସୂଚନା ମିଳିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ସହ ତଦନ୍ତ କରିଛି।

# ୧୮ ଲକ୍ଷ ଟଙ୍କାର ବାଣ ଜବତ, ୨ ଅଟକ

**ରାଉରକେଲା,୬।୧୦(ସଙ୍ଗୀତା ଜେନା)**

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଡେଲି ମାର୍କେଟ ଅଞ୍ଚଳରେ ଚାଲିଥିବା ୨ଟି ବେଆଇନ ବାଣଗୋଦାମ ଉପରେ ଶନିବାର ରାତିରେ ପୋଲିସ ଚଢ଼ାଉ କରିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ନୋଟିସ ଦେଇ ଛାଡ଼ି ଦେଇଛି। ସେହିପରି ଗୋଦାମରୁ ୧୮ଲକ୍ଷ ଟଙ୍କାର ବାଣ ଜବତ ହୋଇଛି। ଏ ନେଇ ପ୍ଲାଣ୍ଟସାଇଟ୍ ଥାନାରେ ୨ଟି ପୃଥକ୍ ମାମଲା (ନଂ.୭୫୯/୨୪ ଓ ନଂ.୭୬୦/୨୪) ରୁଜୁ ହୋଇଛି। ଏ ସମ୍ପର୍କରେ ଜୋନ୍-୨ ଡିଏସ୍‌ପି ନିର୍ମଳ ମହାପାତ୍ର କହିଛନ୍ତି, ପାର୍ବଣକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଏହି ସମୟରେ ଉକ୍ତ ୨ଟି ବେଆଇନ ବାଣଗୋଦାମ ଠାବ ହୋଇଥିଲା। ଗୋଦାମ ମାଲିକ ବ୍ୟବସାୟୀ ଅଜୟ ଗୁପ୍ତା ଓ ବିକାଶ ଅଗ୍ରୱାଲ ଏହାର ଲାଇସେନ୍ସ ଦେଖାଇ ପାରି ନ ଥିଲେ। ଫଳରେ ସେମାନଙ୍କ ବାଣ ଜବତ ସହ ନଷ୍ଟ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। କେଉଁଠାରୁ ଏହି ବାଣଗୁଡ଼ିକ ଆଣି ବିପଜ୍ଜନକ ଭାବେ ଗଚ୍ଛିତ ରଖାଯାଇଥିଲା ତା'ର ତଦନ୍ତ କରାଯାଉଛି। ଆଗାମୀ ଦିନରେ ଏହି ଚଢ଼ାଉ ଜାରି ରହିବ ବୋଲି ଡିଏସ୍‌ପି ମହାପାତ୍ର କହିଥିଲେ।

# ନାବାଳିକା ବଳାତ୍କାର: ଅଭିଯୁକ୍ତ କାକାଙ୍କୁ ଗିରଫ ପାଇଁ ମୁମ୍ବାଇ ଗଲା ସ୍ୱତନ୍ତ୍ର ଟିମ୍

**ରାଉରକେଲା,୬।୧୦(ସଙ୍ଗୀତା ଜେନା)**

ସୁନ୍ଦରଗଡ଼ ଜିଲା ରଘୁନାଥପାଲୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ମୁମ୍ବାଇ ଯାଇଛି। ଶନିବାର ବିଳମ୍ବିତ ରାତିରେ ଉକ୍ତ ଟିମ୍ ରାଉରକେଲାରୁ ମୁମ୍ବାଇ ଅଭିମୁଖେ ଯାତ୍ରା କରିଛି ବୋଲି ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ନାବାଳିକାଙ୍କ ସମ୍ପର୍କୀୟ କକା ବମ୍ବେରେ ରହୁଥିବା ବେଳେ ରାଉରକେଲା ଆସନ୍ତି। ପ୍ରାୟ ୨ବର୍ଷ ତଳେ ସମ୍ପର୍କୀୟ କକା ଉକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ନାବାଳିକା ଜଣକ ଶନିବାର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୪୮୨/୨୪) ରୁଜୁ କରିଛି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବରରେ ଝାଡଖଣ୍ଡ ରାଞ୍ଚିର ୨ଜଣ ନାବାଳିକାଙ୍କୁ ଚପଲ ଦୋକାନ ଦେଖାଇବା ଆଳରେ ୩ରୁ ଊର୍ଦ୍ଧ୍ୱ ଯୁବକ ରାଉରକେଲାରେ ଗଣବଳାତ୍କାର କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୭୪୨/୨୪) ମାମଲା ରୁଜୁ କରିଥିଲା। ସେହିପରି ଘଟଣାର ଗୋଟିଏ ଦିନ ପରେ ରଘୁନାଥପାଲୀ ଥାନା ଅଞ୍ଚଳରେ ଏକ ହୋଟେଲ ଆଣ୍ଡ ବାର୍‌ରେ ଜଣେ ନାବାଳିକାଙ୍କୁ ପ୍ରାୟ ୬ଜଣ ଗଣବଳାତ୍କାର କରିଥିଲେ। ପୋଲିସ ମାମଲା ରୁଜୁ କରିବା ସହ ଉକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଅନୁରୂପ ଭାବେ ସେକ୍ଟର-୭ ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ବିଶ୍ରା ଅଞ୍ଚଳର ଯୁବକ ବଳପୂର୍ବକ ଅପହରଣ କରିନେଇଥିଲେ। ପୋଲିସର ତନାଘନା ପରେ କିଛି ସମୟ ମଧ୍ୟରେ ଅପହରଣକାରୀଙ୍କୁ ଗିରଫ ସହ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ରାଉରକେଲା ସହରରେ ବର୍ଦ୍ଧିତ ମହିଳା ଉତ୍ପୀଡ଼ନ ଓ ବଳାତ୍କାର ମାମଲାକୁ ନେଇ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଥିବାବେଳେ ପ୍ରାୟ ୨ ଦିନ ତଳେ ଓଡ଼ିଶା ଷ୍ଟେଟ୍ କମିଶନ ଫର୍ ପ୍ରୋଟେକ୍ସନ ଅଫ୍ ଚାଇଲ୍ଡ ରାଇଟ୍‌ସ (ଓଏସ୍‌ସିପିସିଆର୍)ର ଏକ ଟିମ୍ ରାଉରକେଲା ଗସ୍ତ କରିଥିଲା। ଏହି ଟିମ୍ ମହିଳା ଉତ୍ପୀଡ଼ନ ସମ୍ପର୍କରେ ଅନୁଧ୍ୟାନ କରି ଫେରିଯାଇଥିଲା।

# ଗର୍ଭବତୀଙ୍କୁ ଏକ୍ସପାଏରି ଔଷଧ, ଥାନାରେ ଏତଲା




**ବିଞ୍ଝାରପୁର,୬।୧୦(ରାମକୃଷ୍ଣ ଦାସ)**

ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଜଣେ ଗର୍ଭବତୀଙ୍କୁ ଏକ୍ସପାଏରି ଔଷଧ ଦିଆଯାଇଛି। ସେ ଏହି ଔଷଧ ସେବନ କରିବା ପରେ ଚିନ୍ତାରେ ପଡ଼ିବା ସହ ତାଙ୍କ ପରିବାର ଥାନାରେ ଏତଲା ଦେଇଛନ୍ତି। ଏଭଳି ଘଟଣା ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଘଣ୍ଟିଆଳି ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତ ଲେଙ୍କାସାହି ଗ୍ରାମର କୃଷ୍ଣଚନ୍ଦ୍ର ନାଥଶର୍ମାଙ୍କ ସ୍ତ୍ରୀ ସୁଭଦ୍ରା ନାଥଶର୍ମା ୬ ମାସ ଗର୍ଭବତୀ ଅଛନ୍ତି। ତାଙ୍କୁ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ଔଷଧକୁ ସେ ସେବନ କରୁଛନ୍ତି। ସରକାରଙ୍କ ମାଗଣା ଔଷଧ ଆଶାକର୍ମୀଙ୍କ ମାଧ୍ୟମରେ ଗର୍ଭବତୀଙ୍କୁ ଦିଆଯାଇଥାଏ। ହେଲେ ଗର୍ଭବତୀ ସୁଭଦ୍ରାଙ୍କୁ ଆଶାକର୍ମୀ ସୁମିତ୍ରା ଯେନା ଦେଇଥିବା ଔଷଧ ଦୁଇ ମାସ ପୂର୍ବରୁ ଏକ୍ସପାଏରି ହୋଇଯାଇଥିବା ଜଣାପଡ଼ିଛି।

ଏହି ଔଷଧକୁ ସୁଭଦ୍ରା ଖାଇ ଆସୁଥିଲେ। ରବିବାର ସୁଭଦ୍ରା ଔଷଧଗୁଡ଼ିକୁ ଖୋଲିଲା ପରେ ସେଗୁଡ଼ିକ ଫାଟି ଯାଇଥିବା ଦେଖି ସନ୍ଦେହହେବାରୁ ଖୋଳ ଉପରେ ଲେଖାଥିବା ତାରିଖ ଦେଖିଥିଲେ। ଏହାପରେ ଜଣାପଡ଼ିଥିଲା ଯେ, ଔଷଧଗୁଡ଼ିକ ଏକ୍ସପାଏରି ହୋଇଯାଇଛି। ଏ ସମ୍ପର୍କରେ ସମ୍ପୃକ୍ତ ଆଶାକର୍ମୀଙ୍କୁ ପଚାରିବାରୁ ସେ ଭୁଲ୍‌ରେ ଏ ଔଷଧ ପ୍ରଦାନ କରିଥିବା କହିଛନ୍ତି। ସୁଭଦ୍ରା ଓ ତାଙ୍କ ଗର୍ଭରେ ଥିବା ପିଲାର ଜୀବନ ପ୍ରତି ବିପଦଥିବାରୁ ପରିବାର ଲୋକେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

# ଦାଦାବଟି : ଜେଲ ଫେରନ୍ତା ହତ୍ୟା ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୬।୧୦ (ସୂର୍ଯ୍ୟକାନ୍ତ ବେହେରା)**

ଦାଦାବଟି ବାବଦକୁ ୫ ଲକ୍ଷ ଟଙ୍କା ଓ ମାସିକିଆ ଆକାରରେ ଟଙ୍କା ଦେବାକୁ ମନା କରିବାରୁ ଭୁବନେଶ୍ୱରର ଜଣେ ବ୍ୟବସାୟୀଙ୍କ ମିଠା ଦୋକାନ ଆଗରେ ପଥର ପକାଇ ଆତଙ୍କ ଖେଳାଇଥିଲେ ଜେଲ ଫେରନ୍ତା ହତ୍ୟା ଅଭିଯୁକ୍ତ। ଏୟାରଫିଲ୍ଡ ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସୁନ୍ଦରପଦା ଅଞ୍ଚଳର ରଘୁନାଥ ବାରିକ। ପୂର୍ବରୁ ଅମରେଶ ନାୟକ ନାମକ ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ରଘୁନାଥ ଗିରଫ ହୋଇ ଜେଲ ଯାଇଥିଲେ। ଜାମିନରେ ଜେଲରୁ ମୁକୁଳିବା ପରେ ପୁଣି ଅପରାଧ ଘଟାଇଥିବା ଅଭିଯୋଗ ହୋଇଛି। ତାଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୩ରୁ ଅଧିକ ମାମଲା ରହିଥିବା ତଦନ୍ତରୁ ଜଣାପଡିଛି।

ସୂଚନାନୁସାରେ, ଅଭିଯୁକ୍ତ ରଘୁନାଥ ଓ ତିନି ସହଯୋଗୀ ଅଗଷ୍ଟ ୨୩ରେ ହାଇଟେକ ଛକରେ ଥିବା ଉକ୍ତ ମିଠା ଦୋକାନକୁ ଯାଇ ଗାଳିଗୁଲଜ କରିବା ସହ କର୍ମଚାରୀଙ୍କ ମୋବାଇଲ ଫୋନ୍‌ରୁ ମାଲିକାଣୀଙ୍କ ପୁଅଙ୍କୁ ୫ଲକ୍ଷ ଟଙ୍କା ଓ ମାସିକିଆ ଦାଦାବଟି ମାଗିଥିଲେ। ଟଙ୍କା ନ ଦେଲେ ଦୋକାନ ଭାଙ୍ଗି ଦେବାକୁ ଧମକ ଦେଇଥିଲେ। ମାଲିକାଣୀ କୌଣସି ଟଙ୍କା ନ ଦେବାରୁ ତା' ପରଦିନ ଅଭିଯୁକ୍ତମାନେ ଏକ ଟ୍ରକ୍ ମାଧ୍ୟମରେ ପଥର ଆଣି ତାଙ୍କ ଦୋକାନ ଆଗରେ ପକାଇବା ସହ ଉପସ୍ଥିତ ଥିବା କର୍ମଚାରୀଙ୍କୁ ନାଲିଆଖି ଦେଖାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ସେମାନଙ୍କୁ ହତ୍ୟା ଧମକ ଦେଇଥିଲେ। ଅଭିଯୋଗ ପରେ ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ତଦନ୍ତ ଚଳାଇଥିଲା।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖରାଦିନ ଯାକ ରହିଲୁ ବସି,
ଚତୁର୍ମାସିଆକୁ ପାରୁଛୁ ଘଷି?**

ବର୍ଷାକାଳରେ ପାଣି ପବନ ଯୋଗୁ ବାହାରେ ଘଷି ପାରିବା ସୁବିଧାଜନକ ହୋଇ ନ ଥାଏ। ତେଣୁ ଯେତେବେଳେ ଯେଉଁ କାମ କରାଯିବା କଥା ସେତେବେଳେ ନ କଲେ ପଛରେ ହଇରାଣ ହେବା ହିଁ ସାର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଖାଆନ୍ତେ ଖାଆନ୍ତେ ପିଠା ସୁନ୍ଦର,
କରନ୍ତେ କରନ୍ତେ କାମ ସୁନ୍ଦର।**

ପିଠା ଖାଇବାକୁ ଅନେକେ ଆଗ୍ରହ ପ୍ରକାଶ କରି ନ ଥାନ୍ତି। ତେବେ ଥରେ ପିଠା ଖାଇବାର ଅଭ୍ୟାସ ହୋଇଗଲେ ପାଟିକୁ ତାହା କ୍ରମଶଃ ରୁଚିକର ଲାଗିଥାଏ। ସେହିପରି କାମରେ ଥରେ ମନ ଲାଗିଗଲେ କରାଯାଉଥିବା କାମ ସବୁ ସରସ ସୁନ୍ଦର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଯୁବତୀଙ୍କ ହତ୍ୟାକାରୀ ପୁରୁଷ ବନ୍ଧୁଙ୍କ ଆତ୍ମହତ୍ୟା

**କେନ୍ଦୁଝର,୬।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

**ଝାରସୁଗୁଡ଼ା ରେଳଧାରଣାରୁ ମୃତଦେହ ଜବତ**



ଖବରଦାତା ସମ୍ମିଳନୀରେ ଏସ୍‌ପି ନୀତିନ କୁଶଲକର ସୂଚନା ଦେଉଛନ୍ତି।

କେନ୍ଦୁଝର ସହରରେ ଗତ ୪ ତାରିଖରେ ଜଣେ ଯୁବତୀଙ୍କ ଗଳାକାଟି ହତ୍ୟା ଘଟଣା ଭିନ୍ନମୋଡ଼ ନେଇଛି। ହତ୍ୟାକାରୀ ତଥା ଯୁବତୀଙ୍କ ପୁରୁଷ ବନ୍ଧୁ ଭଦ୍ରକ ଜିଲା ବନ୍ତ ଥାନା ଡଳଙ୍ଗ ଗାଁର ଅଜୟ ସାହୁ(୨୪)ଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଝାରସୁଗୁଡ଼ାସ୍ଥିତ ରେଳଧାରଣାରୁ ରେଲ୍‌ୱେ ପୋଲିସ ଜବତ କରିଛି। ଅଜୟ ଯୁବତୀଙ୍କୁ ହତ୍ୟା କରି ପ୍ରାୟ ୩୦୦ କି.ମି. ଦୂର ଝାରସୁଗୁଡ଼ା ଯାଇ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ଗତ ୪ ତାରିଖରେ ହିଁ ଅଜୟ ଆତ୍ମହତ୍ୟା କରିଥିବା ବେଳେ ରବିବାର ଝାରସୁଗୁଡ଼ା ରେଲ୍‌ୱେ ପୋଲିସ ପକ୍ଷରୁ ସୂଚନା ମିଳିଥିବା କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ତ୍ରିକୋଣୀୟ ପ୍ରେମ କାରଣରୁ ଏଭଳି ଘଟଣା ଘଟିଥିବା କୁହାଯାଉଥିବାବେଳେ ପୋଲିସ ଏ ନେଇ ମୁହଁ ଖୋଲିନାହିଁ।

କେନ୍ଦୁଝର ସହର ଶଙ୍କର ଗଳି ପବିତ୍ରଡିହାରେ ମନୋରମା ବେହେରା(୨୦) ନାମ୍ନୀ ଜଣେ ଯୁବତୀ ମା'ବାପା ଓ ସାନ ଭଉଣୀ ସହ ଭଡ଼ାଘରେ ରହୁଥିଲେ। ଗତ ୪ ତାରିଖରେ ତାଙ୍କ ମା'ବାପା ସ୍ଥାନୀୟ ଲାବଣ୍ୟଛକକୁ ଛତୁ ବିକ୍ରି ପାଇଁ ଯାଇଥିଲେ। ସାନ ଭଉଣୀ ମାନସୀ କଲେଜ ଯାଇଥିଲେ। ସେ କଲେଜରୁ ଫେରିବା ପରେ ଘର ବାହାରପଟୁ ବନ୍ଦ ଥିବା ଦେଖିଥିଲେ। ଝରକା ପଟୁ ତାଙ୍କ ଭଉଣୀ ମନୋରମାଙ୍କ ମୃତଦେହ ଦେଖି ମାଆ, ବାପାଙ୍କୁ ଜଣାଇଥିଲେ। ମାନସୀଙ୍କ ଅଭିଯୋଗକ୍ରମେ ଟାଉନ୍ ଥାନା ପୋଲିସ ମୃତଦେହ ଜବତ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଟାଉନଥାନା ଅଧିକାରୀ ବିବସ୍ୱ ପ୍ରଧାନ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରିଥିଲେ। ଅଭିଯୁକ୍ତ ହତ୍ୟା କରିବା ପରେ ଏକ ଅଟୋରେ ପଳାଇଥିବା ଜଣାପଡ଼ିଥିଲା। ଅଟୋ ଚାଳକଙ୍କୁ ଜେରା ପରେ ଏହା ପଛରେ ଅଜୟଙ୍କ ହାତଥିବା ପୋଲିସ ଜାଣିପାରିଥିଲା। ଝାରସୁଗୁଡ଼ା ଯିବା ପୂର୍ବରୁ ସେ ମୋବାଇଲ ଫୋନକୁ ଭାଙ୍ଗି ଦେଇଥିଲେ ଏବଂ ଏଟିଏମ୍‌ରୁ ଟଙ୍କା ଉଠାଇଥିଲେ। ଅଜୟ ମନୋରମାଙ୍କ ବନ୍ଧୁ ହୋଇଥିବାବେଳେ ସେ ଯୁବତୀଙ୍କ ଘରକୁ ନିୟମିତ ଆସୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଘଟଣା ଦିନ ବିଳମ୍ବିତ ରାତିରେ ଝାରସୁଗୁଡା ରେଲୱେ ପୋଲିସ ରେଳଧାରଣାରୁ ଅଭିଯୁକ୍ତଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ପାଇଥିଲା। ତେବେ ଏକ ଧାରୁଆ ବ୍ଲେଡ୍‌ରେ ମନୋରମାଙ୍କ ଗଳା କାଟିଥିବା ସନ୍ଦେହ କରାଯାଉଥିଲେ ହେଁ ଅଦ୍ୟାବଧି ତାହା ମିଳିନାହିଁ। ଅଭିଯୁକ୍ତ ଓ ଯୁବତୀଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଘଟଣାରେ ଆଉ କାହାର ସମ୍ପୃକ୍ତି ସମ୍ପର୍କରେ ତଦନ୍ତ ଚାଲିଛି ବୋଲି ଏସ୍‌ପି କହିଛନ୍ତି।

ଅନ୍ୟପକ୍ଷରେ, ଯୁବତୀଙ୍କ ଅନ୍ୟଜଣେ ଯୁବକଙ୍କ ସହିତ ପ୍ରେମ ସମ୍ପର୍କକୁ ନେଇ ପୁରୁଷ ବନ୍ଧୁ ଅଜୟ ସବୁବେଳେ ସନ୍ଦେହ କରୁଥିଲେ। ତେଣୁ ସେ ଅନୁଗୋଳରୁ ଚାକିରି ଛାଡ଼ି କେନ୍ଦୁଝରରେ ତାଙ୍କ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ଘଟଣା ଦିନ ସେ ଉଭୟଙ୍କୁ ଦେଖି ଉତ୍‌କ୍ଷିପ୍ତ ହୋଇ ଏଭଳି ଜଘନ୍ୟକାଣ୍ଡ ଘଟାଇଥିବା କୁହାଯାଉଛି। ମାତ୍ର ଏ ନେଇ ପୋଲିସ କୌଣସି ସୂଚନା ଦେଇନାହିଁ।

# ରୁପା ବ୍ୟବସାୟୀଙ୍କୁ ଖଣ୍ଡାରେ ହାଣି ଲୁଟ ଉଦ୍ୟମ

**ପୁରୁଷୋତ୍ତମପୁର,୬।୧୦ (ସୀମାଞ୍ଚଳ ମିଶ୍ର)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ଲୁଟେରା ଗ୍ୟାଙ୍ଗ ପୁଣି ସକ୍ରିୟ ହୋଇଉଠିଛନ୍ତି। ରବିବାର ସ୍ପଷ୍ଟ ଦିବାଲୋକରେ ରାସ୍ତାରେ ରୁପା ବ୍ୟବସାୟୀ ପୁରୁଷୋତ୍ତମପୁର ଟାଙ୍ଗୁଡିଆପଦର ସାହିର ରବୀନ୍ଦ୍ର ସେନାପତି ଓରଫ ଟୁଟୁଙ୍କୁ ଖଣ୍ଡାରେ ହାଣି ଲୁଟ ଉଦ୍ୟମ କରିଛନ୍ତି। ଲୋକେ ଟୁଟୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ଅଧିକ ଚିକିତ୍ସା ଲାଗି ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସବୁଦିନ ଭଳି ଟୁଟୁ ବ୍ୟବସାୟ କରି ପାଣ୍ଡିଆ-ପୁରୁଷୋତ୍ତମପୁର ହିରାଧାରବାଟି କେନାଲ ରାସ୍ତାରେ ବାଇକ୍‌ରେ ଫେରିବାବେଳେ ୩ ଜଣ ଯୁବକ ମୁଖାପିନ୍ଧି ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଟୁଟୁ ଦ୍ରୁତଗତିରେ ଚାଲି ଆସିବାରୁ ସେମାନେ ଗୋଡ଼ାଇ ଖଣ୍ଡାରେ ହାତକୁ ଚୋଟ ପକାଇଥିଲେ। ରକ୍ତ ଜୁଡୁବୁଡୁ ହୋଇ ସେ ଗାଁକୁ ଆସି ଲୋକଙ୍କୁ ଜଣାଇଥିଲେ। ତେବେ ଏ ନେଇ ପୁରୁଷୋତ୍ତମପୁର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

## ସଂକ୍ଷେପରେ

### ପୃଥକ୍ ମାମଲାରେ ୨ କୋର୍ଟଚାଲାଣ

**ରସୁଲପୁର,୬।୧୦(ରଂଜିତ ରାଉତ):** କୁଆଖିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାରେ ପୋଲିସ ଏହି ଥାନା ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ ମାନପୁର ଗ୍ରାମର ନରେଶ ସାମଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ୨୩ ସେପ୍ଟମ୍ବର, ୨୦୨୪ରେ ଘଟିଥିବା ଏକ ପାରିବାରିକ ଗଣ୍ଡଗୋଳ ମାମଲାରେ ଏହି ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମର ରାମଚନ୍ଦ୍ର ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

ନାବାଳିକା ଜଣକ ନାଚ ଶିଖିବା ପାଇଁ ଯାଉଥିବାବେଳେ ବାଟରେ ଅଭିଯୁକ୍ତ ନରେଶ ତାଙ୍କୁ ଅସଦାଚରଣ ପ୍ରଦର୍ଶନ କରିଥିଲେ। ଏନେଇ ନାବାଳିକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୪୧୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ସେହିପରି ନରସିଂହପୁର ଗ୍ରାମରେ ବିଜୟ ସାହୁ ଓ ରମେଶ ସାହୁଙ୍କ ମଧ୍ୟରେ କୌଣସି କାରଣବଶତଃ ଝଗଡ଼ା ହୋଇଥିଲା। ଏହି ଗଣ୍ଡଗୋଳରେ ବିଜୟଙ୍କ ପରିବାର ଲୋକେ ଆହତ ହୋଇଥିଲେ। ଏ ସମ୍ପର୍କରେ ବିଜୟ ଥାନାରେ ୨୩ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୯୯/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ବିରଜା ଜ୍ୟୋତି ସମ୍ମାନ ପାଇବେ ଶିକ୍ଷାବିତ୍ ବିଶ୍ୱମ୍ଭର ମିଶ୍ର

**ଯାଜପୁର ଟାଉନ,୬।୧୦ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ବିରଜା ସଂସ୍କୃତି ଆଧାରିତ ଯାଜପୁରର ଏକମାତ୍ର ଗବେଷଣାତ୍ମକ ଷାଣ୍ମାସିକ ସାଂସ୍କୃତିକ ପତ୍ରିକା 'ବିରଜାଜ୍ୟୋତି'ର ସମ୍ପାଦକ ମଣ୍ଡଳୀର ଶାରଦୀୟ ବନ୍ଧୁମିଳନ ଉତ୍ସବ ସଚ୍ଚାମାଧବସ୍ଥ ବିରଜାଜ୍ୟୋତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ସଂଯୋଜନା କରି ପତ୍ରିକାର ପ୍ରତିଷ୍ଠାତା ସଦସ୍ୟ ପ୍ରମୋଦ କୁମାର ଦ୍ୱିବେଦୀ ବିରଜାଜ୍ୟୋତିର ଦୀର୍ଘ ୨୪ବର୍ଷର ଇତିବୃତ୍ତି ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ପତ୍ରିକାର ସମ୍ପାଦକ ଡ. ଜ୍ଞାନରଞ୍ଜନ ପତି ସଦସ୍ୟମାନଙ୍କୁ ଶାରଦୀୟ ଅଭିନନ୍ଦନ ଜ୍ଞାପନ ପୂର୍ବକ ବିରାଜଜ୍ୟୋତିର ନିରନ୍ତର ପ୍ରକାଶନ ନିମିତ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ଚଳିତ ବର୍ଷ ବରିଷ୍ଠ ଶିକ୍ଷାବିତ ବିଶ୍ୱମ୍ଭର ମିଶ୍ର ବିରଜା ଜ୍ୟୋତି ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି ବୋଲି ସମ୍ପାଦକ ସୂଚନା ଦେଇଥିଲେ।

### ଯୁବକଙ୍କ ଆତ୍ମହତ୍ୟା

**ସିଂହପୁର,୬।୧୦ (ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁର ଗ୍ରାମର ରବୀନ୍ଦ୍ର କୁମାର ସାମଲଙ୍କ ପୁଅ ରଞ୍ଜିତ କୁମାର ସାମଲ ଶନିବାର ରାତିରେ ନିଜ ଦୋକାନରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ରବିବାର ସକାଳେ ଦୋକାନ ନ ଖୋଲିବାରୁ ପରିବାର ଲୋକେ କବାଟ ଭାଙ୍ଗି ଏହା ଦେଖିଥିଲେ। ଆତ୍ମହତ୍ୟାର କାରଣ ଜଣା ପଡ଼ିନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ରଞ୍ଜିତଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମୂଳ ଖରସ୍ରୋତା ପୁନରୁଦ୍ଧାର ପାଇଁ କମିଟି ଗଠିତ

**ରସୁଲପୁର,୬।୧୦(ରଂଜିତ ରାଉତ):** ରସୁଲପୁର ବ୍ଲକ ଦେଇ ପ୍ରବାହିତ ମୂଳ ଖରସ୍ରୋତା ନଦୀ ମୃତ ଅବସ୍ଥାରେ ପଡ଼ିରହିଛି। ମନୁଷ୍ୟକୃତ ଭାବେ ନଦୀକୁ ମାରିଦିଆଯାଇଛି। ଉକ୍ତ ନଦୀକୁ ଚୀରସ୍ରୋତା କରିବା ପାଇଁ ଦୀର୍ଘବର୍ଷ ଧରି ମଧୁବନ ମୂଳ ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ଦାବି ହୋଇଆସୁଛି। ନଦୀ ପୁନରୁଦ୍ଧାର ପାଇଁ ଉପରମୁଣ୍ଡରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ ଓ ତଳମୁଣ୍ଡରେ ଥିବା ସ୍ଲୁଇସ୍ ଗେଟ୍ ମରାମତିରେ ଥିବା ତ୍ରୁଟିକୁ ସୁଧାରିବା ଉପରେ ଗୁରୁତ୍ୱ ଦେବାକୁ ବିଭିନ୍ନ ସ୍ଥାନରେ ପ୍ରସ୍ତାବ ରଖାଯାଇଆସୁଛି। ଏବେ କୋରେଇ ବିଧାୟକ ଆକାଶ ଦାସନାୟକ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଉକ୍ତ ନଦୀ ପୁନରୁଦ୍ଧାର ପାଇଁ ପଦକ୍ଷେପ ନେଇଛନ୍ତି। ଏ ଦିଗରେ କୋରେଇ ବିଧାୟକ ଦାସନାୟକ ସମିତିର ସଭାପତି ବେଣୁଧର ଦୋବାଇ ଓ କାର୍ଯ୍ୟକର୍ତ୍ତା ଇଂ. ବିଶ୍ୱଜିତ୍ ମହାନ୍ତିଙ୍କ ଚିଠିର ଉତ୍ତରରେ ନଦୀ ପୁନରୁଦ୍ଧାର ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ବୋଲି ସୂଚନା ଦେଇଛନ୍ତି।


ଦଳରେ ପୂର୍ଣ୍ଣ ହୋଇଥିବା ମୂଳ ଖରସ୍ରୋତା ନଦୀ ।

ନଦୀ ସମସ୍ୟା ସମ୍ପର୍କରେ ସର୍ଭେ କରି ଦେଖିବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ। କମିଟିର ପ୍ରସ୍ତାବ ଅନୁସାରେ ନଦୀ ଉପର ଓ ତଳମୁଣ୍ଡରେ ଆବଶ୍ୟକ ଥିବା ସ୍ଲୁଇସ୍ ଗେଟ୍ ନିର୍ମାଣ ଏବଂ ମରାମତି ପାଇଁ ସ୍ୱତନ୍ତ୍ର ଟେଣ୍ଡର ଆହ୍ୱାନ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ। ଏହାଛଡ଼ା ଉକ୍ତ କମିଟି ସଦସ୍ୟମାନଙ୍କ ସହ ବିଧାୟକ ଦାସନାୟକ ବ୍ୟକ୍ତିଗତ ଭାବରେ ଯୋଗସୂତ୍ରରେ ଅଛନ୍ତି। ନଦୀ ପୁନରୁଦ୍ଧାର କାର୍ଯ୍ୟ କିପରି ସଫଳ ହେବ ସେ ତାହାର ତାଦାରଖ କରୁଛନ୍ତି ବୋଲି ଚିଠିର ଉତ୍ତରରେ ଦର୍ଶାଇବା ସହ ଏ ଦିଗରେ ଇଂ. ମହାନ୍ତି ତାଙ୍କୁ ବାରମ୍ବାର ଅବଗତ କରାଇ ଆସୁଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

୩ ସେପ୍ଟମ୍ବର, ୨୦୨୪ରେ ସମିତି ସଭାପତି କୋରେଇ ବିଧାୟକଙ୍କ ଉଦ୍ଦେଶ୍ୟରେ ଖୋଲା ଚିଠି ଲେଖିଥିଲେ। ନଦୀ ସମସ୍ୟାକୁ ନେଇ ଗୋପାଳପୁରସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ କୋରେଇ ବିଧାୟକଙ୍କ ସହ ହୋଇଥିବା ଆଲୋଚନାକୁ ୧୦୦ରୁ ଅଧିକ ଦିନ ବିତି ସାରିଲାଣି। ତେଣୁ ଏଯାଏ ନଦୀ ସମ୍ପର୍କରେ କି ପଦକ୍ଷେପ ନିଆଯାଇଛି ତାହା ଜାଣିପାରୁ ନାହାନ୍ତି ବୋଲି ସଭାପତି ଦୋବାଇ ଚିଠିରେ ଉଲ୍ଲେଖ କରିବା ସହ ଏ ଦିଗରେ ସନ୍ତୋଷଜନକ ଉତ୍ତର ନ ମିଳିଲେ ସମିତି ୪ ନଭେମ୍ବରରୁ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲା। ଉକ୍ତ ଖୋଲା ଚିଠିର ଉତ୍ତର ବିଧାୟକ ଦାସନାୟକ ୩ ଅକ୍ଟୋବର, ୨୦୨୪ରେ ଦେବା ସହ କାର୍ଯ୍ୟପନ୍ଥା ସମ୍ପର୍କରେ ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାର ଲୋକଙ୍କ ସରକାର ବୋଲି କହି ତଳସ୍ତରର ଲୋକଙ୍କ ପ୍ରସ୍ତାବ ଓ ପରାମର୍ଶକୁ ଆଧାରକରି ସରକାର ଚାଲିବ ବୋଲି ଦେଇଥିବା ମନ୍ତବ୍ୟରୁ ନଦୀ ପୁନରୁଦ୍ଧାର ହେବାନେଇ ଆଶାବ୍ୟକ୍ତ କରାଯାଇଛି।

# ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଲେ ବରିଷ୍ଠ ନାଗରିକ


ଆରକ୍ଷୀ ଅଧୀକ୍ଷକଙ୍କୁ ମା' ହିଙ୍ଗୁଳା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟକର୍ତ୍ତା ଶୁଭେଚ୍ଛା ଜଣାଉଛନ୍ତି।

**ରସୁଲପୁର,୬।୧୦(ରଂଜିତ ରାଉତ):** ରସୁଲପୁର ବ୍ଲକ ଅଞ୍ଚଳର ପ୍ରତିଷ୍ଠିତ ମା' ହିଙ୍ଗୁଳା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟକର୍ତ୍ତା ଯାଜପୁର ଜିଲାରେ ନୂତନ ଭାବରେ ଯୋଗଦାନ କରିଥିବା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲଙ୍କୁ ଭେଟିଛନ୍ତି। ଆରକ୍ଷୀ ଅଧୀକ୍ଷକଙ୍କ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ଆଲୋଚନା ସମୟରେ ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସଂଘ ସଭାପତିଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ଶୁଧାଂଶୁ ଭୂଷଣ ମିଶ୍ର, ସମ୍ପାଦକ ନଟବର ସେଠୀ, ସଂଗଠନ ସମ୍ପାଦକ ବିରଳ ଦାସ, ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

**ଶୁଭେଚ୍ଛା ଜଣାଇ ସମସ୍ୟା ସମ୍ପର୍କରେ ଆଲୋଚନା କଲେ**

ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ, ସାମାଜିକ ପିରାପତ୍ତାଜନିତ ସହାୟତା, ପାରିବାରିକ ହିଂସାରେ ବରିଷ୍ଠ ନାଗରିକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ, ସର୍ବସାଧାରଣ ସ୍ଥାନ ଓ ଯାତାୟାତ ସମୟରେ ଯାନବାହନରେ ସ୍ୱତନ୍ତ୍ର ସୁବିଧା ଆଦିକୁ ନିଶ୍ଚିତ କରାଇବା ଦିଗରେ ପଦକ୍ଷେପ ନେବାକୁ ସେମାନେ ଆରକ୍ଷୀ ଅଧୀକ୍ଷକଙ୍କୁ ଅନୁରୋଧ କରିଛନ୍ତି। ଆରକ୍ଷୀ ଅଧୀକ୍ଷକ ଏ ଦିଗରେ ଦୃଷ୍ଟିଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅଧୀକ୍ଷକ ଶ୍ରୀମଲଙ୍କ ଉତ୍ତମ ବ୍ୟବହାର ଓ ଆଚରଣରେ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟକର୍ତ୍ତା ଖୁସିବ୍ୟକ୍ତ କରିଛନ୍ତି।

# ବ୍ୟାଡମିଣ୍ଟନ, ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଯାପିତ


ଅତିଥିଙ୍କ ଗହଣରେ ଟ୍ରଫି ସହ କୃତୀ ପ୍ରତିଯୋଗୀମାନେ ।

**ଯାଜପୁର ସଦର,୬।୧୦(ସମର ବିଜୟ ଶରଣ ):** ଯାଜପୁର ଇନଡୋର ଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡ୍‌ମିଣ୍ଟନ ଓ ହ୍ୟାଣ୍ଡବଲ (୧୪ ବର୍ଷରୁ ୧୭ ବର୍ଷ ବାଳକ ଓ ବାଳିକାମାନଙ୍କ ପ୍ରତିଯୋଗିତା) ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ, କ୍ରୀଡ଼ା ଜୀବନରେ ଆଣେ ଏକ ଶୃଙ୍ଖଳା, ଦଳ ଭିତରେ ସଂଘବଦ୍ଧ ଭାବରେ ବଞ୍ଚିବାର କଳା ଶିଖାଏ। ପୁଣି ଦଳୀୟ ନେତୃତ୍ୱ ନେବାର ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରେ। କେବଳ ପାଠ ପଢ଼ା ନୁହଁ ଶରୀର ଓ ମନର ସାମଗ୍ରିକ ବିକାଶ କରାଏ। ଏକ ସୁସ୍ଥ ଶରୀର ଗଠନ କରିବାରେ କ୍ରୀଡ଼ାର ମହତ୍ତ୍ୱ ସର୍ବାଧିକ। ସମ୍ମାନିତ ଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ କ୍ରୀଡ଼ା କେବଳ ଜଣେ ଚାମ୍ପିୟନ ସୃଷ୍ଟି କରିବା ପାଇଁ ନୁହେଁ ବରଂ କ୍ରୀଡ଼ା ଜଣେ ପିଲାର ସାମୂହିକ ବିକାଶ କରେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ଆୟୋଜକ ମଣ୍ଡଳୀକୁ ଧନ୍ୟବାଦ ଜଣାଇଥିଲେ।

ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳକ ବର୍ଗରେ ଚାମ୍ପିୟନ ବଲାଙ୍ଗୀର ଜିଲା ହୋଇଥିଲାବେଳେ ଢେଙ୍କାନାଳ ଜିଲା ରନର୍ସ ଅପ ହୋଇଛି। ୧୪ ବର୍ଷରୁ କମ ବାଳିକା ବର୍ଗରେ କଟକ ଚାମ୍ପିୟନ ଓ ଢେଙ୍କାନାଳ ରନର ଅପ, ୧୭ ବର୍ଷରୁ କମ ବାଳକ ବର୍ଗରେ ଭୁବନେଶ୍ୱର ଚାମ୍ପିୟନ ଓ ବଲାଙ୍ଗୀର ରନର ଅପ, ୧୭ ବର୍ଷରୁ ବାଳିକା ବର୍ଗରେ ମୟୂରଭଞ୍ଜ ଚାମ୍ପିୟନ ଓ ରାୟଗଡ଼ା ରନର ଅପ ହୋଇଛି। ହ୍ୟାଣ୍ଡବଲ ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳକ ବର୍ଗରେ ଯାଜପୁର ଚାମ୍ପିୟନ ଓ ସମ୍ବଲପୁର ରନର ଅପ, ୧୪ ବର୍ଷରୁ କମ ବାଳିକା ବର୍ଗରେ ଯାଜପୁର ଚାମ୍ପିୟନ ଓ ପୁରୀ ରନର୍ସ ଅପ୍, ୧୭ ବର୍ଷରୁ କମ ବାଳକ ବର୍ଗରେ ଯାଜପୁର ଚାମ୍ପିୟନ ଓ ପୁରୀ ରନର ଅପ, ୧୭ ବର୍ଷରୁ କମ ବାଳିକା ବର୍ଗରେ ଭୁବନେଶ୍ୱର ଚାମ୍ପିୟନ ଓ ଗଞ୍ଜାମ ରନର ଅପ ହୋଇଛି।

ଉତ୍ସବରେ ଶାରୀରିକ ଶିକ୍ଷା ଅତିରିକ୍ତ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପରିଡ଼ା, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାସ ଓ ଜିଲା ସ୍କୁଲ ପ୍ରଧାନଶିକ୍ଷକ ଆଲୋକ କୁମାର ବନ୍ଧ ମଞ୍ଚାସୀନ ଥିଲେ।

### ମାନସିକ ଭାରସାମ୍ୟ ହରାଇ ନାବାଳିକାଙ୍କ ଆତ୍ମହତ୍ୟା

**ବିଞ୍ଝାରପୁର,୬।୧୦(ରାମକୃଷ୍ଣ ଦାସ):** ବାପାଙ୍କ ମୃତ୍ୟୁକୁ ମାସେ ହୋଇନି, ଏଥିରେ ମିୟମାଣ ହୋଇ ମାନସିକ ଭାରସାମ୍ୟ ହରାଇ ନାବାଳିକା ଝିଅ ଆତ୍ମହତ୍ୟା କରିଛନ୍ତି। ଏଭଳି ଦୁଃଖଦ ଘଟଣା ବିଞ୍ଝାରପୁର ବ୍ଲକ ଅଧିନ କଏଣା-ରଘୁନାଥପୁର ପଞ୍ଚାୟତରେ ଦେଖିବାକୁ ମିଳିଛି। ମୃତ ନାବାଳିକା ହେଲେ କଏଣା ଗ୍ରାମର ସ୍ୱର୍ଗତ ରମେଶ ମୁଦୁଲିଙ୍କ ମଝିଆ ଝିଅ ମନୀଷା ମୁଦୁଲି(୧୫)। ଦଶମ ଶ୍ରେଣୀରେ ପଢୁଥିବା ମନୀଷା ଶନିବାର ପୂର୍ବାହ୍ନରେ ଘରେ କେହି ନ ଥିବାବେଳେ ରଶି ଲଗାଇ ଦେଇଥିଲେ। ଖବର ପାଇ ବିଞ୍ଝାରପୁର ପୋଲିସ ସାଇଣ୍ଟିଫିକ ଟିମ ସହ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମନୀଷାଙ୍କ ବାପା ରମେଶ ସେପ୍ଟେମ୍ବର ୯ରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଫଳରେ ମନୀଷା ଦୁଃଖରେ ଭାଙ୍ଗି ପଡ଼ି ମାନସିକ ଭାରସାମ୍ୟ ହରାଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି।

# ପରିବା ଦର ଆକାଶଛୁଆଁ



**ବିଞ୍ଝାରପୁର,୬।୧୦(ରାମକୃଷ୍ଣ ଦାସ):** ବର୍ତ୍ତମାନ ବଜାରରେ ସମସ୍ତ ଖାଉଟି ସାମଗ୍ରୀର ମୂଲ୍ୟ ଆଶାତୀତ ଭାବରେ ବୃଦ୍ଧିପାଇଛି। ବିଶେଷ କରି ବଜାରରେ ପ୍ରଥମେ ଆଳୁ ପରେ ପିଆଜ ମୂଲ୍ୟ ଅହେତୁକ ଭାବରେ ବୃଦ୍ଧି ହୋଇଥିବାରୁ ଖାଉଟିଙ୍କୁ କନ୍ଦାଇଥିଲା। ଏବେ ପରିବା ଦର ଆକାଶଛୁଆଁ ହୋଇଛି। ଏସବୁ ଖାଉଟିଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ବିଞ୍ଝାଗପୁର ବ୍ଲକ୍ ଅଞ୍ଚଳରେ ପନିପରିବା ଉତ୍ପାଦନ ହେଉଥିଲେ ମଧ୍ୟ ଚଳିତ ବର୍ଷ ପାଗ ଅନୁକୂଳ ନ ଥିବାରୁ ଉତ୍ପାଦନ ବହୁ ପରିମାଣରେ ହ୍ରାସ ପାଇଛି। ଫଳରେ ଖାଉଟିଙ୍କ ଆବଶ୍ୟକତା ପୂରଣ ପାଇଁ ବାହାରୁ ପନିପରିବା ଆମଦାନୀ କରାଯାଉଛି। ବ୍ଲକ୍‌ର ସିଂହପୁର, ବାଳମୁକୁଳି, ବିଞ୍ଝାରପୁର, ବିତନା, ଚିକଣା ଆଦି ବଜାରରେ ସାପ୍ତାହିକ ପରିବା ହାଟବସେ। ହାଟରେ ପରିବା ଦର ଆକାଶ ଛୁଆଁ ହେଉଥିବାରୁ ସାଧାରଣ ଗରିବ ଖାଉଟି ପରିବା କିଣିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏପରିକି ପାଞ୍ଚଶହ ଟଙ୍କାରେ ବ୍ୟାଗ ପୁରୁନାହିଁ। ବାଧହୋଇ ଅନେକ ଗରିବ ଖାଉଟି ଖାଲିବ୍ୟାଗରେ ଫେରୁଥିବା ଦେଖାଦେଇଛି। ଖାଉଟିଙ୍କ ଚାହିଦା ମେଣ୍ଟାଇବାକୁ ଅନ୍ୟ ଜିଲା ଓ ବାହାର ରାଜ୍ୟରୁ ପନିପରିବା ଆମଦାନୀ ହେଉଥିବାରୁ ଦର ବୃଦ୍ଧି ଘଟୁଛି ବୋଲି ସ୍ଥାନୀୟ ପରିବା ବେପାରୀ ରାମଚନ୍ଦ୍ର ସ୍ୱାଇଁ କହିଛନ୍ତି।

ଶନିବାର ସାଧାରଣ ପରିବା ବଜାରରେ କେବଳ କଖାରୁକୁ ଛାଡିଦେଲେ ୫୦ ଟଙ୍କା ତଳକୁ କୌଣସି ପରିବା ନ ଥିଲା। ବାଇଗଣ ୭୦, ପୋଟଳ ୬୦, ଟମାଟୋ ୧୦୦, ଫୁଲ କୋବି ୮୦, ବନ୍ଧାକୋବି ୬୦, କଲରା ୮୦, ଜହ୍ନି ୬୦, ଭେଣ୍ଡି ୮୦, ଛୁଇଁ ୧୬୦, କଞ୍ଚାଲଙ୍କା ୨୦୦, ବିନ୍ସ ୨୦୦, ଝୁଡ଼ୁଙ୍ଗ ୮୦, କାଙ୍କଡ ୭୦ ଓ କାକୁଡ଼ି କିଲୋ ୬୦ ଟଙ୍କା ହୋଇଥିଲା। ଦର ବୃଦ୍ଧି ରୋକିବା ପାଇଁ ପ୍ରଶାସନ ନାଫେଡ ମାଧ୍ୟମରେ ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ପରିବା ଯୋଗାଇ ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

### ମା'ଶାରଳାଙ୍କ ବାର୍ଷିକ ଉତ୍ସବ

**ଛତିଆ,୬।୧୦(ସୌମ୍ୟ ରଞ୍ଜନ ସାହୁ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତ ଇଚ୍ଛାନଗର ପାଟଣା ଗ୍ରାମରେ ଅବସ୍ଥିତ ମା'ଶାରଳାଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶନିବାର ସକାଳୁ କଳସ ସ୍ଥାପନ ଓ ନିୟମାନୁଯାୟୀ ମା'ଙ୍କ ବିଭିନ୍ନ ପୂଜାପାଠ କରାଯିବା ସହ ପଣ୍ଡିତଙ୍କ ଦ୍ୱାରା ହୋମଯଜ୍ଞ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପ୍ରତିଷ୍ଠିତ କଳାକାରମାନଙ୍କୁ ନେଇ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ବାବୁନି ନାଥ କର୍ତ୍ତାଭାବେ ମା'ଙ୍କ ସେବା କରିଥିଲେ। ମା' ଶାରଳା ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

# ରାଜନୈତିକ ଶତ୍ରୁତାରୁ ଗାଳିଗୁଲଜ

**କାଏମା,୬।୧୦(ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତରେ ରାଜନୈତିକ ଶତ୍ରୁତାକୁ ନେଇ ଶନିବାର ରାତିରେ ଜଣେ ବ୍ୟକ୍ତିଙ୍କୁ ଗାଳିଗୁଲଜ ହୋଇଛି। ଏନେଇ ଉଭୟ ପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଗତ ସାଧାରଣ ନିର୍ବାଚନଠାରୁ ଉକ୍ତ ପଞ୍ଚାୟତର ଜଣେ ବିଜେଡି ନେତା ନୂଆସାହି ଗ୍ରାମର ବିକ୍ରମ କେଶରୀ ଦାସଙ୍କୁ ଆକ୍ରୋଶମୂଳକ ଭାବେ ହଇରାଣ ହରକତ କରି ଆସୁଛନ୍ତି। ବିକ୍ରମ ରାସ୍ତାରେ ଯିବା ଆସିବା ସମୟରେ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ପରିବାର ନାଁରେ ମଧ୍ୟ ଗାଳି ଦେଉଛନ୍ତି। ଶନିବାର ରାତିରେ ବିକ୍ରମ କୌଣସି କାମ ସାରି ରାତି ପ୍ରାୟ ୧୧ଟାରେ ମିର୍ଜାପୁର ପଟରୁ ଘରକୁ ଫେରୁଥିଲେ। ଏହି ସମୟରେ କାଏମା ନଦୀ ବନ୍ଧ ଉପରେ ସମ୍ପୃକ୍ତ ବ୍ୟକ୍ତି କେତେଜଣ ଅସାମାଜିକ ବ୍ୟକ୍ତିଙ୍କ ସହ ମିଶି ବିକ୍ରମଙ୍କୁ ଅଟକାଇ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ବିକ୍ରମ ସେଠାରୁ ଆସିବା ପରେ ମଧ୍ୟ ତାଙ୍କ ଘର ନିକଟକୁ ଆସି ଗାଳିଗୁଲଜ କରିଥିଲେ। ଏ ସମ୍ପର୍କରେ ରବିବାର ବିକ୍ରମ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ମଧ୍ୟ ବିକ୍ରମଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି। ଉଭୟଙ୍କ ଟ୍ରାକ୍ଟର ଥିବା ବେଳେ ବାଲି ଘାଟରୁ ବାଲି ଚୋରା ଚାଲାଣରୁ ବିବାଦ ବଢ଼ିଥିବା ସ୍ଥାନୀୟ ବାସିନ୍ଦ ଆଲୋଚନା କରୁଛନ୍ତି।

# ଜାରକା ରୋଟାରି କ୍ଲବର ରାଷ୍ଟ୍ର ନିର୍ମାଣ ପୁରସ୍କାର ପ୍ରଦାନ

**ଧର୍ମଶାଳା,୬।୧୦(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଅଧୀନ ଜାରକା ରୋଟାରି କ୍ଲବ ତରଫରୁ ରାଷ୍ଟ୍ର ନିର୍ମାଣ ପୁରସ୍କାର ପ୍ରଦାନ ଉତ୍ସବ ରୋଟାରି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରିୟାନ ବିନୋଦ ବିହାରୀ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚନ୍ୟାୟଳୟର ଆଡଭୋକେଟ୍ ରାମଚନ୍ଦ୍ର ରାୟ ଯୋଗଦେଇ ୫ କୃତୀ ଶିକ୍ଷକ ଅରୁଣ କୁମାର ସର ପ୍ରଧାନଶିକ୍ଷକ ବଳଦେବ ଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟ ଦେଓଦା, ଶ୍ୟାମସୁନ୍ଦର ରାଉତ କ୍ରୀଡ଼ା ଶିକ୍ଷକ ଉଦୟବଟ ଉଚ୍ଚ ବିଦ୍ୟାଳୟ ପଚୁଣିଆ, ଦିଲୀପ କୁମାର ବଳ ଚାରଗୋଠ ପ୍ରୋଜେକ୍ଟ ଉପ୍ରା ବିଦ୍ୟାଳୟ, ଅକ୍ଷୟ କୁମାର ଦାସ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ନାକପୋଲ ଓ ସାତମାଣ ନୋଡାଲ ଉପ୍ରା ବିଦ୍ୟାଳୟ ଶିକ୍ଷକ ସଦାନନ୍ଦ ବେହେରାଙ୍କୁ ପ୍ରମାଣପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ସମ୍ମାନିତ କରିଛନ୍ତି।



ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଶିକ୍ଷକମାନେ ।

ଇନରହୁଇଲ କ୍ଲବର ପୂର୍ବତନ ସଭାପତି ମିନତି ସାହୁ ଓ ମାଧୁରୀ ଶତପଥୀ ଗୁରୁବନ୍ଦନା ଗାନ କରିଥିଲେ। କ୍ଲବ ସଭାପତି ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ପଲେଇ ସଭାପତିତ୍ୱ କରିଥିଲାବେଳେ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସିଏଲସିସି ହରିହର ପଣ୍ଡା କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିବାବେଳେ ସଭ୍ୟ ଅମୂଲ୍ୟ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇନରହୁଇଲ କ୍ଲବ୍ ସଭାପତି ରଶ୍ମିତା ନାୟକ ଯୋଗ ଦେଇଥିଲେ। ଉତ୍ସବକୁ ରୋଟାରିଆନ ପ୍ରମୋଦ କୁମାର ସାମଲ, ସୁକାନ୍ତ ସ୍ୱାଇଁ, ପ୍ରଦୀପ୍ତ ବରାଳ, ଅଜାମ୍ବର ସାହୁ, ନିରଞ୍ଜନ ପାଣିଗ୍ରାହୀ, ବିପିନ୍ ଷଡ଼ଙ୍ଗୀ, ଯୁଧିଷ୍ଠିର ରାଉତ, ଜୟଗୁରୁ ପାତ୍ର, ଦୀପକ କୁମାର ଜେନା, କାଦମ୍ବିନୀ ମିଶ୍ର, ଅର୍ଚ୍ଚନା ସ୍ୱାଇଁ, ଶୁଭଲକ୍ଷ୍ମୀ କର ଓ ସରୋଜିନୀ ପଣ୍ଡା ପରିଚାଳନା କରିଥିଲେ। ବରିଷ୍ଠ ରୋଟାରିଆନ ଚକ୍ରଧର ଲେଙ୍କା ଧନ୍ୟବାଦ ଦେଇଥିଲେ।

# ମୁକୁଳା ଟ୍ରାନ୍ସଫର୍ମର ପ୍ରତି ଦୃଷ୍ଟିପଡୁନି

**ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ**

**ସିଂହପୁର,୬।୧୦ (ଅନଙ୍ଗ ଉଦୟ ବେଉରିଆ):** ଯାଜପୁର ଜିଲା ବିଞ୍ଝାରପୁର ବିଦ୍ୟୁତ୍ ବିଭାଗ ଅଧୀନ ବରୀ ବ୍ଲକ ମଧୁସୂଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ହୋଇପଡ଼ିଛି। ହେଲେ ଏ ଦିଗରେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟିଦେଉନାହାନ୍ତି। ଫଳରେ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶପାଇଛି। ଆଗାମୀ ଦିନରେ ଏହାର ସମାଧାନ କରା ନ ଗଲେ ଗ୍ରାମବାସୀ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡିସେମ୍ବର ୨୦ରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।


ବିପଦପୂର୍ଣ୍ଣ ଭାବେ ଥିବା ଟ୍ରାନ୍ସଫର୍ମର।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ବିଦ୍ୟୁତ୍ ଟ୍ରାନ୍ସଫର ଖୋଲାମେଲା ଅବସ୍ଥାରେ ରହିଛି। ଏହା ଚାରି ପଟେ ବାଡ଼ା ନ ଥିବାରୁ ଅଘଟଣ ଘଟିବା ଆଶଙ୍କା ଦେଖାଦେଇଛି। ୧୯୯୯ରୁ ବିଦ୍ୟୁତ୍ ତାର ଓ ଖୁଣ୍ଟ ବଦଳାଯାଇନାହିଁ। ସାମାନ୍ୟ ବର୍ଷା ଓ ପବନରେ ତାର ଛିଡ଼ି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଉଛି। ବିଦ୍ୟାଳୟ ଫାଟକ ସମ୍ମୁଖ ପାଚେରି ଉପରେ ବିପଦପୂର୍ଣ୍ଣ ୧୧ କେଭି ବିଦ୍ୟୁତ୍ ତାର ଯାଇଥିବାରୁ ଛାତ୍ରୀଛାତ୍ର ଭୟଭୀତ ଅବସ୍ଥାରେ ରହୁଛନ୍ତି। ଗ୍ରାମରେ ବହୁ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସାମାନ୍ୟ ବର୍ଷା ଓ ପବନରେ ବିଦ୍ୟୁତ୍ ବିଭ୍ରାଟ ହେଲେ ତା'ର ସମାଧାନ ପାଇଁ ୩ରୁ୪ଦିନ ଲାଗିଯାଉଛି। ଏ ସମ୍ପର୍କରେ ପୂର୍ବରୁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ବାଧହୋଇ ସେମାନେ ମୁଖ୍ୟମନ୍ତ୍ରୀ, ଯାଜପୁର ଜିଲାପାଳ ଓ ବିଞ୍ଝାରପୁର ଏସ୍‌ଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଦିଗରେ ଅଧିକାରୀମାନେ ଦୃଷ୍ଟିଦେବାକୁ ଗ୍ରାମର ଯୁବ ସାମାଜିକ କର୍ମୀ ପ୍ରଭାସ କୁମାର ସାମଲ, ରାଜେନ୍ଦ୍ର ସୁତାର, ମାୟାଧର ନାୟକ, ସୁଶାନ୍ତ ନାୟକ, ମନୋରଞ୍ଜନ ନାୟକ ଓ ନୀଳମାଧବ ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।

# ଦିଗହରା ଜନନୀ ସୁରକ୍ଷା ଯୋଜନା

- ବିଶେଷଜ୍ଞ ଡାକ୍ତର ଅଭାବ
- ସୁରକ୍ଷିତ ପ୍ରସବ ହୋଇ ପାରୁନାହିଁ

ପଟ୍ଟାମୁଣ୍ଡାଇ, ୬।୧୦ (କଳ୍ପତରୁ ନାୟକ)

ଜନନୀ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବାରୁ ରାଜ୍ୟ ସରକାର ମାଳମାଳ ଯୋଜନା ପ୍ରସ୍ତୁତ କରିଛନ୍ତି ସତ କିନ୍ତୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଓ ଆସନ୍ନ ପ୍ରସବାଙ୍କୁ ସୁରକ୍ଷିତ ଡାକ୍ତରୀ ସେବା ଯୋଗାଇବାରେ ବିଫଳ ହୋଇଛନ୍ତି। ଜନନୀ ସୁରକ୍ଷାର ମୂଳ ଲକ୍ଷ୍ୟକୁ ସରକାର ଗୁରୁତ୍ୱ ନ ଦେଇ ବିଭିନ୍ନ ଜାଗାରେ ଡାକ୍ତରଖାନା ଖୋଲି ବାହାବା ନେଉଛନ୍ତି। ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରାଞ୍ଚଳରୁ ଗ୍ରାମାଞ୍ଚଳର ଏକାଧିକ ଜାଗାରେ ବିଶେଷଜ୍ଞ ଡାକ୍ତର ଅଭାବରୁ ସୁରକ୍ଷିତ ପ୍ରସବ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ପ୍ରସୂତୀ ମହିଳା ଭାଗ୍ୟକୁ ଆଦରି ଚିକିତ୍ସାଳୟକୁ ଯାଉଛନ୍ତି। ସୌଭାଗ୍ୟ ବଶତଃ ସ୍ୱାଭାବିକ ପ୍ରସବ ହୋଇଗଲା ତ ଭଲ। ଅନ୍ୟଥା ଘରୋଇ ହସ୍ପିଟାଲକୁ ଯାଇ ମୋଟା ଅଙ୍କର ଟଙ୍କା ଗଣିବାକୁ ପଡ଼ିଛି। ନଚେତ ଜୀବନ ଚାଲିଯିବାର ଭୟରେ କଟକ ବଡ଼ ଡାକ୍ତରଖାନା ଗାଡ଼ି ଭଡ଼ା କରି ଯାଉଛନ୍ତି। ଏବେ ବି ସରକାରଙ୍କ ଜନନୀ ସୁରକ୍ଷା ଯୋଜନା ଲୋକଙ୍କ ପାଖରେ ଅପହଞ୍ଚ ହୋଇରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ସାମାଜିକ କର୍ମୀ ବିଜୟ ଦାସ କହିଛନ୍ତି, ଗର୍ଭାବସ୍ଥାରେ, ପ୍ରସବ ସମୟରେ ଏବଂ ପ୍ରସବକାଳୀନ ସେବାରେ ପର୍ଯ୍ୟାପ୍ତ ଯତ୍ନନେବା କ୍ଷେତ୍ରରେ ସଚେତନତା ସୃଷ୍ଟି କରାଯାଉଛି। ପ୍ରସୂତିଙ୍କୁ ସହାୟତା ଦେବାକୁ ରାଜ୍ୟରେ ମମତା ଯୋଜନା କାର୍ଯ୍ୟକାରୀ କରାଯାଉଛି। ପ୍ରସୂତିଙ୍କ କୁପୋଷଣ, ରକ୍ତହୀନତା ପ୍ରଭୃତି ଦୂର କରିବାକୁ ଗର୍ଭଧାରଣ ଦିନଠାରୁ ଅଙ୍ଗନୱାଡ଼ି ଜରିଆରେ ସୁଷମ ଖାଦ୍ୟ ଯୋଗାଇ ଦିଆଯାଉଛି। ସୁରକ୍ଷିତ ପ୍ରସବ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକାଧିକ ପଞ୍ଚାୟତରେ କୋଟି କୋଟି ଟଙ୍କା ବ୍ୟୟରେ ସ୍ୱତନ୍ତ୍ର ମାତୃ ଓ ଶିଶୁ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଛି। ପ୍ରସୂତିଙ୍କୁ ଚିକିତ୍ସାଳୟକୁ ଆଣିବା ଓ ପ୍ରସବ ପରେ ନେଇ ଘରେ ଛାଡ଼ିବା ପାଇଁ ଆମ୍ବୁଲାନ୍ସର ବ୍ୟବସ୍ଥା ଏବଂ ପ୍ରସବ କାଳୀନ ପ୍ରୋତ୍ସାହନ ରାଶି ପ୍ରଦାନ ଆଦିର ଅନେକ ବ୍ୟବସ୍ଥା କରାଯାଇଛି। ହେଲେ ବିଶେଷଜ୍ଞ ଡାକ୍ତର ଅଭାବରୁ ଚିକିତ୍ସାରେ ଅବହେଳା ଦେଖିବାକୁ ମିଳୁଛି। ଦେବାଶିଷ ପ୍ରଧାନ କହିଛନ୍ତି, ଗର୍ଭବତୀ ମହିଳା ଏବଂ ନବଜାତ ଶିଶୁଙ୍କ ଅବସ୍ଥା ସୁଧାରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଜନନୀ ସୁରକ୍ଷା ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନା ମାଧ୍ୟମରେ, ଜଣେ ଗର୍ଭବତୀ ମହିଳାଙ୍କ ପ୍ରସବ ପରେ, ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୬ ହଜାର ଟଙ୍କା ସିଧାସଳଖ ଦିଆଯାଏ। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏହି ପରିସ୍ଥିତିକୁ ଲୋକେ କ୍ରମାଗତ ଭାବେ ଅଙ୍ଗେ ନିଭାଇ ଅତିଷ୍ଠ ହୋଇପଡ଼ିଲେଣି। ପୁଷ୍ପାଞ୍ଜଳି ସାହୁ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଭିନ୍ନ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ କଥା ଦୂରେ ଥାଉ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ତଥା ସ୍ୱତନ୍ତ୍ର ମାତୃ ଓ ଶିଶୁ ସୌଧରେ ପ୍ରସବ ନିମନ୍ତେ ପ୍ରତିଦିନ ଭର୍ତ୍ତି ହେଉଥିବା ପ୍ରସୂତି ମହିଳାଙ୍କ ମଧ୍ୟରୁ ଅର୍ଦ୍ଧାଧିକଙ୍କୁ କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଳୟ ନଚେତ କଟକ ବଡ଼ ଡାକ୍ତରଖାନାକୁ ରେଫର କରାଯାଉଛି। ଯେଉଁମାନେ ଟିକେ ଅସଚେତନ ନିରୀହ ତଥା ସରଳ କିଛି ମୋଟା ଅଙ୍କର ଟଙ୍କା ଯୋଗାଡ଼ କରି ଦେବାର ସାମର୍ଥ୍ୟ ଥିବା ଜଣାଯାଏ। ସେମାନଙ୍କ ଆକୁଳ ନିବେଦନ ପରେ ଘରୋଇ ଡାକ୍ତରଖାନାକୁ ପଠାଇ ଅପରେଶନ୍ କରାଇ ଅନାୟସରେ ପ୍ରସବ କରାଇ ଦିଅନ୍ତି। ବଡ଼ ବଡ଼ିଆ ଲୋକେ ବିଚରା ଭୟଭୀତ ହୋଇ ନିଜର ପ୍ରସୂତିଙ୍କୁ କଟକ ବଡ଼ ଡାକ୍ତରଖାନା ନଚେତ ଘରୋଇ ହସ୍ପିଟାଲ ବା ନର୍ସିଂହୋମକୁ ନେଇ ପ୍ରସବ କରାଇଥାନ୍ତି। ଆଉ ଗରିବ ପ୍ରସୂତିଙ୍କର ସ୍ୱାଭାବିକ ପ୍ରସବ ବିନା ଜଟିଳତା ଦେଖା ଦେଲେ ଜୀବନ ଯିବା ଥୟ ହୋଇଥାଏ। ରବି ଭଞ୍ଜ କହିଛନ୍ତି, ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ଏବଂ ମା' ଓ ଶିଶୁ ସୌଧ ଉପରେ ନିର୍ଭର କରୁଛନ୍ତି ଜିଲାର ୫ଟି ବ୍ଲକର ରୋଗୀ। ଏପରିକି ବାହାର ଜିଲା ସୀମାବର୍ତ୍ତୀ ଅଞ୍ଚଳର ରୋଗୀ ମଧ୍ୟ ଏଠାକୁ ଆସୁଛନ୍ତି। ହେଲେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଏବେ ଏହି ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଚିନ୍ତା ବଢ଼ାଇଛି। ନିରୀକ୍ଷଣ ଯୋଜନାରେ ଗର୍ଭବତୀଙ୍କୁ ମାଗଣା ଅଲଟ୍ରାସାଉଣ୍ଡ ଚିକିତ୍ସା କରାଯାଉଛି। ଜନନୀ ସୁରକ୍ଷାକୁ ଅଧିକ ବ୍ୟବସ୍ଥିତ କରିବାକୁ ସରକାର କେନ୍ଦ୍ରୀୟ ଅନୁଦାନରେ ସବୁ ଜିଲାରେ ଏକ ସ୍ୱତନ୍ତ୍ର ମାତୃ ଓ ଶିଶୁ ଚିକିତ୍ସାଳୟ ସ୍ଥାପନ କରାଯାଇଥିଲେ ମଧ୍ୟ ଏହାର ପରିଚାଳନାରେ ଚରମ ଉଦାସୀନତା ପ୍ରସୂତିଙ୍କୁ ଘରୋଇ ହସ୍ପିଟାଲ ବା ନର୍ସିଂହୋମ୍‌କୁ ଯିବାକୁ ବାଧ କରୁଛି ବୋଲି ଅଭିଯୋଗ ହେଉଛି। ସରକାର ସମସ୍ତ ପ୍ରସୂତିଙ୍କର ପ୍ରସବ ବିନା ଅର୍ଥରେ ସରକାରୀ ଚିକିତ୍ସାଳୟରେ ହୋଇପାରିବ ବୋଲି କହିଛନ୍ତି।



ବନ୍ଦ ହୋଇ ପଡ଼ିରହିଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର।


ମା' ଓ ଶିଶୁ ଚିକିତ୍ସାଳୟ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନା।

## ପୁନର୍ବାସ ପକ୍ଷରୁ ମସ୍ତିଷ୍କ ପକ୍ଷାଘାତ ଦିବସ

କେନ୍ଦ୍ରାପଡ଼ା, ୬।୧୦ (ଜଗନ୍ନାଥ ଧଳ)

ମସ୍ତିଷ୍କ ପକ୍ଷାଘାତ ଏକ ଗମ୍ଭୀର ଓ ମାଂସପେଶୀଜନିତ ଭିନ୍ନକ୍ଷମତା। ଯାହା ମାତୃ ଗର୍ଭାବସ୍ଥା, ପ୍ରସବକାଳୀନ ଓ ପରବର୍ତ୍ତିକାଳୀନ ସମୟର ପାର୍ଶ୍ୱ ପ୍ରଭାବ ପାଇଁ ଦେଖାଦେଇଥାଏ। ସଚେତନତା ମାଧ୍ୟମରେ ଏହାର ପ୍ରତିରୋଧ ଓ ପ୍ରଭାବିତ ସମୂହଙ୍କ ଜୀବନରେ ପରିବର୍ତ୍ତନ ଅଣାଯାଇପାରେ ବୋଲି ପୁନର୍ବାସ ପକ୍ଷରୁ ଆୟୋଜିତ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳନ ଅବସରରେ ଆଲୋଚକମାନେ ମତ ରଖିଥିଲେ। ସହରର ମାଧପୁରସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଚେତନ ଧର୍ମୀ ଆଲୋଚନାଚକ୍ର ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ଡିଏସ୍‌ଡବ୍ଲ୍ୟୁଓ ସ୍ୱାଗତିକା ପାତ୍ର, ଡିସିପିଓ ବିଜୟ କେତନ ସାହୁ, ପୂର୍ବତନ ଡିଏସ୍‌ଏସ୍‌ଓ ପ୍ରଭାସ ଦାସ, ପରିବେଶବିତ୍ ବିରଜା ପ୍ରସାଦ ପତି ଆଲୋଚକ ଭାବେ ଯୋଗ ଦେଇଥିଲେ। ସେମାନେ ଶିଶୁଙ୍କ ଲାଳନପାଳନରେ ମା'ଙ୍କ ଭୂମିକା, ମସ୍ତିଷ୍କ ପକ୍ଷାଘାତର ଲକ୍ଷଣ ଓ ନିରାକରଣ, ଥେରାପି ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଏହି ରୋଗର ନିରାକରଣ ଓ ସଚେତନତା ସୃଷ୍ଟି ସମ୍ପର୍କରେ ପୁନର୍ବାସର ପ୍ରଶଂସନୀୟ ଭୂମିକାକୁ ମୂଲ୍ୟାୟନ କରିଥିଲେ। ଏହି ଅବସରରେ ଏପରି ଭିନ୍ନକ୍ଷମଙ୍କ ଅଭିଭାବକ ଗାୟତ୍ରୀ ମହାନ୍ତି, ରୋଜାଲିନ ପ୍ରଧାନ, ସାଗରିକା ସାହୁ, ରଚନା ସେଠୀ ପ୍ରମୁଖ ସନ୍ତାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାରମ୍ଭରେ ଫିଜିଓ ଥେରାପିଷ୍ଟ ରଚିତା ଜେନା, ଅକ୍ୟୁପେସନାଲ ଥେରାପିଷ୍ଟ ଗୁଞ୍ଜନ ସ୍ମିତା ବେହେରା ଏ ସମ୍ପର୍କରେ ପ୍ରାଥମିକ ସୂଚନା ଦେଇଥିଲେ। ସଞ୍ଜୀବ ଜେନା, ସୋନାଲି ବେହେରା, ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଆଲୋଚନାଚକ୍ରରେ ସାମିଲ ହୋଇଥିବା ମହିଳା ପୁରୁଷମାନେ।

## ରକ୍ତ କର୍କଟ ପୀଡ଼ିତ ଶିଶୁଙ୍କୁ ସହାୟତା

ରାଜନଗର, ୬।୧୦ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଭିତରଗଡ଼ ପଞ୍ଚାୟତ ଚାରିପୋଖରିଆ ଗାଁର କଳ୍ପତରୁ ବାରିକଙ୍କ ଏକମାତ୍ର ପୁତ୍ର, ଯାହାର ବୟସ ମାତ୍ର ଦେଢ଼ବର୍ଷ, ସେ ଦୁନିଆ କ'ଣ ଠିକ୍ ଭାବେ ଜାଣିନାହିଁ। ସେହି କୋମଳମତି ଶିଶୁଟି ଏବେ ରକ୍ତ କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଜୀବନ ସହିତ ସଂଘର୍ଷ କରୁଛି। ଡାକ୍ତରଙ୍କ କହିବା କଥା ହେଲା ଏହି ରୋଗକୁ ଭଲ କରିବା ପାଇଁ ଅର୍ଥ ଏବଂ ରକ୍ତର ଆବଶ୍ୟକତା ରହିଛି। ଏହି ଖବର ପାଇବା ପରେ ରାଜନଗର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜଗାବଳିଆ ଫାଉଣ୍ଡେଶନ କର୍ମକର୍ତ୍ତାମାନେ ହସ୍ପିଟାଲରେ ପହଞ୍ଚି ୧୦ହଜାର ଟଙ୍କା ଆର୍ଥିକ ସହାୟତା କରିବା ସହ ଶିଶୁର ଯେତେ ରକ୍ତ ଆବଶ୍ୟକ ଯୋଗାଇ ଦେବେ ବୋଲି ଫାଉଣ୍ଡେଶନର ଗିରିଶ ମହାନ୍ତି, ଚିତ୍ତ ରଞ୍ଜନ ସ୍ୱାଇଁ, ପ୍ରଣୟ ସ୍ୱାଇଁ, ସୁଧୀର ନାୟକ, ସୁନୀଲ ପୁହାଁଣ, ସତ୍ୟପ୍ରକାଶ ପ୍ରଧାନ, ରାଜେଶ ଦାସ ପ୍ରମୁଖ କହିଛନ୍ତି।

## ଶ୍ରୀଭାଗବତ, ମା' ବୁଢ଼ୀ ଜାଗୁଲାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ଡେରାବିଶ, ୬।୧୦ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ (ରଥ ପଡ଼ିଆ) ଗ୍ରାମରେ ଠାକୁର ଶ୍ରୀଭାଗବତ ଗୋସାଇଁ, ମା' ବୁଢ଼ୀ ଜାଗୁଲାଇ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସହ ବିଗ୍ରହ ସ୍ଥାପନ କାର୍ଯ୍ୟ ଧାର୍ମିକ ପରିବେଶ ମଧ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରାତଃରୁ ସ୍ଥାନୀୟ ପାଟନାଳୀରେ ପୂଜାର୍ଚ୍ଚନା ପରେ ମହିଳାମାନଙ୍କ ଦ୍ୱାରା ଶୋଭାଯାତ୍ରାରେ ଅଣାଯାଇଥିବା ପୂର୍ଣ୍ଣ କଳସ ଯଜ୍ଞମଣ୍ଡପରେ ସ୍ଥାପନ କରାଯିବା ପରେ ଅଙ୍କୁରାଧିବାସ ସହ ବୈଦିକ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ କୀର୍ତ୍ତନମଣ୍ଡଳୀ ଦ୍ୱାରା କରାଯାଇଥିବା ଘଣ୍ଟ ସଂକୀର୍ତ୍ତନ ଓ ଆତସବାଜି ପରିବେଶକୁ ଭକ୍ତିମୟ କରିଦେଇଥିଲା। ଏହି ଯଜ୍ଞାନୁଷ୍ଠାନରେ କର୍ତ୍ତା ଭାବେ ଗୋବିନ୍ଦ ଚନ୍ଦ୍ର ରାଉତ ଓ କର୍ତ୍ତ୍ରୀ ଭାବେ ମାମିନା ରାଉତ ଦାୟିତ୍ୱ ନିର୍ବାହ କରିଥିଲେ। ପୁରୋହିତ ପଣ୍ଡିତ ବିଚିତ୍ରାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ପୂଜକ ନୀଳକଣ୍ଠ ରଥ, ରମେଶ ଦାଶ ଓ ଅକ୍ଷୟ କୁମାର ପଣ୍ଡା ଯଜ୍ଞ, ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ପ୍ରତିଷ୍ଠା କର୍ମ ସମାହିତ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ବିଜୟ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ସିଂହ ଓ ବିଭୁଦତ୍ତ ପଣ୍ଡା, ପୂର୍ବତନ ସମିତିସଭ୍ୟ ସରୋଜକାନ୍ତ ନାୟକ ପ୍ରମୁଖ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ଠାକୁରାଣୀ ଠାକୁରଙ୍କ ଦର୍ଶନ କରିଥିଲେ। ଉକ୍ତ ଗ୍ରାମର ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପରିଚାଳନାରେ ଗ୍ରାମର ରତ୍ନାକର ଲେଙ୍କା, ଗୌରାଙ୍ଗ ମହାନ୍ତି, କେଶବ ଚନ୍ଦ୍ର ପ୍ରଧାନ, ବିଷ୍ଣୁ ଚରଣ ରାଉତ, ରାମଚନ୍ଦ୍ର ରାଉତ, ଭଗବାନ ପୃଷ୍ଟି ଓ ବଂଶୀଧର ବେହେରାଙ୍କ ସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।


ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଓ ଅନ୍ୟମାନେ।

## ଶିଶୁଙ୍କ ପ୍ରତିଭା ବିକାଶ ହେଲେ ଦେଶ ସଶକ୍ତ ହେବ


ସୁରଭି କାର୍ଯ୍ୟକ୍ରମରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ, ୬।୧୦ (କଳ୍ପତରୁ ନାୟକ)

### କଖାରୁଣୀରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଲେ ଦେଶ ସଶକ୍ତ ହେବ ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ କଖାରୁଣୀ ଉନ୍ନୀତ ଉ.ପ୍ରା. ବିଦ୍ୟାଳୟ କ୍ଲଷ୍ଟର ପକ୍ଷରୁ ଆୟୋଜିତ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। ସିଆର୍‌ସିସି ଅରବିନ୍ଦ ବଳଙ୍କ ପୌରୋହିତ୍ୟ ଓ ସିଆର୍‌ସିସି ମଳୟ ଜେନାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବିଆର୍‌ସିସି ଚନ୍ଦ୍ରଶେଖର ତ୍ରିପାଠୀ ମୁଖ୍ୟବକ୍ତା, ଏବିଇଓ ପ୍ରେମବାଳା ମହାପାତ୍ର ଓ ସୁନୀତି ଦାଶ, ଶିକ୍ଷାବିତ୍ ବନ ବିହାରୀ ଦାସ, ଶିକ୍ଷକ ନେତା ମନୋଜ ମୁଦୁଲି, ସିଆର୍‌ସିସି ରଞ୍ଜନ ସାହୁ, ପ୍ରବୀର ନାୟକ, କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସିଆର୍‌ସିସି ବଳ ସ୍ୱାଗତ ଭାଷଣ, ଅଶୋକ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସିଆର୍‌ସିସି ବଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଏବିଇଓ ମହାପାତ୍ର, ଏବିଇଓ ସୁନୀତି ଦାଶ, ସରପଞ୍ଚ ରମେଶ ମଲ୍ଲିକ, ପ୍ରଧାନ ଶିକ୍ଷକ ଅନନ୍ତ ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆର୍‌ସିସି ବଳ ସ୍ୱାଗତ ଭାଷଣ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣି ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ନୃତ୍ୟ ସଙ୍ଗୀତ, ବକ୍ତୃତା ଓ ସାଧାରଣ ଜ୍ଞାନ ଆଦି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଶୁକଦେବ ସେଠୀ ଧନ୍ୟବାଦ ଦେଇଥିଲେ।

## ଅଲ୍ ଓଷ୍ଟାର ଜିଲା କାର୍ଯ୍ୟକାରିଣୀ ବୈଠକ

ମାର୍ଶାଘାଇ, ୬।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଶାସନିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନିଖିଳ ଓଡ଼ିଶା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ (ଅଲ ଓଷ୍ଟା)ର ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅତିଥି ଭାବେ ରାଜ୍ୟ ସଂଘ ଉପସଭାପତି ଧନେଶ୍ୱର ପାତ୍ର ଓ ସମ୍ପାଦକ ସୁଶାନ୍ତ ପ୍ରଧାନ ଯୋଗଦେଇ ସଂଘର ବିଭିନ୍ନ ସୁବିଧା ଅସୁବିଧା ତଥା ଏହାର ସାଙ୍ଗଠନିକ ଶକ୍ତି ବୃଦ୍ଧି ଉପରେ ଆଲୋଚନା କରିଥିଲେ। ଚଳିତ ମାସ ଶେଷ ସପ୍ତାହରେ ଜିଲା ସଂଘର ସାମ୍ବିଧାନିକ ବୈଠକ କେନ୍ଦ୍ରାପଡ଼ାଠାରେ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସଂଘ ଉପଦେଷ୍ଟା ଅବନୀ ମହାନ୍ତି, ଶ୍ରୀନାଥ ସ୍ୱାଇଁ, ମାଧବ ନାୟକ, ବିଜୟ ଜେନା ଓ ଭ୍ରମରବର ରାଉତ ଉପସ୍ଥିତ ଥିଲେ। ମାର୍ଶାଘାଇ ବ୍ଲକ ସମ୍ପାଦକ ପ୍ରଦୀପ କୁମାର ଲେଙ୍କା ସହଯୋଗ କରିଥିଲେ। ଜିଲାର ୯ ବ୍ଲକରୁ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ।


ବୈଠକରେ ଉପସ୍ଥିତ କମିଟିର ସଦସ୍ୟମାନେ।

## ସ୍କୁଲର ବିକାଶ କ୍ଷେତ୍ରରେ ପୁରାତନ ଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ପଟ୍ଟାମୁଣ୍ଡାଇ, ୬।୧୦ (କଳ୍ପତରୁ ନାୟକ)

### ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲରେ ପୁରାତନ ଛାତ୍ର ସଂସଦ ବାର୍ଷିକୋତ୍ସବ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ସଂସଦ ବାର୍ଷିକ ଉତ୍ସବ ରବିବାର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ପ୍ରଦୀପ ନାଗ ଯୋଗଦେଇ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ପ୍ରସଙ୍ଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବା ସହିତ ୫୧ ଲକ୍ଷ ଟଙ୍କା ବ୍ୟୟରେ ପ୍ରସ୍ତାବିତ ଅଡିଟୋରିୟମ ନିର୍ମାଣ ନିମନ୍ତେ ଆଡ୍‌ମିନ୍‌ଷ୍ଟ୍ରେଟିଭ ଆପ୍ରୁଭାଲ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ରାଜଶ୍ରୀ ବେହେରା ଯୋଗଦେଇ କହିଥିଲେ, କୌଣସି ଶିକ୍ଷାନୁଷ୍ଠାନର ବିକାଶ ଓ ତା'ର ଭବିଷ୍ୟତ ଛାତ୍ରୀଛାତ୍ରଙ୍କ ପାଇଁ ପୁରାତନ ଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯାହା ସ୍ୱାଭିମାନ ସହର ପଟ୍ଟାମୁଣ୍ଡାଇର ଏମ୍‌ଏନ୍ ହାଇସ୍କୁଲର ବହୁ ଗୁରୁଜନ ପୁରାତନ ଛାତ୍ରଙ୍କ ନିକଟରୁ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗ ଅଧୀନରେ ଯେଉଁସବୁ କାର୍ଯ୍ୟ କରିବାର ଅଛି, ଯଥାସମ୍ଭବ ସେଗୁଡ଼ିକ ଶେଷ କରିବାକୁ ଚେଷ୍ଟା କରାଯିବ। ସେହିପରି ସମ୍ମାନିତ ଅତିଥି ଭାବେ ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସନାତନ ବେହୁରା, ସମ୍ପାଦକ କସ୍ତୁରୀ ସ୍ୱାଇଁ ଓ କୋଷାଧ୍ୟକ୍ଷ ଗୋପୀନାଥ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍କୁଲ ବିକାଶ, ଶିକ୍ଷକ ପଦବୀ ପୂରଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ପ୍ରାରମ୍ଭରେ ପୂର୍ବତନ ପ୍ରଶାସକ ଡ. କେଳୁ ଚରଣ ସ୍ୱାଇଁ, ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ସମେତ ପୁରାତନ ଛାତ୍ର ତଥା ପ୍ଲାଷ୍ଟିକ ସର୍ଜନ ଡା. ରମେଶ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପ୍ରଫେସର ଭରତ ପାତ୍ର, ପ୍ରଫେସର ରମେଶ ଚନ୍ଦ୍ର ଜେନା, ସଚ୍ଚିଦାନନ୍ଦ ଦାଶ, ଆଇନଜୀବୀ ସୁରେନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଭୂପତି ନାୟକ, ନଟବର ସେଠୀ, ସଞ୍ଜୟ ବର୍ମା, ରାଜେନ୍ଦ୍ର ଦାଶ, ଅକ୍ଷୟା ମହାନ୍ତି, ରମେଶ ଦେ, ବିଜୟ ସାହୁ, ଇତିଶ୍ରୀ ଦାଶ, ସ୍କୁଲ ପରିଚାଳନା କମିଟି ସଭାପତି ତପନ ଦାଶଙ୍କ ସମେତ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୨ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ରାଜ୍ୟସ୍ତରୀୟ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପୁରାତନ ଛାତ୍ର ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

## ମହାନବମୀରେ ମା'ଙ୍କ ପୀଠରେ ହୁଏ ସ୍ୱତନ୍ତ୍ର ପୂଜାର୍ଚ୍ଚନା

ଡେରାବିଶ, ୬।୧୦ (ବେବର୍ତ୍ତା ଅଜୟ ଦାସ)

ଶାରଦୀୟ ଦୁର୍ଗାପୂଜା ପାଇଁ ଡେରାବିଶର ବିଭିନ୍ନ ଅଞ୍ଚଳ ଉତ୍ସବ ମୁଖର ହେବାକୁ ଯାଉଛି। ଏହି ପୂଜା ଆଉ ମାତ୍ର ୪ ଦିନ ରହିଛି। ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ହଳଦିଆପାଟଣାଠାରେ ଅନୁଷ୍ଠିତ ହେବାକୁଥିବା ପୂଜା ବ୍ଲକ ଅଞ୍ଚଳ ଶକ୍ତିପୀଠ ଭାବେ ପ୍ରସିଦ୍ଧି ଲାଭ କରିଛି। ପବିତ୍ର ମହାଳୟା ତିଥି ଖଡ଼ି ଅମାବାସ୍ୟାରେ ଏହି ପୀଠରେ ମାଟିରେ ନିର୍ମିତ ମୃଣ୍ମୟୀ ମୂର୍ତ୍ତିରେ ଖଡ଼ି ସ୍ପର୍ଶ କରାଯାଇଛି। ଏଥିପାଇଁ ମା'ଙ୍କ ନିକଟରେ ଥିବା ବେଲଗଛକୁ ପୂଜାର୍ଚ୍ଚନା କରାଯାଇଥିଲା। ପରମ୍ପରା ଅନୁଯାୟୀ, ଏହି ତିଥି ପୀଠ ପାଇଁ ଗୁରୁତ୍ୱ ଥିବାରୁ ପୂଜା ହୋଇଥିବା ବେଲଗଛ ନିକଟରେ ଶତାଧିକ ଗ୍ରାମବାସୀ ଭଜନ କୀର୍ତ୍ତନ ମଧ୍ୟରେ ନିଜକୁ ହଜାଇ ଦେଇଥିଲେ।

ଦୀର୍ଘବର୍ଷ ଧରି ହଳଦିଆପାଟଣାରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ବିଷୟରେ ବହୁ ଜନଶ୍ରୁତି ରହିଛି। ଦଶହରା ପର୍ବ ପୂର୍ବରୁ ଗ୍ରାମର ଗଣେଶ୍ୱର ଦାସ, ନୃସିଂହ ସାହୁ, ଦୈତାରୀ ପ୍ରଧାନ, ସର୍ବେଶ୍ୱର ପରିଡ଼ା, ବାବାଜୀ ଚରଣ ସାହୁ, ସ୍ୱାଧୀନତା ସଂଗ୍ରାମୀ ଗୋଲଖ ଦାସ ଗ୍ରାମ ନିକଟରେ ବହିଯାଇଥିବା ବିରୂପା ନଦୀ କୂଳରେ ସନ୍ଧ୍ୟାରେ ବସିଥିବାବେଳେ ଏକ ଅଦ୍ଭୁତ ଆଲୋକ ଦେଖିଥିଲେ। ତେବେ ଏହି ଆଲୋକ ଗ୍ରାମରେ ମା' ଦୁର୍ଗାଙ୍କ ପୂଜା ପାଇଁ ସଙ୍କେତ ଦେଉଥିବା ଭାବି ଆରମ୍ଭ କରିଥିଲେ ମା'ଙ୍କ ଏହି ଶାରଦୀୟ ପୂଜା। ବହୁ ଅନୁଭୂତିକୁ ପାଥେୟ କରି ଏହି ପୂଜାର ପରମ୍ପରା କିଭଳି ଉଜ୍ଜୀବିତ ରହିପାରିବ ସେ ନେଇ କେବଳ ହଳଦିଆପାଟଣା ନୁହେଁ ଆଖପାଖ ୧୦ ଗ୍ରାମବାସୀ ଏହି ପୂଜା ପାଇଁ ସମସ୍ତ ସହଯୋଗ କରିଥାନ୍ତି ବୋଲି ପୂଜା କମିଟିର ସମ୍ପାଦକ ଗୌରାଙ୍ଗ ସାହୁ ଓ ସଭାପତି ଉତ୍ତମ ଚରଣ ମଲିକ କହିଛନ୍ତି। ସେବେଠାରୁ ଏହି ପୀଠ ଶକ୍ତିପୀଠ ଭାବେ ପରିଚିତ ହୋଇଆସୁଛି। ଚଳିତବର୍ଷ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ତୋରଣ ଓ ଆଲୋକ ସଜସଜ୍ଜା ବ୍ୟବସ୍ଥା କରାଯାଇଛି।

ମା'ଙ୍କ ନିକଟରେ ଚଳିତବର୍ଷ ୯ତାରିଖ ବୁଧବାର ଷଷ୍ଠୀ ତିଥି ରାତି ୪ଟାରେ ଘଟ ଆବାହନି କାର୍ଯ୍ୟକ୍ରମ ରହିଛି। ମହାସପ୍ତମୀ ପୂଜାରେ ଚକ୍ଷୁଦାନ ଓ ବେଦଶାସ୍ତ୍ର ପଠନ ପୂଜା, ମହାଅଷ୍ଟମୀ ସନ୍ଧିପୂଜା, ଦୁର୍ଗାବ୍ରତ, ସନ୍ଧିବଳି ପ୍ରୋକ୍ଷଣ ପୂଜା, ମହାନବମୀ ବିହିତ ପୂଜା ଓ ପଣା ଲାଗି କରାଯିବା ପାଇଁ କମିଟି ପକ୍ଷରୁ ବ୍ୟବସ୍ଥା ହୋଇଛି। ସେହିପରି ଶନିବାର ମହାନବମୀ ପୂଜା ମା'ଙ୍କ ପୀଠରେ ଏକ ସ୍ୱତନ୍ତ୍ର ଭାବେ ପାଳିତ ହୋଇଥାଏ। ଏହି ପୂଜାରେ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥାଏ। ବିଶ୍ୱାସ ଅଛି ଏହି ପବିତ୍ର ତିଥିରେ ମା'ଙ୍କ ନିକଟରେ ନିଜର ମନସ୍କାମନା ପାଇଁ ପ୍ରାର୍ଥନା କଲେ ତାହା ପୂରଣ ହୋଇଥାଏ। ରବିବାର ବିଜୟାଦଶମୀ ଅପରାଜିତା ପୂଜା ସହ ମା'ଙ୍କୁ ବିସର୍ଜନ କରାଯିବ ବୋଲି ଉପଦେଷ୍ଟା ସୁବାସ ଚନ୍ଦ୍ର ସାହୁ କହିଛନ୍ତି। ଏହି ପୀଠରେ ପୂଜା ସମୟରେ ଗାଈ ଘିଅରେ ତିଆରି ସମସ୍ତ ଭୋଗ ପ୍ରସ୍ତୁତି ହୋଇଥାଏ। ଏହି ପୀଠଟିରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟ କରି ନିକିରାଇ ଥାନା ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା କରାଯିବାକୁ ବ୍ୟବସ୍ଥା ହୋଇଛି। ପ୍ରତିବର୍ଷ ପରି ଚଳିତବର୍ଷ ପଲ୍ଲୀମଙ୍ଗଳ ଯୁବକ ସଂଘ ଓ ମଙ୍ଗଳେଶ୍ୱର ନାଟ୍ୟ ସଂସଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ୩ଦିନ ଧରି ନାଟକ ପରିବେଷଣ କରାଯିବା ସହ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ, ପାଲା ପରିବେଷଣ ଓ ଭଜନ ସମାରୋହ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।


ଶକ୍ତିପୀଠ ହଳଦିଆପାଟଣା ମା' ଦୁର୍ଗାଙ୍କ ପୂଜା

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ପାଉଁରୁଟି ବ୍ୟବସାୟୀ ଗୁରୁତର

**ଛତ୍ରପୁର,୬।୧୦(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)**

ଛତ୍ରପୁର ଥାନା ଅନ୍ତର୍ଗତ ହୁମ୍ମ ପଦରମାଳ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖ ଜାତୀୟ ରାଜପଥରେ ରବିବାର ଭୋରରେ ଟ୍ରକ୍ ଧକ୍କାରେ ଜଣେ ପାଉଁରୁଟି ବ୍ୟବସାୟୀ ଗୁରୁତର ହୋଇଛନ୍ତି। ସେ ହେଲେ ବେଲଗୁଣ୍ଠା ଥାନା ଅଧୀନ ଗୋଠଖାରି ଗ୍ରାମର ସନ୍ୟାସୀ ବିଷୋୟୀ । ସନ୍ୟାସୀ ସାଇକେଲରେ ପାଉଁରୁଟି ଧରି ବିକିବାକୁ ଯାଉଥିବା ବେଳେ କୌଣସି ଟ୍ରକ୍ ଧକ୍କା ଦେଇ ପଳାଇଥିଲା। ଫଳରେ ସନ୍ୟାସୀ ରାସ୍ତାରେ ପଡ଼ି ଛଟପଟ ହେଉଥିଲେ। ପାଉଁରୁଟିଗୁଡିକ ଛିନ୍ନଛତ୍ର ହୋଇ ପଡ଼ି ରହିଥିଲା। କେହି ଜଣେ ସହୃଦୟ ବ୍ୟକ୍ତି ଆମ୍ବୁଲାନ୍ସକୁ ଫୋନ କରି ଡାକି ଗୁରୁତର ଅବସ୍ଥାରେ ସନ୍ୟାସୀଙ୍କୁ ଛତ୍ରପୁର ମେଡ଼ିକାଲକୁ ନେଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

### ଦି ନ୍ୟୁ ଏଜ୍ ୟୁରୋ ସ୍କୁଲରେ ଖୋଲିବ ଯୁକ୍ତ ୨ ବିଜ୍ଞାନ

**ଛତ୍ରପୁର,୬।୧୦(ଦିଲ୍ଲୀପ ସାମଲ)**

ଛତ୍ରପୁରସ୍ଥିତ ଦି ନ୍ୟୁ ଏଜ ୟୁରୋ ସ୍କୁଲରେ ଯୁକ୍ତ ବିଜ୍ଞାନ ପାଠ୍ୟକ୍ରମ ଖୋଲିବା ପାଇଁ ସିବିଏସ୍‌ଇ ପକ୍ଷରୁ ସ୍ୱୀକୃତି ମିଳିଛି। ୨୦୨୩ରେ ଏହି ଅନୁଷ୍ଠାନକୁ ୯ମ ଓ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସିବିଏସଇ ବୋର୍ଡ(ଦିଲ୍ଲୀ) ପକ୍ଷରୁ ସ୍ୱୀକୃତି ମିଳିଥିଲା। ଏଣିକି ସିବିଏସ୍‌ଇ ଯୁକ୍ତ ୨ ବିଜ୍ଞାନ ପାଠ ଲାଗି ଛାତ୍ରୀଛାତ୍ରଙ୍କୁ ଆଉ ବାହାରକୁ ଯିବାକୁ ପଡ଼ିବନି। ୨୦୧୮ରୁ 'ଶକ୍ତି-ଏନ ଏଜୁକେଶନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ' ଦ୍ୱାରା ପରିଚାଳିତ ଏହି ଶିକ୍ଷାନୁଷ୍ଠାନ ଗୁଣାତ୍ମକ ଏବଂ ଯୁଗୋପଯୋଗୀ ଶିକ୍ଷା ପ୍ରଦାନ ଏବଂ ଛାତ୍ରଛାତ୍ରୀଙ୍କ ଜ୍ଞାନକୌଶଳର ବିକାଶ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

### ଯୁବ ରେଡକ୍ରସର ସଫେଇ ଅଭିଯାନ

**ଆସିକା,୬।୧୦(ସୁରେନ୍ଦ୍ର ନାଥ ସାହୁ)**

ଆସିକା ବିଜ୍ଞାନ କଲେଜ ଯୁବ ରେଡକ୍ରସ ପକ୍ଷରୁ ଶନିବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ସଫେଇ ଅଭିଯାନ ହୋଇଥିଲା । ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସର ସଫେଇ କରିଥିଲେ । କଲେଜ ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁବ ରେଡ଼କ୍ରସ ଉପଦେଷ୍ଟା ଅଧ୍ୟାପକ ରାଜେଶ କୁମାର ସାହୁ ଓ ଡ. ଅଜିତ କୁମାର ମୁନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଧ୍ୟକ୍ଷ ସ୍ୱେଚ୍ଛାସେବୀମାନଙ୍କୁ ସ୍ୱଚ୍ଛତାରେ ଭଗବାନ ନିବାସ ବୋଲି କହିବା ସହ ସ୍ୱଚ୍ଛତା ଦ୍ୱାରା ସକାରାତ୍ମକ ପରିବେଶ ସୃଷ୍ଟି ହେବ ବୋଲି ମତବ୍ୟକ୍ତ କରିଥିଲେ। ଯୁବ ରେଡକ୍ରସର ବହୁ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ସାମିଲ ଥିଲେ।

### କଲେଜରେ ସ୍ୱାଗତ ଉତ୍ସବ

**ଆସିକା,୬।୧୦(ସୁରେନ୍ଦ୍ର ନାଥ ସାହୁ)**

ଆସିକା ବ୍ଲକ କେନ୍ଦୁପଦରସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଶନିବାର ଯୁକ୍ତ୨ ଓ ଯୁକ୍ତ୩ ଶ୍ରେଣୀରେ ନାମ ଲେଖାଇଥିବା ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା । ବରିଷ୍ଠ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ହରିଶଙ୍କର ପାଣ୍ଡେ ଅଧ୍ୟକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରୀ ଅଭିଶେକ ବେହେରା, ଆର୍ଥିକ ଅଧିକାରୀ ରୁଦ୍ରମାଧବ ମହାନ୍ତି, ଶୈକ୍ଷିକ ଅଧିକାରୀ ଡ. କୁନା ସୁନା ଯୋଗଦେଇ ଛାତ୍ରୀଛାତ୍ର ଶୃଙ୍ଖଳିତ ଭାବେ ଅଧ୍ୟୟନ ପ୍ରତି ସଂକଳ୍ପବଦ୍ଧ ହୋଇପାରିଲେ ହିଁ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ କରିବାରେ ସଫଳ ହେବେ ବୋଲି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସିଲୁ ସେଠୀ ଓ ଅଜିତ କୁମାର ମୁଖି ପରିଚାଳନା କରିଥିଲେ ।

### ସବ୍‌ଟ୍ରେଜେରି କାର୍ଯ୍ୟାଳୟରେ କର୍ମଚାରୀ ନ ଥିବା ଦେଖି ବିଧାୟକ କ୍ଷୁବ୍ଧ

**ଦିଗପହଣ୍ଡି,୬।୧୦(ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ଶନିବାର ଦିଗପହଣ୍ଡି ସବ୍ ଟ୍ରେଜେରୀ କାର୍ଯ୍ୟାଳୟକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ କାର୍ଯ୍ୟାଳୟ ତାଲା ଖୋଲା ରହିଥିବା ବେଳେ କୌଣସି କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ବାବୁମାନଙ୍କ ଚେୟାର ସବୁ ଖାଲି ରହିଥିବା ଦେଖି ବିଧାୟକ କ୍ଷୁବ୍ଧ ହୋଇଥିଲେ। ଖବରପାଇ ବରିଷ୍ଠ କିରାଣି ନରେଶ ବେହେରା ପହଞ୍ଚିଥିଲେ ମଧ ବିଧାୟକଙ୍କ ବିଭିନ୍ନ ପ୍ରଶ୍ନର ଠିକ ଉତ୍ତର ଦେଇପାରି ନ ଥିଲେ। ସେ ଏନେଇ ଟ୍ରେଜେରୀ ଅଧିକାରୀଙ୍କ ସହ ମୋବାଇଲରେ କଥା ହୋଇ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ଜ୍ୟେଷ୍ଠଙ୍କ ଘରେ କ୍ରାଇମବ୍ରାଞ୍ଚ ଟିମ୍‌ର ତଦନ୍ତ

**ପୋଲିସ ହତ୍ୟା କରିଥିବା ଅଭିଯୋଗ**

**ଫୁଲବାଣୀ/ ଗୋଚ୍ଛାପଡ଼ା,୬।୧୦ (ରାକେଶ ରାଉତ/ ରୋହିତ କହଁର)**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ା ଥାନା ଡାଙ୍ଗଣାମୁ ଘାଟି ରାସ୍ତାରୁ ଗତ ୨୬ ତାରିଖରେ ମୃତଦେହ ଜବତ ହୋଇଥିଲା। ସେ ହେଲେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ବେହେରାପଡା ଗ୍ରାମର ଜ୍ୟେଷ୍ଠ ବଣ୍ଡକି। ତାଙ୍କୁ ପୋଲିସ ମାରିଦେଇଥିବା ନେଇ ତାଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି। ରବିବାର କ୍ରାଇମବ୍ରାଞ୍ଚ ତଦନ୍ତ ଦ୍ୱିତୀୟ ଦିନରେ ପହଞ୍ଚିଛି। କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ରଜତ ରୟ ଟିମ୍ ସହ ଜ୍ୟେଷ୍ଠ ମୃତଦେହ ଜବତ ହୋଇଥିବା ଡାଙ୍ଗଣାମୁ ନିକଟସ୍ଥ ସ୍ଥାନକୁ ଯାଇ ତଦନ୍ତ କରିଛନ୍ତି। ତାଙ୍କ ସହ ସାଇଣ୍ଟିଫିକ ଟିମ୍ ମଧ୍ୟ ଉପସ୍ଥିତ ଥିଲା। ପରେ ଟିମ୍ ଜ୍ୟେଷ୍ଠଙ୍କ ବୌଦ୍ଧ ଜିଲା କଣ୍ଟାମାଳ ଥାନା ବେହେରା ଗାଁସ୍ଥିତ ଘରକୁ ଯାଇ ପଚରାଉଚରା କରିଥିଲା। ମୃତକଙ୍କ ଆଧାର କାର୍ଡ ଓ ମୋବାଇଲ ଫୋନ ଟିମ୍ ଜବତ କରିଛି। ସୋମବାର ମୃତକଙ୍କ ସହ ଘଟଣା ବେଳେ ଉପସ୍ଥିତ ଥିବା ସାଙ୍ଗ ଦାଶରଥୀ ଦିଗାଲଙ୍କୁ ପଚରାଉଚରା କରାଯିବ ବୋଲି ଡିଏସ୍‌ପି ରୟ ସୂଚନା ଦେଇଛନ୍ତି। କ୍ରାଇମବ୍ରାଞ୍ଚର ଏହି ତିନିଜଣିଆ ଟିମ୍ ଶନିବାର ଗୋଚ୍ଛାପଡ଼ା ଥାନାରେ ତଦନ୍ତ ଆରମ୍ଭ କରି ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ, ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକଙ୍କ ସହ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ, ଜ୍ୟେଷ୍ଠ ତାଙ୍କର ସହଯୋଗୀ ଦାଶରଥୀଙ୍କ ସହ ଗତ ୨୬ ତାରିଖ ସକାଳ ୭ଟାରେ ଗୋଚ୍ଛାପଡ଼ା ଆସିଥିଲେ। ଦିନ ପ୍ରାୟ ସାଢ଼େ ୧୨ଟାରେ ତାଙ୍କ ସ୍ତ୍ରୀ ସୁମନ୍ତି ବଣ୍ଡକି ଫୋନ କରିବାରୁ ମୋତେ ପୋଲିସ ଧରିଛି କହି ଜ୍ୟେଷ୍ଠ ଫୋନ କାଟି ଦେଇଥିଲେ। ସମ୍ପର୍କୀୟମାନେ ଗୋଚ୍ଛାପଡା ଥାନାକୁ ପଚାରିବାରୁ ସେମାନେ କାହାରିକୁ ଗିରଫ କରି ନ ଥିବା କହିଥିଲେ। ସନ୍ଧ୍ୟାରେ ଥାନାକୁ ଯିବାରୁ ଗାଡି ଜବତ କରିଥିବା ପୋଲିସ କହିଥିଲା। ଦାଶରଥୀଙ୍କୁ ଧରି ସେମାନେ ପୋଲିସ ଅଟକାଇଥିବା ସ୍ଥାନକୁ ଯାଇ ଖୋଜାଖୋଜି କରିବାରୁ ଘାଟି ରାସ୍ତାରୁ ଜ୍ୟେଷ୍ଠଙ୍କ ମୃତଦେହ ମିଳିଥିଲା। ପୋଲିସ ଜ୍ୟେଷ୍ଠଙ୍କୁ ମାରି ଦେଇଥିବା ତାଙ୍କ ସ୍ତ୍ରୀ ସୁମନ୍ତି ଅଭିଯୋଗ କରିଥିଲେ। ଏନେଇ ରାଜ୍ୟ ସରକାର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# ବିଜେଡି ଜନସମ୍ପର୍କ ପଦଯାତ୍ରା




**ଦଶପଲ୍ଲା,୬।୧୦(ପ୍ରକାଶ କୁମାର ପାଣି)**

ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରବିବାର ବିଜେଡି ତରଫରୁ ଦଶପଲ୍ଲା ବ୍ଲକ ଏବଂ ଏନଏସିସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହାବୀର ମନ୍ଦିରଠାରେ ବିଜେଡି କର୍ମୀମାନେ ସମବେତ ହୋଇଥିଲେ । ସେଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ମେଳିଆ ତୋଟା ପର୍ଯ୍ୟନ୍ତ ଯାଇଥିଲା । ବହୁ ସଂଖ୍ୟାରେ ବିଜୁ ଜନତା ଦଳର କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା , ଦଶପଲ୍ଲା ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ,ଏନ୍‌ଏସି ଚେୟାରମ୍ୟାନ ପୁନମ ପ୍ରିୟଦର୍ଶିନୀ , ପୂର୍ବତନ ବ୍ଲକ ଚେୟାରମ୍ୟାନ ଉପେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଭାଜପା ସରକାରଙ୍କ ବିଭିନ୍ନ ବିଫଳତା ବିଷୟରେ ଲୋକମାନଙ୍କୁ ବିଧାୟକ ଏବଂ ବିଜେଡି କର୍ମୀମାନେ ବୁଝାଇଥିଲେ ।

# ୭ ଶିକ୍ଷକଙ୍କୁ ରାଷ୍ଟ୍ର ନିର୍ମାତା ସମ୍ମାନ ପ୍ରଦାନ




ଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି।

**ଛତ୍ରପୁର,୬।୧୦ (ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)**

ଛତ୍ରପୁର ରୋଟାରି କ୍ଲବ ପକ୍ଷରୁ ସବଳ ସମାଜ ଗଠନ ଦିଗରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୭ ଜଣ ଶିକ୍ଷକଙ୍କୁ ସମ୍ମାନଜନକ 'ରୋଟାରୀ ରାଷ୍ଟ୍ର ନିର୍ମାତା' ସମ୍ମାନ ପ୍ରଦାନ କରାଯାଇଛି। ଛତ୍ରପୁର ପିଲିବନ୍ଧ ରୋଡସ୍ଥିତ କ୍ଲବର ନିଜସ୍ୱ ପରିସରରେ ସଭାପତି ଡ. ବିମଳ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଜୟ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ସୁରଜିତ ସାମନ୍ତ ରାୟ, ସୁଜିତ ପଟ୍ଟନାୟକ, ଏସ ରେଖା ମହାନ୍ତି, ଏମ ଧନଞ୍ଜୟ ରେଡ୍ଡୀ, ସ୍ୱାଗତିକା ସାମନ୍ତରାୟ, ନିରଞ୍ଜନ ପାତ୍ର, ରାଜକିଶୋର ବଲ୍ଲଭ ମୁଖ୍ୟ ଅତିଥି ଓ ସମ୍ମାନିତ ଶିକ୍ଷକଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ୭ ଶିକ୍ଷୟତ୍ରୀ ଶିକ୍ଷକ ଦିଲ୍ଲୀପ କୁମାର ବେହେରା, ଜେ କୁର୍ମା ରାଓ, ପ୍ରତିମା ଦାଶ, ରଶ୍ମିତା ପଟ୍ଟନାୟକ, ଶିବାନୀ ଦାଶ, ଉଦୟରଶ୍ମି ଦାସ ଓ ସୁଦାମ ସଣ୍ଠାଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଓ ଗଛଚାରା ଦେଇ ସମ୍ମାନିତ କରିଥିଲେ। ସମ୍ପାଦକ ଦ୍ୱାରିକା ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବର ଚାର୍ଟର ସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, ଡମ୍ବରୁଧର ସାହୁ, ଏମ ବାସୁଦେବ ରାଓ, ଇ ନାଗେଶର ରାଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୈଠକ

**ଶେରଗଡ଼,୬।୧୦(ସୂର୍ଯ୍ୟ ନାରାୟଣ ଦାଶ)**

ଶେରଗଡ଼ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ସଂଘକୁ ସକ୍ରିୟ କରିବା ସହ ନିୟମିତ ସଂଘ ପରିଚାଳନା କରିବା ଓ ସମସ୍ତ କାର୍ଯ୍ୟକ୍ରମ ଶେରଗଡ଼ରେ କରିବାକୁ ନିଷ୍ପତ୍ତି ନିଆଯାଇଛି। ସଂଘର ବୃନ୍ଦାବନ ଦାଶ, ଗୌରହରି ସାବତଙ୍କ ସଞ୍ଚାଳନରେ ହୋଇଥିବା ଏହି ବୈଠକରେ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକ ଗିରିଜା ଶଙ୍କର ଷଡ଼ଙ୍ଗୀ, କର୍ମକର୍ତ୍ତା ଗଣେଶ ପଲେଇ, ରାମକୃଷ୍ଣ ଦାସ, ଉମାଚରଣ ସାମଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ମହାବୀର ପରିବାର ପକ୍ଷରୁ ନବରାତ୍ରି ପୂଜା

**ଶେରଗଡ଼,୬।୧୦(ସୂର୍ଯ୍ୟ ନାରାୟଣ ଦାଶ)**

ଶେରଗଡ଼ ନିକଟ ଆମ୍ବୁଆବାଡ଼ିଠାରେ ମହାବୀର ପରିବାର ପକ୍ଷରୁ ନବରାତ୍ରି ପୂଜା ଗତ ଦ୍ୱିତୀୟାଠାରୁ ଆରମ୍ଭ ହୋଇଯାଇଛି। କର୍ମକାଣ୍ଡ ବିଶାରଦ ତଥା ପୁରୋହିତ ଶିଶିର ଶର୍ମା କର୍ତ୍ତା ଭାବେ ଏହି ନବରାତ୍ରି ପୂଜା ପାଠ କରୁଛନ୍ତି। କୃଷ୍ଣଚନ୍ଦ୍ର ସାହୁ ପୂଜା ପରିଚାଳନା କରୁଛନ୍ତି। ପ୍ରତିଦିନ ଷୋଡ଼ଶ ଉପଚାର ପୂଜା ସାଙ୍ଗକୁ ଚଣ୍ଡୀପାଠ ହେଉଛି। ଦେବବ୍ରତ ତ୍ରିପାଠୀ ସହଯୋଗ କରୁଛନ୍ତି। ସେହିପରି ମା' କରଞ୍ଜେଇ ପୀଠରେ ନବରାତ୍ରି ପୂଜା ଆରମ୍ଭ ହୋଇଛି।

### ଭାଜପାର ସଦସ୍ୟ ସଂଗ୍ରହ ଅଭିଯାନ

**ଜି.ଉଦୟଗିରି,୬।୧୦(ଶିଶିର ପଟ୍ଟନାୟକ)**

ଜି.ଉଦୟଗିରି ଭାଜପା ତରଫରୁ ସହରରେ ସଦସ୍ୟ ସଂଗ୍ରହ ଅଭିଯାନ ଜାରି ରହିଛି। ଜିଲା ସାଧାରଣ ସଂପାଦକ ମାନଗୋବିନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରରେ ୨ ଶହରୁ ଊର୍ଦ୍ଧ୍ୱ ସଦସ୍ୟ ସଂଗ୍ରହ କରାଯାଇଛି। ବିକଶିତ ଓଡିଶାରେ ଭାଗିଦାରୀ ହେବା ପାଇଁ ସଦସ୍ୟତା ଗ୍ରହଣ ପାଇଁ ଦଳ ତରଫରୁ ଜନସାଧାରଣଙ୍କୁ କର୍ମକର୍ତ୍ତାମାନେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ମାୟା ବନ୍ଧୁ ପ୍ରଧାନ, ଜିଲା ସ୍ୱଚ୍ଛ ଭାରତ କୋ ଅର୍ଡିନେଟର ନବ କିଶୋର ପ୍ରଧାନ, ନାରୀନେତ୍ରୀ ସୁସ୍ମିତା ଜେନାଙ୍କ ସହିତ ପ୍ରଶାନ୍ତ ବଗର୍ତ୍ତୀ, ଅଭିମନ୍ୟୁ ପ୍ରଧାନ, ନାରାୟଣ ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ।

# ଶାରଦୀୟ ବନ୍ଧୁ ମିଳନ

**ଖଣ୍ଡପଡ଼ା,୬।୧୦(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ଅଞ୍ଚଳର ପ୍ରାଚୀନ ଶକ୍ତି ପୀଠ ଭାବେ ପରିଚିତ ମା'ପାଟଚଣ୍ଡୀ ପୀଠ ପରିସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା, ଭାପୁର, କଣ୍ଟିଲୋ, କୁମ୍ଭାରପଡା. ମର୍ଦ୍ଦରାଜପୁର ଓ କୋସକା ଅଞ୍ଚଳର କାର୍ଯ୍ୟରତ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣ ମାଧମର ୩୫ରୁ ଊର୍ଦ୍ଧ୍ୱ ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଖବରଦାତାମାନଙ୍କ ଭୂମିକା ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା । ଏହି ଅବସରରେ ନୂତନ ଗଣମାଧମର ପ୍ରତିନିଧିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା । ଦୀର୍ଘବର୍ଷ ଧରି ମା'ପାଟଚଣ୍ଡୀଙ୍କ ପୀଠଟି ଅବହେଳିତ ଅବସ୍ଥାରେ ପଡି ରହିଥିବାରୁ ଏ ନେଇ ଗଣମାମର ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ମା'ପାଟଚଣ୍ଡୀଙ୍କ ପୀଠ ପରିସରରେ ଉଜ୍ଜ୍ୱଳ ଆଲୋକୀକରଣ ଓ ପାନୀୟ ଜଳର ବ୍ୟବସ୍ଥା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଗଣମାମର ପ୍ରତିନିଧିମାନେ ମତ ଦେଇଥିଲେ । ବନ୍ଧୁ ମିଳନ କାର୍ଯ୍ୟକ୍ରମ ପରିଚାଳନାରେ ରବିନ୍ଦ୍ର ଚନ୍ଦ୍ର ବେହେରା, ସନ୍ତୋଷ କୁମାର ସାହୁ, ସରୋଜ କୁମାର ଚୌଧୁରୀ, ସମ୍ପିତ ଭୂଷଣ ସେନାପତି, ସଦାଶିବ ପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଚିତ୍ତ ରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ୩ ମହିଳା ଆହତ, ଅଟୋଚାଳକ ଗୁରୁତର

**ଅଟୋ ପଛକୁ ଧକ୍କା ଦେଲା ଟ୍ରକ**

**ଗୋପାଳପୁର,୬।୧୦(ନବୀନ ରାଜ ଆଚାରୀ)**

୧୬ ନଂ ଜାତୀୟ ରାଜପଥ ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ଅଟୋକୁ ପଛରୁ ଟ୍ରକ ଧକ୍କା ଦେଇଛି। ଫଳରେ ଅଟୋ ଓଲଟି ତିନି ଜଣ ଆହତ ହୋଇଛନ୍ତି। ଅଟୋ ଚାଳକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ସେ ହେଲେ ପଦ୍ମପୁର ଗ୍ରାମର ବିଜୟ ନାୟକ। ସାମାନ୍ୟ ଆହତ ହୋଇଥିବା ତିନି ଜଣ ମହିଳା ରଣ୍ଡା ହରିଜନ ସାହିର ବୋଲି ଜଣାପଡିଛି। ବ୍ରହ୍ମପୁର ପଟୁ ରଣ୍ଡା ହରିଜନ ସାହିକୁ ମହିଳା ଶ୍ରମିକମାନଙ୍କୁ ନେଇ ଅଟୋ (ନଂ. ଓଡି ୦୭ଏୟୁ-୬୬୭୮) ଯୋଗେ ଆସୁଥିଲା। ଏହି ସମୟରେ ରଣ୍ଡା ଛକ ନିକଟରେ ବୁଲାଣି ବେଳେ ସେ ସମୟରେ ଏକ ବୋଲେରୋ (ନଂ. ଓଡି ୦୨ଏଏନ୍-୮୫୭୩) ରାସ୍ତା ମଝିରେ ଛିଡା ହୋଇଥିଲା। ଏହି ସମୟରେ ଏକ ଟ୍ରକ (ନଂ. ଟିଏନ୍ ୪୬ଏସି-୨୯୨୨) ଆସି ପଛରୁ ଅଟୋକୁ ଧକ୍କା ଦେଇଥିଲା। ଅଟୋ ଭାରସାମ୍ୟ ହରାଇ ଛିଡା ହୋଇଥିବା ବୋଲରକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଅଟୋ ଚାଳକ ବିଜୟଙ୍କ ସହ ଅଟୋରେ ବସିଥିବା ତିନି ମହିଳା ଆହତ ହୋଇଥିଲେ। କିଛି ସମୟ ପାଇଁ ଜାତୀୟ ରାଜପଥ ଜାମ ହୋଇଯାଇଥିଲା। ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମବାହିନୀ ପହଞ୍ଚି ସେମାନଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲ ନେଇଥିଲା। ଗୋଳନ୍ଥରା ପୋଲିସ ପହଞ୍ଚି ରାସ୍ତାରେ ଅଟକି ରହିଥିବା ଗାଡ଼ିକୁ ହଟାଇଥିଲା। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନାହିଁ।

# ରେଳପଥ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣରେ ଅନିୟମିତତା

- ୮ କୋଟିରେ ଜମି କିଣିବା ପାଇଁ ପ୍ରଶାସନର ସହଯୋଗ
- ବାଣିଜ୍ୟ ପରିବହନ ବିଭାଗର ଅନୁମତି ମାଗିବା ପରେ ପ୍ରତିବାଦ
- ଆରଡିସିଙ୍କୁ ଫେରାଦ୍ ହେଲା ଭାରତୀୟ ବିକାଶ ପରିଷଦ

**ନୟାଗଡ଼,୬।୧୦(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ରେଳପଥ ପାଇଁ ଜମି ଅଧିଗ୍ରହଣରେ ଅନିୟମିତତା ପାଇଁ ଉଦ୍ୟମ ଚାଲିଥିବା ଅଭିଯୋଗ ହୋଇଛି । ସରକାରଙ୍କ ଜମିକୁ କିଣିବା ପାଇଁ ବାଣିଜ୍ୟ ପରିବହନ ବିଭାଗକୁ ଜିଲା ପ୍ରଶାସନର ଚିଠି ପରେ ପ୍ରତିବାଦ ଉଠିଛି । ଏନେଇ ଭାରତୀୟ ବିକାଶ ପରିଷଦ ଆରଡିସିଙ୍କୁ ଫେରାଦ୍ ହୋଇ ସରକାରୀ ଜମି ନ କିଣିବାକୁ ଅନୁରୋଧ କରାଯାଇଛି । ଅନ୍ୟପକ୍ଷେ ଏନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଅନୁରୂପ ଭାବେ ଅବଗତ କରାଯାଇଛି । ଏନେଇ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ କୁହନ୍ତି, ଦଶପଲ୍ଲା ବୁଗୁଡା କଲୋନୀର ବାଉରୀବନ୍ଧୁ ସୁବୁଦ୍ଧି ଓ ରାଜି ବେୱା ୩ ଏକର ଲେଖାଏଁ ୬ ଏକର ସରକାରୀ ଜମି ଦଖଲରେ ଥିଲେ । ପରେ ଉଭୟେ ନିଜ ନାଁରେ ଅସ୍ଥାୟୀ ପଟ୍ଟା କରିଥିଲେ । ତେବେ ଅସ୍ଥାୟୀ ପଟ୍ଟା ଯୋଗୁ ୧୯୮୫ ସେଟଲମେଣ୍ଟରେ ୬ ଏକର ଜମି ଅନାବାଦୀ ହୋଇ ସରକାରୀ ଜମିକୁ ଫେରିଥିଲା । ପରେ ୨୦୨୨ ସେଟଲମେଣ୍ଟରେ ଉଭୟ ଆବେଦନ କରିବା ପରେ ତହସିଲଦାର ପଟ୍ଟା କରାଇଥିବା ଜଣାପଡିଛି। ତେବେ ଜମି ଅଧିଗ୍ରହଣ ସମୟରେ ତଦନ୍ତରୁ ଜଣାପଡିଲା ଅଧିଗ୍ରହଣ ହେବାକୁ ଥିବା ଜମିର ମାଲିକ ସରକାର । ଯେଉଁ ୨ଜଣଙ୍କ ନାମରେ ଅସ୍ଥାୟୀ ପଟ୍ଟା ଓ ସ୍ଥାୟୀ ପଟ୍ଟା ରହିଛି ତାହା ଠିକ୍ ନୁହେଁ । ସରକାରଙ୍କ ମାଲିକାନାରେ ଜମି ଅଧିଗ୍ରହଣ ହୋଇ ପାରିବ ନାହିଁ । ସଂପୃକ୍ତ ଜମିକୁ ଜଣେ ଜିଲାପାଳ ବିବାଦୀୟ କହିଥିବାବେଳେ ଆଉ ଜଣେ ଜିଲାପାଳ ଠିକ କହି କିଣିବା କେତେଦୂର ଗ୍ରହଣୀୟ ବୋଲି ପ୍ରଶ୍ନ କରାଯାଇଛି। ଏଣୁ ସରକାରୀ ଜମିକୁ ୮ କୋଟିରେ ଅଧିଗ୍ରହଣ ନ କରିବାକୁ ଅନୁରୋଧ କରାଯାଇଛି ।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ଚକାପାଦ,୬।୧୦(ପ୍ରତାପ କିଶୋର ବେହେରା)**

ଶଙ୍କରାଖୋଲ ନିକଟସ୍ଥ ଶାଳବଣରେ ରବିବାର ୨୦୦୫ ମସିହା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କର ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଏହିଅବସରରେ ପୁରାତନ ସହପାଠୀମାନେ ଏକାଠି ହୋଇ ପୁରୁଣା ଦିନର ସ୍ମୃତିକୁ ମନେ ପକାଇଛନ୍ତି। କାର୍ଯ୍ୟକ୍ରମଟି ଆଶିଷ ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ପୁରାତନ ଛାତ୍ର ଶିବାନନ୍ଦ ସାହୁ, କାହ୍ନୁ ଚରଣ ସାହୁ, ବିଷ୍ଣୁ ପ୍ରସାଦ ବେହେରା, ରାଜେଶ ବେହେରା, ଅନନ୍ତ କହଁର, ନକୁଳ କହଁର, ଜୟଦେବ କହଁର, ଯୋଶବନ୍ତ ପ୍ରଧାନ, ଲମ୍ବୋଦର ଦିଗାଲ ଏବଂ ସୁଧୀର କହଁରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଚକ୍ଷୁଦାନ କଲେ ପରିବାର ଲୋକେ**

**ଦିଗପହଣ୍ଡି,୬।୧୦(ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବି.କ୍ରିଷ୍ଣା ରାଓ ସୁବୁଦ୍ଧିଙ୍କ ରବିବାର ସକାଳ ସାଢେ ୮ଟାରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ସ୍ତ୍ରୀ ବି.ସନ୍ଧ୍ୟାରାଣୀ ସୁବୁଦ୍ଧି ବର୍ତ୍ତମାନ ସରପଞ୍ଚ ଅଛନ୍ତି। କ୍ରିଷ୍ଣା ସକାଳେ ପ୍ରାତଃ ଭ୍ରମଣ ସାରି ସ୍ଥାନୀୟ ବଜାରରେ କିଛି ସମୟ କଟାଇ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ତାଙ୍କ ଛାତିରେ ଯନ୍ତ୍ରଣା ହେଉଥିବା କହି ସ୍ତ୍ରୀଙ୍କୁ ଗରମ ପାଣି ଆଣିଦେବାକୁ କହିଥିଲେ। ପାଣି ପିଇବା ପରେ ତାଙ୍କ ଉପରେ ଟଳି ପଡ଼ିଥିଲେ। ତାଙ୍କୁ ସାହି ପଡୋଶୀ ଅଚେତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପ୍ରଚାର ହେବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିଗପହଣ୍ଡି ସହର ସମେତ ଆଖପାଖ ଅଞ୍ଚଳରୁ ଲୋକଙ୍କ ଭିଡ ଲାଗିଥିଲା। ତାଙ୍କ ସମ୍ମାନାର୍ଥେ ଗ୍ରାମର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଖବରପାଇ ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ରଙ୍କ ସମେତ ବ୍ଲକ ଓ ଜିଲାର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରିବାର ଲୋକେ ତାଙ୍କ ଚକ୍ଷୁଦାନ କରିଛନ୍ତି। ବ୍ରହ୍ମପୁର ବଡ ଡାକ୍ତରଖାନା ଚକ୍ଷୁବିଭାଗ ଡାକ୍ତରୀ ଟିମ୍ ତାଙ୍କ ବାସଭବନରେ ପହଞ୍ଚି ଚକ୍ଷୁ ସଂଗ୍ରହ କରିଥିଲେ। ଅପରାହ୍ନରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସେ ପୂର୍ବରୁ ଜିଲା ପରିଷଦ ସଦସ୍ୟ ନିର୍ବାଚିତ ହେବା ସହ ୩ ଥର ସରପଞ୍ଚ ଥିଲେ। ସେ ଗ୍ରାମର ବହୁ ଅନୁଷ୍ଠାନ ସହ ଜଡ଼ିତ ଥିଲେ।

### ଭିଡ ନିୟନ୍ତ୍ରଣ ପାଇଁ ଉଠାଦୋକାନୀଙ୍କୁ ଉଚ୍ଛେଦ

**ଦାରିଙ୍ଗବାଡି, ୬।୧୦ (ଅରୁଣ ସାହୁ )**

କନ୍ଧମାଳ ଜିଲାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଦାରିଙ୍ଗବାଡିରେ ଶାରଦୀୟ ଛୁଟି ପାଇଁ ପ୍ରବଳ ଭିଡ଼ ଆରମ୍ଭ ହୋଇଗଲାଣି। ଜାତୀୟ ରାଜପଥ କଡ଼ରେ ଉଠାଦୋକାନୀଙ୍କ ଭିଡ଼ ଯୋଗୁ ଦାରିଙ୍ଗବାଡିର ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହୋଇପଡିଛି। ଏଥିରେ ସୁଧାର ଆଣିବାକୁ ବିଡିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର, ଆଇଆଇଆସି ରମେଶ ପ୍ରଧାନ, ଏସ୍‌ଆଇ ଜୟନ୍ତ ସେଠୀ ପ୍ରମୁଖ ଦାରିଙ୍ଗବାଡିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମୁଖ୍ୟ ଫାଟକଠାରୁ ଆରମ୍ଭ କରି ତିନିଛକ ମଧ୍ୟରେ ରହିଥିବା ଉଠାଦୋକାନୀଙ୍କୁ ଉଠାଇ ଜାତୀୟ ରାଜପଥ ଛାଡି ଅନ୍ୟତ୍ର ବ୍ୟବସାୟ କରିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ସୁଭଦ୍ରା ଯୋଜନାରେ ଆବେଦନ କରିବାକୁ ଏଠାକୁ ବ୍ଲକର ବିଭିନ୍ନ ସ୍ଥାନରୁ ମହିଳାମାନେ ବ୍ୟାଙ୍କକୁ ଆସୁଥିବାରୁ ସହରରେ ଭିଡ଼ ମଧ ହେଉଛି।

### ପିପୁଲ୍ସ କଲେଜ ପ୍ରାଣୀ ବିଜ୍ଞାନ ବିଭାଗରେ ସ୍ୱାଗତ ଉତ୍ସବ

**ବୁଗୁଡ଼ା,୬।୧୦(କାଳିଚରଣ ଦାଶ)**

ପିପୁଲ୍ସ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ଅକ୍ଷୟ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରିଚାଳନା ସମିତି ସଭାପତି ରଜନୀକାନ୍ତ ଭଞ୍ଜ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରଦୀପ କୁମାର ଦାଶ, ଆମ୍ର ପ୍ରକାଶ ନାୟକ, ହିମାଂଶୁ ଶେଖର ରଥ, ସୁଶାନ୍ତ କୁମାର ସାହୁ, ଅଧ୍ୟାପିକା ମଧୁସ୍ମିତା ପ୍ରଧାନ, କ୍ରୀଡା ଶିକ୍ଷକ କ୍ରିଷ୍ଣାରାଓ ପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିବା ସହ କଲେଜର ନୀତିନିୟମ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ନବାଗତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଭାଗୀୟ ଅନୁଶାସନ ସମ୍ପର୍କରେ ଅବଗତ କରାଇଥିଲେ। ବିଭାଗୀୟ ଡେମୋନଷ୍ଟ୍ରେଟର୍ ରାମକୃଷ୍ଣ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଯତନ ନାୟକ ସହଯୋଗ କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା କ୍ରିଷ୍ଣା କୁମାରୀ ବାର୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ସ୍ମୃତି ସୁଚରିତା ନାୟକ ସ୍ୱାଗତ ଭାଷଣ ଓ ଶେଷରେ ଛାତ୍ରୀ ଯାଜ୍ଞସେନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ନଦୀର ଭ୍ରମ ସୃଷ୍ଟି କରୁଛି ରାସ୍ତା



ମରଣଯନ୍ତା ପାଲଟିଥିବା ସିମନବାଡ଼ି-ସିକକେତା ରାସ୍ତା।

**ଦାରିଙ୍ଗବାଡ଼ି,୬।୧୦ (ଅରୁଣ ସାହୁ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ିଠାରୁ ରାଇକିଆ ପର୍ଯ୍ୟନ୍ତ ପ୍ରାୟ ୨୫ କି.ମି. ରାସ୍ତାରୁ ସିମନବାଡିଠାରୁ ସିକକେତା ଗ୍ରାମ ପର୍ଯ୍ୟନ୍ତ ୧୫ କି.ମି. ରାସ୍ତା ମରଣଯନ୍ତା ପାଲଟିଛି। ରବିବାର ଲଘୁଚାପଜନିତ ବର୍ଷା କାରଣରୁ ରାସ୍ତାରେ ଥିବା ଖାଲଖମାରେ ପାଣି ଜମି ନଦୀର ଭ୍ରମ ସୃଷ୍ଟି କରିଛି। ଲୋକଙ୍କ ଯାତାୟାତରେ ସମସ୍ୟା ହୋଇଛି। ଗତ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଉକ୍ତ ରାସ୍ତାରେ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ କାର୍ଯ୍ୟ ଅବଧି ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ସରିଲାଣି। ତଥାପି ସମ୍ପ୍ରସାରଣ କାର୍ଯ୍ୟ ଶେଷ କରିପାରିନି ପୂର୍ତ୍ତ ବିଭାଗ। ବିଭାଗୀୟ ଅବହେଳା ଯୋଗୁ କାର୍ଯ୍ୟ ଶେଷ ହୋଇପାରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତାରେ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟି ଧନଜୀବନ ହାନି ହେଉଛି। ଏନେଇ ବିଭାଗ ବାରମ୍ବାର ଠିକା ସଂସ୍ଥାକୁ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେବା ସହ କାରଣ ଦର୍ଶାଅ ନୋଟିସ ଦେଇଥିବା କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ କିଶୋର ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ ରାସ୍ତା କାମ ଶୀଘ୍ର ନ ସାରିଲେ ସିକକେତା ସମେତ ବାଡାବାଙ୍ଗା ପଞ୍ଚାୟତବାସୀ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଥିବା ଯୁବ ମହାସଂଘ ଓ ଅନ୍ୟ ଯୁବ ସଙ୍ଗଠନର କର୍ମକର୍ତ୍ତା କହିଛନ୍ତି।

ଯାଜପୁର ରୋଡ୍ ଷ୍ଟେଶନ

# ଡିଭିଜନ ମାନ୍ୟତାକୁ ଅଣଦେଖା

ଯାଜପୁର,୬।୧୦ (ହର୍ଷବର୍ଦ୍ଧନ ବେହେରା)




ଯାଜପୁର-କେନ୍ଦୁଝରରୋଡ୍ ଷ୍ଟେଶନକୁ ସ୍ୱତନ୍ତ୍ର ରେଳ ଡିଭିଜନ ମାନ୍ୟତା ଦାବି ଦୀର୍ଘ ବର୍ଷ ପୁରୁଣା। ବିଭିନ୍ନ ସଂଗଠନ ପକ୍ଷରୁ ଏନେଇ ଦାବି ଆନ୍ଦୋଳନ ହୋଇଆସୁଥିଲେ ହେଁ କୌଣସି ସୁଫଳ ମିଳିପାରୁନାହିଁ। କେନ୍ଦ୍ର ସରକାର ଯାଜପୁର ଜିଲାର କଳିଙ୍ଗନଗରକୁ ଏସିଆର ବୃହତ୍ ଶିଳ୍ପହବ୍ କରିବାକୁ ଯୋଜନା ରଖିଛନ୍ତି। କାରଣ ଜିଲାରେ ବିପୁଳ କ୍ରୋମାଇଟ ଓ ଅନ୍ୟ ଖଣିଜ ସମ୍ପଦ ଭରପୂର ରହିଛି। ଏହାବାଦ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳ ରହିଛି। ଏବେ ଜିଲାରେ ୪ ଜଙ୍କ୍ସନ ଓ ୨୧ ରେଳଷ୍ଟେଶନ ରହିଛି। ସେହିପରି ଯାଜପୁର ରୋଡ୍ ଷ୍ଟେଶନଠାରୁ ବିରଜାକ୍ଷେତ୍ର ଦେଇ ଧାମରା ଏବଂ ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ଦେଇ ଯଶିପୁରକୁ ନୂତନ ରେଳଲାଇନ୍ ପ୍ରକଳ୍ପ ପ୍ରସ୍ତାବ ରହିଛି। ଏହାବାଦ ଅନୁଗୋଳ-ସୁକିନ୍ଦାରୋଡ, ହରିଦାଶପୁର-ପାରାଦୀପ, ଯଖପୁରା-ବାଁଶପାଣି ଇତ୍ୟାଦି ରେଲୱେ ଲାଇନ ନିର୍ମାଣ ପ୍ରାୟ ସରିଛି। ଯଖପୁରା ରେଳଷ୍ଟେଶନ ନିକଟରେ ରେଲୱେର ପ୍ରାୟ ୫ ହଜାର ଏକର ଜମି ପଡ଼ିଆ ପଡ଼ିଛି। ତେଣୁ କଳିଙ୍ଗନଗର ଶିଳ୍ପାଞ୍ଚଳ ଏବଂ ପଡ଼ୋଶୀ ଜିଲାରେ ରହିଥିବା ଧାମରା ଓ ପାରାଦୀପ ବନ୍ଦର ସହ ବାଣିଜ୍ୟିକ କାରବାର ବୃଦ୍ଧି ପାଇଁ ଏହି ଡିଭିଜନର ଆବଶ୍ୟକତା ରହିଛି ବୋଲି ଦାବି ଏବେ ଜୋର ଧରିଛି।

ସୂଚନାଥାଉ କି ଯାଜପୁର-କେନ୍ଦୁଝରରୋଡ୍ ରେଳଷ୍ଟେଶନରେ ଆବଶ୍ୟକ ଭିତ୍ତିଭୂମି ରହିଥିଲେ ହେଁ ରେଳ ଡିଭିଜନ ଦାବି ପୂରଣ ହୋଇପାରୁନାହିଁ। ଉତ୍ତର ଓଡ଼ିଶାରେ ଯାଜପୁର ଦେଇଯାଇଥିବା ରେଳପଥ ଦୀର୍ଘତମ। ସେହିପରି ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ରେଳଷ୍ଟେଶନ ଓ ନିର୍ମାଣାଧୀନ ଷ୍ଟେଶନ ରହିଛି। ୭ଟି ଗୁଡ୍ସ ଶେଡ୍ ଏଠାରେ କାର୍ଯ୍ୟ କରୁଛି। ଯାଜପୁର ହାଓଡା-ଚେନ୍ନାଇ ମୁଖ୍ୟଲାଇନ ସହିତ ଯଖପୁରା-ନୟାଗଡ଼, ହରିଦାଶପୁର-ପାରାଦୀପ, ଅନୁଗୋଳ-ସୁକିନ୍ଦା, ଟମକା-ଦୈତାରୀ ଏବଂ ସୁକିନ୍ଦା-ଯାଜପୁରରୋଡ୍ ଆଦି ରେଳପଥ ରହିଛି।

ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା କୁହନ୍ତି, ବର୍ତ୍ତମାନ ଯାଜପୁର ରୋଡ-ଧାମରା ରେଳପଥ ନିର୍ମାଣ ପାଇଁ ଜୋରସୋର ଉଦ୍ୟମ ଜାରି ରହିଛି। ଏହା ପ୍ରାୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହାବାଦ୍ ଯାଜପୁର ରୋଡ୍ ଷ୍ଟେଶନକୁ ଅପ୍‌ଗ୍ରେଡ ମାନ୍ୟତା ଦେବାକୁ ସୁପାରିସ କରାଯାଇଛି। ସେଠାରେ ଦୁଇଟି ଓଭରବ୍ରିଜ୍ ଓ ଗଳିପୋଲ ନିର୍ମାଣ କରିବାକୁ ଅନୁରୋଧ କରାଯାଇଛି। ସେହିପରି ଡିଭିଜନ ମାନ୍ୟତା ପାଇଁ ମଧ୍ୟ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ କୁହନ୍ତି, ଯାଜପୁର ରୋଡ୍ ଷ୍ଟେଶନକୁ ଡିଭିଜନ ମାନ୍ୟତା ପାଇଁ ସମସ୍ତ ଭିତ୍ତିଭୂମି ରହିଛି। ଏଥିପାଇଁ ପରିଷଦ ପକ୍ଷରୁ ୪।୯।୨୦୨୪ରେ ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଭବିଷ୍ୟତରେ ଏହି ଷ୍ଟେଶନ ଏକ ଜଙ୍କଶନ ରୂପ ନେବାକୁ ଯାଉଛି। ତେଣୁ ଆଗାମୀ ଦିନରେ ଏହି ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି।

## ରେଳ ବିକାଶ କ୍ଷେତ୍ରରେ ଅବହେଳା

ଯାଜପୁର ଜିଲାକୁ ରେଳ ବିକାଶ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅବହେଳା କରାଯାଇଛି ବୋଲି ଅଭିଯୋଗ ହୋଇଆସୁଛି। ପୂର୍ବତଟ ରେଳପଥ ପକ୍ଷରୁ ଯାଜପୁରରୋଡ୍‌ରୁ ଧାମରା ପର୍ଯ୍ୟନ୍ତ ରେଳପଥ ନିର୍ମାଣ କରିବାକୁ ମଞ୍ଜୁର ହୋଇସାରିଛି। ହେଲେ ଟ୍ରାଫିକ ତଥ୍ୟ ଏଯାଏ ନ ମିଳିବାରୁ ଯାଜପୁର ରୋଡ୍‌ଠାରୁ ଯଶିପୁର ୧୫୧.୫୭୦ କି.ମି. ବିଶିଷ୍ଟ ନୂତନ ରେଳପଥ ପ୍ରସ୍ତାବରେ ଅଟକିଛି। ଯାଜପୁରରୋଡ ରେଳଷ୍ଟେଶନ 'ଏ' ବର୍ଗ ସତ୍ତ୍ୱେ ଅବହେଳିତ ହୋଇ ପଡ଼ିରହିଛି। ଏହାର ସମସ୍ତ ୫ଟି ପ୍ଲାଟଫର୍ମରେ ସମ୍ପୂର୍ଣ୍ଣ ଛାତ ଓ କେତେକ ଏକ୍ସପ୍ରେସର ରହଣି ଇତ୍ୟାଦି ଦାବି ହୋଇ ଆସୁଥିଲେ ହେଁ କିଛି ସୁଫଳ ମିଳି ପାରୁନାହିଁ। ଦେଶର ବିଭିନ୍ନ ସ୍ଥାନରୁ ବହୁ ଲୋକ ଏଠାକୁ ନିଯୁକ୍ତି ଓ ବ୍ୟବସାୟ ପାଇଁ ଯିବାଆସିବା କରିଥାନ୍ତି। ଏହି ଷ୍ଟେଶନରୁ ବାର୍ଷିକ ୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରେଲ୍‌ୱେ ଆୟ କରୁଛି। ହେଲେ ବିଡ଼ମ୍ବନା ଯେ, ଏ ପର୍ଯ୍ୟନ୍ତ ଆବଶ୍ୟକ ସୁବିଧା ସୁଯୋଗରୁ ଏହି ଷ୍ଟେଶନ ବଞ୍ଚିତ ରହିଛି। ଏହି ରେଳଷ୍ଟେଶନ ମଝିରେ ଏକ ଗୁଡ୍ସ ଶେଡ୍ ରହିଥିବାରୁ ଅଞ୍ଚଳବାସୀ ପ୍ରଦୂଷଣର ଶିକାର ହେବା ସହ ଟ୍ରାଫିକ ସମସ୍ୟାରେ ରୁନ୍ଧି ହେଉଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ଏହାର ସ୍ଥାନାନ୍ତର କରିବାକୁ ଦାବି କରିଆସୁଥିଲେ ବି କିଛି ସୁଫଳ ମିଳିପାରୁନାହିଁ। ଯାଜପୁର ରୋଡ୍ ରେଳଷ୍ଟେଶନକୁ ରେଳଡିଭିଜନ ମାନ୍ୟତା ଦେବାକୁ ଅଞ୍ଚଳବାସୀ ପୋଷ୍ଟକାର୍ଡ ଦସ୍ତଖତ ଅଭିଯାନ, ରେଳରୋକୋ, ଧାରଣା ଇତ୍ୟାଦି କରି ଆସୁଛନ୍ତି। ଏହି ଦାବିଗୁଡ଼ିକ ଉପରେ କେନ୍ଦ୍ର ସରକାର ଆଦୌ ଧ୍ୟାନ ଦେଇ ନ ଥିବାରୁ ଜିଲାବାସୀଙ୍କ ସମେତ ଯାଜପୁର-ଧାମରା ରେଳପଥ ସଂଯୋଗ କ୍ରିୟାନୁଷ୍ଠାନ କମିଟି, ବିରଜାକ୍ଷେତ୍ର ବିକାଶ ମଞ୍ଚ, ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ସମିତି, ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ପରିଷଦ, ଯୁବ ସଚେତନ ନାଗରିକ ମଞ୍ଚ ଆଦି ଅନୁଷ୍ଠାନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଦିଲୀପ


@ ଶିଖା


@ ଶ୍ରୀକାନ୍ତ


@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପାଣିରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ରାଜନଗର, ୬।୧୦(ଭାସ୍କର ରାଉତରାୟ)



ରାଜନଗର ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଗୋବିନ୍ଦପୁର ଗାଁର ଅଚ୍ୟୁତାନନ୍ଦ ରାଉତଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ରାଉତ (୪୮) ଶନିବାର ସନ୍ଧ୍ୟାରେ ନିଜ ବାଡ଼ିପଟରେ ଥିବା ଯୋରକୁ ଶୌଚ ହେବାକୁ ଯାଇଥିବାବେଳେ କୌଣସି କାରଣବଶତଃ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ଜ୍ୟୋତ୍ସ୍ନାରାଣୀଙ୍କୁ ନ ପାଇ ରାତିରେ ଚାରିଆଡେ ଖୋଜାଖୋଜି କରିଥିଲେ। ରବିବାର ସକାଳେ ନିଜ ବାଡ଼ିପଟ ଯୋରରେ ଭାସୁଥିବା ଦେଖିଥିଲେ। ଯୋରରୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଷ୍ଟମର୍ଟମ ପରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏ ନେଇ ରାଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜ୍ୟୋତ୍ସ୍ନାରାଣୀଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି।

## ବାଡ଼ବୁଜି ସର୍ବସାଧାରଣ ରାସ୍ତା ଅବରୋଧ

ପାଣିକୋଇଲି,୬।୧୦(ବିକାଶ ମଲ୍ଲିକ):

**ଥାନାରେ ଅଭିଯୋଗ କଲେ ଜନପ୍ରତିନିଧି, ଗ୍ରାମବାସୀ**

କୋରେଇ ବ୍ଲକ୍ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ବାଡ଼ ବୁଜି ସର୍ବସାଧାରଣ ରାସ୍ତାକୁ ବନ୍ଦ କରାଯାଇଛି। ଏନେଇ ପଞ୍ଚାୟତର ଜନପ୍ରତିନିଧି ଓ ଗ୍ରାମବସୀ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଗ୍ରାମର ରାମଚନ୍ଦ୍ର ପଣ୍ଡା, ସନ୍ତୋଷ କୁମାର ପଣ୍ଡା, ରମଶେ ଚନ୍ଦ୍ର ପଣ୍ଡା ପ୍ରମୁଖ ପଡ଼ିଶାଙ୍କୁ ମାରପିଟ କରି ଉକ୍ତ ରାସ୍ତାକୁ ୪ମାସରୁ ଊର୍ଦ୍ଧ୍ୱ ହେବ ବନ୍ଦ କରି ରଖିଛନ୍ତି। ଫଳରେ ଧନତ୍ରୀ, ରଣପାଳ ଗ୍ରାମବାସୀ, ମହନ୍ତ ସାହି, ଦଳିତ ସାହି ଓ ବ୍ରାହ୍ମଣ ଶାସନ ସାହିର ଲୋକମାନଙ୍କୁ ଯାତାୟତ ବନ୍ଦ ହୋଇଯାଇଛି। ମନ୍ଦିର, ସ୍କୁଲ୍ ଓ ଅଂଗନୱାଡି ସହ ଶୌଚପାଇଁ ନଦୀକୁ କେହି ଯାତାୟାତ କରିପାରୁନାହାନ୍ତି। ଏହି ରାସ୍ତାଟି କଂକ୍ରିଟ ହୋଇଥିଲେ ବି ସର୍ବସାଧାରଣ ଯାତାୟାତକୁ ବାରଣ କରାଯାଇଛି। ସର୍ବସାଧାରଣ ରାସ୍ତାକୁ ମୁକ୍ତ କରିବା ପାଇଁ ସରପଞ୍ଚ ଜୟନ୍ତ ନାୟକ, ସମିତିସଭ୍ୟ ମଧୁସୂଦନ ନନ୍ଦୀ, ନାଏବ ସରପଞ୍ଚ ପାର୍ବତୀ ସାହୁ, ୱାର୍ଡ ସଭ୍ୟ ଅନ୍ନପୂର୍ଣ୍ଣା ପଣ୍ଡାଙ୍କ ସମେତ ଗୋବିନ୍ଦପୁର ଗ୍ରାମବାସୀ ପାଣିକୋଇଲି ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।


ରାସ୍ତାରେ ବାଡ଼ ବୁଜା ଯାଇଛି।

## ସଞ୍ଜୟ ନଗରରେ ୭ରୁ ଊର୍ଦ୍ଧ୍ୱ କିଡ୍‌ନୀ ରୋଗୀ

### ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ ଟିମ

ଚଣ୍ଡିଖୋଲ,୬।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସଞ୍ଜୟ ନଗର ଗ୍ରାମରେ ପାନୀୟ ଜଳର ସମସ୍ୟା ଯୋଗୁ କିଡ୍‌ନୀ ରୋଗ ବୃଦ୍ଧିପାଉଛି। ବର୍ତ୍ତମାନ ଏହି ଗ୍ରାମରେ ୭ରୁ ଊର୍ଦ୍ଧ୍ୱ କିଡ୍‌ନୀ ରୋଗୀ ଚିହ୍ନଟ ହୋଇଛନ୍ତି। ଏ ସମ୍ପର୍କରେ ଖବର ପାଇବା ପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ଗ୍ରାମରେ ପହଞ୍ଚି ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି କି, ଏଠାରେ ୫୦ରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ସମସ୍ତେ ଗୋଟିଏ ନଳକୂପ ଉପରେ ନିର୍ଭର କରନ୍ତି। ଏହି ନଳକୂପ ପାଣି ପିଇବା ଯୋଗୁ କିଡ୍‌ନୀ ରୋଗ ବୃଦ୍ଧି ପାଉଛି। ପୂର୍ବରୁ ୫ରୁ ଊର୍ଦ୍ଧ୍ୱ ଲୋକ ଏହି ରୋଗରେ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶିବାଶିଷ ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି, ଆମେ ଖବର ପାଇ ଏକ ଟିମ୍ ଗ୍ରାମକୁ ପଠାଇଛୁ। ସେମାନେ ପରୀକ୍ଷା କରି ଔଷଧ ବଣ୍ଟନ କରିବେ। ତେବେ ଖାଦ୍ୟ କିମ୍ବା ପାଣି ଯୋଗୁ ଏହା ହୋଇଛି କି ନାହିଁ ପରୀକ୍ଷା ପରେ ଜଣା ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି।

## ସାପ କାମୁଡ଼ାରେ ଆଶାକର୍ମୀଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ, ୬।୧୦(କଳ୍ପତରୁ ନାୟକ) : ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ନଳଡ଼ଳିଆ ଗାଁର ଲଳିତା ସେଠୀଙ୍କୁ ଶନିବାର ରାତିରେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ଚିକିତ୍ସା ପାଇଁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ଲଳିତା ନଳଡ଼ଳିଆ ଗାଁରେ ଆଶାକର୍ମୀ ଭାବେ କାମ କରୁଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଟ୍ରକ୍ ଧକ୍କାରେ ଷଣ୍ଢ ମୃତ

ପାଣିକୋଇଲି, ୬।୧୦(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଶନିବାର ରାତିରେ ଏକ ଟ୍ରକ ଧକ୍କାରେ ଷଣ୍ଢର ମୃତ୍ୟୁ ହୋଇଛି। ପେଟ୍ରୋଲ ପମ୍ପ ସାମ୍ନାରେ ଷଣ୍ଢ ରାସ୍ତା ଅତିକ୍ରମ କରୁଥିବାବେଳେ ପାଣିକୋଇଲି ପଟୁ ଏକ ଦ୍ରୁତଗାମୀ ଟ୍ରକ ତାକୁ ଧକ୍କା ଦେବା ସହିତ କିଛି ବାଟ ଘୋଷାଡ଼ି ନେଇଥିଲା। ଫଳରେ ଷଣ୍ଢର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟ ଷଣ୍ଢକୁ ଟ୍ରକ୍ ତଳୁ ବାହାର କରିଥିଲେ।

## କମେଣ୍ଟମରାରୁ ୨ ଗୋଷ୍ଠୀ ଭିତରେ ଗଣ୍ଡଗୋଳ, ୧୦ କୋର୍ଟ ଚାଲାଣ

ପଟ୍ଟାମୁଣ୍ଡାଇ, ୬।୧୦(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ବଡ଼ମୋହନପୁର ହରିଜନ ସାହିରେ କମେଣ୍ଟମରାକୁ କେନ୍ଦ୍ରକରି ଶନିବାର ରାତିରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ୍‌କୁ ନେଇ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ ପରେ ମାମଲା ନଂ. ୪୭୫/୨୪ ଓ ୪୭୬/୨୪ରେ ୨ଟି ମାମଲା ରୁଜୁ କରି ଉଭୟ ପକ୍ଷରୁ ୧୦ ଜଣଙ୍କୁ ଗିରଫ ପରେ ରବିବାର ପଟ୍ଟାମୁଣ୍ଡାଇ କୋର୍ଟ ଚାଲାଣ ହୋଇଥିବା ଆଇଆଇସି ପଦ୍ମାଳୟା ପ୍ରଧାନ କହିଛନ୍ତି।

ବଡ଼ମୋହନପୁର ଗାଁରେ ଶନିବାର ରାତିରେ କମେଣ୍ଟମରାକୁ କେନ୍ଦ୍ରକରି ବଡ଼ଧରଣର ଗଣ୍ଡଗୋଳ ଘଟିଯାଇଛି। ଏଥିରେ ଉଭୟ ପକ୍ଷରୁ ବହୁ ଲୋକ ଆହତ ହୋଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ତେବେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ କରାଯାଇଛି। ଉଭୟ ପକ୍ଷରୁ ପୃଥକ୍ ପୃଥକ୍ ୨ଟି ଏତଲା ଦିଆଯାଇଥିଲା। ଏହି ଏତଲାକୁ ଭିତ୍ତିକରି ପୋଲିସ ଭାରତୀୟ ନ୍ୟାୟ ସଂହିତାରେ ୨ଟି ମାମଲା ରୁଜୁ କରି ଗଣ୍ଡଗୋଳରେ ସମ୍ପୃକ୍ତ ଉଭୟ ପକ୍ଷରୁ ୧୦ ଜଣଙ୍କୁ ଗିରଫ କରିଛି। ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲରେ ଗିରଫ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଉଭୟପକ୍ଷର ୧୦ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଗ୍ରାମାଞ୍ଚଳ ଥାନା ଆଇଆଇସି ପ୍ରଧାନ କହିଛନ୍ତି।

## ୮ ବର୍ଷରେ ବଦଳିନି ପ୍ଲାଷ୍ଟିକ, ପଲିଥିନ ବର୍ଜନର ଚିତ୍ର

- ପୋତି ହେଉଛି ଗୋବରୀ ନଦୀ ଓ କେନାଲ ଜଳପଥ
- ପ୍ଲାଷ୍ଟିକ ମାଟିରେ ନ ମିଶିବାରୁ କମୁଛି ଭୂତଳ ଜଳସ୍ତର

କେନ୍ଦ୍ରାପଡ଼ା, ୬।୧୦ (ଜଗନ୍ନାଥ ଧଳ)

ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ବର୍ଜନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ ଗାନ୍ଧୀ ଜୟନ୍ତୀରେ ଆହ୍ୱାନ ଦେଇଥିଲେ। ଏହାକୁ ଇତିମଧ୍ୟରେ ୮ ବର୍ଷ ବିତିଛି। ତେବେ କେନ୍ଦ୍ରାପଡ଼ା ଜିଲାରେ ଏହାର ଚିତ୍ର ବଦଳି ନାହିଁ। ବର୍ଜ୍ୟବସ୍ତୁ ପରିଚାଳନା ଆଇନକୁ ଗୁରୁତ୍ୱ ଦେବାକୁ ନ୍ୟାଶନାଲ ଗ୍ରୀନ ଟ୍ରିବୁନାଲ (ଏନ୍‌ଜିଟି) ନିର୍ଦ୍ଦେଶ ଦେବା ସହ ବ୍ୟତିକ୍ରମରେ କେନ୍ଦ୍ରାପଡ଼ା ପୌର ପ୍ରଶାସନକୁ ୨୪ଲକ୍ଷ ଟଙ୍କା ଜରିମାନା ଦେବାକୁ ୨ ବର୍ଷ ପୂର୍ବେ ନୋଟିସ ହୋଇଛି। ଏହାସତ୍ତ୍ୱେ ଏହାର ପରିଚାଳନାରେ ପୌର ପ୍ରଶାସନ ପଛରେ ପଡ଼ିଛି। ଗୋବରୀ ନଦୀ ଓ କେନାଲ ଏବେ ବର୍ଜ୍ୟବସ୍ତୁରେ ଭର୍ତ୍ତି ହୋଇ ଜଳପଥ ପୋତି ହେଉଛି। ସେହିପରି ସହରର ଡ୍ରେନରେ ଏହି ସାମଗ୍ରୀ ପଡ଼ି ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି।

ଏ ସମ୍ପର୍କରେ ଖଡ଼ିଅଙ୍ଗର ମନୋଜ କୁମାର ସିଂହ କହିଛନ୍ତି, ୧୫୪ ବର୍ଷର ପୁରୁଣା ଏହି ପୌରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଢଙ୍ଗରେ ହୋଇପାରୁନାହିଁ। ପୂର୍ବରୁ ଗୋବରୀ ନଦୀ ଓ କେନାଲ ଜଳକୁ ସ୍ନାନ ଶୌଚ ଆଦିରେ ବ୍ୟବହାର କରାଯାଉଥିଲା। ଏବେ ଏହି ୨ ଜଳପଥ ଅଳିଆ ଆବର୍ଜନାରେ ଭରିଯାଇଛି। ଘରୋଇ ଅଶୌଚ କାର୍ଯ୍ୟରେ ନଦୀ ଜଳ ବ୍ୟବହାର କରାଯାଉଛି। ମାତ୍ର ଏହି ଜଳ ପ୍ରଦୂଷିତ ହୋଇଥିବାରୁ ସ୍ନାନ କଲେ ଦେହ ହାତ କୁଣ୍ଡାଇ ହେଉଛି। ବହୁଦିନ ଧରି ଏହି ଜଳ ଉପରେ ଚିଙ୍ଗୁଡ଼ିଆ ଦଳ ଭରି ରହିଥିଲେ ମଧ୍ୟ ଜଳ ସମ୍ପଦ ବିଭାଗ ଏହାକୁ ସଫା କରିବାକୁ ତତ୍ପରତା ଦେଖାଉନାହାନ୍ତି। ଫଳରେ ବର୍ଷାଦିନେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ସାମାଜିକ କର୍ମୀ ସେକ୍ ସାବିର କହିଛନ୍ତି, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରାପଡ଼ା ସହର ପାଇଁ ସମସ୍ୟା ସୃଷ୍ଟି କରିଛି। ଜଣେ ଲୋକ ଦିନକୁ ହାରାହାରି ୫୦୦ ଗ୍ରାମର ଜୈବିକ ଓ ଅଜୈବିକ (ପ୍ଲାଷ୍ଟିକ ଆଦି) ବର୍ଜ୍ୟବସ୍ତୁ ନିଷ୍କାସନ କରୁଥିବାବେଳେ ମାସକୁ ସହରରେ ୭୫ ମେଟ୍ରିକ୍ ଟନ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି। ବର୍ଜ୍ୟବସ୍ତୁ ପରିଚାଳନା ଆଇନ କାର୍ଯ୍ୟକାରୀ ହେଉ ନ ଥିବାରୁ ବହୁ ପାଇଖାନାର ପାଇପ ମୁହଁ ଏବେବି ଗୋବରୀ ନଦୀ ଓ କେନାଲକୁ ରହିଛି। ୨୦୧୬ ମସିହାରେ ପ୍ଲାଷ୍ଟିକ ବର୍ଜନ ପାଇଁ ପୌର ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଥଲା। ତେବେ ପ୍ରଶାସନିକ ଅବହେଳା କାରଣରୁ କିଛିଦିନ ପରେ ଏ ନେଇ ଗୁରୁତ୍ୱ ରହିଲା ନାହିଁ। ଫଳରେ ବ୍ୟବସାୟ ଅନୁଷ୍ଠାନଠାରୁ ଆରମ୍ଭ କରି ଘରେ ପ୍ଲାଷ୍ଟିକ ଥଳିର ବ୍ୟବହାର ପୁନର୍ବାର ବଢ଼ି ଯାଇଛି। ପରିବେଶବିତ୍ ସେକ୍ ଚାନ୍ଦ କହିଛନ୍ତି, ପ୍ଲାଷ୍ଟିକ ସାମଗ୍ରୀର ବହୁଳ ବ୍ୟବହାର ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। କିଛି ବୁଲା ଗୋରୁ ଓ କୁକୁର ଖାଦ୍ୟ ସାମଗ୍ରୀ ସହ ପ୍ଲାଷ୍ଟିକକୁ ଗିଳି ଦେଉଛନ୍ତି। ଏହି ପ୍ଲାଷ୍ଟିକ ସମ୍ପୃକ୍ତ ଜୀବଜନ୍ତୁଙ୍କ ପାକସ୍ଥଳୀକୁ ଯାଇ ବିପଦ ସୃଷ୍ଟି କରୁଛି। ସେହିପରି ପ୍ଲାଷ୍ଟିକ ମାଟିରେ ମିଶି ପାରୁ ନ ଥିବାରୁ ବର୍ଷା ଜଳ ଭୂଗର୍ଭକୁ ଯାଇପାରୁନାହିଁ। ଫଳରେ ଭୂତଳ ଜଳସ୍ତର କମିବାରେ ଲାଗିଛି। ଆଗାମୀ ଦିନରେ ଏହା ସହରବାସୀଙ୍କ ପାଇଁ ବିପଦ ସୃଷ୍ଟି କରିବ। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କରଙ୍କୁ ପଚାରିବାରେ ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରାଯାଇଛି। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସହରର ପ୍ରତ୍ୟେକ ସ୍ଥାନରେ ଡଷ୍ଟବିନ ଯୋଗାଇ ଦିଆଯାଇଛି। ଏଥିସହ ବ୍ୟବସାୟୀ ଓ ସହରବାସୀଙ୍କ ମଧ୍ୟରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ପାଇଁ ସଚେତନତା ସୃଷ୍ଟି କରାଯାଉଛି। ଚଳିତବର୍ଷ ଗଣପର୍ବ ଗଜଲକ୍ଷ୍ମୀ ପୂଜାରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଆହ୍ୱାନ ଦେଇଥିବା ସେ କହିଛନ୍ତି।


କେନ୍ଦ୍ରାପଡ଼ା ସହର ଗୋବରୀ କେନାଲରେ ପଲିଥିନ ଆବର୍ଜନା ପଡିରହିଛି।

# ବର ଓହଳରେ ବିରାଜନ୍ତି ମା’

ନୟାଗଡ଼,୬।୧୧(ଲୋକନାଥ ମିଶ୍ର)

ଅଜବ ପରମ୍ପରା ନୟାଗଡ଼ କାଠି ଠାକୁରାଣୀଙ୍କର । ନାଁ କାଠି ଠାକୁରାଣୀ ଅଥଚ କାଠି କି ବାଉଁଶରେ ସେ ଅବସ୍ଥାନ କରି ନ ଥାନ୍ତି । ବରଗଛର ଓହଳରେ ସମଷ୍ଟିରେ କାଠି ଠାକୁରାଣୀ ବିରାଜମାନ କରିଥାନ୍ତି । ବର ଓହଳରେ ଝୁଣା ଓ ଲାଖ ବୋଳା ଯାଇ ମା’ବାଉରୀଙ୍କ ମୂଳ ପିଢ଼ିର ମୃତ୍ତିକା ଗୁଆକୁ ତନ୍ମଧ୍ୟରେ ରଖି ସମ୍ପୂର୍ଣ୍ଣ ଓହଳଟିକୁ ପାଟ କପଡାରେ ଅଚ୍ଛାଦିତ କରାଯାଏ । ପରମ୍ପରା ଅନୁସାରେ ଜଣେ ରାଜାଙ୍କ ମୃତ୍ୟୁ ପରେ ସେହି ବର୍ଷ ଦଶହରା ପୂର୍ବରୁ ବର ଓହଳ ଆଙ୍ଗୁଳେ ବଢ଼େ । କିନ୍ତୁ ଗଡ଼ର ଶେଷ ରାଜା କୃଷ୍ଣଚନ୍ଦ୍ର ସିଂହଙ୍କ ଦେହାନ୍ତ ପରେ ୧୯୮୧ ପରଠାରୁ କାଠି ଠାକୁରାଣୀ ଆଉ ବୃଦ୍ଧି ପାଉ ନାହାନ୍ତି । କାଠି ଠାକୁରାଣୀ ପରମ୍ପରା ମରୁ ମରୁ ବଞ୍ଚି ରହିଛି । ନୟାଗଡ଼ରେ ଧଳ ସମ୍ପ୍ରଦାୟର ବ୍ୟକ୍ତିମାନେ ୧୨ ହାତର ଲମ୍ବ ବର ଓହଳର କାଠି ଠାକୁରାଣୀଙ୍କୁ ଆଣି ଦଶହରା ପର୍ବରେ ସାମିଲ କରାଇଥାନ୍ତି । ବର ଓହଳଟି ବହୁ ବର୍ଷ ହେଲା ସେପରି ଅକ୍ଷତ ଅବସ୍ଥାରେ ରହିଛି ।

ପୂଜକ ଚିତ୍ତରଞ୍ଜନ ଦାଶଙ୍କ ସୂଚନା ଅନୁସାରେ ରାଜ ରାଜୁଡା ସମୟରେ



କାଠି ଠାକୁରାଣୀଙ୍କୁ ପୂଜାସ୍ଥଳକୁ ନିଆଯାଉଛି ।

ପୂର୍ବରୁ କାଠି ଠାକୁରାଣୀ ଆସୁଥିବା ବର ଓହଳର ଲମ୍ବ ୧୬ ହାତ ଓ ମୋଟେଇ ୩ ଫୁଟ ହେଉଥିଲା । ରାଜାଙ୍କ ମୃତ୍ୟୁ ପରେ ପରମ୍ପରା ମୁତାବକ ନୂଆ ଓହଳ କରାଯାଇ ପୁଣି ଅଙ୍ଗୁଳେ ଲମ୍ବା ବଢ଼ା ଯାଉଥିଲା । କାଳକ୍ରମେ ଏହା ୧୨ ହାତରେ ଅଟକି ଯାଇଛି। ଦଶହରା ପର୍ବ ଆରମ୍ଭ ହେଲେ ନୟାଗଡ଼ ରାଜାଙ୍କ ନିମନ୍ତ୍ରଣ ପାଇ ଇଷ୍ଟଦେବୀ ବାଉରୀ

**କାଠି ଠାକୁରାଣୀଙ୍କ ପୂଜା**

- ■ ରାଜାଙ୍କ ମୃତ୍ୟୁ ପରେ ବଢ଼ୁଥିଲା କାଠି ଅଙ୍ଗୁଳେ
- ■ ରାଜା କୃଷ୍ଣଚନ୍ଦ୍ରଙ୍କ ଦେହାନ୍ତ ପରେ ପରମ୍ପରା ବନ୍ଦ

ଠାକୁରାଣୀ ମୂଳ ଆସ୍ଥାନ ରଳବଗଡରୁ କାଠି ଦେବୀ ରୂପେ ୧୨ ହାତର ବର ଓହଳରେ ଆସୁଥିଲେ । କାଠି ଠାକୁରାଣୀ ଗୁନାନଟି, ହରିପୁର, ମହିପୁର, ଭାଟସାହି ଦେଇ ନୟାଗଡ଼ ପୁରୁଣା ସହରର ଶ୍ରୀ ଜଗନ୍ନାଥ ମନ୍ଦିରକୁ ଆସି ଦର୍ଶନ କରି ଦଶହରା ପର୍ବ ପାଇଁ ରାଜବାଟୀକୁ ଆସିଥାନ୍ତି । ୧୯୧୮ରେ ନୟାଗଡ଼ର ରାଜା ନାରାୟଣ ସିଂହଙ୍କ ପରଲୋକ ପରେ ଗୁନାଲଟିରୁ କାଠି ଠାକୁରାଣୀ ଆସିବା ପରମ୍ପରା ବନ୍ଦ ହୋଇଗଲା । ପରମ୍ପରା ବନ୍ଦ ପରେ କାଠି ଠାକୁରାଣୀଙ୍କ ବର ଓହଳ ନୟାଗଡ଼ ପୁରୁଣା ସହରର ଗୁଣ୍ଡିଚା ମନ୍ଦିରରେ ରହି ଯାଇଛି । ଗୁଣ୍ଡିଚା ମନ୍ଦିରରେ କାଠି ଠାକୁରାଣୀ ବର୍ଷତମାମ ପୂଜା ପାଇଥାନ୍ତି । ଦଶହରା ପର୍ବରେ ୯ ଦିନ ପାଇଁ ଭଉଣୀ ଘର ପୁରୁଣା ରାଜବାଟୀର କନକଦୁର୍ଗାଙ୍କ ଘରକୁ ଆସି ପର୍ବରେ ସାମିଲ ହୋଇଥାନ୍ତି । ସେହିଭଳି ଖଣ୍ଡପଡ଼ା ଗଡର ପରମ୍ପରା ଅନୁସାରେ ଶ୍ରୀହନୁମାନଜୀ ମହାରାଜ କାଠି ରୂପରେ ଗଡ଼ର କାଠିତଅଁଳା ସାହି ଦେଇ ଅର୍ଦ୍ଧ ରାତ୍ରରେ ଶ୍ରୀଜଗନ୍ନାଥ ମନ୍ଦିରକୁ ବିଜେ ହୁଅନ୍ତି । ଶ୍ରୀଜୀଉଙ୍କଠାରୁ ଆଜ୍ଞାପ୍ରାପ୍ତି ପରେ କାଠି ଠାକୁରାଣୀ ଖଣ୍ଡପଡ଼ା ରାଜବାଟୀକୁ ଯାଇଥାନ୍ତି । କାଠି ହନୁମାନଙ୍କ ସହ ମା ଶୁଳିଆ ଦେବୀ, ମା ମଙ୍ଗଳା, ମା ନାରାୟଣୀ ଆସିଥାନ୍ତି । ରାଜବାଟୀ ସମ୍ମୁଖରେ ଗଡ଼ର ରାଜା ସାହେବ କାଠି ହନୁମାନ ଓ ଅନ୍ୟ ଦେବୀଙ୍କୁ ବନ୍ଦାପନା କରି ପରବ ଘରକୁ ପାଛୋଟି ନିଅନ୍ତି । ସେ ସମୟରେ ଇଷ୍ଟଦେବୀ ବାଉରୀ ଠାକୁରାଣୀ କାଳିକା ବେଶରେ ପରବ ଘରକୁ ଆସନ୍ତି । ପରବର ମୁଖ୍ୟ ଦେବୀ ମା’ଦୁର୍ଗା ଆଗରୁ ପରବ ଘରେ ବିଜେ ହୋଇ ସାରିଥାନ୍ତି ।

ସେଲ୍‌ଫି କର୍ବର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦିଲୀପ



@ ଶିଖା



@ ଶ୍ରୀକାନ୍ତ



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାତାରାତି ଜନବସତିରୁ ଉଠିଲା ଅଳିଆ



ଓଡ଼ଗାଁ,୬।୧୦(ଆଦର୍ଶ କୁମାର ପଟ୍ଟନାୟକ)

ବହୁ ବର୍ଷ ଧରି ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ୬ନଂ.ୱାର୍ଡ ଜନବସତିରେ ରହିଥିବା ଅଘୋଷିତ ଡମ୍ପିଂ ୟାର୍ଡ (ଅଳିଆ ଗଦା) ଶନିବାର ରାତାରାତି ଉଠିଯାଇଛି । ଧରିତ୍ରୀରେ ରବିବାର ଏ ସଂକ୍ରାନ୍ତରେ ଫଟୋଚିତ୍ର ସହିତ ଏକ ରିପୋର୍ଟ ପ୍ରକାଶ ପାଇବ ବୋଲି ଜଣାପଡିବା ପରେ ପୌର କର୍ତ୍ତୃପକ୍ଷ ତତ୍ପର ହୋଇଛନ୍ତି । ଏଥିପାଇଁ ୱାର୍ଡ ବାସିନ୍ଦା ଆଶ୍ୱସ୍ତି ଅନୁଭବ କରିବା ସହ ଧରିତ୍ରୀ ସମେତ ଏନଏସି ନିର୍ବାହୀ ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି ।

ଜନବସତିରେ ରହିଥିବା ଅଳିଆଗଦାର ଦୁର୍ଗନ୍ଧରେ ସେହି ରାସ୍ତାରେ ଯାତାୟାତ କରିବା କାଠିକର ପାଠ ହୋଇଥିଲା । ୱାର୍ଡ ଲୋକଙ୍କ ଜୀବନ ଜୀବିକା ଅସହ୍ୟ ହୋଇ ପଡିଥିଲା । ସ୍ଥାନୀୟ ଲୋକମାନେ କହିଛନ୍ତି,ବାରମ୍ବାର ଆମେ ସାମୁହିକ ଓ ବ୍ୟକ୍ତିଗତ ଭାବେ ନିର୍ବାହୀ ଅଧିକାରୀଙ୍କ ସମେତ ପରିମଳ ଅଧିକାରୀଙ୍କୁ ଭେଟି ଏହି ଅଳିଆଗଦା ଉଠାଇବାକୁ ଅନୁରୋଧ କରିଥିଲୁ । ହେଲେ ସେମାନେ ଆମ ଅନୁରୋଧକୁ କର୍ଣ୍ଣପାତ କରି ନ ଥିଲେ । ଶୁକ୍ରବାର ଆମେ ଧରିତ୍ରୀ ଖବରଦାତାଙ୍କୁ ଭେଟି ଏ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ

**ଧରିତ୍ରୀରେ ଖବର ପ୍ରକାଶ ପାଇବ ଶୁଣି ତତ୍ପରତା**

- ■ ଆଉ ଅଳିଆ ପକାଇବାକୁ ଦେଲେନି ବରିଷ୍ଠ ନାଗରିକ,ୱାର୍ଡ ବାସିନ୍ଦା

କରିଥିଲୁ । ସେ ଏ ନେଇ ରିପୋର୍ଟ ପ୍ରସ୍ତୁତ କରିବା ସହିତ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମତାମତ ସଂଗ୍ରହ କରିଥିଲେ । କାର୍ଯ୍ୟାନିର୍ବାହୀ ଅଧିକାରୀ ଏ କଥା ଜାଣିବା ପରେ ରିପୋର୍ଟ ପ୍ରକାଶ ପୂର୍ବରୁ ସମସ୍ତ ଅଳିଆକୁ ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ପଠାଇବାର ବ୍ୟବସ୍ଥା କରିଥିଲେ । ଫଳରେ ରବିବାର ସକାଳୁ ୱାର୍ଡ ବାସିନ୍ଦା ଅଳିଆ ସଫା ହୋଇଯାଇଥିବା ଦେଖିଥିଲେ । ହେଲେ ସକାଳୁ ପୁଣିଥରେ ସେଠାରେ ଅଳିଆ ପକାଇବାକୁ ସଫେଇ କର୍ମଚାରୀ ଆସିଥିଲେ । ହେଲେ ସ୍ଥାନୀୟ ବରିଷ୍ଠ ନାଗରିକ, ଆଇନଜୀବୀ, ଆର୍ମି ଭେଟେରାନ, ଶିକ୍ଷାବିତ୍‌ଙ୍କ ସମେତ ବାସିନ୍ଦାମାନେ ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ପାଳି କରି ସେଠାରେ ଜଗି ରହିଥିଲେ । କୌଣସି ସଫେଇ କର୍ମଚାରୀଙ୍କୁ ସେଠାରେ ଅଳିଆ ପକାଇବାକୁ ଦେଇ ନ ଥିଲେ ।

# ମୋ ସ୍କୁଲ ଅଭିଯାନ କମିଟି ନିଷ୍ପତ୍ତି କାର୍ଯ୍ୟକାରୀ ହେଉ ନ ଥିବାରୁ ଉଦ୍‌ବେଗ

ଖଣ୍ଡପଡ଼ା,୬।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠର ମୋସ୍କୁଲ ଅଭିଯାନ ଓ ବିଦ୍ୟାଳୟ ପରିଚାଳନା କମିଟିରେ ଏକ ମିଳିତ ବୈଠକ ୨୦୨୩ ମାର୍ଚ୍ଚ ୩ରେ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଡ. ଅର୍ଜ୍ଜୁନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଯେଉଁ ସବୁ ନିଷ୍ପତ୍ତି ନିଆଯାଇ ଥିଲା ତାହା ଦୀର୍ଘ ବର୍ଷେ ପରେ ବି କୌଣସି ଗୋଟିଏର କାର୍ଯ୍ୟକାରୀ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବିଦ୍ୟାଳୟରେ ଦୀର୍ଘ ବର୍ଷରୁ ପଡି ରହିଥିବା ଆସବାବପତ୍ର, ପୁରୁଣା ଟିଣ ସହିତ ଅବ୍ୟବହୃତ କାଠ ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀ ବିଦ୍ୟାଳୟର ଏକ କୋଠରୀରେ ମହଜୁଦ ରହି ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି । ସରୀସୃପଙ୍କ ଯୋଗୁ ବିପଦର ଆଶଙ୍କା ରହିଛି । ତା’ଛଡା କାଠ ସାମଗ୍ରୀଗୁଡିକ



ଉଈଖାଇ ନଷ୍ଟ ହୋଇ ଯାଉଥିବାରୁ ସେଗୁଡିକ ତୁରନ୍ତ ନିଲାମ କରାଯାଇ ଉପଲବ୍ଧ ଅର୍ଥକୁ ମୋସ୍କୁଲ ଆକାଉଣ୍ଟରେ ଜମା କରାଯିବାକୁ ନିଷ୍ପତ୍ତି କରାଯାଇଥିଲା । ମାତ୍ର କମିଟିରେ ଏସବୁ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ କମିଟିର ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ମହାରଣା, ଅଖିଳ କୁମାର ମହାରଣା, ଶ୍ରୀପତି ମହାରଣା, ସରୋଜ କୁମାର ମିଶ୍ର, ପ୍ରଭାକର ଶିରୋମଣୀଙ୍କ ସମେତ କ୍ଷୋଭ ପ୍ରକାଶ କରିଥିଲେ । ଅପରପକ୍ଷେ ବିଦ୍ୟାଳୟ ଅର୍ଥରେ ଶିକ୍ଷାନୁଷ୍ଠାନର ବିଭିନ୍ନ ଆନୁସଙ୍ଗିକ ବିଶେଷ କରି ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର, ପେନଡ୍ରାଇଭ, ୟୁପିସି ଇତ୍ୟାଦି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ କ୍ରୟ କରାଯାଉଥିଲେ ମଧ୍ୟ ଏଗୁଡିକର ଉଚିତ ମୂଲ୍ୟ କେତେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ସଦସ୍ୟମାନେ ଅଭିଯୋଗ କରିଥିଲେ । ତେବେ ୫-ଟି ଯୋଜନାରେ ସଂପୃକ୍ତ ବିଦ୍ୟାଳୟ କାର୍ଯ୍ୟ ସମ୍ପାଦନ ହୋଇଥିବା ବେଳେ ଉକ୍ତ କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ ହୋଇ ନ ଥିବାରୁ ଏଦିଗରେ ତଦନ୍ତର ଆବଶ୍ୟକତା ରହିଥିବା ସାଧାରଣରେ ଅଭିଯୋଗ ହେଉଛି ।

ଏ ସମ୍ପର୍କରେ ମୋ ସ୍କୁଲ ଅଭିଯାନ କମିଟିର ସମ୍ପାଦକ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ନାୟକଙ୍କ ସହ ଯୋଗାଯୋଗ କରିବାରେ ପୁରୁଣା ସାମଗ୍ରୀଗୁଡିକ ନିଲାମ ସମ୍ପର୍କରେ ଗଠିତ ହୋଇଥିବା କମିଟିକୁ ଏକାଧିକବାର ଡକାଇଲେ ବି ସେମାନେ ନ ଆସିବାରୁ ପୁରୁଣା କାଠସହ ଅନ୍ୟାନ୍ୟ ପୁରୁଣା ସାମଗ୍ରୀ ନିଲାମ ଦିଗରେ କିଛି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସେ ପ୍ରକାଶ କରିଛନ୍ତି ।

# ୮ବର୍ଷ ପରେ ବି ଅଙ୍ଗନୱାଡି କେନ୍ଦ୍ର ଅଧାପନ୍ତରିଆ

ଖଣ୍ଡପଡ଼ା,୬।୧୦(ଅଜୟ କୁମାର ମହାରଣା)

ପ୍ରଶାସନିକ ସ୍ଥାଣୁତା ଓ ଲୋକ ପ୍ରତିନିଧିମାନଙ୍କ ଆନ୍ତରିକତା ଅଭାବରୁ ୮ବର୍ଷ ପରେ ବି ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରୁ ନ ଥିବାରୁ ଖଣ୍ଡପଡା ବ୍ଲକ୍ ଅଧୀନ ରାଣୀପଡା ଗ୍ରାମର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ରାଣୀପଡା ଗ୍ରାମରେ ଆଜକୁ ୮ ବର୍ଷ ତଳେ ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ମାତ୍ର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ଅଧାରେ ଅଟକିଥିବା ବେଳେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଅଧାଗଢା ଅବସ୍ଥାରେ ରହିଛି । ଉକ୍ତ କେନ୍ଦ୍ରରେ ପାଠ ପଢୁଥିବା ଶିଶୁମାନେ ଗ୍ରାମର କ୍ଲବ୍ ଘର ବାରଣ୍ଡାରେ ଅତି



ଦୟନୀୟ ଅବସ୍ଥାରେ ବସି ପାଠ ପଢୁଛନ୍ତି । ବିଶେଷ କରି ବର୍ଷା ଓ ଶୀତ ଦିନରେ କୋମଳମତି ଶିଶୁମାନେ ପାଠ ପଢିବା ପାଇଁ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଧାଗଢା ଅବସ୍ଥାରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ କରିବା ଦିଗରେ ଖଣ୍ଡପଡ଼ା ବ୍ଲକ୍ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏଦିଗରେ ଦୃଷ୍ଟି ଦେବେ ବୋଲି ଖଣ୍ଡପଡ଼ା ବ୍ଲକ୍ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ସୂଚନା ଦେଇଛନ୍ତି ।

# ମାଙ୍କଡ଼, ବାର୍‌ହାଙ୍କ ଉପଦ୍ରବ: ବ୍ୟାପକ ଫସଲହାନି

ଖଣ୍ଡପଡ଼ା,୬।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅଞ୍ଚଳରେ ଦିନରେ ମାଙ୍କଡ଼ ଓ ରାତିରେ ବାର୍‌ହାଙ୍କ ଉପଦ୍ରବ ଯୋଗୁ ପନିପରିବା,ଆଖୁ, ଧାନଫସଲ ଓ ରବିଫସଲ ବ୍ୟାପକ କ୍ଷତିଗ୍ରସ୍ତ ହେଉଥିବା ବ୍ଲକ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି । ସଞ୍ଜ ନଇଁଲେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ପଲପଲ ବାର୍‌ହା ଚାଷଜମିକୁ ଚାଲିଆସି ଫସଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି । ବିଶେଷ କରି ବାଣପୁର ପଞ୍ଚାୟତସ୍ଥ ବାରଖୋଲା ଜଙ୍ଗଲରୁ, ଧାନଚେଙ୍ଗଡା ପଞ୍ଚାୟତ ନିକଟସ୍ଥ ଗୋସିଙ୍ଗ ଜଙ୍ଗଲରୁ ଓ ଏହାର ଆଖାପଖ ଅଞ୍ଚଳରେ ଥିବା ଗ୍ରାମ ଜଙ୍ଗଲରୁ ରାତିହେଲେ ବାର୍‌ହାମାନେ ଦଳଦଳ ହୋଇ ସାରୁ ଫସଲ, ମାଣ୍ଡିଆ, ମକା, ବାଇଗଣ ଆଦି ଜମିରେ ହୋଇଥିବା ଫସଲକୁ ଖାଇବା ସହ ସେମାନଙ୍କ ଉପଦ୍ରବରେ ଫସଲ ସବୁ ଉଜୁଡି ଯାଉଥିବା ଅଭିଯୋଗ ହେଉଛି । ଚଳିତବର୍ଷ ଅନିୟମିତ ବୃଷ୍ଟିପାତ ସାଙ୍ଗକୁ ଲଘୁଚାପ ଜନିତ ଲଗାଣବର୍ଷାରେ ପନିପରିବା ଓ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏବେ ବାର୍‌ହାଙ୍କ ଉପଦ୍ରବ ସାଙ୍ଗକୁ ମାଙ୍କଡଙ୍କ ଦୌରାତ୍ମ୍ୟ ଖଣ୍ଡପଡା ବ୍ଲକ ଅଞ୍ଚଳର ଚୈତନ୍ୟପୁର, କୁମୁଣ୍ଡି, ବାଣପୁର, ଘଣାଶାଳିଆ ଆଦି ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି ।

# ମୋହିନୀ ଗଳ୍ପ ସଙ୍କଳନ ଲୋକାର୍ପିତ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୋହିନୀ ଗଳ୍ପ ସଙ୍କଳନ ପୁସ୍ତକକୁ ଲୋକାର୍ପିତ କରୁଛନ୍ତି ।

ଶରଣକୁଳ,୬।୧୦(ଦୀପକ କର)

ରବିବାର ନୟାଗଡ଼ର ଜଣାଶୁଣା ସାହିତ୍ୟସାଧକ କବି ଡ.ସୁରେଶ ଚନ୍ଦ୍ର ବରାଡ଼ଙ୍କ ଦ୍ୱାରା ଲିଖିତ ଗଳ୍ପ ସଙ୍କଳନ ମୋହିନୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ସରକାରୀ କାର୍ଯ୍ୟାଳୟରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀର ସାଧାରଣ ସମ୍ପାଦକ ହରିଶ୍ଚନ୍ଦ୍ର ସାହୁ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା, କେନ୍ଦୁଝର ଜିଲା ସଙ୍ଗଠକ ତପନ କୁମାର ନାୟକ, କବି କୁସୁମ ନିରାକାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଡ. ବରାଡ଼ ନିଜ ଦ୍ୱାରା ଲିଖିତ ୫ ଖଣ୍ଡ ପୁସ୍ତକ ମୁଖ୍ୟମନ୍ତ୍ରୀଙ୍କୁ ଉପହାର ରୂପେ ପ୍ରଦାନ କରିଥିଲେ । ମୋହିନୀ ଗଳ୍ପ ସଙ୍କଳନକୁ ଦେଖି ମୁଖ୍ୟମନ୍ତ୍ରୀ ଡ.ବରାଡ଼ଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ମୋହିନୀ ଗଳ୍ପ ସଙ୍କଳନ ପୁସ୍ତକଟିରେ ୧୨ଟି ଗଳ୍ପ ରହିଛି । ପ୍ରଥମ ଗଳ୍ପର ଶିରୋନାମା ଅନୁସାରେ ବହିଟିର ନାମକରଣ ହୋଇଛି । ସଙ୍କଳନଟି ସମାଜର ବିଭିନ୍ନ ପରିସ୍ଥିତି ଏବଂ ସମସ୍ୟା ଉପରେ ଆଲୋକପାତ କରି ସାରସ୍ୱତ ନ୍ୟାୟ ଦେବାରେ ସମର୍ଥ ହୋଇଛି । ନିଜର ଅଙ୍ଗେ ନିଭା କଥା ଏବଂ ଗାଳ୍ପିକଙ୍କ ଚାରିପାଖରେ ଘୁରିବୁଲୁଥିବା ଘଟଣାପ୍ରବାହକୁ ନିଜସ୍ୱ ଢଙ୍ଗରେ ପରିପ୍ରକାଶ କରିବାରେ ଗାଳ୍ପିକ ଡ.ବରାଡ଼ ଉଦ୍ୟମ କରିଛନ୍ତି । ମୋହିନୀର ୧୨ଟି ଗଳ୍ପ ସମାଜର ସବୁ ଶ୍ରେଣୀର ପାଠକମାନଙ୍କ ମନକୁ ଛୁଇଁ ପାରିବ ସମୀକ୍ଷକମାନେ ପ୍ରକାଶ କରିଛନ୍ତି ।

# ବିଦ୍ୟୁତ୍ ତାର ବାନ୍ଧି ବନ୍ୟଜନ୍ତୁ ଶିକାର

ନୂଆଗାଁ,୬।୧୦(ଧନେଶ୍ୱର ସାହୁ)

- ■ ଶିକାରୀଙ୍କ ପାଇଁ ବିଦ୍ୟୁତ୍ କର୍ମଚାରୀ ଚିନ୍ତାରେ
- ■ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ବନ ବିଭାଗ

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳରେ ଶିକାରୀମାନେ ବିଦ୍ୟୁତ୍ ତାର ଫାଶରେ ଅବାଧରେ ବନ୍ୟଜନ୍ତୁ ଶିକାର କରୁଛନ୍ତି । ଗୋଟିଏ ପଟେ ବନ ବିଭାଗ ବନ୍ୟଜନ୍ତୁ ଶିକାରକୁ ରୋକିବାରେ ବିଫଳ ହୋଇଥିବା ବେଳେ ଅନ୍ୟପଟେ ବିଦ୍ୟୁତ୍ କର୍ମଚାରୀ ଲୋକମାନଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ।

ବନ ବିଭାଗ ବନ୍ୟଜନ୍ତୁ ଶିକାରକୁ ରୋକିବା ପାଇଁ ଜନ ସଚେତନତା ସୃଷ୍ଟି କରୁଛି । କିନ୍ତୁ ପ୍ରକୃତରେ ଶିକାରକୁ ରୋକିବାକୁ କିମ୍ବା ଶିକାରୀଙ୍କୁ ଧରିବା ପାଇଁ ଚେଷ୍ଟା କରୁନାହିଁ । ଏହି ସୁଯୋଗରେ ଶିକାରୀ ଅବାଧରେ ବନ୍ୟଜନ୍ତୁ ଶିକାର କରୁଛନ୍ତି । ବନ ବିଭାଗ ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ପାଳନ କରି ପ୍ରହସନ କରୁଥିବା ଅଭିଯୋଗ ହେଉଛି । ବନ୍ୟଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ବ୍ୟବହାର କରାଯାଉଛି । ଯାହାଦ୍ୱାରା ବିଦ୍ୟୁତ୍ ବିଭାଗ କର୍ମଚାରୀ ଓ ଲୋକମାନେ ପ୍ରଭାବିତ ହେଉଛନ୍ତି । ମାଇଛେଳି ପଞ୍ଚାୟତ କୋଷାକଟା, କାଣିଗିରି, ସମ୍ପଡା, ଗୋହିରିବାଦୁ ଆଦି ଗ୍ରାମରେ ଗତ କିଛି ଦିନ ହେଲା ସନ୍ଧ୍ୟା ହେଲେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇ ଯାଉଥିଲା ଏବଂ ସକାଳୁ ଆସୁଥିଲା । ନିରବଚ୍ଛିନ୍ନ ଭାବେ ଏପରି ସମସ୍ୟା ଦେଖା ଦେଉଥିବା ନେଇ



ଶିକାର ଉଦ୍ଦେଶ୍ୟରେ ବିଛା ଯାଇଥିବା ତାରକୁ ବିଦ୍ୟୁତ କର୍ମଚାରୀ ଆଣିଛନ୍ତି ।

ଲୋକମାନେ ବିଦ୍ୟୁତ୍ ବିଭାଗକୁ ଅଭିଯୋଗ କରି ଆସୁଥିଲେ । ତେଣୁ ଲୋକମାନଙ୍କ ସମସ୍ୟା ଦୂର କରିବା ପାଇଁ ବିଦ୍ୟୁତ୍ ବିଭାଗ କର୍ମଚାରୀ ଚେଷ୍ଟା କରୁଥିଲେ ମଧ୍ୟ ସଫଳ ହୋଇ ପାରୁ ନ ଥିଲେ । ଶନିବାର ସନ୍ଧ୍ୟାରେ ଶତାଧିକ ଲୋକ ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପକାଇବା ସହ କର୍ମଚାରୀଙ୍କୁ ଅଟକ ରଖିଥିଲେ । ପୋଲିସର ହସ୍ତକ୍ଷେପ ପରେ ଘଟଣାର ସମାଧାନ ହୋଇଥିଲା । ତେବେ ସମସ୍ୟା ଦୂର କରିବା ପାଇଁ ରାତିଅଧରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଗ୍ରାମବାସୀଙ୍କ ସହିତ ଜଙ୍ଗଲରେ ବୁଲି ବିଦ୍ୟୁତ କଟିବାର କାରଣ ଖୋଜିଥିଲେ । ଜଙ୍ଗଲ ଭିତର ଦେଇ ଯାଇଥିବା ବିଦ୍ୟୁତ୍ ତାରରୁ ହୁକ ପକାଇ ବନ୍ୟଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ଜିଆଇ ତାର ବିଛାଯାଇଥିବା ଦେଖି ହୁକ ଖୋଲିବା ସହ ତାରକୁ ଆଣିଥିଲେ । ଏହାପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା । ବନ ବିଭାଗ ଶିକାରୀଙ୍କୁ ଧରୁନି ବୋଲି ବିଦ୍ୟୁତ ବିଭାଗ କର୍ମଚାରୀ କହୁଥିବା ବେଳେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ସହଯୋଗରେ ଶିକାରୀ ଶିକାର କରୁଛି ବୋଲି ବନ କର୍ମଚାରୀମାନେ କହିଛନ୍ତି । ତେବେ ଜଙ୍ଗଲରେ ବିଦ୍ୟୁତ୍ ବ୍ୟବହାର କରି ଶିକାର ହେଉଥିବା ବାବଦରେ ମହିପୁର ବନପାଳ ମୀନକେତନ ନାୟକଙ୍କୁ ପଚାରିବାରେ ଶିକାରରେ ବିଦ୍ୟୁତ୍ କର୍ମଚାରୀଙ୍କ ହାତ ରହୁଛି । ତେଣୁ ଶିକାରୀ ଅବାଧରେ ଶିକାର କରିପାରୁଛି । ଶିକାର ଉଦ୍ଦେଶ୍ୟରେ ହୁକ ପକାଇ ତାର ବିଛା ଯାଉଥିବାରୁ ଲାଇନ ନ କାଟି ଜଙ୍ଗଲରେ ପଶିବାକୁ ଡର ଲାଗୁଛି । ଯଦି ବିଦ୍ୟୁତ୍ କର୍ମଚାରୀ ଆମ ସହିତ ରାତିରେ ପାଟ୍ରୋଲିଂ କରନ୍ତେ ତା’ହେଲେ ଶିକାରୀକୁ ଧରିବା ପାଇଁ ସୁବିଧା ହୁଅନ୍ତା ବୋଲି ବନପାଳ ନାୟକ କହିଛନ୍ତି ।

# ୟୁପି ଉପନିର୍ବାଚନ ଇଣ୍ଡିଆ ବ୍ଲକ୍ ପାଇଁ ବଡ଼ ପରୀକ୍ଷା ହେବ

ଲକ୍ଷ୍ନୌ,୬।୧୦(ପି.ଟି.)

ଉତ୍ତରପ୍ରଦେଶ ବିଧାନସଭାର ୧୦ ଆସନରେ ଉପନିର୍ବାଚନ ହେବାକୁ ଥିବାବେଳେ ଲୋକ ସଭା ନିର୍ବାଚନରେ ସଫଳତା ହାସଲ କରିଥିବା ଇଣ୍ଡିଆ ବ୍ଲକ୍ ପାଇଁ ଏହା ଏକ ଅଗ୍ନିପରୀକ୍ଷା ହେବ ବୋଲି କୁହାଯାଉଛି। ଲୋକ ସଭା ନିର୍ବାଚନରେ ଇଣ୍ଡିଆ ମେଣ୍ଟ ଉତ୍ତରପ୍ରଦେଶରେ ୪୩ ଆସନ ଜିତିବାରୁ ଭାଜପା ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିଲା। ୟୁପିର ୨ ଇଣ୍ଡିଆ ମେଣ୍ଟ ସହଯୋଗୀ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ କଂଗ୍ରେସ ଆଗାମୀ ଉପନିର୍ବାଚନ ପାଇଁ ଆସନ ବୁଝାମଣାରେ ବିଫଳ ହୋଇଛନ୍ତି। ୧୦ ଆସନରୁ କଂଗ୍ରେସ ୫ଟିରେ ନିର୍ବାଚନ ଲଢ଼ିବାକୁ ଚାହୁଁଥିବାବେଳେ ଏସ୍‌ପି ଏଥିରେ ସହମତ ହୋଇପାରୁ ନାହିଁ। ତେବେ ଭାଜପାକୁ ପରାଜିତ କରିବା ସେମାନଙ୍କର ଲକ୍ଷ୍ୟ ଏବଂ ଏଥିପାଇଁ ସେମାନେ ଉପନିର୍ବାଚନରେ ଏକାଠି ଲଢ଼ିବେ ବୋଲି ଉଭୟ ଦଳର ନେତା କହିଛନ୍ତି।


ରାହୁଲ ଗାନ୍ଧୀ


ଅଖିଳେଶ ଯାଦବ

ଉପନିର୍ବାଚନ ହେବାକୁ ଥିବା ସମସ୍ତ ୧୦ ବିଧାନସଭା ଆସନ ପାଇଁ 'କଂଗ୍ରେସ ସମ୍ବିଧାନ ବଚାଓ ସମ୍ମିଳନୀ'ର ଆୟୋଜନ କରୁଛି। ଏହି ସମସ୍ତ ଆସନ ପାଇଁ କଂଗ୍ରେସ ପ୍ରଭାରୀ ଓ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଥିବା ୟୁପିର ପିସିସି ସଭାପତି ଅଜୟ ରାୟ କହିଛନ୍ତି। ଉପନିର୍ବାଚନ ହେବାକୁ ଥିବା ଆସନଗୁଡ଼ିକ ହେଲା କଟେହାରି, କର୍‌ହଲ, ମିଲ୍‌କିପୁର, ମୀରାପୁର, ଗାଜିଆବାଦ, ମଝୱାନ, ସିଶାମାଉ, ଖଇର୍, ଫୁଲପୁର ଏବଂ କୁଣ୍ଡାର୍କି। ୯ ଜଣ ବିଧାୟକ ଲୋକ ସଭାକୁ ନିର୍ବାଚିତ ହେବାରୁ ଉକ୍ତ ଆସନ ଖାଲି ପଡ଼ିଛି। ଏହା ବ୍ୟତୀତ ଆପରାଧିକ ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ସମାଜବାଦୀ ପାର୍ଟି ବିଧାୟକ ଇର୍ଫାନ ସୋଲାଙ୍କିଙ୍କୁ ଅଯୋଗ୍ୟ ଘୋଷଣା କରାଯିବାରୁ ସିଶାମାଉ ଆସନ ଖାଲି ରହିଛି। ୨୦୨୨ ବିଧାନସଭା ନିର୍ବାଚନରେ ସିଶାମାଉ, କଟେହାରି, କର୍‌ହଲ, ମିଲ୍‌କିପୁର ଏବଂ କୁଣ୍ଡାର୍କି ଆସନରେ ଏସ୍‌ପି ବିଜୟୀ ହୋଇଥିବାବେଳେ ଫୁଲପୁର, ଗାଜିଆବାଦ, ମଝୱାନ ଏବଂ ଖଇର୍ ଆସନରେ ଭାଜପା ପ୍ରାର୍ଥୀ ଜିତିଥିଲେ। ମୀରାପୁର ଆସନ ଆର୍‌ଏଲ୍‌ଡି ହାତକୁ ଯାଇଥିଲା। ଉପନିର୍ବାଚନରେ ଏସ୍‌ପି ଏବଂ କଂଗ୍ରେସ ମଧ୍ୟରେ ନିଶ୍ଚୟ ମେଣ୍ଟ ହେବ ବୋଲି ପିସିସି ସଭାପତି କହିଛନ୍ତି। ସେହିପରି ଏସ୍‌ପିର ମୁଖ୍ୟ ମୁଖପାତ୍ର ତଥା ରାଷ୍ଟ୍ରୀୟ ସମପାଦକ ରାଜେନ୍ଦ୍ର ଚୌଧୁରୀ କହିଛନ୍ତି, ଉପନିର୍ବାଚନ ପାଇଁ ଆମେ ପୂର୍ଣ୍ଣ ପ୍ରସ୍ତୁତ ରହିଛୁ ଏବଂ ଇଣ୍ଡିଆ ବ୍ଲକ୍ ୧୦ଟି ଯାକ ଆସନ ଜିତିବ। ୨ ଦଳର ନେତା ଏକାଠି ବସି ଆସନ ବୁଝାମଣା ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଏପ୍ରିଲ-ମେ'ରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ଇଣ୍ଡିଆ ବ୍ଲକ୍ ସହଯୋଗୀ ସମାଜବାଦୀ ପାର୍ଟି ୩୭ ଆସନ ଜିତିଥିବାବେଳେ କଂଗ୍ରେସ ୬ଟିରେ ବିଜୟୀ ହୋଇଥିଲା। ଭାଜପା ୨୦୧୯ରେ ୬୨ ଆସନ ଜିତିଥିବାବେଳେ ଏଥର ୩୩ ଆସନରେ ସୀମିତ ରହିଥିଲା। ଏପରିକି ଏହାର ସହଯୋଗୀ ଦଳ ଆର୍‌ଏଲ୍‌ଡି ଏବଂ ଅପନା ଦଳ (ସୋନେଲାଲ୍) ଯଥାକ୍ରମେ ୨ ଓ ଗୋଟିଏ ଆସନରେ ଜିତିଥିବାବେଳେ ଆଜାଦ ସମାଜ ପାର୍ଟି ଗୋଟିଏ ଆସନ ହାସଲ କରିଥିଲା।



୨୦୨୫ ମହାକୁମ୍ଭ ପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରୟାଗରାଜଠାରେ ରବିବାର ଲୋଗୋ ଉନ୍ମୋଚନ କରୁଛନ୍ତି।

# ତରବରିଆ ଭାବେ ସରିଲା କୁଜଙ୍ଗ ବିଜେଡି ଜନସମ୍ପର୍କ ପଦଯାତ୍ରା

କୁଜଙ୍ଗ,୬।୧୦( ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ତରବରିଆଭାବେ ଶେଷ ହୋଇଛି। ଏହି ପଦଯାତ୍ରାରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ବାପି ସର୍ଖେଲ, ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟ, ମୋନିଦୀପା ସର୍ଖେଲ, ରାଜ୍ୟ ସମ୍ପାଦକ ସନ୍ତୋଷ ପଟ୍ଟନାୟକ, ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡା, କାର୍ଯ୍ୟକାରୀ ସଭାପତି ସୁଢଳ ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ଆରୁପ୍ରସାଦ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ସାହୁ, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, ପ୍ରମୋଦ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଗାନ୍ଧୀ ଜୟନ୍ତୀରୁ ବିଜେଡିର ଏହି ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ପଦଯାତ୍ରା ଅବସରରେ ନେତୃମଣ୍ଡଳୀମାନେ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିବା କଥା। ମାତ୍ର ରବିବାର ଆୟୋଜିତ ପଦଯାତ୍ରା କୁଜଙ୍ଗ ବଜାରର ଏକ ମୁଣ୍ଡରୁ ବାହାରି କଟକ ପାରାଦୀପ ରାସ୍ତାରେ ଯାଇ ସିଧା ଷଣ୍ଢପୁର ସ୍ଥିତ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ପହଞ୍ଚିବା ପରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ମଞ୍ଚରେ ନେତୃମଣ୍ଡଳୀମାନେ ହାତ ଧରାଧରି ହୋଇ ଫଟୋ ଉଠାଇ ମଞ୍ଚ ତଳକୁ ଚାଲି ଆସିଥିଲେ। ଏହି ଜନ ସମ୍ପର୍କ ପଦଯାତ୍ରାରେ ଦଳର ବରିଷ୍ଠ ନେତା ଓ ପୁରୁଖା କର୍ମୀଙ୍କର ଦେଖା ମିଳି ନ ଥିବାବେଳେ କେତେଜଣ ଠିକାଦାର ଓ ପାରାଦୀପରୁ ଆସିଥିବା ଲୋକେ ସାମିଲ ହୋଇଥିଲେ। ଅନ୍ୟପଟେ ରାଜ୍ୟ ବିଜେଡିର ବରିଷ୍ଠ ଉପସଭାପତି ତଥା ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ କିଶୋର ଜେନା, ଶ୍ରମିକ ନେତା ତଥା ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟର ସମ୍ପାଦକ ଗୋଲେଖ ନାୟକ, ଜିଲା ଉପସଭାପତି କବି ପୀତାମ୍ବର ତରାଇ, ପୂର୍ବତନ ସରପଞ୍ଚ ପୁରୁଖା ନେତା ବିଜୟ ଖଟାଇ, ଶୁଭକାନ୍ତ ସାମନ୍ତରାୟ ପ୍ରମୁଖ ଅନୁପସ୍ଥିତ ଥିଲେ। ଏସମ୍ପର୍କରେ ଡାକ୍ତର କୁଳମଣି ସାମଲଙ୍କୁ ପଚାରିବାରୁ, ସେ ପଦଯାତ୍ରା ବିଷୟରେ କିଛି ଜାଣି ନାହାନ୍ତି ବୋଲି କହିଥିଲେ। ଏହି ପଦଯାତ୍ରାରେ ମାତ୍ର ୨୪ଜଣ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ସାମିଲ ହୋଇଥିଲେ।


ଜନସମ୍ପର୍କ ପଦଯାତ୍ରା ମଞ୍ଚରେ ଉପସ୍ଥିତ ନେତା ଓ କର୍ମୀ।

**ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ମାନିଲେ**

# ଖଣିଜ ସମ୍ପଦରୁ ୫୦ ହଜାର କୋଟି ପାଇବ ଓଡ଼ିଶା: ଶ୍ରୀକାନ୍ତ

ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)

ସୁପ୍ରିମକୋର୍ଟ ଗତ ୧୪ ଜୁଲାଇ ଏବଂ ୨୫ ଅଗଷ୍ଟରେ ଦୁଇଟି ବଡ଼ ନିଷ୍ପତ୍ତି ନେଇଥିଲେ, ଯାହା ଓଡ଼ିଶା ପାଇଁ ଶୁଭ ଖବର ଥିଲା। ସୁପ୍ରିମକୋର୍ଟ କହିଥିଲେ, ଯେଉଁ ରାଜ୍ୟରେ ଖଣିଜ ସମ୍ପଦ ଭରପୂର ଅଛି ସେହି ରାଜ୍ୟର ସରକାରମାନେ ଖଣିଜ ସମ୍ପଦର ବଜାର ଦର ଉପରେ ସେସ୍ ଏବଂ ଯେଉଁଠାରୁ ଉତ୍ତୋଳନ ହେବ ସେହି ଜମି ଉପରେ ଟିକସ ଲଗାଇପାରିବେ। ଯାହାକୁ ବିରୋଧ କରି ଭାରତ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟଙ୍କ ନିକଟରେ ବିଭିନ୍ନ ଆଳ ଦେଖାଇ ଏହି ନିଷ୍ପତ୍ତିର ପୁନର୍ବିଚାର କରିବା ଲାଗି ପିଟିଶନ ଦାଖଲ କରିଥିଲେ। ସୁପ୍ରିମକୋର୍ଟ ତାଙ୍କ ରାୟରେ ଜଣାଇଲେ ରାଜ୍ୟ ସରକାର ଚାହିଁଲେ ଜମି ଏବଂ ଖଣିଜ ସମ୍ପଦ ଉପରେ ଅଧିକ ଟ୍ୟାକ୍ସ ଲଗାଇପାରିବେ। ଆହୁରି କହିଛନ୍ତି ରୟାଲଟି ଟିକସ ନୁହେଁ। ରାଜ୍ୟ ସରାକର ଖଣିଜ ସମ୍ପଦ ମାର୍କେଟ ରେଟ୍‌କୁ ଆଧାର କରି ସେସ୍ ଲାଗୁ କଲେ ପ୍ରତି ବର୍ଷ ୫୦ ହଜାର କୋଟି ଟଙ୍କାରୁ ଅଧିକ ଟଙ୍କା ପାଇପାରିବେ ବୋଲି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି।

ଏକ ଭିଡିଓ ବାର୍ତ୍ତା ଜରିଆରେ ଶ୍ରୀକାନ୍ତ ଆହୁରି କହିଛନ୍ତି, ଯେଉଁ ଅଧିକାର ରାଜ୍ୟ ସରକାର ପାଆନ୍ତୁ ବୋଲି କେନ୍ଦ୍ର ସରକାର ଚାହୁଁ ନ ଥିଲେ। ଯେଉଁ ରାଜ୍ୟରେ ଖଣିଜ ସମ୍ପଦ ରହିଛି ଯେପରିକି ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ହେଉ ତା'ର ଲାଭ ସେହି ରାଜ୍ୟ ପାଇପାରନ୍ତୁ ବୋଲି କେନ୍ଦ୍ର ସରକାର ଚାହୁଁ ନ ଥିଲେ। ଓଡ଼ିଶାରେ ଭାରତ ବର୍ଷର ଯେତିକି ଖଣିଜ ସମ୍ପଦ ରହିଛି ତାର ୫୦ ପ୍ରତିଶତ ଏଠାରେ ଅଛି। ଏଠାରେ ବିଭିନ୍ନ ପ୍ରକାର ଖଣିଜ ସମ୍ପଦ ରହିଛି। ସୁପ୍ରିମକୋର୍ଟଙ୍କ ରାୟ ରାଜ୍ୟ ସରକାରମାନଙ୍କୁ ସୁଯୋଗ ଦେଇଛି ସେମାନେ ଖଣିଜ ସମ୍ପଦ ଉପରେ ନିଜର ଟିକସ ଲାଗୁ କରିପାରିବେ। ୨୦୦୪ ମସିହାରେ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଏକ ବିଲ୍ ପାସ କରାଯାଇଥିଲା, ଯାହାକୁ ଓରିସେଡ ଆକ୍ଟ ୨୦୦୪ ବୋଲି କୁହାଯାଉଛି। ତାକୁ ହାଇକୋର୍ଟ ପ୍ରତ୍ୟାଖାନ କଲେ। ଏହାପରେ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ଏକ ପିଟଶନ ଫାଇଲ କରିଥିଲେ। ଏବେ ଏ ନିଷ୍ପତ୍ତି ହୋଇସାରିଲା ପରେ ବର୍ତ୍ତମାନର ରାଜ୍ୟ ସରକାରଙ୍କ ମନ୍ତ୍ରୀ ବିଧାନସଭାରେ କହିଛନ୍ତି, ଏହି ବିଲ୍ କିପରି ଲାଗୁ କରାଯାଇପାରିବ ସେକଥା ଆମେ ସୁପ୍ରିମକୋର୍ଟରେ ଉଠାଇବୁ। ସୁପ୍ରିମକୋର୍ଟ ଯେତେବେଳେ କହିସାରିଲେଣି ଏ ଅଧିକାର ରାଜ୍ୟ ସରକାରଙ୍କ ହାତରେ। ଖଣିଜ ସମ୍ପଦ ଉପରେ ସେସ୍ ଲାଗୁ କରିବା ନିଷ୍ପତ୍ତି ରାଜ୍ୟ ସରକାର ନେଇପାରିବେ। ଏହାପରେ ଆଉ ଆଲୋଚନା କରିବାର କିଛି ନାହିଁ। ୨୦୦୪ ବିଲ୍ ଦେଖିଲେ ବୁଝାପଡୁଛି ଖଣି ମାଲିକମାନଙ୍କୁ ସୁହାଇଲା ଭଳି କରାଯାଇଥିଲା। ତୁରନ୍ତ ସେହି ବିଲ୍‌କୁ ରଦ୍ଦ କରାଯାଉ। ଏନେଇ ବିଧାନସଭାରେ ଏକ ସ୍ୱତନ୍ତ୍ର ବୈଠକ ଡକାଯାଇ ଆଉ ଏକ ନୂଆ ବିଲ୍ ଆଣି ସେ ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସୁପ୍ରିମକୋର୍ଟ ଯେଉଁ ଅଧିକାର ଦେଇଛନ୍ତି ତା'ର ନିଷ୍ପତ୍ତି ନିଆଯାଉ। ଯେଉଁ ଅଞ୍ଚଳରୁ ଖଣିଜ ସମ୍ପଦ ଆଦାୟ ହେଉଛି ମିଳିବାକୁ ଥିବା ସେସ୍ ଟଙ୍କାର ଅଧା ରାଶି ସେହି ଜିଲାରେ ଖର୍ଚ୍ଚ କରାଯାଉ। ସେସ୍ କେତେ ଲାଗିବ ତାକୁ କିଏ ସ୍ଥିର କରିବ ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ଶ୍ରୀକାନ୍ତ କହିଛନ୍ତି।

## ବିଜେଡି ଛାଡ଼ିଲେ ରାଜ୍ୟ ସମ୍ପାଦକ ନିର୍ମଳ ସାହୁ

ପୁରୁଷୋତ୍ତମପୁର,୬।୧୦(ସୀମାଞ୍ଚଳ ମିଶ୍ର)


ନିର୍ମଳ ଚନ୍ଦ୍ର ସାହୁ

ଗଞ୍ଜାମ ଜିଲାରେ ବିଜେଡିକୁ ପୁଣି ଏକ ଝଟକା ଲାଗିଛି। ପୁରୁଷୋତ୍ତମପୁର ଅଞ୍ଚଳର ଯୁବନେତା ବିଜେଡିର ରାଜ୍ୟ ସମ୍ପାଦକ ତଥା ଆସିକା ସଂସଦୀୟ କ୍ଷେତ୍ର ଜୀବନବିନ୍ଦୁର ସଂଯୋଜକ ନିର୍ମଳ ଚନ୍ଦ୍ର ସାହୁ ରବିବାର ଦଳ ଛାଡ଼ିଛନ୍ତି। ସେ ବ୍ୟକ୍ତିଗତ କାରଣରୁ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଥିବା ନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପତ୍ର ପଠାଇଥିବା କହିଛନ୍ତି। ଆଗାମୀ ଦିନରେ କେଉଁ ଦଳକୁ ଯିବି ପରବର୍ତ୍ତୀ ସମୟରେ ବିଚାର କରିବି ବୋଲି ନିର୍ମଳ କହିଛନ୍ତି।

## କ୍ଷମା ମାଗିଲେ ବ୍ଲକ ବିଜେଡି ସଭାପତି

ପ୍ରୀତିପୁର,୬।୧୦(ସୁଶାନ୍ତ ବେହୁରିଆ)

**ଭାଜପା କର୍ମୀଙ୍କୁ 'ଜୋତାରେ ପିଟ' ମନ୍ତବ୍ୟ**

ଗାନ୍ଧୀ ଜୟନ୍ତୀଠାରୁ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ରା ସମୟରେ ଯାଜପୁର ଜିଲା ଦଶରଥପୁର ବ୍ଲକ ବିଜେଡି ସଭାପତି ଅଜୟ କୁମାର ମହାନ୍ତି ଭାଜପା କର୍ମୀଙ୍କୁ 'ଜୋତାରେ ପିଟ' ବୋଲି ଦେଇଥିବା ମନ୍ତବ୍ୟ ଉପରେ ରବିବାର କ୍ଷମା ପ୍ରାର୍ଥନା କରିଛନ୍ତି। ଏଭଳି ମନ୍ତବ୍ୟ ନେଇ ଭାଜପା ପକ୍ଷରୁ ଦଶରଥପୁର ଥାନାରେ ଏତଲା ଦାଏର କରାଯାଇଥିଲା। ଯାହାକୁ ନେଇ ଦଶରଥପୁର ଅଞ୍ଚଳରେ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା।

ଗାନ୍ଧୀ ଜୟନ୍ତୀ ଅବସରରେ କୁଆଁସ ମଙ୍ଗଳା ପୀଠରେ ଅନୁଷ୍ଠିତ ବିଜେଡି ସଭାରେ ଅଜୟ ଭାଜପା କର୍ମୀଙ୍କୁ ଜୋତାରେ ପିଟ ବୋଲି ମନ୍ତବ୍ୟ ଦେଇଥିଲେ। ରବିବାର ଉକ୍ତ କୁଆଁସ ପୀଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ବକ୍ତବ୍ୟ ଦେଉଥିବା ସମୟରେ ନକରାତ୍ମକ ଶବ୍ଦ ପାଟିରୁ ବାହାରି ଯାଇଥିଲା। କୌଣସି ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳକୁ ଆକ୍ଷେପ କରିବା ତାଙ୍କ ଉଦ୍ଦେଶ୍ୟ ନୁହେଁ। ଏପରି ଶବ୍ଦ ବାହାରି ଯିବା ଠିକ ନୁହେଁ ବୋଲି ଉପଲବ୍ଧି କରିଛନ୍ତି। ଏକ ରାଜନୈତିକ ଦଳର ବ୍ଲକ ସଭାପତି ଭାବେ ନିଜ ଦଳ ସହ ସବୁ ଦଳ ପ୍ରତି ଯଥେଷ୍ଟ ସମ୍ମାନ ରହିଛି, ଆଗକୁ ରହିଥିବ ବୋଲି ସେ ପ୍ରକାଶ କରିଛନ୍ତ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜୋନ ସଭ୍ୟା ମାମିନା ମଲ୍ଲିକ, ପଙ୍କଜ ଜେନା, ଧର୍ମରାଜ ଧୀର, ପ୍ରଭାତ ନାୟକ, ମାନସ ସାମଲ, ସୁଶାନ୍ତ ବାରିକ ଓ ଶୁଭ୍ରାଂଶୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଏକଜିଟ୍ ପୋଲ୍ ରିପୋର୍ଟ ପରେ ବଢ଼ିଲା ରାଜନୀତି

ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)

- ଇଣ୍ଡି ମେଣ୍ଟ ଶକ୍ତିଶାଳୀ ହେଉଛି: ଦେବାଶିଷ
- କାହାର ଉପର ଗତି, କାହାର ତଳ ଗତି ହେଉଛି ତାହା ଆଗକୁ ଜଣାପଡ଼ିବ: ପ୍ରସନ୍ନ
- ଯିଏ ମହାନ୍ ସ୍ରୋତରେ ନ ଯିବ ସିଏ ପଛରେ ପଡ଼ିବ: ଜୟଦେବ
- ଭାଜପା ଲୋକପ୍ରିୟତା ଦେଖି ବିଜେଡିର ସ୍ୱଭାବ ଏଭଳି ହେବା ସ୍ୱାଭାବିକ: ଗୋଲକ

ହରିୟାଣା ଏବଂ ଜମ୍ମୁ-କଶ୍ମୀର ନିର୍ବାଚନ ପାଇଁ ଭୋଟ ଶେଷ ହେବା ପରେ ଏକ୍‌ଜିଟ ପୋଲ୍ ରିପୋର୍ଟ ମଧ୍ୟ ଅନେକ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଛି। ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ଏକଜିଟ୍ ପୋଲ୍ ରିପୋର୍ଟ ଅନୁଯାୟୀ, ଏହି ଦୁଇ ରାଜ୍ୟରେ ଇଣ୍ଡି ମେଣ୍ଟ ସରକାର କରିବ ବୋଲି ଦର୍ଶାଇଛନ୍ତି। ଏହାପରେ ଓଡ଼ିଶା ରାଜନୀତିରେ ଭିନ୍ନ ପ୍ରକାରର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବିଜେଡି ଏବେ ଇଣ୍ଡି ମେଣ୍ଟ ସପକ୍ଷରେ ରହୁଥିବା ଚର୍ଚ୍ଚା ମଧ୍ୟ ଜୋର୍ ଧରିଛି। ଏକଜିଟ୍ ପୋଲ୍ ରିପୋର୍ଟ ଆସିବା ପରେ ବିଜେଡି ନେତା ତଥା ରାଜ୍ୟ ସଭା ଏମ୍‌ପି ଦେବାଶିଷ ସାମନ୍ତରାୟ କହିଛନ୍ତି, ସମୀକରଣ ଯାହା କହୁଛି ଇଣ୍ଡି ମେଣ୍ଟ ଶକ୍ତିଶାଳୀ ହେଉଛି। ଏହା ହେଉଛି ଆଗାମୀ ଦିନ ଲାଗି ଇଣ୍ଡିକେଟର। ସାମାଜିକ ଗଣମାଧ୍ୟମରେ ଆମେ ଯାହା ଦେଖୁଛେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଲୋକପ୍ରିୟତା ମଧ୍ୟ ବୃଦ୍ଧି ହେବାରେ ଲାଗିଛି। ଆଗକୁ ଇଣ୍ଡି ମେଣ୍ଟ ସହିତ ବିଜେଡି ଯିବ କି ନାହିଁ ସେହି ନିଷ୍ପତ୍ତି ଦଳ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି।

ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଇଣ୍ଡିଆ ମେଣ୍ଟ ସମ୍ପର୍କରେ କିଛି ମତ ଦେବାର ନାହିଁ କିନ୍ତୁ ଆମ ଦେଶ ଆଗକୁ ଯାଉ ବୋଲି ଚାହୁଁଛୁ। କଶ୍ମୀର ଏବଂ ହରିୟାଣାରେ ଯେଉଁ ନିର୍ବାଚନ ସରିଲା ଆଗକୁ ଯେଉଁ ୨ଟା ରାଜ୍ୟରେ ନିର୍ବାଚନ ହେବ ଅପେକ୍ଷା କରନ୍ତୁ କିଏ କେଉଁ ଦିଗକୁ ଯାଉଛି, କାହାକୁ ଉପର ଗତି ହେଉଛି କାହାର ତଳ ଗତି ହେଉଛି ତାହା ଭବିଷ୍ୟତରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

କଂଗ୍ରେସ ନେତା ଜୟଦେବ ଜେନା କହିଛନ୍ତି, ଦେଶରେ କଂଗ୍ରେସ ଯେଉଁଭଳି ଆଗକୁ ଯାଉଛି, ଏହାର ପ୍ରଭାବ ଓଡ଼ିଶା ଉପରେ ମଧ୍ୟ ପଡ଼ିସାରିଲାଣି। ଯିଏ ଏହି ମହାନ ସ୍ରୋତରେ ନ ଯିବ ସିଏ ପଛରେ ପଡ଼ିଯିବ। ସବୁଆଡେ କଂଗ୍ରେସର ଲହର ହେବା ଆରମ୍ଭ ହେଲାଣି, ଓଡ଼ିଶାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି ବୋଲି ସେ କହିଛନ୍ତି।

ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି, ଓଡ଼ିଶାରେ ଯେତେବେଳେ ଭାଜପା ଲୋକପ୍ରିୟ ହେଉଛି ବିଜେଡିର ଆଚରଣ ଏଭଳି ହେବା ସ୍ୱାଭାବିକ। ସେମାନେ କେଉଁଆଡେ ଯିବେ ନ ଯିବେ ସେ ନିଷ୍ପତ୍ତି ସେମାନେ କରିବେ। ରାଜ୍ୟ ରାଜନୀତିରେ ତା'ର କିଛି ପ୍ରଭାବ ପଡ଼ିବ ନାହିଁ। ଭାଜପାର ଓଡ଼ିଶାରେ କିଛି ଅସୁବିଧା ନାହିଁ ବୋଲି ଗୋଲକ କହିଛନ୍ତି।

**ରାଜ୍ୟ ଖବର**

# ପ୍ରାକୃତିକ ଐତିହ୍ୟର ସୁରକ୍ଷା ନିହାତି ଆବଶ୍ୟକ

**ଓଇଏସ୍ ପକ୍ଷରୁ ବନ୍ୟପ୍ରାଣୀ ସପ୍ତାହ**

ଭୁବନେଶ୍ୱର, ୬।୧୦ (ବନ୍ଦନା ସେଠୀ)

ସାମ୍ପ୍ରତିକ ପରିସ୍ଥିତିରେ ଆମ ପ୍ରାକୃତିକ ଐତିହ୍ୟ ପାଇଁ ପ୍ରମୁଖ ବିପଦ ହେଉଛି ଜଳବାୟୁ ପରିବର୍ତ୍ତନ। ଏହା ଜୀବଜନ୍ତୁଙ୍କ ବାସସ୍ଥଳୀ ନଷ୍ଟ, ପାଣିପାଗ ପରିବର୍ତ୍ତନ ଏବଂ ପ୍ରାକୃତିକ ବିପର୍ଯ୍ୟୟର ବାରମ୍ବାର ବୃଦ୍ଧି ଘଟାଇ ଚାଲିଛି। ଏହି ପ୍ରଭାବଗୁଡ଼ିକର ମୁକାବିଲା ପାଇଁ କୃଷି, ଶିଳ୍ପ ଏବଂ ସହରୀ ବିକାଶରେ ଚିରସ୍ଥାୟୀ ଅଭ୍ୟାସ ଗ୍ରହଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଛି। ରବିବାର ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ 'ଆମର ପ୍ରାକୃତିକ ଐତିହ୍ୟର ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ତଥା ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟର ମୁଖ୍ୟ ଶ୍ରୀ ଗୌରବ ଯୋଗଦେଇ କହିଲେ,


ଆଲୋଚନାଚକ୍ରରେ ଆଞ୍ଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟର ମୁଖ୍ୟ ଶ୍ରୀ ଗୌରବଙ୍କ ସହ ଅନ୍ୟମାନେ।

ଆମର ପ୍ରାକୃତିକ ଐତିହ୍ୟର ସୁରକ୍ଷା ନିମନ୍ତେ ପାରମ୍ପାରିକ ସଂରକ୍ଷଣ ପଦ୍ଧତି ଯଥେଷ୍ଟ ମହତ୍ତ୍ୱ ବହନ କରେ। ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା ଏବଂ ସଚେତନତାର ବୃଦ୍ଧି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବୋଲି ସେ ବର୍ଣ୍ଣନା କରିଥିଲେ। ଓଇଏସ୍‌ର ସଭାପତି ଡ଼. ସୁନ୍ଦର ନାରାୟଣ ପାତ୍ର ଅଧ୍ୟକ୍ଷତା କରି ପ୍ରାକୃତିକ ପରିସଂସ୍ଥା ଏବଂ ଜୈବବିବିଧତା ସଂରକ୍ଷଣର ଜଟିଳତାକୁ ଠିକ୍ ରୂପେ ବୁଝିବା ସହିତ ରାଜନୈତିକ ପ୍ରତିବଦ୍ଧତା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇ କହିଲେ, ସଂରକ୍ଷଣକୁ ପ୍ରାଥମିକତା ପ୍ରଦାନ କରି ପ୍ରକୃତି ପ୍ରତି ଗଭୀର ସମ୍ମାନ ବଢ଼ାଇବା ଆବଶ୍ୟକ। ଏହାଦ୍ୱାରା ଆମେ ଭବିଷ୍ୟତ ପିଢ଼ି ପାଇଁ ଆମ ଗ୍ରହର ଅପୂରଣୀୟ ସମ୍ପଦକୁ ସୁରକ୍ଷିତ କରିପାରିବା। ପୂର୍ବତନ ପିସିସିଏଫ ଡ. ବିଜୟ କେତନ ପଟ୍ଟନାୟକ ଜୈବିକ ସମ୍ବଳର ଅତ୍ୟଧିକ ଶୋଷଣ କିପରି ପ୍ରାକୃତିକ ଐତିହ୍ୟ ସଂରକ୍ଷଣରେ ବାଧା ସୃଷ୍ଟି କରେ ସେ ବିଷୟରେ ଆଲୋଚନା କରିଥିଲେ। ଉପସଭାପତି ଡ. ଲାଲା ଏକେ ସିଂହ ସଂରକ୍ଷଣ ବିଜ୍ଞାନର ଗବେଷଣାକୁ ପ୍ରାଧାନ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୁଧାକର କର, ପ୍ରଫେସର କୃଷ୍ଣ ଚନ୍ଦ୍ର ସାହୁ, ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ରବୀନ୍ଦ୍ର ନାଥ ପାଢ଼ୀ ପ୍ରମୁଖ ନିଜ ମତ ରଖିଥିଲେ। ଯୁଗ୍ମ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବତୀଙ୍କୁ ବ୍ଲାକ୍‌ମେଲ: ଫେରାର ଯୁବକ ଗିରଫ

ଭୁବନେଶ୍ୱର,୬।୧୦
(ସୂର୍ଯ୍ୟକାନ୍ତ ବେହେରା)

ଜଣେ ଯୁବତୀଙ୍କୁ ବ୍ଲାକ୍‌ମେଲିଂ କରିବା ସହ ତାଙ୍କର କିଛି ଗୁପ୍ତ ଫଟୋ ଫେସ୍‌ବୁକ୍‌ରେ ଭାଇରାଲ କରିବା ମାମଲାରେ ଖାରବେଳ ନଗର ଥାନା ପୋଲିସ ଫେରାର ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଶିମୁଳିଆ ଥାନା ଅଞ୍ଚଳର ପ୍ରକାଶ କୁମାର ବେହେରା। ତାଙ୍କଠାରୁ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି। ସୂଚନାନୁସାରେ, ପୀଡ଼ିତା ଯୁବତୀ ଜଣକ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ପଢ଼ିବା ସହ ପୋଖରୀପୁଟ ଅଞ୍ଚଳରେ ଥିବା ଏକ ଛାତ୍ରୀନିବାସରେ ରହୁଥିଲେ। ଅଭିଯୁକ୍ତ ଜଣକ ଭୁବନେଶ୍ୱରରେ ରହି ଇଲେକ୍ଟ୍ରିକ୍ କାମ କରୁଥିଲେ। ଉଭୟଙ୍କ ମଧ୍ୟରେ ଚିହ୍ନା ପରିଚୟ ହୋଇ ସମ୍ପର୍କ ବଢ଼ିଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ପୀଡ଼ିତା ଓ ତାଙ୍କ ପରିବାର ସଦସ୍ୟଙ୍କ କିଛି ଫଟୋ ସଂଗ୍ରହ କରି ନିଜ ପାଖରେ ରଖିଥିଲେ। ପୀଡିତା ଜଣକ ଅଭିଯୁକ୍ତଙ୍କଠାରୁ ଦୂରେଇ ଯିବାରୁ ଉକ୍ତ ଫଟୋଗୁଡ଼ିକୁ ଏଡିଟ୍ କରି ଭାଇରାଲ୍ କରିଦେଇଥିଲେ। ଥାନାରେ ଅଭିଯୋଗ ପରେ ଅଭିଯୁକ୍ତ ଗୋଆ ପଳାଇଥିଲେ।

## ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ଭୁବନେଶ୍ୱର,୬।୧୦(ସତ୍ୟଜିତ୍ ରାଉତ)

**ପଳାଶୁଣୀ ଛକରେ ପୁଣି ଦୁର୍ଘଟଣା**

ଦୁର୍ଘଟଣାର ହଟ୍‌ସ୍ପଟ୍ ପାଲଟିଥିବା ଭୁବନେଶ୍ୱର ପଳାଶୁଣି ଛକ ଜାତୀୟ ରାଜପଥରେ ଆଉଏକ ଜୀବନ ଯାଇଛି। ରବିବାର ଟ୍ରକ୍ ଧକ୍କାରେ ଜଣେ ସାଇକେଲେ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗଞ୍ଜାମ ଜିଲା ପାଟପୁର ଥାନା ଅନ୍ତର୍ଗତ ବାଙ୍ଗେରେଡା ଗ୍ରାମର ବୁଲା ସେଠୀ (୪୨)। ବୁଲା ପଳାଶୁଣି ଅଞ୍ଚଳରେ ରହି ଶ୍ରମିକ ଭାବେ କାମ କରୁଥିଲେ। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ମଞ୍ଚେଶ୍ୱର ଥାନା ପୋଲିସ ଜବତ କରିଛି। ଏଥିସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂଚନାନୁସାରେ, ଅପରାହ୍ନ ୩ଟା ୩୦ରେ ବୁଲା ତାଙ୍କ ସାଇକେଲ ଧରି ପିଏଚ୍‌ଡି ରୋଡ୍ ପାର୍ଶ୍ୱରୁ ଅପରପାର୍ଶ୍ୱକୁ ଯିବାକୁ ଜାତୀୟ ରାଜପଥକୁ ପାର ହେଉଥିଲେ। ଏହି ସମୟରେ ଭୁବନେଶ୍ୱରରୁ କଟକ ଯାଉଥିବା ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ବୁଲା ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇଯାଇଥିବାବେଳେ ତାଙ୍କ ସାଇକଲେ ଭାଙ୍ଗି ଯାଇଥିଲା। ଘଟଣାସ୍ଥଳରୁ ବୁଲାଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବୁଲା ଏଠାରେ ବିଭିନ୍ନ ସ୍ଥାନରେ ରହୁଥିବା ବେଳେ ତାଙ୍କର କୌଣସି ସ୍ଥାୟୀଘର ନ ଥିଲା। ପୋଲିସ ପରିଚୟ ପାଇବା ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ପରିବାର ଲୋକଙ୍କ ଏତଲା ପରେ ମାମଲା ରୁଜୁ କରାଯିବ ଓ ସୋମବାର ଡ୍ରାଇଭରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପଳାଶୁଣୀରେ ବାରମ୍ବାର ଦୁର୍ଘଟଣା ଘଟିବ ବହୁ ଧନଜୀବନ ଯାଉଥିବାରୁ ସେଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଦୀର୍ଘବର୍ଷ ହେବ ଦାବି ହୋଇ ଆସୁଛି। ତେବେ ଗତ ଜୁନ୍ ୧୯ରେ ଭୁବନେଶ୍ୱର ଏମ୍‌ପି ସେଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏନ୍‌ଏଚ୍‌ଆଇ ପକ୍ଷରୁ ଏହି କାମ ମନ୍ଥର ଗତିରେ ଚାଲୁଥିବା ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ନାରାୟଣ ପୃଷ୍ଟି ଅଭିଯୋଗ ଆଣିଛନ୍ତି।

## ନୂଆ ନିଯୁକ୍ତି ଦେବ ଏସ୍‌ବିଆଇ

ଭୁବନେଶ୍ୱର,(ଅନୁରାଧା ମହାରଣା): ଚଳିତ ଆର୍ଥିକ ବର୍ଷରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସବିଆଇ) ୧୦ ହଜାର ନୂଆ ନିଯୁକ୍ତି ପ୍ରଦାନ ପାଇଁ ଲକ୍ଷ ରଖିଛି। ନିକଟରେ ୧,୫୦୦ ବୈଷୟିକ କର୍ମଚାରୀ ନିଯୁକ୍ତ କରାଯାଇଥିବା ଏସବିଆଇ ଚେୟାରମ୍ୟାନ ସି ଏସ୍ ସେଟ୍ଟୀ କହିଛନ୍ତି। ୨୦୨୪ ମାର୍ଚ୍ଚ ସୁଦ୍ଧା ଏସବିଆଇ କର୍ମଚାରୀଙ୍କ ସଂଖ୍ୟା ୨,୩୨,୨୯୬ ରହିଥିବାବେଳେ ସେମାନଙ୍କ ମଧ୍ୟରେ ୧୧୦୧୧୬ ଜଣ ଅଫିସର ର୍‍ୟାଙ୍କର ବ୍ୟକ୍ତି ରହିଛନ୍ତି। ଗ୍ରାହକଙ୍କ ଆଶା ବଢୁଥିବାବେଳେ ଦିନକୁ ଦିନ ଟେକ୍ନୋଲୋଜିର ବ୍ୟବହାର ମଧ୍ୟ ବଢୁଛି।

# କୋଇଲାରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରିବାରେ ଇଂଲଣ୍ଡ ପ୍ରଥମ

### ଭାରତରେ କୋଇଲାରୁ ମୁକ୍ତି ଯୋଜନା ଶିଥିଳ

ଭୁବନେଶ୍ୱର,୬।୧୦(ଅନୁରାଧା ମହାରଣା)



ଅକ୍ଟୋବର ପହିଲାରେ ଇଂଲଣ୍ଡ (ୟୁକେ) ଏହାର ଶେଷ କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ବନ୍ଦ କରି କୋଇଲାରୁ ବିଦ୍ୟୁତ୍ ଉତ୍ପାଦନକୁ ସମ୍ପୂର୍ଣ୍ଣ ରୂପେ ହଟାଇବା କ୍ଷେତ୍ରରେ ଜି୭ ଦେଶ ମଧ୍ୟରେ ପ୍ରଥମ ହୋଇଛି। ୨୦୨୫ରେ କୋଇଲାରୁ ବିଦ୍ୟୁତ୍ ଉତ୍ପାଦନ ପ୍ରକ୍ରିୟା ବନ୍ଦ କରିବା ପାଇଁ ସମୟ ନିର୍ଦ୍ଧାରିତ ହୋଇଥିବାବେଳେ ଏହାର ଏକ ବର୍ଷ ପୂର୍ବରୁ ୟୁକେ ଏହି ଲକ୍ଷ୍ୟ ହାସଲ କରିଛି। ବ୍ରିଟେନରେ ୪ଟି ଦେଶ ଇଂଲଣ୍ଡ, ଉତ୍ତର ଆୟର୍ଲାଣ୍ଡ, ସ୍କଟଲ୍ୟାଣ୍ଡ ଏବଂ ୱେଲ୍ସ ଅର୍ନ୍ତଭୁକ୍ତ ରହିଛି। ୟୁକେ ସମୟକ୍ରମେ ଗ୍ୟାସଆଧାରିତ୍ ବିଦ୍ୟୁତ୍ ଏବଂ ଅଙ୍ଗାରକାମ୍ଳ ନିର୍ଗମନ ଉପରେ ରୋକ୍ ଲଗାଇବା ସହ କୋଇଲା ବ୍ୟବହାରକୁ ହ୍ରାସ କରିଛି। ଅନ୍ୟପଟେ ୨୦୦୦ ମସିହାରୁ ସର୍ବଭାରତୀୟ ସ୍ତରରେ ଯୋଡି ହୋଇଥିବା ୧୫୮୮.୫ ଗିଗାୱାଟ (ଜିଡବ୍ଲ୍ୟୁ)ର ୬୯% ଚାଇନାରୁ ଆସିଛି। ଗ୍ଲୋବାଲ ଏନର୍ଜି ମନିଟରର ତଥ୍ୟ ଅନୁଯାୟୀ ଏହା ସମସ୍ତ ଦେଶ ତୁଳନାରେ ସର୍ବାଧିକ। ସମୁଦାୟ ବିଶ୍ୱ କ୍ଷମତାରେ ୧୨% ଅଭିବୃଦ୍ଧି ସହିତ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ୨୦୦୦ ମସିହାରୁ ଭାରତ ଯୋଗ କରିଥିବା କୋଇଲା କ୍ଷମତା ମଧ୍ୟରୁ ୨୦୧୫ ପ୍ୟାରିସ ଚୁକ୍ତି ପରେ ୨୯ ପ୍ରତିଶତ ଯୋଗ କରାଯାଇଛି। ଏଥି ସହିତ ଚୀନ ଏହି ଅବଧି ମଧ୍ୟରେ ଭାରତ ତୁଳନାରେ ପାଞ୍ଚ ଗୁଣ ଅଧିକ କୋଇଲା କ୍ଷମତା ଯୋଡ଼ିଛି। ଜର୍ମାନୀ ୧.୧ ଜିଡବ୍ଲ୍ୟୁ କୋଇଲା କ୍ଷମତା ଯୋଡ଼ିଥିବାବେଳେ ଆମେରିକା ୨୦୧୬ ପରଠାରୁ କୌଣସି ନୂତନ କୋଇଲା ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ନିର୍ମାଣ କରି ନାହିଁ। ବର୍ତ୍ତମାନ ଭାରତରେ ନିର୍ମାଣାଧୀନ ୨୯ ଗିଗାୱାଟ୍ କୋଇଲା କ୍ଷମତା ମଧ୍ୟରୁ ୮୦ ପ୍ରତିଶତ ତାମିଲନାଡୁ, ଉତ୍ତରପ୍ରଦେଶ, ତେଲେଙ୍ଗାନା, ଝାଡଖଣ୍ଡ, ଛତିଶଗଡ ଏବଂ ଓଡିଶାରେ ପ୍ରସ୍ତୁତ କରାଯାଉଛି। କୋଇଲାରୁ ବିଦ୍ୟୁତ୍ ଉତ୍ପାଦନରୁ ମୁକ୍ତି ପାଇବା ପାଇଁ ଭାରତର ଯୋଜନା ଶିଥିଳ ହୋଇଯାଇଛି। ଆଗାମୀ ୧୫ ବର୍ଷ ମଧ୍ୟରେ କୋଇଲା କ୍ଷମତା ମାତ୍ର ୧ଜିଗାୱାଟରୁ କମ କରିବା ପାଇଁ ଯୋଜନା ରହିଛି। ବିକଶିତ ଅର୍ଥନୀତି ଏବଂ ବ୍ରିକ୍ସ ଗୋଷ୍ଠୀର ଅନ୍ୟ ଦେଶ ତୁଳନାରେ ଭାରତର ଏହି ଲକ୍ଷ୍ୟ ବହୁତ କମ ଅଟେ। ଜିଏମର ଗ୍ଲୋବାଲ କୋଇଲା ପ୍ଲାଣ୍ଟ ଟ୍ରାକରର ପ୍ରୋଜେକ୍ଟ ମ୍ୟାନେଜର କ୍ରିଷ୍ଟାଇନ୍ ଶିଅର୍ କହିଛନ୍ତି ଯେ, ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି ଅନୁଯାୟୀ ଭାରତ ସରକାର କୋଇଲା ଉତ୍ପାଦନକୁ ବିସ୍ତାର କରିବାକୁ ଯୋଜନା କରୁଛନ୍ତି ଅନ୍ୟପଟେ ୨୦୪୦ ସୁଦ୍ଧା ଦେଶ କୋଇଲା ବ୍ୟବହାର ବୃଦ୍ଧି ପାଇବ ନାହିଁ ବୋଲି କହିଛି। ପ୍ୟାରିସ ଜଳବାୟୁ ଚୁକ୍ତି ଅନୁଯାୟୀ, କୋଇଲାରୁ ଶକ୍ତି ଉତ୍ପାଦନ ୨୦୪୦ ସୁଦ୍ଧା ସର୍ବଭାରତୀୟ ସ୍ତରରେ ଶେଷ ହେବା ଉଚିତ୍।

# ସାରା ଦେଶରେ ରିଲାଏନ୍ସର ସ୍ୱଚ୍ଛତା ଅଭିଯାନ



ଭୁବନେଶ୍ୱର,୬।୧୦(ଅଭୟ ଦାଶ)

ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ(ଆର୍‌ଆଇଏଲ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ଉଇ କେୟାର ଫର୍ ସ୍ୱଚ୍ଛତା ଅଭିଯାନର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ୭୫,୦୦୦ ରୁ ଅଧିକ ରିଲାଏନ୍ସ ସ୍ୱେଚ୍ଛାସେବୀ ଦେଶବ୍ୟାପୀ ସ୍ୱଚ୍ଛତା ହିଁ ସେବା ଜନ ଆନ୍ଦୋଳନର ଏକ ଅଂଶ ଭାବେ ୪,୧୦୦ ସ୍ଥାନରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୫୯ ହଜାରରୁ ଅଧିକ ରିଲାଏନ୍ସ କର୍ମଚାରୀ ସାମିଲ ଥିବାବେଳେ ପ୍ରାୟ ୧୬ ହଜାର ସାଧାରଣ ଲୋକ ରିଲାଏନ୍ସ ଫାଉଣ୍ଡେଶନର ବିଭିନ୍ନ ଅଭିଯାନ ସହିତ ଜଡିତ ଅଛନ୍ତି। ସେହିଭଳି ରିଲାଏନ୍ସ କର୍ମଚାରୀଙ୍କ ସହିତ ସେମାନଙ୍କ ପରିବାର ଏବଂ ସମୁଦାୟର ଲୋକମାନେ ମଧ୍ୟ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ୧୭ ହଜାରରୁ ଅଧିକ ଚାରା ରୋପଣ କରାଯାଇଥିଲା।

ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ସିଇଓ ଜଗନ୍ନାଥ କୁମାର କହିଛନ୍ତି, ରିଲାଏନ୍ସ ପାଇଁ ସ୍ୱଚ୍ଛ ଭାରତ କେବଳ ଏକ ମିଶନ ନୁହେଁ, ରିଲାଏନ୍ସ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ପରିବେଶର ଯତ୍ନ ନେବା ଲାଗି ଏହା ଏକ ସୁଯୋଗ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଚଳିତ ବର୍ଷ ଭାରତ ସରକାରଙ୍କ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଆମର ଅଂଶଗ୍ରହଣ ଏକ ଦଶନ୍ଧି ସମ୍ପୂର୍ଣ୍ଣ କରିଛି। ଏପରିକି ରିଲାଏନ୍ସ ପରିବ୍ୟବସ୍ଥାରେ ସନ୍ନିବେଶିତ ଉଇ କେୟାର ଦର୍ଶନ ଅନ୍ତର୍ଗତ ଆମର ଅଭିଯାନ ଏକ ସ୍ୱଚ୍ଛ ଏବଂ ସବୁଜ ଭାରତର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ସମଗ୍ର ଭାରତରେ ସ୍ୱଚ୍ଛତା ପାଇଁ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହି ଅଭିଯାନରେ ଯୋଗଦେବା ପାଇଁ ଜନସମୁଦାୟକୁ ଉତ୍ସାହିତ କରିବା ଆମର ମୂଳ ଲକ୍ଷ୍ୟ ଥିଲା। ଉଲ୍ଲେଖଯୋଗ୍ୟ, ୨୦୨୪ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ମଧ୍ୟରେ ବିଭିନ୍ନ ପ୍ରମୁଖ ଆବାସିକ ଅଞ୍ଚଳ, ବିଦ୍ୟାଳୟ, ବଜାର, ବେଳାଭୂମି, ଧାର୍ମିକ ସ୍ଥଳ, ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ରାସ୍ତା, ପାର୍କ ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନଗୁଡିକରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହା ବ୍ୟତୀତ ରିଲାଏନ୍ସ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଆୟୋଜିତ ସଚେତନତା କୁଇଜ୍, ପେଣ୍ଟିଂ ଏବଂ ପ୍ରବନ୍ଧ ପ୍ରତିଯୋଗିତା ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ୩୦,୦୦୦ ରୁ ଅଧିକ ପିଲା ଅଂଶଗ୍ରହଣ କରିଥିଲେ।

# ଆମାଜନ ଗୋଲ୍ଡ ଭାଉଚରର ଶୁଭାରମ୍ଭ

ନୂଆଦିଲ୍ଲୀ,୬।୧୦

ଚଳିତ ପାର୍ବଣ ଋତୁରେ ସୁନା, ରୁପା ଓ ମୂଲ୍ୟବାନ ଅଳଙ୍କାର କ୍ରୟ କରିବା ସହିତ ପ୍ରିୟଜନଙ୍କୁ ଉପହାର ଦେବା ପାଇଁ ଆମାଜନ ଗୋଲ୍ଡ ଭାଉଚର ଏକ ସରଳ ସମାଧାନ ପାଲଟିଛି। ଏପରିକି ଏହା ଜରିଆରେ ଉପଭୋକ୍ତା ଅଳଙ୍କାର କ୍ରୟଠାରୁ ଆରମ୍ଭ କରି ଉପହାର ପ୍ରଦାନ ପର୍ଯ୍ୟନ୍ତ ବ୍ୟାପକ ସୁବିଧା ପାଇପାରିବେ। ଉଲ୍ଲେଖଯୋଗ୍ୟ, ଫିନଟେକ୍ କମ୍ପାନୀ ପାଇନ୍ ଲ୍ୟାବ୍ସ ପ୍ରାଇଭେଟ୍ ଲିମିଟେଡ୍ (ପାଇନ୍ ଲ୍ୟାବ୍ସ) ଏବଂ ଆମାଜନ.ଇନ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ପାଇନ ଲ୍ୟାବ୍ସ ସହଭାଗିତାରେ ଆମାଜନ ଗୋଲ୍ଡ ଭାଉଚରର ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ଉପଯୁକ୍ତ କର୍ପୋରେଟ୍ ଗିଫ୍ଟିଂ ସଲ୍ୟୁଶନ୍, ଯାହା ଆମାଜନ ପେ'ର ସୁବିଧା ସହିତ ସୁନା ସହ ଜଡ଼ିତ ନିବେଶକୁ ସହଜ କରିଛି। ଏହି ଭାଉଚର୍ ବର୍ତ୍ତମାନ ପାଇନ ଲ୍ୟାବ୍ସ ଦ୍ୱାରା ପରିଚାଳିତ ହେଉଛି, ପାରମ୍ପରିକ ଗୋଲ୍ଡ ଭାଉଚର୍ ଗୋଟିଏ ବ୍ରାଣ୍ଡରେ ସୀମିତ ଥିବାବେଳେ ଏହି ଭାଉଚର ହେଉଛି, ପ୍ରଥମ ପ୍ରିପେଡ୍ ଉପକରଣ,ଯାହା ଉପଭୋକ୍ତାଙ୍କୁ ଆମାଜନ.ଇନରେ କଲ୍ୟାଣ,ଏମଏମଟିସି, ତନିସ୍କ ଏବଂ ଜୟଆଲୁକ୍କାସ ଭଳି ବିଶ୍ୱସ୍ତ ସୁନା ବ୍ରାଣ୍ଡ୍ ମଧ୍ୟରୁ ସିଧାସଳଖ ଚୟନ କରିବାର ସୁବିଧା ପ୍ରଦାନ କରୁଛି। ଏପରିକି ଏହା ସୁନିଶ୍ଚିତ କରୁଛି ଯେ ସେମାନେ ମୁଦ୍ରା ଏବଂ ସୁନା ରୁପାଠାରୁ ଆରମ୍ଭ କରି ଅଳଙ୍କାର ପର୍ଯ୍ୟନ୍ତ ସେମାନଙ୍କ ଶୈଳୀ ଏବଂ ପସନ୍ଦ ଅନୁଯାୟୀ ସୁନା ଉତ୍ପାଦ ଚୟନ କରିପାରିବେ।

# ରେପୋରେଟ୍ ହାର ପରିବର୍ତ୍ତନ ଆଶା କ୍ଷୀଣ

### ଆଜିଠାରୁ ଆରବିଆଇ ଏମପିସି ବୈଠକ

ଭୁବନେଶ୍ୱର,୬।୧୦(ଅନୁରାଧା ମହାରଣା)

ସୋମବାର ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଦ୍ୱି–ମାସିକ ମୁଦ୍ରା ନୀତି ସମୀକ୍ଷା ବୈଠକରେ ପ୍ରମୁଖ ସୁଧ ହାର ରେପୋ ହାରରେ ହ୍ରାସ ହେବାର ସମ୍ଭାବନା କମ୍ ରହିଛି। ବିଶେଷଜ୍ଞମାନଙ୍କ ମତାନୁସାରେ, ଖୁଚୁରା ମୁଦ୍ରାସ୍ଫୀତି ଏବେ ବି ଚିନ୍ତାର ବିଷୟ ପାଲଟିଛି ଏବଂ ପଶ୍ଚିମ ଏସିଆ ସଙ୍କଟ ଅଶୋଧିତ ତୈଳ ଏବଂ ଅନ୍ୟାନ୍ୟ ଦ୍ରବ୍ୟ ମୂଲ୍ୟ ଉପରେ ପ୍ରଭାବ ପକାଇବ। ଚଳିତମାସ ଆରମ୍ଭରେ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରା ନୀତି କମିଟି (ଏମପିସି)ର ପୁର୍ନଗଠନ କରିଥିଲେ। ତିନିଜଣ ନୂତନ ନିଯୁକ୍ତ ବାହ୍ୟ ସଦସ୍ୟଙ୍କୁ ନେଇ ଗଠିତ ଏହି କମିଟି ସୋମବାର ଏହାର ପ୍ରଥମ ବୈଠକ ଆରମ୍ଭ କରିବ। ଅକ୍ଟୋବର ୯ ବୁଧବାର ୩ ଦିନିଆ ଏହି ବୈଠକର ଫଳାଫଳକୁ ଏମପିସି ଅଧ୍ୟକ୍ଷ ତଥା ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଘୋଷଣା କରିବେ। ୨୦୨୩ ଫେବୃଆରୀରୁ ଆରବିଆଇ ରେପୋ ହାରକୁ ୬.୫% ରେ ଅପରିବର୍ତ୍ତିତ ରଖିଛି ରଖିଥିବାବେଳେ କେବଳ ଡିସେମ୍ବରରେ ଏଥିରେ କିଛି ଆଶ୍ୱସ୍ତି ମିଳିପାରେ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଗ୍ରାହକ ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ୪% (୨% କମ୍ କିମ୍ବା ବେଶି) ସୁନିଶ୍ଚିତ କରିବା ପାଇଁ ସରକାର କେନ୍ଦ୍ରୀୟ ବ୍ୟାଙ୍କକୁ ଦାୟିତ୍ୱ ଦେଇଛନ୍ତି। ବିଶେଷଜ୍ଞମାଙ୍କ କହିବାନୁସାରେ, ଆମେରିକାର ଫେଡେରାଲ ରିଜର୍ଭ ବେଞ୍ଚମାର୍କ ୦.୫%କୁ ହ୍ରାସ କରଥିବାବେଳେ ଆରବିଆଇ ଏହି ଧାରାକୁ ଅନୁସରଣ ନକରିପାରେ। ସୁଧହାର ହ୍ରାସ କରିଥିବା ଅନ୍ୟ କେତେକ ବିକଶିତ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକୁ ମଧ୍ୟ ଆରବିଆଇ ଅନୁସରଣ କରିନପାରେ ବିଶେଷଜ୍ଞମାନେ କହିଛନ୍ତି।

---


**ZILLA SWASTHYA SAMITI, DHENKANAL**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**
e-mail : nhmdkl@gmail.com

Advt. No. - 3040 Date - 05.10.2024

**Cancellation of Tender Notice**

**No.E-382** : Tender for selection of agencies for Housekeeping Services, Security Services & Mechanised Laundry Services under NIRMAL scheme invited by the Chief District Medical & Public Health Officer, Dhenkanal vide notice no.-04 dtd - 02.01.2024 are hereby cancelled due to administrative reason.

OIPR-10059/11/0007/2425 Sd./- CDM&PHO-cum-DMD, Dhenkanal

---

**ODISHA COMPUTER APPLICATION CENTRE**
**OCAC**
**REQUEST FOR PROPOSAL**
Enq.No.-OCAC-SEGP-INFRA-0027-2024-24074

Odisha Computer Application Centre (OCAC) invites Request for Proposal (RFP) for selection of MeitY-empanelled Cloud Service Provider (CSP) or a Managed Service Provider (MSP) partnered with MeitY-empanelled CSP for hosting of Subhadra application. For details please visit websites www.ocac.in & www.odisha.gov.in. The bid shall be submitted in electronic mode only in the portal https://enivida.odisha.gov.in latest by **28.10.2024, 12:30 P.M.** OCAC reserves the right to accept/ reject any/ all bids without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295

No. U-14 OIPR-16003/11/0022/2425

---

**OFFICE OF THE MANAGING DIRECTOR, WATCO** No.C-731
WATCO
Ground Floor, Unnati Bhawan, H.B. Colony, Satyanagar, Bhubaneswar-751007, Odisha, India
Telefax : +91-674-2571444 / E-Mail : watcoodisha@gmail.com

**INVITATION FOR BID (IFB)**
**Bid Identification No. WATCO (W) - 10/2024-25 Dtd. : 04.10.2024**
**WATCO No. 6076 Dated : 04.10.2024**

| | | | |
|---|---|---|---|
| 1 | Name of the Work | : | "Improvement of Water Supply to Brajarajnagar town for up-gradation of 24x7 Water Supply System" |
| 2 | Estimated Cost | : | Rs.30.75 Crore |
| 3 | Period of Completion | : | 2 (Two) years |
| 4 | Date and time of availability of bid document in the portal | : | From 11.00 A.M. of Dt. 09.10.2024 to 5.00 P.M. of 29.10.2024 |
| 5 | Last Date / Time of receipt of bids in the Portal | : | 5.00 P.M. of 29.10.2024 |
| 6 | Date and time of opening of technical bids | : | 12.30 P.M. of 30.10.2024 |
| 7 | Name and address of the Officer Inviting Bid | : | Managing Director, WATCO Telefax : 0674-2571444 E-Mail : watcoodisha@gmail.com |
| 8 | The bidders have to participate in ONLINE bidding only. | | |

Further details can be seen from the website www.tendersodisha.gov.in

OIPR-13194/11/0015/2425 Sd./- (MD) WATCO

---

**GOVERNMENT OF ODISHA** No.A-359
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, NAYAGARH**
e-Procurement Notice
BID IDENTIFICATION NO. - SEMIDN - 03/2024-25

**Letter No. - 1898** **Dated - 30.09.2024**

The Superintending Engineer, Minor Irrigation Division, Nayagarh on behalf of Governor of Odisha invites **percentage rate bids in Double cover only in ONLINE mode** for the Construction of works detailed in the table from "B" Class Contractors registered with the State Government and contractors of equivalent Grade/Class registered with Central Government/M.E.S/Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

| | | | |
|---|---|---|---|
| 1 | Name of the works | : | Improvement to Canal Service Road of projects under CAPEX Road grant for the year 2024-25 & Construction of Canal lining under CAPEX Lining grant for the year 2024-25 |
| 2 | Total No. of works | : | 12 (Twelve) |
| 3 | Estimated Cost | : | Varies from Rs. 50.34 lakh to Rs. 99.03 lakh |
| 4 | Class of Contractor | : | Class "B" |
| 5 | Period of completion | : | **04 (Four)** Calendar months |
| 6 | Date & time of Availability of Bid Document in the Portal for online bidding | : | **From 08.10.2024** at 10 A.M. to **17.10.2024** up to 5 P.M. |
| 7 | Last date/Time for receipt of Bid only in ONLINE | : | **17.10.2024** up to 5 P.M. |
| 8 | Date/Time of Opening of Technical Bid | : | **18.10.2024** at 11.00 A.M. at Office of the Superintending Engineer, M.I. Division, Nayagarh |
| 9 | Date/Time of Opening of Financial Bid | : | **To be intimated through website after evaluation of Technical Bid** |
| 10 | Date of Transparent Lottery (if cases arise) | : | At 11.00 hrs onwards of **Dt. 29.10.2024** |
| 11 | Name & Address of the Officer Inviting the Bid | : | Office of the Superintending Engineer, M.I. Division, Nayagarh, Tel No. (06753) 291009, e-Mail ID : eemidivisionnayagarh@gmail.com |
| 12 | Further details can be seen from the "e" Procurement Portal https://tendersodisha.gov.in | | |

OIPR-32260/11/0006/2425 Sd./- Superintending Engineer M.I. Division, Nayagarh

---

No.MM-184
**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ,**
**ଢେଙ୍କାନାଳ ବନଖଣ୍ଡ**
**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**
Tele Fax No. - 06762226717, e-mail ld-dfo.dhenkanal@odisha.gov.in
Bid Identification No. DFO-DKL-07/2024-25/Date : 04.10.2024

**NOTICE INVITING TENDER**

The Divisional Forest Officer, Dhenkanal Forest Division on behalf of Governor of Odisha invites Sealed Tender through offline, in **Double Cover System, in "OFF LINE"** mode for procurement of different articles required for various forestry management as enlisted in the Annexure-II from eligible Firms/Vendors/Suppliers registered with the State Governments, Central Government / M.E.S. / Railways or other Licensing Authorities for supply of the articles enlisted on production of definite proof from the appropriate authority. The tender paper with details of terms and conditions can be available in the website https://dhenkanal.odisha.gov.in and office of the Divisional Forest Officer, Dhenkanal Division, Dhenkanal in any working day from **05.10.2024 to 15.10.2024 within official hour (10 A.M. to 5.30 P.M.)** after payment of requisite fee of Rs.2,000/- (Two Thousand) only in cash or Account payee Bank Draft in **favour of Divisional Forest Officer, Dhenkanal Division** with all requisite documents, The bid along with relevant documents should reach in the O/O the Divisional Forest Officer, Dhenkanal Forest Division, AT/PO/PS/DIST.- Dhenkanal - 759001 on or before 15.10.2024 up to 5.30 P.M. through Registered / Speed Post / Courier Service or by hand only. The tender will be opened in the office of the undersigned on **17.10.2024 at 11.00 A.M.** hrs.

Sd./- Divisional Forest Officer Dhenkanal Division

OIPR-08037/11/0006/2425

---

**ODISHA CONSTRUCTION CORPORATION LIMITED**
(A Govt. of Odisha Undertaking)
Unit-VIII, Bhubaneswar
e-mail : theoccltd@odishaconstruction.com
**GSTIN - 21AAACO2571K2ZM**
Quotation Call Notice No. 02/OCCL/PUR/2024-25
No.CAD-1310

Type of Work : Supply of Cement (PSC/OPC) to Project sites of OCCL in different districts of Odisha.
No. of Bids : 03 Nos.
Period of Supply : 01.11.2024 to 30.04.2025

| Bid Identification No. | Type of Cement | Availability of Bid documents | Submission of Bid documents |
|---|---|---|---|
| OCC-Monitoring/03/ 2024-25 | PSC | 08.10.2024, 11.00 A.M. to 23.10.2024, 5.30 P.M. | 08.10.2024, 11.00 A.M. to 23.10.2024, 5.30 P.M. |
| OCC-Monitoring/04/ 2024-25 | OPC-43 | 08.10.2024, 11.00 A.M. to 23.10.2024, 5.30 P.M. | 08.10.2024, 11.00 A.M. to 23.10.2024 5.30 P.M. |
| OCC-Monitoring/05/ 2024-25 | OPC-53 | 08.10.2024, 11.00 A.M. to 23.10.2024, 5.30 P.M. | 08.10.2024, 11.00 A.M. to 23.10.2024, 5.30 P.M. |

Procurement Officer - General Manager (Mech.), H.O., OCC Ltd, Bhubaneswar.
Date of opening of Bid : 24.10.2024, at 11.30 A.M.
Further detail can be seen from the OCCL website (www.odishaconstruction.com)

OIPR-34176/11/0013/2425 Sd./- Managing Director

---

**ODISHA MINING CORPORATION LIMITED**
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**E-procurement notice** No.CAD-1318

| Sl. | Bid Document No. | Name of Work | Availability of Tender documents | Bid Due Date |
|---|---|---|---|---|
| 1 | OMC/E-PROC/ C&P/029/2024-25, Dtd. 27.09.2024 | Supply, Installation & commissioning of Network Devices for New Building and Other Locations in Daitari Region | 05.10.2024 | 02.11.2024 |
| 2 | OMC/E-PROC/ C&P/035/2024-25, Dtd. 04.10.2024 | Supply & Installation of Kitchen Equipment at different Mines of OMC | 08.10.2024 | 07.11.2024 |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0094/2425 Sd./- Head (C&P)

---

**ODISHA CONSTRUCTION CORPORATION LIMITED**
BHUBANESWAR, ODISHA, PIN-751012, Tel.No.(0674) 2562020
e-Mail:theoccltd@odishaconstruction.com, GSTIN-21AAACO2571K2ZM
No.CAD-1311: "e"-Procurement Notice No.27/OCCL/2024-25 (online)
**Online percentage rate tenders are invited for the following works.**

| Sl. No. | Name of Work | Name of Division | Bid Identification No. | Approx. value of work | Bid Security (through online transfer/ as per DTCN) (in Rs.) | Period of Comple-tion | Availability & Sub-mission of tender of Tender (On-line) |
|---|---|---|---|---|---|---|---|
| 01 | Improvement to Kundhei Distributary from RD 16.200 Km to 20.332 Km of Gop Branch Canal System | Nimapara Irrigation Division | OCCL-HQP/55/ 24-25 | Rs.7.55 Crore | Rs.7,50,000/- | 9 (Nine) Calendar Months | From 07.10.2024, 03.30 PM to 21.10.2024 5.30 PM |
| 02 | Improvement to periphery road on right side of Kuanria Dam & Road to view tower of Kuanria Irrigation Project | Nayagarh Irrigation Division | OCCL/ HQP/56/ 24-25 | Rs.0.87 Crore | Rs.87,000/- | 6 (Six) Calendar Months | |
| 03 | Restoration to right bank service road from 00 Km to 2.04 Km & Jayantipur distributary of Bahuda Irrigation Project | Chikiti Irrigation Division | OCCL/GMP/ 06/ 24-25 | Rs.7.30 Crore | Rs.7,30,000/- | 6 (Six) Calendar Months | |

Procurement Officer : Managing Director, OCCL.
Date of Opening of the Tender: **22.10.2024, 12.00 Noon onwards**
Further details can be seen from the e-Procurement portal: https://www.tendersodisha.gov.in.

OIPR-34176/11/0014/2425 **Sd./- Managing Director**

---

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୧୫୭୩୫ IND–II–PH–୧୨୧୮ ତା.୦୪.୧୦.୨୦୨୪
No. CAD-1315

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ୍ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅନ୍ତର୍ଗତ ଚଉମୁଖ ଗ୍ରାମରେ ସୁବର୍ଣ୍ଣରେଖା ନଦୀ ମୁହାଣ ନିକଟରେ ସର୍ବ ପାଣିପାଗ ବହୁମୁଖୀ ବନ୍ଦର (ପ୍ରଥମ ପର୍ଯ୍ୟାୟ) ପ୍ରତିଷ୍ଠା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ "ସର୍ବସାଧାରଣ ଶୁଣାଣି" ତା.୦୭.୧୦.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅନ୍ତର୍ଗତ ବାସୁଦେବପୁର ମୌଜାଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା।

ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ ସମ୍ବାଦପତ୍ର ଯଥା "The Times of India" ଏବଂ "ଧରିତ୍ରୀ" ରେ ତା.୦୫.୦୯.୨୦୨୪ ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ପ୍ରମୁଖ ଉତ୍ସବକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପୋଲିସ୍ ଫୋର୍ସର ଅଭାବ ଯୋଗୁଁ ତା.୦୭.୧୦.୨୦୨୪ ରିଖରେ ହେବାକୁ ଥିବା ଉକ୍ତ ଜନଶୁଣାଣିକୁ ସ୍ଥଗିତ କରାଯାଉଅଛି। ଉକ୍ତ ସର୍ବସାଧାରଣ ଶୁଣାଣି ତା.୨୨.୧୦.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା, ବାଲିଆପାଳ ତହସିଲ ଅନ୍ତର୍ଗତ ଡଗରା ମୌଜାଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୨.୧୦.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅନ୍ତର୍ଗତ ଡଗରା ମୌଜାଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ବାଲେଶ୍ୱର**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ବାଲେଶ୍ୱର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, **ବାଲେଶ୍ୱର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ବାଲେଶ୍ୱର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ https://ospcboard.odisha.gov.in/ରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱରସ୍ଥିତ** ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସଦସ୍ୟ ସଚିବଙ୍କ ଆଦେଶକ୍ରମେ
OSPCB-PH-ENV-0001-2024/01/2024 OIPR-08012/11/0095/2425 ସ୍ୱା./– ମୁଖ୍ୟ ପରିବେଶ ଯନ୍ତ୍ରୀ

---

NANDANKANAN No.MM-186
Web: www.nandankanan.org
**DEPUTY DIRECTOR**
**NANDANKANAN ZOOLOGICAL PARK**
P.O.BARANG, DIST-KHURDA, PIN-754005
PHONE:(M) 9437022023, Email: deputydirector.kanan@gmail.com
**e-Procurement Notice**
Tender Notice No.DD-NKN-38/PMU/NKZP-2024-25, Dt.5.10.2024

| | | | |
|---|---|---|---|
| 1 | Name of the Work | : | Tender for Construction of Himalayan Griffon enclosure inside Nandankanan Zoological Park for the year 2024-2025 |
| 2 | No. of Works | : | 1 (One) No. |
| 3 | Date of availability of bid document in the portal | : | 07.10.2024 |
| 4 | Class of Contractor | : | 'B' Class Contractor |
| 5 | Last date for receipt of bids in the portal | : | 18.10.2024 upto 5.00 P.M. |
| 6 | Date of opening of Technical Bid (Cover-I) | : | 19.10.2024 at 11.00 A.M. |
| 7 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O.- Barang, Dist- Khordha, Pin-754005 |

Further details can be seen from the e-Procurement portal https// tenderodisha.gov.in.

Sd./- Deputy Director Nandankanan Zoological Park

OIPR-08070/11/0018/2425

---

**REVENUE AND DISASTER MANAGEMENT DEPARTMENT**
**GOVERNMENT OF ODISHA**
**Expression of Interest for Engagement of Legal Consultancy Agencies for Legislative Reforms in Revenue Laws and Related Matters**

**No.F-** :Revenue and Disaster Management Department, Government of Odisha invites Expression of Interest (EOI) from eligible Legal Consultancy Agencies for Legislative Reforms in Revenue Laws and Related Matters.

Eligible Legal Consultancy Agencies having desired qualification and experience as per the details mentioned in the "Terms of Reference (ToR)" available in Govt. website www.odisha.gov.in and https://revenue.odisha.gov.in/ under the weblink "Tender and Advertisement" may apply. "EoI" document must be delivered in the address given below through Speed Post / Registered Post/ Courier addressed to **The Additional Secretary to Government, LR Branch, Revenue & Disaster Management Department, Lok Seva Bhawan, Bhubaneswar, Odisha, Pin - 751001**. Submission of "EoI" in any other mode is not acceptable. The last date for receipt of "EoI" is 29.10.2024 upto 18:00 Hours. The EoI will be opened on 30.10.2024 at 11.30 hours. The Selection Procedure will be governed by Procurement guidelines of QCBS methodology with ratio of 80:20 weightage for Technical qualification and Financial quotation respectively. The details of EoI is available in the website of www.odisha.gov.in and https://revenue.odisha.gov.in/

OIPR-24001/11/0108/2425 **Sd./- Additional Secretary to Government**


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାତୀୟ ପିକଲବଲରେ ଓଡ଼ିଶାକୁ ସ୍ୱର୍ଣ୍ଣ, ବ୍ରୋଞ୍ଜ



ପଦକ ସହ ଓଡ଼ିଶା ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)**

ହରିୟାଣାର ପାନିପତଠାରେ ଜାତୀୟ ପିକଲବଲ ଚାମ୍ପିୟନଶିପ୍‌ର ୮ମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଛି। ହରିୟାଣା ପିକଲବଲ ଆସୋସିଏଶନ ଓ ସର୍ବଭାରତୀୟ ପିକଲବଲ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ୧୬ରୁ ୬୦ ବର୍ଷରୁ ଉର୍ଦ୍ଧ୍ୱର ବିଭିନ୍ନ ବର୍ଗରେ ଏହି ପ୍ରତିଯୋଗିତା ହୋଇଥିଲା। ଓଡ଼ିଶାର ପ୍ରତିଷ୍ଠିତ ଟେନିସ କୋଚ୍ ଶୁଭ୍ରାଂଶୁ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ରାଜ୍ୟରୁ ମୋଟ ୧୭ ଖେଳାଳି ପ୍ରତିଯୋଗିତାର ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ଅଂଶଗ୍ରହଣ କରିଥିଲେ। ୬୦ ବର୍ଷରୁ ଉର୍ଦ୍ଧ୍ୱ ସିଙ୍ଗଲ୍ସରେ ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୩୫ ବର୍ଷରୁ ଉର୍ଦ୍ଧ୍ୱ ଡବଲ୍ସ ବର୍ଗରେ ଶକ୍ତି ରଞ୍ଜନ ଦାଶ ଓ ଅନନ୍ତ ନାୟକ ବ୍ରୋଞ୍ଜ ପଦକ ପାଇଥିଲେ। ଅନ୍ୟ କେତେକ ଖେଳାଳି କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲେ। ଓଡ଼ିଶା ପ୍ରତିଯୋଗୀଙ୍କ ଏହି ସଫଳତା ରାଜ୍ୟରେ ପିକଲବଲରେ ଉନ୍ନତି ହେଉଥିବା ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଗତ ୪ରୁ ୬ ପର୍ଯ୍ୟନ୍ତ ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୧୪ ରାଜ୍ୟରୁ ୪୨୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

# ଭାରତର ସହଜ ବିଜୟ

**ଗ୍ୱାଲିୟର,୬।୧୦**

ବାଂଲାଦେଶ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌କୁ ୭ ଉଇକେଟରେ ଜିତି ନେଇଛି ଭାରତ। ଭାରତୀୟ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ବାଂଲାଦେଶ ୧୯.୫ ଓଭରରେ ୧୨୭ ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ୧୧.୫ ଓଭରରେ ୩ ଉଇକେଟ ହରାଇ ୧୩୨ ରନ୍ କରିଥିଲା। ଭାରତ ପକ୍ଷରୁ ଏହି ମ୍ୟାଚ୍‌ରେ ମୟଙ୍କ ଯାଦବ ଓ ନୀତୀଶ କୁମାର ରେଡ୍ଡୀ ପଦାର୍ପଣ କରିଥିବା ବେଳେ ୩ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିଥିବା ବରୁନ୍ ଚକ୍ରବର୍ତ୍ତୀ ଓ ଅର୍ଶଦୀପ ସିଂ ୩ଟି ଲେଖାଏ ଉଇକେଟ ନେଇଥିଲେ।

## ପ୍ରଥମ ଟି୨୦

ଭାରତ ପକ୍ଷରୁ ଅର୍ଶଦୀପ ସିଂ ପ୍ରଥମରୁ ଘାତକ ବୋଲିଂ କରିବା କାରଣରୁ ବାଂଲାଦେଶ ୧୪ ରନ୍‌ରେ ୨ ଉଇକେଟ ହରାଇଥିଲା। ଅଧିନାୟକ ନଜମୋଲ ହୋସେନ ଶନ୍ତୋ ୨୭ ରନ୍ କରି ଇନିଂସ ସମ୍ଭାଳିଥିଲେ। ବାଂଲାଦେଶ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିବା ବେଳେ ୧୦୦ ରନ୍ ପାର କରିବା ନେଇ ଆଶଙ୍କା ଦେଖାଦେଇଥିଲା। ତେବେ ମେହିଦୀ ହସନ ମିରାଜ ଅପରାଜିତ ୩୫ ରନ୍‌ର ଇନିଂସ ଖେଳିଥିଲେ। ମେହିଦୀ ୩୨ ବଲ୍ ଖେଳି ୩ ଚୌକା ମାରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ଓ ବରୁନ ୩ ଉଇକେଟ ଲେଖାଏ ୱାଶିଂଟନ୍ ସୁନ୍ଦର, ମୟଙ୍କ ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୨୮ ରନ୍ ଲକ୍ଷ୍ୟରେ ଭାରତ ପକ୍ଷରୁ ସଞ୍ଜୁ ସାମସନ ୨୯ ଓ ଅଭିଷେକ ଶର୍ମା ୧୬ ବିସ୍ଫୋରକ ଆରମ୍ଭ କରିଥିଲେ। ଉଭୟ ୨ ଓଭରରେ ୨୫ ରନ୍ ଯୋଡିଥିଲେ। ୭ ବଲ୍‌ରୁ ୧୬ ରନ୍ କରଥିବା ଅଭିଷେକ ଦୁର୍ଭାଗ୍ୟଜନକ ଭାବରେ ରନଆଉଟ ହୋଇଥିଲେ। ତୃତୀୟ ଉଇକେଟରେ ସୂର୍ଯ୍ୟକୁମାର ଯାଦବ (୨୯) ଓ ସଞ୍ଜୁଙ୍କ ମଧ୍ୟରେ ୪୦ ରନ୍‌ର ପାର୍ଟନରଶିପ ହୋଇଥିଲା। ସାମସନ ୧୯ ବଲ ଖେଳି ୬ ଚୌକା ଓ ସୂର୍ଯ୍ୟ ୧୪ ବଲ୍ ଖେଳି ୨ ଚୌକା ଓ ୩ ଛକା ମାରିଥିଲେ। ଶେଷ ଆଡକୁ ହାର୍ଦ୍ଦିକ ପାଣ୍ଡ୍ୟା ୩୯ ଓ ନୀତୀଶ ରେଡ୍ଡୀ ୧୬ ରନରେ ଅପରାଜିତ ରହି ଭାରତକୁ ଜିତାଇଥିଲେ। ହାର୍ଦ୍ଦିକ ୧୬ ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିଲେ। ବାଂଲାଦେଶ ପକ୍ଷରୁ ମୁସ୍ତାଫିଜୁର ରେହମାନ ଓ ମେହିଦୀ ହସନ ମିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ନେବାପରେ ଉଲ୍ଲସିତ ବରୁନ୍ ଚକ୍ରବର୍ତ୍ତୀ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୧୯.୫ ଓଭରରେ ୧୨୭/୧୦ (ମେହିଦୀ ହସନ-୩୫, ନଜମୋଲ ହୋସେନ-୨୭, ତୌହିଦ୍ ହ୍ରିଦୟ-୧୨, ଅର୍ଶଦୀପ ସିଂ-୩/୧୪, ବରୁନ୍ ଚକ୍ରବର୍ତ୍ତୀ-୩/୩୧, ୱାଶିଂଟନ୍ ସୁନ୍ଦର-୧/୧୨)। ଭାରତ ୧୧.୫ ଓଭରରେ ୧୩୨/୩ (ହାର୍ଦ୍ଦିକ ପାଣ୍ଡ୍ୟା-୩୯*, ସୂର୍ଯ୍ୟକୁମାର ଯାଦବ-୨୯, ସଞ୍ଜୁ ସାମସନ-୨୯, ମେହଦୀ ହସନ-୧/୭, ମୁସ୍ତାଫିଜୁର ରେହମାନ-୧/୩୬)।

# ସ୍ୱର୍ଣ୍ଣ, ରୌପ୍ୟ ଜିତିଲେ ରୋହିତ

**କୋରାପୁଟ,୬।୧୦**
**(ଅମିତାଭ ବେହେରା)**

## ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟ ଚାମ୍ପିୟନଶିପ୍

କୋରାପୁଟ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗ ପ୍ରଥମ ବର୍ଷର ଛାତ୍ର ରୋହିତ ପାତ୍ର ଦକ୍ଷିଣ ଆଫ୍ରିକାର ସନ୍‌ସିଟିରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟ ଚାମ୍ପିୟନଶିପ୍‌ରେ ୧୨୦ କିଗ୍ରା + ସବ୍‌ଜୁନିୟର ବର୍ଗରେ ଡେଡ ଲିଫ୍ଟରେ ସ୍ୱର୍ଣ୍ଣ ଏବଂ ବେଞ୍ଚ ପ୍ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି । ଇଂଲଣ୍ଡର ୱିଲ ଆଣ୍ଡର୍ସ ଏବଂ ଉତ୍ତର ଆୟର୍ଲାଣ୍ଡର ଜ୍ୟାକ ଗ୍ରାହାମଙ୍କ ଭଳି ଶୀର୍ଷ ଆଥଲେଟ୍ସଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ରୋହିତଙ୍କ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ବିଶ୍ୱସ୍ତରରେ ଚମତ୍କାର ପ୍ରଦର୍ଶନ ସହ ଏହି ପଦକ ହାସଲ କରି ଭାରତ ଏବଂ ତାଙ୍କ ବିଶ୍ୱବିଦ୍ୟାଳୟକୁ ଗର୍ବିତ କରିଛନ୍ତି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ରୋହିତଙ୍କ ଏହି ସଫଳତା କେବଳ ବିଶ୍ୱବିଦ୍ୟାଳୟ ପାଇଁ ନୁହେଁ, ବରଂ ସମଗ୍ର ଦେଶ ଲାଗି ଗର୍ବ ଆଣିଛି ବୋଲି କହିଥିଲେ। ରୋହିତଙ୍କ ବିଜୟ କେବଳ ତାଙ୍କ ପାଇଁ ନୁହେଁ ବରଂ ଆମ ବିଶ୍ୱବିଦ୍ୟାଳୟ, ରାଜ୍ୟ ଲାଗି ଏକ ଐତିହାସିକ ମୁହୂର୍ତ୍ତ। ତାଙ୍କର କର୍ତ୍ତବ୍ୟ ଏବଂ ନିଷ୍ଠା ତାଙ୍କୁ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ପ୍ରଫେସର ତ୍ରିପାଠୀ କହିଛନ୍ତି।

ସୂଚନାଯୋଗ୍ୟ, ସନ୍‌ସିଟିରେ ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟ ଚାମ୍ପିୟନଶିପ୍ ଅକ୍ଟୋବର ୪ରୁ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ରୋହିତ ତାଙ୍କ ପିତା ଓ ଭାଇଙ୍କୁ ତାଙ୍କର ବଡ଼ ପ୍ରେରଣା ବୋଲି ଶ୍ରେୟ ଦେଇଛନ୍ତି । ରାଜସ୍ଥାନ ଶ୍ରୀଗଙ୍ଗାନଗରରେ ଅନୁଷ୍ଠିତ ଜାତୀୟ ପାୱାରଲିଫ୍ଟ ପ୍ରତିଯୋଗିତାରେ ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରି ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇଥିଲେ। କ୍ରୀଡ଼ାରେ ଉତ୍କୃଷ୍ଟ ହେବା ବ୍ୟତୀତ ରୋହିତ ସମନ୍ୱିତ ଗଣିତର ସ୍ନାତକୋତ୍ତର ଛାତ୍ର। ବିଶ୍ୱବିଦ୍ୟାଳୟରେ ରୋହିତଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଲ୍ଲେଖନୀୟ ସଫଳତାକୁ ପାଳନ କରିବା ପାଇଁ ସମସ୍ତେ ଏକାଠି ହୋଇଛନ୍ତି ବୋଲି ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କହିଛନ୍ତି ।




ପୋଡିୟମରେ ପୁରସ୍କାର ଗ୍ରହଣ ଅବସରରେ ରୋହିତ ପାତ୍ର (ଡାହାଣ)।

# ଭାରତୀୟ ମହିଳା ଦଳକୁ ରୌପ୍ୟ ପଦକ

## ଏସିଆ ରଗ୍‌ବୀ ସେଭେନ୍ସ

■ ସାମିଲ ଥିଲେ କିସ୍‌ର ୩ ଖେଳାଳି

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)**

କାଠମାଣ୍ଡୁସ୍ଥିତ ଦଶରଥ ଷ୍ଟାଡିୟମରେ ଅନୁଷ୍ଠିତ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି-୨୦୨୪ରେ ଭାରତୀୟ ମହିଳା ଦଳ ରୌପ୍ୟ ପଦକ ହାସଲ କରିଛି। ଭାରତୀୟ ଦଳରେ କିସ୍‌ର ୩ ଖେଳାଳି ହୁପି ମାଝି, ନିର୍ମାଲ୍ୟ ରାଉତ ଓ ଡୁମୁନି ମାର୍ଣ୍ଡି ସାମିଲ ଥିଲେ। ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭାରତୀୟ ଦଳ ଫିଲିପାଇନ୍ସଠାରୁ ୫-୭ରେ ପରାଜିତ ହୋଇଥିଲା। ପୂରା ଟୁର୍ନାମେଣ୍ଟରେ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଥିଲେ। ଲିଗ୍ ପର୍ଯ୍ୟାୟରେ ଶ୍ରୀଲଙ୍କାକୁ ୨୯-୧୦, ଇଣ୍ଡୋନେସିଆକୁ ୧୭-୧୦, ଇରାନକୁ ୨୦-୦ରେ ହରାଇବାପରେ ସେମିଫାଇନାଲରେ ଗୁଆମକୁ ୨୪-୭ ଗୋଲରେ ପରାସ୍ତ କରିଥିଲା ଭାରତ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।




ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ।

# ଓଏଫ୍‌ସିର ନିରାଶାଜନକ ଆରମ୍ଭ

**ଭୁବନେଶ୍ୱର,୬।୧୦**
**(ସରୋଜ ଜେନା)**

## ଏଏଫ୍‌ସି ମହିଳା କ୍ଲବ୍ ଚାମ୍ପିୟନଶିପ୍

ଭିଏତ୍‌ନାମର ଥଙ୍ଗ ନାଟ ଷ୍ଟାଡିୟମରେ ଖେଳା ଯାଉଥିବା ଏଏଫ୍‌ସି ମହିଳା କ୍ଲବ୍ ଚାମ୍ପିୟନଶିପ୍‌ରେ ଇଣ୍ଡିଆନ ଓମେନ୍ସ ଲିଗ୍ ଚାମ୍ପିୟନ ଓଡ଼ିଶା ଫୁଟ୍‌ବଲ କ୍ଲବ(ଓଏଫ୍‌ସି)ର ଆରମ୍ଭ ନିରାଶାଜନକ ରହିଛି। ଗ୍ରୁପ୍ ଷ୍ଟେଜରେ ଜାପାନିଜ୍ କ୍ଲବ୍ ଉରାୱା ରେଡ୍ସ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିଥିବା ବେଳେ ଦଳ ୧୭-୦ ବ୍ୟବଧାନରେ ଲଜ୍ଜାଜନକ ପରାଜୟ ବରଣ କରିଛି। ଉରାୱା ରେଡ୍ସ ପକ୍ଷରୁ ଦୁଇ ଜଣ ଖେଳାଳି ହ୍ୟାଟ୍ରିକ୍ ଅର୍ଜନ କରିଥିବା ବେଳେ ସମୁଦାୟ ୧୧ ଜଣ ଖେଳାଳି ଗୋଲ ସ୍କୋର କରିଥିଲେ। ଉରାୱା ରେଡ୍ସ ପକ୍ଷରୁ ୟୁଜୁହୋ ଶିଓକୋଶି ୧୫, ୧୮ ଓ ୩୦ ମିନିଟରେ ଓ ମିକି ଇଟୋ ୫୬, ୫୯, ୬୨ ଓ ୯୦+୪ ମିନିଟରେ ଗୋଲ ଦେଇଥିଲେ। ମେଇ ଶିମାଡା ୧୭ ଓ ୪୪ ମିନିଟରେ ଡବଲ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁ ଏଣ୍ଡୋ(୫), ସାଟୋକୋ ଫୁଜିସାକି(୯), ଏନା ଟାକାଟସୁକା(୧୩), ରିରିକା ଟାନୋ(୫୨), ଆକାରି କୁରିଶିମା(୫୪), ଫୁକା ଶୁନୋଡା(୬୮) ଓ ଆମି ଟାକେଉଚି (୮୩) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଏଫ୍‌ସି ପକ୍ଷରୁ ମରିୟମ ଜୁକ୍ ଇବ୍ରାହିମ୍ ଏକ ଆତ୍ମଘାତୀ ଗୋଲ ଦେଇଥିଲେ।

ଉରାୱା ରେଡ୍ସ ମ୍ୟାଚ୍‌ରେ ୭୭ ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲା। ଓଏଫ୍‌ସି ଖେଳାଳିଙ୍କୁ ଗୋଟିଏ ମଧ୍ୟ କର୍ନର ମିଳି ନ ଥିବା ବେଳେ ଉରାୱା ଖେଳାଳି ୧୨ଟି କର୍ନର ହାସଲ କରିଥିଲେ। ଓଏଫ୍‌ସି ପ୍ରିଲିମିନାରି ରାଉଣ୍ଡରେ ବିଜୟ ସହ ଗ୍ରୁପ୍ ପର୍ଯ୍ୟାୟରେ ସାମିଲ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଲାଇନ ସିଟି ସେଲର୍ସ ଓ ପରବର୍ତ୍ତୀ ମ୍ୟାଚ୍‌ରେ ଏତିହାର୍ଡକୁ ଦଳ ହରାଇଥିଲା। ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ୍ ବୁଧବାର ହୋ ଚି ମିନ୍ ସିଟି ବିପକ୍ଷରେ ଖେଳିବ।


# Classified Everyday
0674-2580101, 2549949




REAL ESTATE
SALE

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9938015048. D-1582

Plots Acharyavihar, Jayadevbihar, Nayapalli, Patia, Pahala, Chhatabar, Balakati. Contact: 7742796328. D-1448

Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226. D-1469

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' Road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘର କଲାଭଳି plot ମିଳୁଛି। (Owner) 9090963952. D-75996

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

3/4BHK ready to move speious duplex with amenities at Balianta near Syphon Sqr. Contact No.-8457085107. D-1535

Plot for Sale at Puri Konark Marine Drive (850/- per Sqft). Contact: 6371703010. D-1580

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895. D-1583




A Vertified Tile with Semi-Furnished Flat having 1100sqft. with 2 Rooms, 1 Kitchen, 1 Dining, 1 Toilet required for Office purpose. At Plot No.-533, Madhusudan Nagar, NICCO Park Lane, Bhubaneswar. Contact No- 8270887551, 8144088916. D-74720

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Kerala Massage therapy gents/ Ladies pain relief Bhubaneswar. 9337672475. D-1575

Newly open health benefits SPA special Offer @ 799 Bapuji Nagar. 9861237682. D-76160

Newly open Jyoti SPA positively health benefits (Expert therapist). 8458067955. D-76162

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75791

AFFIDAVIT

By virtue an affidavit sworn before Notary Public dated 25.09.2024 I, Kamalakanta Nayak, At/P.O.- Sanamanga, P.S.- Aul, Dist.- Kendrapara, Pin- 754218 declare that I have changed my daughter's name from Sarojini Nayak to Aradhya Nayak. Henceforth, She shall be known as Aradhya Nayak for all purposes. D-1584

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆକାଶ-ତ୍ରିନାଥଙ୍କୁ ଟାଇଟଲ

**ଭୁବନେଶ୍ୱର, ୬।୧୦ (ସରୋଜ ଜେନା)**

ଭୁବନେଶ୍ୱର ଡିଷ୍ଟ୍ରିକ୍ଟ କ୍ୟାରମ ଆସୋସିଏଶନ (ବିଡିସିଏ) ଏବଂ କ୍ଲବ ଯୁବଶକ୍ତି ୟୁନିଟ-୪ ମିଳିତ ସହଯୋଗରେ ପ୍ରଥମ ଜିଲାସ୍ତରୀୟ ଭାଗୀରଥି ପଟ୍ଟନାୟକ ମେମୋରିଆଲ କ୍ୟାରମ ଡବଲ୍ସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱରର ଏସ୍.ଆର. ସାମନ୍ତରାୟ ଓ ଜେ.କେ. ରାଉତରାୟଙ୍କୁ ପରାସ୍ତ କରି ଜଟଣୀର ଭି.ଆକାଶ ଓ ତ୍ରିନାଥ ବେହେରା ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ଏହି ଟୁର୍ନାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, କର୍ପୋରେଟର ଅଲିଅଲୀ ମଲ୍ଲିକ ଏବଂ ସାମାଜିକକର୍ମୀ ମନ୍ମଥ ରାଉତରାୟ, ନବକିଶୋର ବେହେରା ପ୍ରମୁଖ ଯୋଗଦେଇ ଉଭୟ ଚାମ୍ପିୟନ ଟିମ୍ ଓ ରନରଅପ ଟିମ୍‌କୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ବିଡିସିଏର ସଭାପତି ଇଂ. ସୁନୀଲ ପଟ୍ଟନାୟକଙ୍କ ସମେତ ବୀରେନ୍ଦ୍ର ମିଶ୍ର, ବିଚିତ୍ର ନାରାୟଣ ମିଶ୍ର, ବଦ୍ରିନାରାୟଣ ମିଶ୍ର, ଗୋପାଳ କୃଷ୍ଣ ଦାସ, ମାନସ ଦାସ, କାନ୍ତି ସ୍ୱାଇଁ, ନାରାୟଣ ଭ୍ରମରବର ରାଏ, ସୁଧୀର ପଟ୍ଟନାୟକ, ପ୍ରଶାନ୍ତ ପାଣି, ଅଂଶୁଭୂଷଣ ମିଶ୍ର, ବିଭୂତିଭୂଷଣ ପଣ୍ଡା, ବାଣୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।




କୃତୀ ପ୍ରତିଯୋଗୀମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଆର୍ଯ୍ୟଂଶ, ସତ୍ୟମ୍ ଚାମ୍ପିୟନ

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଷ୍ଟିୱାର୍ଟ ସ୍କୁଲରେ ରବିବାର ସ୍କୁଲ୍ସ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ଏହାର ମିନି ଗ୍ରୁପ୍ ବିଭାଗରେ ସେଣ୍ଟ ଜାଭିଅର୍ସ ହାଇସ୍କୁଲର ଆର୍ଯ୍ୟଂଶ ମିଶ୍ର ଚାମ୍ପିୟନ ହୋଇଛନ୍ତି। ସେହିପରି ସବ୍‌ଜୁନିୟର ଗ୍ରୁପ୍‌ରେ ସତ୍ୟମ୍ ସ୍ୱରୂପ ସାହୁ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଷ୍ଟିୱାର୍ଟ ସ୍କୁଲ ପ୍ରିନ୍ସିପାଲ ରଶ୍ମିରେଖା ସେନାପତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍କୁଲର ସମ୍ପାଦକ ଏଫ.ସି. ନର୍ଥ, ଜୁନିୟର କୋର୍ଡିନେଟର ସ୍ୱାତୀ ସୁଦେଷ୍ଣା ଦାସ, ସିନିୟର କ୍ରୀଡ଼ା ଶିକ୍ଷକ ଅସିତ କୁମାର ସାହୁ, କ୍ରୀଡ଼ା ଶିକ୍ଷକ ସୁପ୍ରସନ୍ନ ନାୟକ, ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ବ୍ରେନ୍ ଟ୍ୟୁମର: କାରଣ, ସତର୍କତା



ଡା. ନିତ୍ୟାନନ୍ଦ ସ୍ୱାଇଁ

"ଅନ୍ୟାନ୍ୟ ଅଙ୍ଗଭଳି ମସ୍ତିଷ୍କଟି ମଧ ଜୀବକୋଷଗୁଡ଼ିକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡ଼ଗୁଡ଼ିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡ଼ିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡ଼ିକରେ କ୍ୟାନ୍ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶି ମାରାତ୍ମକ।"

ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଲା ବ୍ରେନ୍ ବା ମସ୍ତିଷ୍କ। ଏହା ୨୮ଟି ଛୋଟବଡ଼ ହାଡ଼କୁ ନେଇ ଗଠିତ। ଖପୁରି ଭିତରେ ମସ୍ତିଷ୍କ ସୁରକ୍ଷିତ ହୋଇ ରହିଛି, ପୁଣି ପ୍ରାକୃତିକ ଉପାୟରେ। ମସ୍ତିଷ୍କଟି ବେଶ୍ ନରମ ଓ ଧଳା ଏହାର ଭିତର ଅଂଶ। ସେଥିପାଇଁ ଦୁର୍ଘଟଣାରେ ପଡ଼ି ଖପୁରି ଫାଟିଗଲେ 'ଦହି ବାହାରି ଆସିଲା' ବୋଲି ଲୋକେ କହିଥାଆନ୍ତି। ମସ୍ତିଷ୍କର ଓଜନ ଦେଢ଼ କିଗ୍ରା ଓ ଏହା ସ୍ନାୟୁକୋଷଗୁଡ଼ିକୁ ନେଇ ଗଠିତ। ମସ୍ତିଷ୍କର ରହିଛି ବିଭିନ୍ନ ଅଂଶ, ଯଥା- ସିରିବ୍ରମ, ସେରିବେଲମ୍, ବ୍ରେନ୍ ଷ୍ଟେମ୍ ଇତ୍ୟାଦି। ଅଂଶଭେଦରେ ସେଗୁଡ଼ିକର କାର୍ଯ୍ୟ ମଧ ଭିନ୍ନ ଭିନ୍ନ। ମସ୍ତିଷ୍କକୁ ଦେହର 'ହେଡ୍ ଅଫିସ' ବୋଲି କୁହାଯାଇଛି। କାରଣ ସମଗ୍ର ଦେହଟିର ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରିବାର ସୁଖୀ କାରିଗର ହେଉଛି ମସ୍ତିଷ୍କ। ଆମର ସୁଖ ଦୁଃଖ, କ୍ରୋଧ, ପ୍ରେମ, ଅଭିମାନ ସହ ବିଭିନ୍ନ ଅଭିବ୍ୟକ୍ତ ସମେତ ଶାରୀରିକ ସୁସ୍ଥଅସୁସ୍ଥ ମଧ ମସ୍ତିଷ୍କ ହାତରେ ରହିଛି। ଅନୁଭବ କରିବା, ଚଲାବୁଲା କରିପାରିବା, ଶ୍ୱାସକ୍ରିୟା କରିବା, ଚିନ୍ତା କରିବା, ମନେରଖିବା, ମନେପକାଇବା ଆଦି ଯାବତୀୟ କାମର ପଶ୍ଚାତ୍‌ରେ ରହିଛି ମସ୍ତିଷ୍କର ଭୂମିକା। ମସ୍ତିଷ୍କର ବିକାଶ ପ୍ରକ୍ରିୟାଟି ଆରମ୍ଭ ହୋଇଥାଏ ଭ୍ରୂଣ ଅବସ୍ଥାରୁ।

ବ୍ରେନ୍ ଟ୍ୟୁମର ବିଷୟରେ ଆମେ ଜାଣିବା ନିହାତି ଦରକାର। ଏହାର କାରଣ ଏବଂ କେଉଁ ପ୍ରକାର ସତର୍କତା ଅବଲମ୍ବନ କଲେ ସେଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ଆମେ ସମ୍ମୁଖୀନ ହେବା ନାହିଁ, ସେ ବିଷୟରେ ଜନସାଧାରଣ ଅବଗତ ହେବା ଦରକାର। ତେଣୁ ଏ ନେଇ ଯେତେ ଜନସଚେତନତା ସୃଷ୍ଟି କରାଯାଇ ପାରିବ ତାହା ସେତେ ଭଲ। ଏହାଦ୍ୱାରା ସାଧାରଣ ଲୋକ ଏଭଳି ସମସ୍ୟାର କାରଣ ବିଷୟରେ ଭଲ ଭାବରେ ଜାଣିପାରିବେ ଏବଂ ଠିକ୍ ସମୟରେ ତାହାର ଚିକିତ୍ସା ମଧ କରାଇପାରିବେ। ତେବେ ରୋଗର ଭାବୀ ପରିଣତି ଭଲ ହୋଇ ନ ଥିବାରୁ ରୋଗୀର ଚିକିତ୍ସାରେ ଅବହେଳା ନ କରି ରୋଗୀକୁ ସବୁ ପ୍ରକାର ସହାୟତା ଯୋଗାଇ ଦେବା ଓ ତାହାର ମନୋବଳ ବୃଦ୍ଧି କରାଇବା ପାଇଁ ଯତ୍ନଶୀଳ ହେବା ହେଉଛି ପରମ କର୍ତ୍ତବ୍ୟ। ରୋଗୀ, ରୋଗୀ ପରିବାର ସଦସ୍ୟ, ରୋଗୀ ଚିକିତ୍ସାରେ ନିୟୋଜିତ ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀମାନଙ୍କର ସମ୍ମିଳିତ ସହଯୋଗ ଏଥିପାଇଁ କାମ୍ୟ। ରୋଗ ସମ୍ବନ୍ଧୀୟ ଗବେଷଣା ପାଇଁ ମଧ ପର୍ଯ୍ୟାପ୍ତ ଅନୁଦାନ ଉପଲବ୍ଧ ହେବା ଉଚିତ।





ମସ୍ତିଷ୍କର କ୍ରିୟା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲେ ଆମେ ତାହାକୁ 'ମସ୍ତିଷ୍କ ମୃତ୍ୟୁ' ବା ବ୍ରେନ୍ ଡେଡ୍ ବୋଲି କହିଥାଉ। ସେପରି ଅବସ୍ଥା ଉପୁଜିଲେ ବିଭିନ୍ନ ଯାନ୍ତ୍ରିକ ଉପକରଣ ବିନିଯୋଗ କରି ରୋଗୀକୁ ବଞ୍ଚେଇ ରଖିହେଲେ ମଧ ମୃତ୍ୟୁ ହିଁ ହେଉଛି ଅବଶ୍ୟମ୍ଭାବୀ ପରିଣତି। ଏହି ବ୍ରେନ୍ ଡେଡ୍ ଅବସ୍ଥାରେ ହିଁ ଅଙ୍ଗ ପ୍ରତିରୋପଣ ପାଇଁ ତା'ର ଶରୀରରୁ ବିଭିନ୍ନ ଅଙ୍ଗ ସଂଗ୍ରହ କରାଯାଇଥାଏ।

ଅନ୍ୟାନ୍ୟ ଅଙ୍ଗଭଳି ମସ୍ତିଷ୍କଟି ମଧ ଜୀବକୋଷଗୁଡ଼ିକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡ଼ଗୁଡ଼ିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡ଼ିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡ଼ିକରେ କ୍ୟାନ୍ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶି ମାରାତ୍ମକ। ମସ୍ତିଷ୍କରେ କାହିଁକି ଟ୍ୟୁମର ହୋଇଥାଏ ତାହାର ସ୍ପଷ୍ଟ କାରଣ ଜଣାପଡ଼ିନି। ଅଥଚ କେବଳ ଆମେରିକାରେ ରହିଛନ୍ତି ପାଖାପାଖି ୭ ଲକ୍ଷ ବ୍ରେନ୍ ଟ୍ୟୁମର ରୋଗୀ।

ପିଲାଠାରୁ ବୁଢ଼ା- ସମସ୍ତେ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇପାରନ୍ତି। ମହିଳାମାନଙ୍କ ଅପେକ୍ଷା ବେଶି ଆକ୍ରାନ୍ତ ହୋଇଥାଆନ୍ତି ପୁରୁଷମାନେ। ତେବେ ବ୍ରେନ୍‌ଟ୍ୟୁମର କହିଲେ ଆମେ ସାଧାରଣତଃ ବ୍ରେନ୍ କ୍ୟାନ୍ସରକୁ ହିଁ ବୁଝିଥାଉ।

ଖପୁରି ପରିବେଷ୍ଟିତ ହୋଇଥିବାରୁ ବ୍ରେନ୍‌ରେ ଟ୍ୟୁମର ହେଲେ ବ୍ରେନ୍‌ଟି ପ୍ରସାରିତ ହେବାର ବାଟ ନ ଥାଏ। ଫଳରେ ଟ୍ୟୁମରର ଅବସ୍ଥିତି ଯୋଗୁ ବ୍ରେନ୍‌ରେ ଚାପ ବଢ଼ି ବଢ଼ି ଯାଏ। ପ୍ରକାଶ ପାଏ ଭୀଷଣ ମୁଣ୍ଡ ବ୍ୟଥା, ବାନ୍ତି, ଆଖିକୁ ଭଲ ଦେଖାଯାଏନା, କାନରେ ଭଲ ଶୁଣିହୁଏନି। ରୋଗୀ ସ୍ୱଚ୍ଛନ୍ଦରେ ଚଲାବୁଲା କରି ନ ପାରି ଟଳଟଳ ହୁଏ। ଭଲ ଭାବରେ କଥା କହିପାରେନି। କୌଣସି କଥା ମନେରଖିପାରନି। ପରିଲକ୍ଷିତ ହୁଏ ମାନସିକ ଅସ୍ଥିରତା। ମସ୍ତିଷ୍କର କେଉଁ ସ୍ଥାନରେ ଟ୍ୟୁମର ହୋଇଛି ତାହା ଉପରେ ହିଁ ଲକ୍ଷଣମାନ ନିର୍ଭର କରିଥାଏ।

ରୋଗ ନିର୍ଣ୍ଣୟ ପାଇଁ ଡାକ୍ତରମାନେ ରୋଗୀର ଶାରୀରିକ ପରୀକ୍ଷା କରନ୍ତି। ଖପୁରିକୁ ଏକ୍ସ-ରେ, ମସ୍ତିଷ୍କର ସିଟି ସ୍କାନ, ଏମ୍‌ଆର୍‌ଆଇ ସ୍କାନ୍, ପେଟ ସ୍କାନ୍, ଇସିଜି, ଆଞ୍ଜିଓଗ୍ରାମ୍, ଭେଣ୍ଟ୍ରିକ୍ୟୁଲୋଗ୍ରାମ ଇତ୍ୟାଦି ପରୀକ୍ଷା କରେଇ ନିଅନ୍ତି। ଅପରେଶନ କରିବା ସମୟରେ ଆକ୍ରାନ୍ତ ଅଂଶରୁ ତନ୍ତୁ ସଂଗ୍ରହ କରି କରେଇଥାଆନ୍ତି ତା'ର ବାୟୋଲୋଜି ପରୀକ୍ଷା।

ଅପରେଶନ ସମୟରେ ଖୁବ୍ ସାବଧାନତା ଅବଲମ୍ବନ କରାଯାଇଥାଏ। କାରଣ ମସ୍ତିଷ୍କରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରମାନ ଥିବାରୁ ସତର୍କ ନ ରହିଲେ ତାହା କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିବା ସ୍ୱାଭାବିକ। ଅପରେଶନ କରି ସାରି କରାଯାଏ ରଶ୍ମି ଚିକିତ୍ସା ବା 'ରେଡିଓଥେରାପି'। ସ୍ଥଳବିଶେଷରେ ରସାୟନ ଚିକିତ୍ସା ବା କେମୋଥେରାପି। ସଅଳ ଚିକିତ୍ସା କରା ନ ଗଲେ ରୋଗୀର ଭବିଷ୍ୟତ ଭଲ ନୁହେଁ।

-'ଅଭୀପ୍ସା', ସେକ୍ଟର-୬,
ପ୍ଲଟ ନଂ-୧୧୩୧,
ଅଭିନବ ବିଡ଼ାନାସୀ, କଟକ-୧୪
ମୋ: ୯୪୩୭୭୬୬୧୧୭

## ରୁହନ୍ତୁ ସଚେତନ



ଧୂମପାନ ଏଭଳି ଏକ ଅଭ୍ୟାସ ଯାହା ପରୋକ୍ଷରେ କେତେକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଟାଇପ-୨ ଡାଇବେଟିସ୍, ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡ଼ର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ, ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ପ୍ରକାର ଭେଦରେ ତମାଖୁ ଦୁଇ ପ୍ରକାର- ଧୂମବିହୀନ ଏବଂ ଧୂମଯୁକ୍ତ। ଧୂମବିହୀନ ତମାଖୁ ମଧ ଅତ୍ୟନ୍ତ କ୍ଷତିକାରକ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧରେ ଅନେକ ଉନ୍ନତି ମିଳିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ। ପରିବାର, ବନ୍ଧୁମାନଙ୍କର ଦିଗ୍‌ଦର୍ଶନ, ଅନୁରୋଧ, ସହଯୋଗ ଏବଂ ବାରମ୍ବାର ନିରୀକ୍ଷଣ ଧୂମପାନ ତ୍ୟାଗ କରିବା ଲାଗି ଉତ୍ସାହ ବଢ଼ାଇଥାଏ।

## ଉପକାରୀ ଭିଟାମିନ୍-ଇ



ଭିଟାମିନ୍-ଇ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଭଳି ଭିଟାମିନ୍‌ଯୁକ୍ତ ଖାଦ୍ୟ ଶରୀର ପାଇଁ ଆଣ୍ଟିଅକ୍ସିଡାଣ୍ଟ୍ ପରି କାମ କରେ। କେବଳ ସେତିକି ନୁହେଁ, ଏହାର ଆଉ ଏକ ଉପକାରୀ ଗୁଣ ମଧ ରହିଛି। ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ଭିଟାମିନ୍-ଇ ଯୁକ୍ତ ଖାଦ୍ୟ ଶରୀରରେ ଲାଲ୍ ରକ୍ତ କୋଷିକା ଗଠନରେ ମଧ ସାହାଯ୍ୟ କରେ। ଆଲର୍ଜି ଭଳି ସମସ୍ୟାରୁ ଏହା ମଧ କେତେକାଂଶରେ ରକ୍ଷା କରିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଆମ ଶରୀରରେ ପିଟ୍ୟୁଟାରୀ ଗ୍ରନ୍ଥି ଏବଂ ଥାଇରଏଡ୍ ଗ୍ରନ୍ଥିର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ଏହା ସହାୟକ ହୋଇଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍-ଇ ପ୍ରଚୁର ମାତ୍ରାରେ ଭରି ରହିଛି।

## ଜାଣି ରଖନ୍ତୁ



- ସବୁବେଳେ ନିଜ ଜୀବନଶୈଳୀ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ। କାରଣ ଏହା ଠିକ୍ ବାଟରେ ଚାଲିଲେ ଆମେ ନିଜକୁ ଅନେକାଂଶରେ ସୁସ୍ଥ ରଖିପାରିବା।
- ପ୍ରତିଦିନ ବ୍ରେକ୍‌ଫାଷ୍ଟ ଖାଦ୍ୟ ତାଲିକାରେ ଟଟକା ଫଳମୂଳ ସାମିଲ କରନ୍ତୁ। ଏଥିରୁ ପ୍ରସ୍ତୁତ ଜୁସ୍ ମଧ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ଜଣେ ବ୍ୟକ୍ତି ପ୍ରତିଦିନ ୬-୮ ଗ୍ଲାସ ପାଣି ପିଇବା ନିହାତି ଜରୁରୀ। କାରଣ ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ଦରକାର। ଖାଦ୍ୟ ଖାଇବାର ଅତିକମ୍‌ରେ ଅଧ ଘଣ୍ଟାଏ ପରେ ପାଣି ପିଇଲେ ଭଲ।
- ମାନସିକ ଭାବେ ସବୁବେଳେ ସୁସ୍ଥ ରହିବା ପାଇଁ ପ୍ରତିଦିନ କିଛି ସମୟ ପ୍ରାଣାୟାମ କରନ୍ତୁ।
- ଘରେ ଯଦି ଦୀର୍ଘ ମାସ ଧରି କୌଣସି ମେଡିସିନ୍ ଅଛି ଏବଂ ସେଗୁଡ଼ିକର ଏକ୍ସପାୟେରୀ ତାରିଖ ମନେ ନାହିଁ, ତେବେ ସେଗୁଡ଼ିକ ବ୍ୟବହାର ନ କରି ଫିଙ୍ଗି ଦିଅନ୍ତୁ।
- ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ନିଜର ପୁରୁଣା ପ୍ରେସ୍‌କ୍ରିପ୍‌ସନ ସାଙ୍ଗରେ ନିଅନ୍ତୁ। କାରଣ ଏଗୁଡ଼ିକ ବେଳେବେଳେ ରୋଗକୁ ଚିକିତ୍ସା କରିବାରେ ସହାୟକ ହୋଇଥାଏ।

## ଉନ୍ନତ ଜୀବନଶୈଳୀ ଅନ୍ତରାଳେ...



ଆଜିକାଲିର ବ୍ୟସ୍ତମୟ ଜୀବନରେ ଆମେ ନିଜ ଜୀବନଶୈଳୀ ପ୍ରତି ସଚେତନ ରହିବା ନିହାତି ଜରୁରୀ। କାରଣ ଏହାଦ୍ୱାରା ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। ତେବେ ଏଥିପାଇଁ କେତୋଟି ଦିଗ ପ୍ରତି ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାକୁ ପଡ଼ିବ। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇଥାଉ। ଏହାଦ୍ୱାରା ନିଜର କାର୍ଯ୍ୟଧାରା ପ୍ରଭାବିତ ହୁଏ। ତେଣୁ ସବୁଠାରୁ ବଡ଼ କଥା ହେଲା, ନିଜକୁ ସବୁବେଳେ ନକାରାତ୍ମକ ଚିନ୍ତାଧାରାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ମାନସିକତା ଯଦି ସକାରାତ୍ମକ ରହିଲା, ତେବେ ଆମେ ନିଜ ଜୀବନଧାରାକୁ ସୁରୁଖୁରୁରେ ଆଗକୁ ଆଗେଇ ନେଇପାରିବା। ନିଜକୁ ଏଭଳି ପରିବେଶରେ ରଖନ୍ତୁ, ଯାହାର ନକାରାତ୍ମକ ପ୍ରଭାବ ଆପଣଙ୍କର ମାନସିକତା ଉପରେ ପଡ଼ିବ ନାହିଁ। ନିଜେ ହସନ୍ତୁ ଅନ୍ୟମାନଙ୍କୁ ହସାନ୍ତୁ। ଏହାଦ୍ୱାରା ମନ ହାଲୁକା ରହିଥାଏ ଏବଂ ନିଜେ ସମ୍ପାଦନ କରୁଥିବା କାମକୁ ସୁଚାରୁ ରୂପେ କରିହୁଏ। ସନ୍ତୁଳିତ ଜୀବନଶୈଳୀ ପାଇଁ ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ। ସବୁବେଳେ ଠିକ୍ ସମୟରେ ଖାଆନ୍ତୁ। ନିଜକୁ ଏଭଳି ପରବେଶରେ ରଖନ୍ତୁ ଯେପରି ଆପଣ ଅନେକାଂଶରେ ସୁସ୍ଥ ରହିବେ। ଏହାବ୍ୟତୀତ ଯେତେ ବ୍ୟସ୍ତ ରହିଲେ ମଧ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ।

## ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍



ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍‌ରେ ଛୋଟ ଛୋଟ ଗଣ୍ଠି ଯଥା ଆଙ୍ଗୁଠି, ପାଦ ଇତ୍ୟାଦି ଫୁଲି ଦରଜ ହୋଇଥାଏ। ସାଧାରଣତଃ ଶରୀରର ଓଜନ ବହନ କରୁଥିବା ଆଣ୍ଠୁ, ହାତରେ ଉଠାଯାଉଥିବା ସମସ୍ତ ଜିନିଷର ଭାର, କାନ୍ଧ, ଶରୀରର ଓଜନ ବହନ କରୁଥିବା, ଚାଲିବା, ଦୌଡ଼ିବା, କୁଦା ମାରିବାରେ ସାହାଯ୍ୟ କରୁଥିବା ନିତମ୍ବ ବା ହିପ୍ ଗଣ୍ଠିବାତ ଦ୍ୱାରା ଆକ୍ରାନ୍ତ ହୋଇଥାଏ। ଗଣ୍ଠି ମଧରେ ଥିବା ସାଇନୋଭିଆଲ ତରଳ ରସରେ ହ୍ରାସ ହେଲେ, ବୟସାଧିକ କାରଣରୁ କ୍ୟାଲ୍‌ସିୟମର ଅଭାବ, ଭିଟାମିନ୍-ଡି'ର ଅଭାବ ପାଇଁ ଗଣ୍ଠି ରୋଗ ହୋଇଥାଏ। ଏହାବ୍ୟତୀତ ଦୁର୍ଘଟଣାରେ ଆଘାତ ଲାଗି ଯଦି ହାଡ଼ଗୁଡ଼ିକୁ ପରସ୍ପର ସହିତ ଖଞ୍ଜାରେ ବାନ୍ଧି ରଖିଥିବା ତନ୍ତୁ ଛିଡ଼ିଯାଆନ୍ତି, ସଂକ୍ରମିତ ହୁଅନ୍ତି ଅବା ଫୁଲି ଯାଆନ୍ତି ତାହାହେଲେ ଗଣ୍ଠିରେ ଯନ୍ତ୍ରଣା ହୋଇଥାଏ। ଗାଉଟ୍‌ରେ ଗଣ୍ଠିରେ ୟୁରିକ୍ ଏସିଡ୍ ଜମା ହୋଇ ଗଣ୍ଠିବାତ ସୃଷ୍ଟି କରିଥାଏ। କେତେକ କ୍ଷେତ୍ରରେ ଅଧିକ ମୌଳିକ କ୍ୟାଲ୍‌ସିୟମ ଫସ୍‌ଫେଟ୍ ଜମା ହେବା ଦ୍ୱାରା ମଧ ଗଣ୍ଠି ପ୍ରଭାବିତ ହୋଇଥାଏ। ତେଣୁ ଏଭଳି ସମସ୍ୟା ଦେଖାଦେଲେ ବିଳମ୍ବ ନ କରି ଅଭିଜ୍ଞ ରୁ୍ୟମାଟଏଡ୍ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

- ଖାଇବା ସାରିବାର ଠିକ୍ ପରେ ଚା, କଫି କିମ୍ବା କୋଲ୍ଡ ଡ୍ରିଙ୍କସ୍ ଆଦୌ ପିଅନ୍ତୁ ନାହିଁ। ଏହାଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ ଓ ଏହା ରକ୍ତ ସଞ୍ଚାଳନ ଉପରେ ମଧ ପ୍ରଭାବ ପକାଏ।
- ଯଦି ଆପଣ ଡାଇବେଟିସ୍ ସମସ୍ୟା ସହ ଜଡ଼ିତ, ତେବେ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ। ଏହାଦ୍ୱାରା ମେଦ ବୃଦ୍ଧି ହେବାର ଯଥେଷ୍ଟ ଆଶଙ୍କା ରହିଛି।



- ଦାନ୍ତଜନିତ କିଛି ସମସ୍ୟା ଥିଲେ ବିଳମ୍ବ ନ କରି ଅଭିଜ୍ଞ ଦନ୍ତ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ନ ହେଲେ ତାହା ପରବର୍ତ୍ତୀ ସମୟରେ ଗୁରୁତର ଆକାର ଧାରଣ କରେ ଏବଂ ସେଥିରୁ ଆରୋଗ୍ୟ ଲାଭ କରିବାକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ।
- ପ୍ରତିଦିନ ସକାଳୁ ଉଠି ବିଛଣାରେ ହିଁ କିଛି କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ଆହୁରି ସକ୍ରିୟ ହୋଇଥାଏ।
- ଦିନତମାମ ଖାଉଥିବା ଖାଦ୍ୟ ମଧରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ମଧ ଖାଆନ୍ତୁ ନାହିଁ।
- ସବୁବେଳେ ନିଜକୁ ଚିନ୍ତାଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। ତେଣୁ ସବୁବେଳେ ନିଜ ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।

## କୃତ୍ରିମ ବୁଦ୍ଧିମତ୍ତା

(ଶେଷ ଭାଗ)

ଯଦିଓ କୃତ୍ରିମ ବୁଦ୍ଧିମତ୍ତାର ବିକାଶର ପ୍ରାରମ୍ଭିକ ପର୍ଯ୍ୟାୟ ଆମେ ବର୍ତ୍ତମାନ ଆଣିଛୁ ତଥାପି କୃତ୍ରିମ ବୁଦ୍ଧିମତ୍ତା ମାନବ ସମାଜକୁ ଅନେକ ଉପାୟରେ ଉପକୃତ କରିବାର ସାମର୍ଥ୍ୟ ରଖିଛି। କୃତ୍ରିମ ବୁଦ୍ଧିମତ୍ତା ସ୍ୱାସ୍ଥ୍ୟସେବାରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ। କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ପରିଚାଳିତ ଯନ୍ତ୍ର ଡାକ୍ତରମାନଙ୍କୁ ଅଧିକ ଠିକ୍ ଏବଂ ଶୀଘ୍ର ରୋଗ ନିର୍ଣ୍ଣୟ କରିବାରେ ସାହାଯ୍ୟ କରିଥାଏ। ଉଦାହରଣ ସ୍ୱରୂପ କ୍ୟାନ୍ସର ଭଳି ମାରାତ୍ମକ ରୋଗକୁ ଅତିପ୍ରାଥମିକ ସ୍ତରରୁ ଚିହ୍ନଟ କରି ଏହାକୁ ଭଲ କରିବାରେ ସହାୟକ ହେବ। କୃତ୍ରିମ ବୁଦ୍ଧିମତ୍ତା ନିର୍ଦ୍ଦେଶରେ ପରିଚାଳିତ ନାନୋ ରୋବୋ ଯାହା କି ମାନବ ଶରୀରରେ ପ୍ରବେଶ କରି ନିର୍ଦ୍ଦିଷ୍ଟ ଆଭ୍ୟନ୍ତରୀଣ ଅଙ୍ଗରେ ଜଟିଳ ଅସ୍ତ୍ରୋପଚାର କରିପାରିବ। ଏହାବ୍ୟତୀତ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ, ସ୍ମାର୍ଟ ହୋମ ନିର୍ମାଣ, ସ୍ୱୟଂଚାଳିତ ଯାନ ପ୍ରଭୃତି ତଥା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ସମସ୍ତ ବୈଷୟିକ ଜ୍ଞାନକୌଶଳ ପରି କୃତ୍ରିମ ବୁଦ୍ଧିମତ୍ତାର ମଧ ବିପଜ୍ଜନକ ଦିଗ ଅଛି। କୃତ୍ରିମ ବୁଦ୍ଧିମତ୍ତା କେତେକ କ୍ଷେତ୍ରରେ ମନୁଷ୍ୟ ଠାରୁ ଅଧିକ ସକ୍ଷମ ହୋଇଥିବାରୁ ମନୁଷ୍ୟକୁ କର୍ମସଂସ୍ଥାନରୁ ବିସ୍ଥାପନ କରିପାରେ। ତେଣୁ ସବୁଠାରୁ ବଡ଼ ଚିନ୍ତା ହେଉଛି କୃତ୍ରିମ ବୁଦ୍ଧିମତ୍ତା ଚାକିରି କମାଇ ଦେଇ ବେକାରି ବୃଦ୍ଧି କରିପାରେ। ଅନ୍ୟପକ୍ଷରେ ବ୍ୟକ୍ତିଗତ ଗୋପନୀୟତାକୁ ନଷ୍ଟ କରିପାରେ। ଖଳ ପ୍ରକୃତିର ଲୋକ ତଥା ଆପରାଧିକ ତତ୍ତ୍ୱ ଏହାକୁ ସମାଜ ବିରୋଧୀ କାର୍ଯ୍ୟରେ ଲଗାଇପାରନ୍ତି। କୃତ୍ରିମ ବୁଦ୍ଧି ହେଉଛି ଏକ ଶକ୍ତିଶାଳୀ ସାଧନ, ଯାହା ଆମ ଦୁନିଆକୁ ସର୍ବଶ୍ରେଷ୍ଠ ଉନ୍ନତ ସଭ୍ୟତାରେ ପରିଣତ କରିବାର ସାମର୍ଥ୍ୟ ରଖିଛି ଓ ମନୁଷ୍ୟ ସମାଜର ସୁଖ, ସୁବିଧା ଓ ହିତ ପାଇଁ ବୈପ୍ଳବିକ ପରିବର୍ତ୍ତନ ଆଣିପାରେ। କିନ୍ତୁ ଏହା ଏକ ଦୁଇ ଧାରୁଆ ଅସ୍ତ୍ର, ଯାହାର ବ୍ୟବହାର ଅତି ସାବଧାନତାର ସହିତ କରିବା ଉଚିତ। ପୂର୍ବପରି ଅନ୍ୟାନ୍ୟ ବୈଜ୍ଞାନିକ ଆବିଷ୍କାର ପରି ଏହି ଦୁର୍ଲଭ ଉଦ୍ଭାବନକୁ ଲୋଭ ଓ ସ୍ୱାର୍ଥର ବଶବର୍ତ୍ତୀ ହୋଇ ଯଦି ମାନବ ସମାଜ ବ୍ୟବହାର କରେ ତେବେ ଏହା ମାନବ ସମାଜର ପ୍ରଭୂତ କ୍ଷତି କରିପାରେ। ତେଣୁ ଏହାର ସୁବିଧା ଓ ଅସୁବିଧାକୁ ବୁଝି ଏହା ପ୍ରସ୍ତୁତ କରୁଥିବା ଆହ୍ୱାନକୁ ସମାଧାନ କଲେ କୃତ୍ରିମ ବୁଦ୍ଧିମତ୍ତା ମାନବ ସଭ୍ୟତାକୁ ସର୍ବଶ୍ରେଷ୍ଠ ବିକଶିତ ସଭ୍ୟତାରେ ପରିଣତ କରିବ।



- ଡ. ଦେବାଶିଷ ମହାନ୍ତି, ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଢେଙ୍କାନାଳ
ମୋ: ୯୮୬୧୩୯୧୧୯୦

# ପ୍ରଥମ ଫାଇନାଲ ଜିତିଲା ବରଗଡ଼

## ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ୍

■ ମଙ୍ଗଳବାର ସୁନ୍ଦରଗଡ଼ରେ ଦ୍ୱିତୀୟ ଫାଇନାଲ

ବାରିପଦା,୬।୧୦

(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଷ୍ଟାଡିୟମ ପଡ଼ିଆରେ ରବିବାର ଅନୁଷ୍ଠିତ ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ୍ ଚାମ୍ପିୟନଶିପ୍-୨୦୨୪ର ପ୍ରଥମ ଫାଇନାଲରେ ବରଗଡ଼ ୩-୦ ଗୋଲରେ ମୟୂରଭଞ୍ଜକୁ ପରାସ୍ତ କରିଛି। ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଫାଇନାଲ ଆସନ୍ତା ମଙ୍ଗଳବାର ସୁନ୍ଦରଗଡ଼ରେ ଅନୁଷ୍ଠିତ ହେବ। ଏହି ମ୍ୟାଚର ଫଳାଫଳ ପରେ କେଉଁ ଦଳ ଚାମ୍ପିୟନ ହେବ ତାହା ନିର୍ଦ୍ଧାରିତ ହେବ। ବାରିପଦା ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଫାଇନାଲରେ ବରଗଡ଼ ଦଳର ରାଜୁ ବେହେରା, ପ୍ରଭାତ ଦନସେନା ଓ ଚନ୍ଦ୍ର ମୁର୍ମୁ ଗୋଲ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଉପ ସଭାପତି ବିଜୟ ଦାସ, ପଦ୍ମଲୋଚନ ଲେଙ୍କା ଓ ଅସିତ ପତି, ସହ ସମ୍ପାଦକ ଅଭିଜିତ ପାଲ, ଓଡ଼ିଶା ଅଲିମ୍ପିକ ଆସୋସିଏସନ କୋଷାଧ୍ୟକ୍ଷ ଅଧିପ ଦାସ ଓ ଭଦ୍ରକ ଆଥଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ଧିରେନ ପଲେଇ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ।

ଶ୍ରେଷ୍ଠ ଖେଳାଳି ଭାବେ ବରଗଡ଼ର ପ୍ରଭାତ ଦନସେନା, ଚନ୍ଦ୍ର ମୁର୍ମୁ, ସିରାଜ ଖାନ, ସିଦ୍ଧାନ୍ତ ପ୍ରଧାନ ଏବଂ ମୟୂରଭଞ୍ଜର ଫାଗୁ ହେମ୍ବ୍ରମ ଓ ମାନଚିତ୍ର ମାର୍ଣ୍ଡିଙ୍କୁ ଆର୍‌କେ ଫାଉଣ୍ଡେଶନର ନିର୍ଦ୍ଦେଶକ ଅମର ସେଠୀ ତାଙ୍କ ପିତାମାତାଙ୍କ ସ୍ମୃତିରେ ୫ ହଜାର ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ବାରିପଦା ପୌରପାଳିକା ପକ୍ଷରୁ ୫୦ ହଜାର ଓ ଭଞ୍ଜସେନା ତରଫରୁ ୩୦ ହଜାର ଓ ଏମ୍‌ପିଙ୍କ ପକ୍ଷରୁ ୩୦ ହଜାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ମୟୂରଭଞ୍ଜ ଦଳକୁ ଉତ୍ସାହିତ କରାଯାଇଥିଲା।

# ହାଇଦ୍ରାବାଦର ଦ୍ୱିତୀୟ ବିଜୟ

ଜମ୍ମୁ, ୬।୧୦

ଦିଲସାନ ମୁନାୱିରା(୫୧ ରନ, ୩ ଉଇକେଟ)ଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସତ୍ତ୍ୱେ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଲିଜେଣ୍ଡ୍ସ ଲିଗ୍ କ୍ରିକେଟର ରବିବାର ଅନୁଷ୍ଠିତ ମ୍ୟାଚରେ ଟୋୟମ ହାଇଦ୍ରାବାଦ ନିକଟରୁ ହାରି ଯାଇଛି। କୋଣାର୍କ ସୂର୍ଯ୍ୟସ ୨୦ ଓଭରରେ ୯ ଉଇକେଟ ହରାଇ ୧୦୦ ରନ କରିଥିଲା। ଟୋୟମ ହାଇଦ୍ରାବାଦ ୧୮.୨ ଓଭରରେ ୬ ଉଇକେଟ ହରାଇ ୧୦୧ ରନ ସଂଗ୍ରହ କରି ନେଇଥିଲା। ଅଧିନାୟକ ଗୁରକୀରଟ ସିଂ ମାନ ୫୨ ରନରେ ଅପରାଜିତ ରହି ହାଇଦ୍ରାବାଦ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଚଳିତ ଲିଗ୍‌ରେ ହାଇଦ୍ରାବାଦ ଦଳର ୬ ମ୍ୟାଚରୁ ଏହାଥିଲା ଦ୍ୱିତୀୟ ବିଜୟ। ଅନ୍ୟପକ୍ଷରେ କୋଣାର୍କ ସୂର୍ଯ୍ୟସ ୬ ମ୍ୟାଚରୁ ୨ୟ ପରାଜୟ ବରଣ କରିଛି।




ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବା ଯୋଗୁ ଦଳର ବଡ଼ ସ୍କୋର ସମ୍ଭବ ହୋଇ ନ ଥିଲା। ଦିଲସାନ ମୁନାୱିରାଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବ୍ୟାଟର ବିପକ୍ଷ ବୋଲରଙ୍କୁ ସଫଳ ମୁକାବିଲା କରିବାରେ ବିଫଳ ହୋଇଥିଲେ। ୮ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ମୁନାୱିରାଙ୍କୁ ଛାଡ଼ିଦେଲେ କେବଳ ଜେସି ରାଇଡର (୧୧) ଦୁଇଅଙ୍କ ସ୍ପର୍ଶ କରିଥିଲେ। ମୁନାୱିରା ୫୧ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୧ ଛକା ସହାୟତାରେ ୫୧ ରନ ସ୍କୋର କରିଥିଲେ। ହାଇଦ୍ରାବାଦ ବୋଲରଙ୍କ ମଧ୍ୟରେ ବିପୁଲ ଶର୍ମା ଓ ରବି ଜାଙ୍ଗିଦ ୨ଟି ଲେଖାଏ ଏବଂ ନୁଆନ ପ୍ରଦୀପ, ମଣ୍ଟି ପନିସର, ଶିବକାନ୍ତ ଶୁକ୍ଲା ଓ ଷ୍ଟୁଆର୍ଟ ବିନି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

କୋଣାର୍କ ସୂର୍ଯ୍ୟସ ଓଡ଼ିଶା ୨୦ ଓଭରରେ ୧୦୦/୯ (ଦିଲସାନ ମୁନାୱିରା-୫୧, ବିପୁଲ ଶର୍ମା-୨/୨୩, ରବି ଜାଙ୍ଗିଦ-୨/୧୫, ନୁଆନ ପ୍ରଦୀପ-୧/୨୧, ମଣ୍ଟି ପନିସର-୧/୧୩, ଶିବକାନ୍ତ ଶୁକ୍ଲା-୧/୧୦, ଷ୍ଟୁଆର୍ଟ ବିନି-୧/୬)। ଟୋୟମ ହାଇଦ୍ରାବାଦ ୧୮.୨ ଓଭରରେ ୧୦୧/୬ (ଗୁରକୀରଟ ସିଂମାନ-୫୨*, ଦିଲସାନ ମୁନାୱିରା-୩/୨୬, ଶାହାବାଜ ନଦୀମ-୧/୧୨, ପ୍ରବୀଣ ଟାମ୍ବେ-୧/୨୦)।

# ଜୋହର କପ୍: ଭାରତୀୟ ଦଳ ଘୋଷିତ

ବେଙ୍ଗାଲୁରୁ,୬।୧୦(ପି.ଟି.)

ସୁଲତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳ ରବିବାର ଘୋଷଣା କରାଯାଇଛି। ସିନିୟର ଦଳ ପକ୍ଷରୁ ଖେଳୁଥିବା ଡିଫେଣ୍ଡର ଅମିର ଅଲୀଙ୍କୁ ଏହି ଦଳର ଅଧିନାୟକ ଘୋଷଣା କରାଯାଇଥିବା ବେଳେ ରୋହିତଙ୍କୁ ଉପ ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। କିମ୍ବଦନ୍ତୀ ଭାରତୀୟ ଖେଳାଳି ପି.ଆର୍. ଶ୍ରୀଜେଶ୍ ଏହି ଦଳର କୋଚ୍ ଦାୟିତ୍ୱରେ ରହିବେ। ନୂତନ ଭାବେ ଦାୟିତ୍ୱ ନେଇଥିବା ଶ୍ରୀଜେଶଙ୍କ ଏହା ପ୍ରଥମ ଟୁର୍ନାମେଣ୍ଟ। ମାଲେସିଆରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଭାରତୀୟ ଦଳ ଜାପାନ (ଅକ୍ଟୋବର ୧୯), ଗ୍ରେଟ୍ ବ୍ରିଟେନ (ଅକ୍ଟୋବର ୨୦), ମାଲେସିଆ (ଅକ୍ଟୋବର୨୨), ଅଷ୍ଟ୍ରେଲିଆ (ଅକ୍ଟୋବର ୨୩) ଓ ନ୍ୟୁଜିଲାଣ୍ଡ (ଅକ୍ଟୋବର ୨୫) ବିପକ୍ଷରେ ମ୍ୟାଚ୍ ଖେଳିବ। ପଏଣ୍ଟ ଟେବୁଲ ଶୀର୍ଷରେ ଥିବା ୨ ଦଳ ମଧ୍ୟରେ ୨୬ରେ ଫାଇନାଲ ଖେଳାଯିବ।

# ଭୁବନେଶ୍ୱରରେ ନୁନଚାକୁ ସେମିନାର

ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ରବିବାର ନୁନ୍‌ଚାକୁ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ମୋଟ ୧୨୦ ଜଣ ଅଂଶଗ୍ରହଣ କରିଥିଲେ। ମାର୍ଶାଲ ଆର୍ଟର ଅନ୍ୟତମ ଷ୍ଟାଇଲ ନୁନଚା କ୍ରୀଡ଼ାର ମାନ୍ୟତା ପାଇ ସାରିଛି। ଜାତୀୟ ନୁନ୍‌ଚାକୁ ଫେଡେରେଶନ ସହିତ ଅନୁବନ୍ଧିତ ନୁନ୍‌ଚାକୁ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଏହି ସେମିନାର ଆୟୋଜିତ ହୋଇଛି। ସପନ କୁମାର ମିଶ୍ର ଓ ଦୀପକ ସାମନ୍ତରା ଏହି ସେମିନାରକୁ ପରିଚାଳନା କରିଥିଲେ। ଭାଜପାର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଓ ଆଇନଜୀବୀ କାଳିପ୍ରସାଦ ନନ୍ଦ ଅତିଥିଭାବେ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ନିକଟରେ ରାଜ୍ୟ ନୁନ୍‌ଚାକୁ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

# ମଣିପାଲ-ଓଡ଼ିଶା ମ୍ୟାଚରେ ପଏଣ୍ଟ ଭାଗହେଲା

## ସ୍କୋର ରିଭାଇଜ୍

ଯୋଧପୁର, ୬।୧୦ (ପି.ଟି.)

କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଓ ମଣିପାଲ ଟାଇଗର୍ସ ମଧ୍ୟରେ ଅନୁଷ୍ଠିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ (ଏଲ୍‌ଏଲ୍‌ସି) ଉଦ୍‌ଘାଟନୀ ମ୍ୟାଚର ସ୍କୋର ରିଭାଇଜ୍ ହୋଇଛି। ସ୍କୋରିଂରେ ଅସାମଞ୍ଜସ୍ୟ ପରିଲକ୍ଷିତ ହେବାରୁ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ପ୍ରଦାନ କରାଯାଇଛି। ଏହି ମ୍ୟାଚରେ କୋଣାର୍କ ସୂର୍ଯ୍ୟସ ୨୦ ଓଭରରେ ୯ ଉଇକେଟ ହରାଇ ୧୦୪ ରନ କରିଥିଲା। ମଣିପାଲ ୨୦ ଓଭରରେ ୮ ଉଇକେଟ ହରାଇ ୧୦୨ ରନରେ ସୀମିତ ରହିଥିବାରୁ ସୂର୍ଯ୍ୟସକୁ ୨ ରନରେ ବିଜେତା ଘୋଷଣା କରାଯାଇଥିଲା। ମାତ୍ର ଏଲ୍‌ଏଲ୍‌ସିର ଆପେକ୍ସ କାଉନ୍ସିଲ ଓ ଇଭେଣ୍ଟ ଟେକ୍ନିକାଲ କମିଟି (ଇଟିସି) ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ପରେ ମଣିପାଲ ଟାଇଗର୍ସର ସ୍କୋର ୧୦୨/୮ ନୁହେଁ ବରଂ ୧୦୪/୮ ବୋଲି ସ୍ପଷ୍ଟ କରିଛି। ଯୋଧପୁରର ବର୍କତୁଲ୍ଲା ଷ୍ଟାଡିୟମରେ ସେପ୍ଟେମ୍ବର ୨୦ରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ସମୟରେ ମଣିପାଲ ସ୍କୋରିଂକୁ ନେଇ ଚିନ୍ତାବ୍ୟକ୍ତ କରିଥିଲା। ମାତ୍ର ତ୍ରୁଟି ସେତେବେଳେ ଧରା ପଡ଼ି ନ ଥିଲା। ଫଳରେ ତ୍ରୁଟିପୂର୍ଣ୍ଣ ସ୍କୋର ପ୍ରକାଶ କରାଯାଇଥିଲା।

କିମ୍ବଦନ୍ତୀ କ୍ରିକେଟର ରବି ଶାସ୍ତ୍ରୀ, ସୟଦ କିରମାନୀ ଓ ଅନ୍ୟମାନଙ୍କୁ ନେଇ ଗଠିତ ଆପେକ୍ସ କାଉନ୍ସିଲ ଆଡ୍ରିଆନ୍ ଗ୍ରିଫିଥଙ୍କ ନେତୃତ୍ୱାଧୀନ ଇଟିସିର ନିଷ୍ପତ୍ତିରେ ପରିବର୍ତ୍ତନ କରି ଉଭୟ ଦଳକୁ ଗୋଟିଏ ଲେଖାଏ ପଏଣ୍ଟ ପ୍ରଦାନ ପାଇଁ ପରାମର୍ଶ ଦେଇଛନ୍ତି। "ଏହା ଏକ ଯଥାର୍ଥ ଏବଂ ଗ୍ରହଣଯୋଗ୍ୟ ତ୍ରୁଟି ଯାହାକୁ ଚତୁର୍ଥ ଅମ୍ପାୟର ନଜରକୁ ଆଣିଥିଲେ। ନିୟମ ଯାହା ଥାଉନା କାହିଁକି ଏହି ଘଟଣାରେ ପଏଣ୍ଟ ଭାଗ କରାଗଲା। ସ୍କୋରରଙ୍କ ତ୍ରୁଟି ପାଇଁ କୌଣସି ଦଳକୁ ପଏଣ୍ଟରୁ ବଞ୍ଚିତ କରାଯାଇ ପାରିବନାହିଁ। ନିୟମ ଅନୁସାରେ ଅମ୍ପାୟର ପଡ଼ିଆ ଛାଡ଼ିବା ପରେ ଫଳାଫଳରେ ପରିବର୍ତ୍ତନ କରାଯାଏ ନାହିଁ। ମାତ୍ର ଏହା ଏକ ଅସାଧାରଣ ଘଟଣା। ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ" ବୋଲି ଶାସ୍ତ୍ରୀ କହିଛନ୍ତି। ନିଷ୍ପତ୍ତିରେ ପରିବର୍ତ୍ତନ ଫଳରେ ମଣିପାଲ ଟାଇଗର୍ସ ୬ ମ୍ୟାଚରୁ ୨ ବିଜୟ, ୧ ପରାଜୟ ଓ ୩ ଫଳାଫଳ ବିହୀନ କିମ୍ବା ଟାଇ ସହିତ ୭ ପଏଣ୍ଟରେ ପହଞ୍ଚିଛି।








5.55%# ସୁଧ ହାର | ଡାଉନ ପେମେଣ୍ଟ ₹8 699#

ICICI Bank 5% discount* upto Rs. 7500/- on Credit and Debit Card EMIs. *T&Cs

HDFC BANK Up to ₹7 500^ Instant Discount using EasyEMI on Credit Card

Finance Partners: TVS CREDIT, L&T Finance, IDFC FIRST Bank ALWAYS YOU FIRST, HDFC BANK, SHRIRAM Finance

# Finance will be at the sole discretion of the financier and is valid with select financier only. ^ Schemes valid till 31st October 2024. Finance plans are mutually exclusive and cannot be clubbed with each other. T&C apply. Offers and schemes cannot be clubbed. Limited period offer.

FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers:** BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 9938039070, CUTTACK: LAXMI TVS: 7077774420, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. **Authorised Dealers:** GOTHOPATNA: 8249710415, JATANI: 7077588558, 9124605556, BALUGAON: 9937886712, NIRAKARPUR: 7735402179, 8658517804, BHUBANESHWAR: 9337022334, KHURDA: 7008412374, BALIPATNA: 9776036999, MENDHASALA: 9437072019, SUNDARPADA: 8249094931, PIPILI: 9861150706, SAKHIGOPAL: 8249769742, NIMAPARA: 7381765800, DELANG: 9090214582, BRAHMAGIRI: 8480928882, 6370937155, CHARI CHOWK: 8327783765, KAKATPUR: 9776125534, KANAS: 9090214582, ABHIMANPUR POST: 9937019555, BANKI: 9437666687, NIALI: 9437307967, PHULNAKHARA,CUTTACK:7440037801, NISCHINTAKOILI: 9337438686, KANDARPUR: 9090098000, SISUA: 8018556514, ADASHPUR: 82498 57169, TANGI: 83277 14238, PATTAMUNDAI: 9938602209, MARSHAGHAI: 9938837705, RAJNAGAR: 9439650236, GARADAPUR: 9437527214, MANGALPUR: 9853486660, BARI: 9437510237, BINJHARPUR: 9090503379, KUAKHIA: 9348035630, SINGHPUR: 9040646458, ROHIBANK: 6371229226, KALAPATHAR: 9937844941, RANPUR: 9778520193, KHANDAPADA: 7008659421, PURUNAKATAK: 9439071610, CHANDPUR: 9337112565, RAJ SUNAKHELA: 9437637421, NARASINGHPUR: 9658410027, ODOGAON: 7815050701, BHAPUR: 7389040805, DASPALLA: 9938375040, BAGHAMARI: 9437015363, BALICHANDRAPUR: 7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA: 8658421889, NAUGOAN: 8339939725, KRUSHNANANDAPUR: 9237066573, RAGHUNATHPUR: 6371724757, PARADEEP: 9938810126.

dentsu/dha bhu/09/24


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ